# ସ୍ତୁତିଚିନ୍ତାମଣି

## ପ୍ରଥମ ବୋଲି

ଜୟ ଜୟ ଜ୍ୟୋତିରୂପେ ବିଖ୍ୟାତ ଶୁନ୍ୟେ ଯା ଉଡୁଛି ବାନା ।

କୃପାକଟାକ୍ଷ ତ ଅରୁପେ ବିଦିତ ଭଗତ-ଦୁଃଖ-ଖଣ୍ଡନା ।୧।

ଜଗତ ଆବୋରି ପୂରିଅଛ ହରି ନାମ ବ୍ରହ୍ମମୟ ତେଜ ।

ଅଗ୍ୟାନିକ ମେରୁ ସୁଗ୍ୟାନିକି ସରୁ ନୁହଇ ଉଶ୍ୱାସ ବୋଝ ।୨।

ଅଭୟ ପୟରୁ ପ୍ରଭୁ ଶ୍ରୀଛାମୁରୁ କିଛି କୃପା ହେଉ ନାହିଁ ।

ନିମିଷମାତ୍ରକ ଯୁଗେ ଲେଖୁଅଛି ଦିବସ ଗଣୁଛି ମୁହିଁ ।୩।

ଆହା ତୁ କରତା ବୋଲି ମନେ ଚିନ୍ତା ଲଲାଟରେ ହସ୍ତ ମାରି ।

ଉଧର ବା ନ ଉଧର ମହାପ୍ରଭୁ ସନ୍ତାପେ ଗଲିଣି ସରି ।୪।

ମେଲିଛ ପସରା ନିର୍ବେଦରେ ପରା ଅରୂପେ କରିବ ପାରି ।

ଘେନ ମୋ ବିନତି ବୁଝ ତୁ ବ୍ୟାକତି ଯେବେ ଭକ୍ତହିତକାରୀ ।୫।

ଅବନା ମଣ୍ଡଳୁ ଜ୍ଞାନ ଅଖଣ୍ଡକୁ ଆଣି ଉଡାଇଛ ବାନା ।

ଅନ୍ତର୍ଯାମୀ ହେଲେ ଅବଶ୍ୟ ଜାଣିବା ଭୃତ୍ୟର ମନ କଳ୍ପନା ।୬।

ଜାଣ କେତେ ଛନ୍ଦ ଅରୁପ ଗୋବିନ୍ଦ ଏ ସର୍ବ ତୁମ୍ଭର ଖଣ୍ଡ ।

ନଟ କୂଟ କରି ମାରୁଅଛ ଧରି ବିହୁଅଛ କେତେ ଦଣ୍ଡ ।୭।

ସନ୍ତାପରେ କେତେ ଦହୁଅଛ ମୋତେ ଯେତେ ଦେଉଛ କଷଣ ।

ଭଗତରକ୍ଷଣ ବାନା ବହିଅଛି ଧନ୍ୟ ତୁମ୍ଭ ପ୍ରଭୁପଣ ।୮।

ମୁଁ ଯେ ଶ୍ରୀ ଛାମୁରେ ସତ୍ୟ ନିଷ୍କାମରେ ନାମ ଅପରାଧୀ ଚୋର ।

ଅଛିଯେବେ ଦୋଷମନେ ବହିରୋଷ ଖଡ଼ଗେ ଛେଦମୋ ଶିର ।୯।

ଏତେ କାଳେ ମୋତେ ବିଅଣଆୟତ୍ତେ ଆସି ପଡ଼ିଲା ବିପତ୍ତି ।

ହୃଦର ବେଦନା କର ତୁ ଖଣ୍ଡ ଅଲେଖ ଅବର୍ଣ୍ଣ ଜ୍ୟୋତି ।୧୦।

କିବା ରାଜପୁତ୍ର କିବା ସାଧୁ ସନ୍ଥ ସର୍ବେ ହେଲେଣି ଦୁର୍ଜନା ।

ଏ ତିନି ବ୍ରହ୍ମାଣ୍ଡ ସାଧିବୁ ତୁ ପରା କିସ ଦେଖୁଛ ଭାବନା ।୧୧।

ଦେବାଦେବୀଗଣ ମୃତ୍ତିକା ପାଷାଣ କାହାକୁ ନ ଭଜି ଚିତ୍ତେ ।

ମୁକତି କାଷ୍ଠାରେ ଏକାନ୍ତ ନିଷ୍ଠାରେ ଏକା ଧାୟୀ ଅଛି ତୋତେ ।୧୨।

ତୁ ଯେବେ ଅଲେଖ କରିବୁ ନିରେଖ ବିପତ୍ତିରେ ଅପଯଶ ।

ଏ ତିନି ବ୍ରହ୍ମାଣ୍ଡେ ପୃଥ୍ୱି ନବଖଣ୍ଡେ କାହିଁ ନୋହିବ ମୋ ବାସ ।୧୩।

ହୋଇ ଏତେ ସରି ଜିଇଁଚି ନ ମରି ବୋଝର ଉପରେ ଭାର ।

ଏଥିରୁ ଅଧିକ ଭୋଗରୁ ଅଲେଖ କି କରିବୁ ଆଉ କର ।୧୪।

ବଖାଣରେ ଦୁଃଖ ଅଧିକରେ ଶୋକ ହୃଦରୁ ଉଠୁଛି କୋହ ।

ପାଞ୍ଚଭୂତ ଆତ୍ମା ନିତ୍ୟେ କାନ୍ଦୁଅଛି କ୍ଷଣେ ସୁସ୍ଥ ନାହିଁ ଦେହ ।୧୫।

ମନେ ମନେ ଗୁଣି ଦିବସ ରଜନୀ ସନ୍ତାପରେ ହୋଇ ଘାରି ।

ଆହା ରେ ଦାରୁଣ ଦଇବ ବିଧାତା ମୋତେ କଲ ଏତେ ସରି ।୧୬

ମାୟାମୋହେ ନିତ୍ୟେ ପକାଉଛୁ ମୋତେ କି ରୂପେ ହୋଇବ ପାରି ।

ଦିବାନିଶି ମୋତେ ରୋଦନ ମାଡୁଛି ବେନି ନେତ୍ରୁ ବହେ ବାରି ୧୭।

ମୁଁ ହୀନ ପାମର କୀଟ ଜୀବତାର ତୋ ପୟରେ ଅନୁପରି ।

କରପତ୍ର ଯୋଡ଼ି ବିନତି କରୁଛି ସୁକୃପା କର ଶ୍ରୀହରି ।୧୮।

ଜଗତଧାରଣ ମୁକତି କାରଣ ତୁ ଯେ ବ୍ରହ୍ମାଣ୍ଡ କରତା ।

ପିଣ୍ଡ ପ୍ରାଣ ଆଦି ଲାଗିଲା ଅନାଦି ଦୁଃଖ ସୁଖ ସର୍ବ ଚିନ୍ତା ।୧୯।

ତୋ ପାଦେ ଶରଣ ଯାଉ ଏ ପରାଣ ଯୁଗେ ଯୁଗେ ରହୁ କୀର୍ତ୍ତି ।

ଝିଙ୍ଗାସ ବଚନ କହେ ଭୀମ ହୀନ ଅଜ୍ଞାନ ପାମର ମତି ।୨୦।

## ଦ୍ୱିତୀୟ ବୋଲି

କିପାଁ ନିରାପକ୍ଷ କରୁଅଛ ମୋତେ କେଉଁ ଦୋଷ ମନେ ଧରି।

ନିଷ୍ଠୁର ତୋ ହିୟା ନ ବସେ ତୋ ଦୟା ଭକ୍ତପ୍ରାଣଖିଆ ହରି ।୧।

ହେଉଅଛି ଯାହା ନ ଜାଣୁ କି ତାହା ଅନ୍ତର୍ଯାମୀ ନାମ ବହି ।

ମୋତେ କୋପ କରି କି ଯଶ ଅର୍ଜିବୁ ଭଗତ ଜୀବନ ଖାଇ ।୨।

ବୋଲାଇ ଠାକୁର ହେଉଛୁ ଚତୁର କେତେ ଦେଉଛୁ ଗଞ୍ଜଣା ।

କୃପାସିନ୍ଧୁ ନାମ ବ୍ୟର୍ଥ ହୋଉଛି ନ ଯାଉଛି ବୁଝାମଣା ।୩।

ଛନ୍ଦ କୂଟ ପାଞ୍ଚି ମାୟା ମୋହ ରଞ୍ଚି ପକାଇ ସିନ୍ଧୁ ସୋହତେ

କୋଟିଏ କୀଟରୁ ଅନ୍ତର କରିଛୁ କିପାଇଁ ଚାହିଁବୁ ମତେ ।୪।

ମୋହର କି ଦୋଷ ତୋ ରଞ୍ଜିଲା ଯଶ ବୁଡ଼ାଇ ମାରୁଛୁ ଧରି ।

ମାୟାକୁ ପେଷନ୍ତେ ସାଧୁ ଅଛୁ ମୋତେ ଯେସନେ ଶତ୍ରୁ ଭଗାରି ।୫।

ନାବେ ନ ବସାଇ ଜଳରେ ଭସାଇ କରୁଅଛୁ ଅଣହେଳା ।

ଉତ୍ସର୍ଗେ ଉଠାଇ ନିଶୁଣୀ କଟାଇ ଭବେ ବୁଡ଼ାଉଛୁ ଭେଳା ।୬।

ଏ ଦୁର୍ଲଭ ପିଣ୍ଡ ଅନୁକ୍ଷଣେ ଦଣ୍ଡ ନ ପାରଇ ପ୍ରଭୁ ସହି ।

ପିଣ୍ଡ ପ୍ରାଣ ଆଦି ସମର୍ପଣ କଲି ତୁମ୍ଭେ ପାଦତଳେ ନେଇ ।୭।

ନାହିଁ ମୋ ଭରସା ତୋତେ କରି ଆଶା ଦେଖ ତୁ ମୋର ବିକଳ ।

ଆପେ ବିଜେ ହୋଇ ଅନ୍ତପୁରେ ନେଇ ଲଗାଅ ବ୍ରହ୍ମ ଅନଳ ।୮।

ଅଜ୍ଞାରେ ବିଦିତ ତ୍ରିପୁର ଜଗତ ସତ୍ୟ ଯେବେ ରବି ଶଶୀ ।

ଘେନି ମୋ ଜଣାଣ ପ୍ରଭୁ ନାରାୟଣ ପାରି କର ଭସ୍ମରାଶି ।୯।

ପାଷାଣ ତରଳି ଯାଉ ତେଜ ଗଳି ସ୍ଥାନେ ସ୍ଥାନେ ଦିଅ ଜାଳି।

ନାମ ଯେବେ ସତ୍ୟ ବ୍ରହ୍ମ ଯେବେ ତତ୍ତ୍ୱ ଉଡ଼ିଯାଉ ଧୂଆଁ କାଳି ।୧୦।

ଅନ୍ତର୍ଯାମୀ ନାଥ ଜଗତର ତାତ ତ୍ରିଭୂବନେ ଧନ୍ୟ ଧନ୍ୟ ।

ଭଗତନିମନ୍ତେ ପରୀକ୍ଷା ନ ଦେଲେ ତୋତେହେଁ ତୋହରି ରାଣ ।୧୧।

ତୋହରି କୃପାରେ ସତ୍ୟ ନିଷ୍କାମରେ ବେଳହୁଁ ଜାଣିଛି ମୁହିଁ ।

ଶୁଭିଲା ଶବଦ ନିର୍ବେଦରୁ ଭେଦ ରୂପଗୁଣେ ଜ୍ଞାନ ନାହିଁ ।୧୨।

ଲଗାଇଛି ହେଜି ପିଣ୍ଡ ପ୍ରାଣ ତେଜି ଅବନାମଣ୍ଡଳେ ଚିତ୍ତ ।

ବୁଝିବୁ ଅବଶ୍ୟ ଭୋ ଧର୍ମ ପୁରୁଷ ଚାରିଯୁଗେ ଯେବେ ସତ୍ୟ ।୧୩।

ଅନୁଭାବେ ଧରି ଅରୂପେ ବିହାରି ଶୁନ୍ୟେ ଲାଗିଛି ଭଜନ ।

ବେନି ନୟନରୁ ବହି ଯାଉଅଛି ଅଶ୍ରୁ ଜଳ ଘନ ଘନ ।୧୪।

ରକ୍ଷା କରିବାକୁ ଘୋର ଦଶା ଦୁଃଖୁଁ ଶାଖା ସୋଦର ମୋ ନାହିଁ ।

ନାହିଁ ତାତ ମାତ ଇଷ୍ଟ ବନ୍ଧୁ ଭ୍ରାତ ଅନାଥ ପ୍ରାଣୀ ଅଟଇ ।୧୫।

ଲେଖିଅଛୁ ଯାହା ଭଞ୍ଜୁଅଛି ତାହା ଅଦୃଷ୍ଟ କର୍ମକୁ ମାନି ।

ପୋଷୁଛି ଉଦର ଦିବସ ଅନ୍ଧାର ଦୁଃଖ ପଡ଼ି ମୁଠେ ଆଣି । ୧୬।

କାଳଦଶା ଆସି ଘୋଟିଛି ଆକ୍ରୋଶି ମୃତ୍ୟୁରେ କରି ସଂଯୋଗ ।

କଟାକ୍ଷ ନେତ୍ରରେ କିଞ୍ଚିତେ ଚାହିଁଲେ ରେଣୁ ପ୍ରାୟେ ଉଡ଼ିଯିବ । ୧୭।

ଏ ନର ଦେବାନ୍ତି ବ୍ରାହ୍ମଣ ପଣ୍ଡିତ କେହି ନୁହନ୍ତି ଭାର୍ଜନ ।

ଏ ଘୋର ବିପତ୍ତି ଖଡ଼ଗରେ କାଟି ଏକା ଫେଡ଼ିବ ଆପଣ ।୧୮।

ଏକାକ୍ଷର ପଦ ହୃଦେ ଗୁଣବାଦ ନିରନ୍ତରେ କରି ଆଶା ।

ଅଧିକ ବିଷୟା ନ ପାରଇ ତାହା ନାମ ଭଜନେ ତପସ୍ୟା ।୧୯।

ଦୁଃଖ ସୁଖ କଥା ମନେ କରି ଚିନ୍ତା ପ୍ରଭୁ ଛାମୁରେ ଜଣାଇ ।

ଶରଣ ବିକଳେ ଗୁରୁ ପାଦତଳେ ଭୀମ ଅରକ୍ଷିତ କହି ।୨୦।

---

## ତୃତୀୟ ବୋଲି

ବିପତ୍ତିଖଣ୍ଡନ ଦୁଃଖୀରଙ୍କଧନ ଅଖିଳ ବ୍ରହ୍ମାଣ୍ଡନାଥ ।

ଆଜ୍ଞା ଅନୁସାରେ କୃପା ହେବ ବୋଲି ପ୍ରସାରିଛି ବେନି ହସ୍ତ ।୧।

ଛପନକୋଟି ଜୀବଜନ୍ତୁ ଇଶ୍ୱର ତ୍ରିଭୁବନେ ଗତି ପଟି ।

ଦୟା ହେବ ବୋଲି ମନେ ମନେ ଭଳି ଉଲ୍ଲାସ କରିଛି ଛାତି ।୨।

ଦଗଧରେ ଦେହ ପୋଡୁଛି ହୃଦୟ ଅଣାକାର ବ୍ରହ୍ମମୟ ।

କ୍ଷଣକେ ରୋଦନ କ୍ଷଣେ ଶାନ୍ତିମନ ଅଞ୍ଚଳରେ ପୋଛେ ଲୁହ ।୩।

ଖଳବଳ କରୁଅଛ ଆଦିମୂଳ କେତେ ଦିନେ ସର୍ବସିଦ୍ଧି ।

କାଳଦଣ୍ଡ କଷ୍ଟ କେତେ ମୁଁ ସହିବି ପ୍ରାଣକୁ ଗଲାଣି ବାଧି ।୪।

ଅଣବୁଝାମଣା କରି ସେ ଭାବନା ଧରି ମାରୁଅଛି ଦେଖ ।

ନିଗୂଢ ମନ୍ଧରେ ପକାଇ ବନ୍ଦୀରେ ଦେଉଅଛି କେତେ ଦୁଃଖ ।୫।

କ୍ଷୁଧା ତୃଷା ମାରି ଆଧାର ନ କରି ରହିଅଛି କେତେ ନିରଜନେ ।

ଟଳଟଳ ଆତ୍ମା ଟଳି ନ ପଡୁଛି ଏକା ପରଂବ୍ରହ୍ମ ବଳେ ।୬।

ଜନ୍ମରେ ମୁଁ ଏକା କର୍ମରେ ନିସାଖା ଅଟଇ ଯେ ନିରିମାକ୍ଷୀ ।

ଆଦୋଷରେ ମୋତେ ବିଅର୍ଥେ ଦଣ୍ଡୁଛ ଚନ୍ଦ୍ର ସୂର୍ଯ୍ୟ ଛନ୍ତି ସାକ୍ଷୀ ।୭।

ନାହିଁ ବାଡ଼ ବୃତ୍ତ ବିଶ୍ରାମରେ ସ୍ଥିତ ଜନ୍ମଜନ୍ମାନ୍ତରେ ଦୁଃଖୀ ।

ବିବେକ ନ କରି ମାରୁ ଅଛ ଧରି କି କି ଅପରାଧ ଦେଖି ।୮।

ନୁହଇ ଦାମ୍ଭିକ ନାସ୍ତିକ କପଟୀ ଧର୍ମଆଶ୍ରିତର ପ୍ରାଣୀ ।

କର୍ମ ଲେଖା ଯୋଗ ଭଞ୍ଜୁଅଛି ଭୋଗ କି କି ଦୋଷ କଲି ପୁଣି ।୯।

କି କରିବ କରୁ ଆହୁରି ଏଥିରୁ ଭାବନା ବୁଝିବା ଭଲା ।

ଅନାଦି ଈଶ୍ୱର କରିବେ ଉଦ୍ଧାର ଭବେ ବାନ୍ଧିଥିଲେ ଭେଳା ।୧୦।

ବୁଝି ମାଟି ପୃଥୀ ଜ୍ୟୋତିରୂପ ମିତ୍ତ ତେତିଶକୋଟି ଦେବ ଜାଣ ।

ଆପ ତେଜ ବାଇ ଥାଅ ସାକ୍ଷୀ ହୋଇ ନବଲକ୍ଷ ତାରାଗଣ ।୧୧।

ପୃଥି କି ଧାରଣ କରୁଛ କାରଣ ଜଳ ବହନୀଯ ପବନ ।

ଅଗ୍ନି ନେତ୍ର ଚାହିଁ ଦେବେ ମହୀ ପାଇଁ ସାକ୍ଷୀରୂପେ ସର୍ବେ ଶୁଣ ।୧୨।

ଆଦ୍ୟ ନବ ଋଷି ଛଡ଼ା ବ୍ରହ୍ମବାସୀ ଚଉଷଠୀ ସିଦ୍ଧ ଯୋଗୀ ।

ଧର୍ମରେ ଧୈର୍ଯ୍ୟ ତୁମ୍ଭେମାନେ ବୁଝ କେତେ କେତେ ଅଛି ଲାଗି ।୧୩।

ଚାରିଯୁଗ ଦଶଦିଶ ବେଦଶାସ୍ତ୍ର ଛପନା କୋଟି ଜୀବ ଯେତେ ।

ପ୍ରଭୁଙ୍କ ପ୍ରତାପ ଦେଖିବ ପ୍ରତ୍ୟକ୍ଷ ଦୋଷ ନାହିଁ ଦେବ ମୋତେ ।୧୪।

ଏ ସତ୍ୟ ସମ୍ଭବ କହୁ କହୁ ହେବ ନିଷ୍ଠା ଭକ୍ତି ପୂର୍ଣ ଫଳ ।

ଏ ମୋର ବିକଳ ଦେଖୁଛ ସକଳ ସାକ୍ଷରେ ସର୍ବେ ରହିଲ ।୧୫।

ମୁଁ ଯାହା ବୋଇଲି ବିନୟ ହୋଇଲି ଗର୍ବ କରିବାକୁ ନାହିଁ ।

ପ୍ରଭୁଙ୍କ ଜଞ୍ଜାଳ କରୁଛି କଟାଳ ପ୍ରାଣର ଆକୁଳେ ମୁହିଁ ।୧୬।

ନାମ କୃପାସିନ୍ଧୁ ଭଗବତଙ୍କ ବନ୍ଧୁ ଅଣାକାର ବ୍ରହ୍ମରାଶି ।

ଅପରାଧ କ୍ଷମା କର ହୋ ମହିମା ଫିଟାଅ ବନ୍ଦୀରୁ ଆସି ।୧୭।

ସିଦ୍ଧ ବ୍ରହ୍ମବାଣୀ କମ୍ପୁଛି ଧରଣୀ ଚିନ୍ତିଲେ ଖଣ୍ଡୁଛି ପାପ ।

ନିଷ୍କାମ ଧର୍ମରେ ନିର୍ବେଦ କର୍ମରେ ବାନା ଉଡୁଛି ଅଲେଖ ।୧୮।

ପିଣ୍ଡକୁ କାରଣ ଜୀବ ଉଦ୍ଧାରଣ ଅମାପ ଅକ୍ଷୌଣୀ ଜପ ।

ଭାସୁଅଛି ଜଳେ ସୋହତିର ବଳେ ତ୍ରାହି କର ଶୂନ୍ୟରୂପ ।୧୯।

ଅମରିଷ ହେଲି କୋପେ ଗାଳି ଦେଲି ନ ଧରିବ ପ୍ରଭୁ ରୋଷ ।

କହେ ଭୀମ ହୀନ ପାମର ଅଜ୍ଞାନ କ୍ଷମାକର ମୋର ଦୋଷ ।୨୦।

----------

## ଚତୁର୍ଥ ବୋଲି

କରିବାକୁ ଅନ୍ତ ନୁହଇ ସାମର୍ଥ ମୃତ୍ୟୁ କଳେବର ବହି ।

ନ ବୁଝି ବିଖଣ୍ଡ ବୋଲି ମୁଁ ଉଦ୍ଦଣ୍ଡ ଛାର କାଟ ଜୀବ ହୋଇ ।୧।

ମୋଠାରୁ ଅଧିକ ପାପୀ-ଜନ ମୂର୍ଖ ନ ଥିବ ତିନି ବ୍ରହ୍ମାଣ୍ଡେ ।

ଶ୍ରୀ ଛାମୁକୁ ନିନ୍ଦା ଦେଲି ଅଭିମାନେ ପାପଚିତ୍ତ ଚର୍ମ ତୁଣ୍ଡେ ।୨।

ମନେ ପାଇ ବ୍ୟଥା ହେଲି ଗରବିତା ମୁଁ ବଡ଼ ମୁଢ ଚାଣ୍ଡାଳ ।

ରୂପ ରେଖା ନାହି ପ୍ରକାଶ ହୋଇଛି ଜ୍ୟୋତିରୂପେ ହଳହଳ ।୩।

କର୍ମରେ ଅବସ୍ଥା ଲେଖିଛି ବିଧାତା ଅର୍ଜିଥିଲା ପାପ।

ଚିରାନ୍ତ କାଳକ ରଖିଲ କଳଙ୍କ କୃପାନେତ୍ରେ ବାରେ ଦେଖ ।୪।

ବହି ଦିବା ନିଶି ନାହିଁ ରାତି ଶଶୀ ନାମ ବ୍ରହ୍ମ ନୀର ନଇ ।

କଲେ ଅଣହେଲା ବୁଡିବଟି ଭେଳା ବୁଝ ସାବଧାନ ହୋଇ ।୫।

ଅଙ୍ଗେ ଅଛି ଘୋଟି ନ ପାରୁଛି ଉଠି ପଡ଼ିଛି ସନ୍ତାପ ଘୋରେ ।

ଲେଶ ଦୟା ବହି ଆଶ୍ରେନାବ ଦେଇ ଉଦ୍ଧାର ଲଗାଅ ତୀରେ ।୬।

ନୋହେ ତ ବିଫଳ,ସମ୍ଭର୍ବ ସୁଫଳ ଯାହା ପାଞ୍ଚି ଅଛି ବୁଦ୍ଧି ।

କାମନା କଳ୍ପନା ବୁଝ ତ ଆପଣା ମନବାଞ୍ଛା କର ସିଦ୍ଧି ।୭।

ଅନୁଭବେ ଖୋଜି ଅନ୍ତର୍ଗତେ ହେଜି ପାଞ୍ଚତତ୍ତ୍ୱ ମନେ ଭାଳି ।

ଏକା ମୋ ଅଲେଖ ଫେଡ଼ିବେ ମୋ ଦୁଃଖ ଛାମୁରେ ଗୋଚର କଲି ।୮।

ବିଷୟ ବେବସ୍ଥା ଅଧିକ ଯେ କଥା କେତେ ବଖାଣିବି ମୁହିଁ ।

ସର୍ବଘଟେ ପୁରି ଅଛ ସାକ୍ଷୀ ପରି ଛାମୁକୁ ଉବାର ନାହିଁ ।୯।

ନିଷ୍କାମ ଭଗତି ଆଦି ଫଳ ଶ୍ରୁତି ଖଟିଅଛି ପାଦତଳେ ।

ନ ଚିହ୍ନଇ ବୋଲି ଭଣ୍ଡୁ ଅଛି ଅବା ଦେଖୁଅଛ ଜ୍ଞାନଡୋଳେ ।୧୦।

କରିବି କି ଜପ କରିବି କି ତପ କିରୂପ ହୋଇବି ଭୃତ୍ୟ ।

ପ୍ରଭୁ ପାଦ ତଳେ ଖଟି ରହିଅଛି କୋଟି କୋଟି ତୀର୍ଥ ବ୍ରତ ।୧୧।

କି ପାଇବି ଧନ କାହୁଁ ଦେବି ଦାନ କି କରିବି କର୍ମ ଧର୍ମ ।

ପ୍ରଭୁ ଶ୍ରୀ ଛାମୁରେ ପୁରି ରହିଅଛି ଦାତାପଣ ଗୁଣଗ୍ରାମ ।୧୨।

ଏକାକ୍ଷର ପାଦ ନୁହେ ଦୁତି ଭେଦ ହୃଦେ କି ପାରିବି ଭେଦି ।

ପ୍ରଭୁ ଆସ୍ଥାନେ ପାବଛ ହୋଇଛନ୍ତି ଅଷ୍ଟାଦଶ ଆଦି ସିଦ୍ଧି ।୧୩।

ନରଦେହ ଧରି ନୁହେ ଅନ୍ତ କରି ଅଣାକାରରୂପ ବ୍ରହ୍ମ ।

ପ୍ରଭୁ ଶ୍ରୀପାରୁଶେ ଖଟି ରହିଛନ୍ତି ଚାରିପାଦେ ସତ୍ୟ ଧର୍ମ ।୧୪।

ଜପ ତପ ମନ୍ତ୍ର ଯନ୍ତ୍ର ବେଦଶାସ୍ତ୍ର ବ୍ୟାକତି ଆସୁଛି କ୍ଷରି ।

ସୁସତ୍ୟ ଦାଉଣ୍ଡି ବୁଲାଉଛି ଯୋଚି ନାମ ବ୍ରହ୍ମ ମୁଲ ମେଢି । ୧୫।

ଚରଣେ ଶରଣ କର ଉଧାରଣ ଠୁଳଶୂନ୍ୟ ଆଦିକନ୍ଦ ।

ଜୟ ଜୟ ଜ୍ୟୋତି ପରେ ଯାର ସ୍ଥିତି ଆଦି ଅରୂପା ଗୋବିନ୍ଦ ।୧୬।

ଭିଆଲଛ ରୀତି ଯେହ୍ନେ ସପ୍ତଗାତ୍ରି ବିଷୟା ଧନ୍ଦା ପଡ଼ି ।

ଅନୁକ୍ଷଣ ଦୁଃଖମନରେ ବିମୁଖ ନ ପାରୁଛି ପଦ ଯୋଡ଼ି ।୧୭।

ଏକାକ୍ଷର ପାଦ ହୃଦେ ଗୁଣବାଦ ନିରନ୍ତରେ କରି ଆଶା ।

ଅଧିକ ବିଷୟା ନ ପାରଇ ତାହା ନାମ ଭଜନ ତପସ୍ୟା ।୧୮।

ରୋପିଅଛ ଜାଣି ଦେଇ ଅନ୍ନ ପାଣି ଓଲଟିଆ ତରୁ ବଟ ।

ଏ ତିନି ବ୍ରହ୍ମାଣ୍ଡେ ପୃଥ୍ୱି ନବଖଣ୍ଡେ ପାଇବ କି ନାହିଁ ଭେଟ । ୧୯।

ସିଦ୍ଧ ବ୍ରହ୍ମବାକ୍ୟ ଭଗତଙ୍କ ଭେକ ଯୁଗଯୁଗାନ୍ତରେ ସତ୍ୟ ।

ବେନି ନେତ୍ରୁ ନୀର ବହୁଁ ଅଶ୍ରୁ ମୋର ଭଣେ ଭୀମ ଅରକ୍ଷିତ ।୨୦।

----------🐜🐜🐜----------

**ପଞ୍ଚମ ବୋଲି**

କାହିଁ ମୁଁ ରହିବି କେଉଁଠାକୁ ଯିବି ବୁଦ୍ଧି ଦିଶୁନାହିଁ ମୋତେ ।

ମାୟା ଦୁରୁଦଣ୍ଡ କଟୁ ଅଛି ପିଣ୍ଡ ସମ୍ଭାଳି ସହିବି କେତେ ।୧।

ନ କର ବିଫଳ ସମ୍ପର୍ବ ସକଳ ରଖ ଶୁଭାଶୁଭ ପଥେ ।

ନାମବ୍ରହ୍ମ ରଟି ପାଦେ ଥିବି ଖଟି ଜୀବ ଥିବା ପରିଯନ୍ତେ ।୨।

ଜନ୍ମରୁ ମୁଁ ଦାସ ଛିଣ୍ଡାଉଛ ଆଶ କରୁଅଛ ଅନାଦର ।

ଦୀପ ନାହି ଘର ଅନ୍ଧାର କରୁଛ ଦିଶୁଅଛି ଅସୁନ୍ଦର ।୩।

ସଭା ଥିଲେ କରି ସାଧୁସନ୍ଥ ବରି ନଥିଲେ ଧର୍ମ ବିବେକ ।

ପୁରୁଷ ଥାଇ ସ୍ତ୍ରୀରତ୍ନ ନ ଥିଲେ ଗୃହେ ଥିବାର କି ସୁଖ ।୪।

ସଂସାର-ସାଗରେ ପୁତ୍ର ଦୁହିତାରେ ଯେବଣ ପ୍ରାଣୀ ନିରେଖ ।

କୁଳଧର୍ମ ନାଶ କର୍ମ ଅପଯଶ ଚାହିଁ ନ ଯୋଗାଏ ମୁଖ ।୫।

ଅଶା ବାଡ଼ି ବୃତ୍ତି ଦୁର୍ଲଭ ସମ୍ପତ୍ତି ଧନ ଦ୍ରବ୍ୟ ଯାର ନାହିଁ ।

ଦେବତା ବ୍ରାହ୍ମଣ ନୃପତି ଛାମୁରେ ନିରେଖ ଅଟଇ ସେହି ।୬।

ସୁବୁଦ୍ଧି ସତ୍ୟରେ ଅର୍ଥ ସମ୍ପଦରେ ଚିତ୍ତେ ଯାର ଶ୍ରଦ୍ଧା ନାହିଁ ।

ପାଞ୍ଚ ପଚିଶରେ ବାହ୍ୟ ଜଗତରେ ଜ୍ଞାନହୀନ ବୋଲି କହି ।୭।

ଜଳ ଅଗ୍ନି ହେଲେ ପବନର ତୁଲେ ନୋହିଲେ ତା ସାଙ୍ଗ ସାଥି ।

କି ରୂପେ ଲହଡ଼ି ଆସିବ ସେ ମାଡ଼ି କିରୂପେ ପାଳିବ ପୃଥୀ ।୮।

ପୃଥିରେ ଅରୁଣ ତେଜମୟ ବର୍ଣ୍ଣ ଉଦେ ଯେମନ୍ତ ନୋହିବ ।

ନିଶିରେ ଚନ୍ଦ୍ରମା ପ୍ରକାଶ ନୋହିଲେ ଶୋଭା କେମନ୍ତେ ପାଇବ ।୯।

ନବଖଣ୍ଡ କ୍ଷିତି ପୃଥୀ ଅଧିପତି ନ ଥିଲେ ପ୍ରଧାନ ଆଦି ।

ପାଇକ ପରଜା ବିଧବାରେ ହେଜା ସର୍ବେ ଅଶୁଭ ଅସିଦ୍ଧି । ୧୦।

ଗୁରୁ ଥାଇ ଶିକ୍ଷ୍ୟ ଲୋଡ଼ି ନ ଆଣିଲେ ବାନା ଦିକ୍ଷା ହିଁ ଅସାର ।

ପ୍ରତିଦିନ ଧର୍ମ କି କରିବ କର୍ମ ଧାରଣା ବିଧି ବେଭାର ।୧୧।

ପଣ୍ଡିତ କବିତ ପାଠେ ନାହିଁ ବୃତ ଶୁଭ ଅନକୁଳେ ହୀନ ।

ଖଡ଼ି ଗୁଆ ପାଞ୍ଜି ହସ୍ତରେ ନ ଥିଲେ କି ଜାଣିବେ ପାପ ପୁଣ୍ୟ ।୧୨।

ଯୋଗୀ-ପୁତ୍ର ହୋଇ ବିଷୟାରେ ବାଇ ନ ଥିବ ସାଧନା ଯୋଗେ ।

ମନ ପବନକୁ ପରଚେ ନ କଲେ ସାଧିବ ସେ କେଉଁ ବାଗେ ।୧୩।

ଦ୍ୱିଜବର ହୋଇ କ୍ରିୟା କର୍ମ ନାହିଁ ନୋହେ ଯେବେ ବେଦଧାରୀ ।

ତ୍ରିସନ୍ଧ୍ୟା ତର୍ପଣ ଜପ ମନ୍ତ୍ରେ ହୀନ କେବଣ ଗୁଣେ ସେ ସରି ।୧୪।

ସାଆନ୍ତ ଥାଇ ସେବକ ନ ଲୋଡ଼ିଲେ ଲୋକେ ପାନ୍ତି ଅପଯଶ ।

ସେବା ଥାଇ ଦୟା ହୃଦେ ନ ବହିଲେ ପ୍ରଭୁପଣ ବଡ଼ ଦୋଷ ।୧୫।

ଅନ୍ନରେ ବ୍ୟଞ୍ଜନ ବ୍ୟଞ୍ଜନେ ମଜ୍ଜନ ନୋହିଲେ ଲବଣ ପାଣି ।

ନାହିଁ ତା ସୁରଙ୍ଗ ମନକୁ ବିରଙ୍ଗ କିରୂପରେ ଭଞ୍ଜିବ ପୁଣି ।୧୬।

ଧନ ଦାରା ସୁତ ଇଷ୍ଟ ବନ୍ଧୁ ଭ୍ରାତ ଶରଧା ନ ଥାଇ ଯେବେ ।

ମିତ୍ର ବନ୍ଧୁ ପ୍ରୀତି କିରୂପେ ବଢିବ ସୁକୃତ ନ ଥିଲେ ପୂର୍ବେ ।୧୭।

ବ୍ରହ୍ମା ହୋଇକରି ନିର୍ଗୁଣ ମାର୍ଗରେ ପିଣ୍ଡ ଯେବେ ନ ରଞ୍ଜିବ ।

ଜନମ ଜାତକ ବୁଝି ଯେବେ ନାହିଁ ଧାତାପଣେ କେ ଗଣିବ ।୧୮।

ବିଷ୍ଣୁ ହୋଇ ଯେବେ ଛାପନାକୋଟି ଜୀବେ ନ କରେ ପ୍ରତିପାଳନ

ଆତ୍ମା ନ ଚିହ୍ନିଲେ ଧର୍ମ ନ ପାଳିଲେ କର୍ତ୍ତାପଦ ଅକାରଣ ।୧୯।

ସେହିରୂପେ ମୋତେ କୃପାଜଳଚିଢ଼େ କଷଣରୁ କର ପାରି ।

ଭଣେ ଭୀମ ଭୋଇ ପଞ୍ଚମ ବୋଲିରେ ଗୁରୁପାଦପଦ୍ମ ଧରି ।୨୦।

------------ ------------

**ଷଷ୍ଠ ବୋଲି**

ନ ଥିଲା ଏ ପୃଥୀ ପ୍ରଳୟ ଉତ୍ପତ୍ତି ନ ଥିଲା ଜଳ ପବନ ।

ନାହିଁ ରୂପ ରେଖ ଅଜନ୍ମ ଅଜପ ନାମ କହି ମହାଶୂନ୍ୟ ।୧।

ଏକାନ୍ତ ପାଦରୁ ଜନ୍ମିଲା ଶୂନ୍ୟରୁ  ଦ୍ୱିତୀୟ ଅକ୍ଷର ଭେଦ ।

ସ୍ୱକାମେ ଶକତା ନିଷ୍କାମେ ବକତା ନାମ ପରଂବ୍ରହ୍ମ ପଦ ।୨।

ସ୍ୱାହା ଶବଦରୁ ସହସ୍ରେ ପାଖୁଡା ଶାଖାରେ ହେଲା ଉଦ୍ୟାନ ।

ଅବନା ସଞ୍ଚରି ନାମ ବୋଲାଇଲା ଆଦିବ୍ରହ୍ମ ଭଗବାନ ।୩।

ନ ଉଲଟେ ଜିହ୍ୱା ବନ୍ଦନା ବର୍ଣ୍ଣିବ ଅରୂପ ଅଭେଦ ସମ ।

ଅଗୋଚର ଅର୍ଥେ ବୋଲାଇଲା ତେଣୁ ଅନନ୍ତ ମହିମା ନାମ ।୪।

କରିବାକୁ ପାର ଏ ଭବସାଗର ଭକ୍ତ ପ୍ରାଣ ପଞ୍ଚଭୂତ ।

ଜଗତେ ବିଖ୍ୟାତ ଦିକ୍ଷାହିଁ ପ୍ରକାଶ ପରମାନନ୍ଦ ଅଚ୍ୟୁତ ।୫।

ଯେଉଁଠାରେ ସ୍ଥିତି ଜୀବ ମୋକ୍ଷଗତି ଉଦେ ନାହିଁ ରବି ଶଶୀ ।

ଜଗତେ ଉଦିତ ନାମହିଁ ବିଦିତ ବାସୁଦେବ ବ୍ରହ୍ମରାଶି ।୬।

ଏକାଙ୍ଗ ଭଗତି ଅବର୍ଣ୍ଣ ଅଜ୍ୟୋତି ଦରିଦ୍ର ପ୍ରାଣୀଙ୍କ ଧନ ।

ତ୍ରିଭୁବନ ସମ ବିବର୍ଜିତ ନାମ ଆଦିମୂଳ ନାରାୟଣ ।୭।

ପ୍ରଭୁ ଶ୍ରୀପୟରୁ ଅଭୟପଞ୍ଚରୁ ଝରୁଅଛି ସୁଧାଧାର ।

ନିରୋପି ଭଗତେ ନାମ ଦେଲେ ତୋତେ ନିରଞ୍ଜନ ନିରାକାର ।୮।

କର୍ଣ୍ଣରେ ସଂଯୁକ୍ତା ଧାତାପଣେ ହିତା ଲାଳଟରେ ମାତ୍ରା ବସି ।

ଅବ୍ୟକତ ନାମ ବୋହିଲ ଆପଣ କ୍ଷୀରେ ଦ୍ରଶୟନବାସୀ ।୯।

ଠୁଳଶୂନ୍ୟ ଆଦି ନିର୍ଭା କରି ମୁଦ ଅଷ୍ଟାଙ୍ଗଯୋଗେ ବେହାର ।

ଭଗତଙ୍କ ହିତ ନାମ ସାରସ୍ୱତ ଜ୍ୟୋତିବ୍ରହ୍ମ ନିରାକାର ।୧୦।

ନବଖଣ୍ଡ ପୃଥୀ ପ୍ରଭୁ ଆଧିପତି ପୁରିଅଛ ଚରାଚର ।

ଭାଗତଙ୍କୁ ତାରି ଜଗତ ଉଦ୍ଧରି ତେଣୁ ନାମ ବିଶ୍ୱୟର ।୧୧।

ଦୁଃଖୀର ସଙ୍ଗାଳି ଗଳାରତ୍ନମାଳି ନିର୍ବଳ ପ୍ରାଣୀଙ୍କ ହିତା ।

ଧର୍ମରୂପ ଧରି କର୍ମରୂପେ ପୂରି ନାମ ହରଣ କରତା ।୧୨।

ଦେହ ଅଦେହରେ ବାହ୍ୟ ଅଭ୍ୟନ୍ତରେ ସର୍ବଜୀବ ପିତା ମାତା ।

ଦୁଷ୍ଟ ସନ୍ଥ ଜନ ପାଳନ ସମାନ ନାମ ଅର୍ଣ୍ଣଗୁରୁ ଦାତା ।୧୩।

ଉଦିବାକୁ ନାମ ନୋହେ ସରସମ ପ୍ରାକର୍ମ ନାହିଁ ନା ମୋର ।

ଅକଳଣା ବ୍ରହ୍ମ ଅନ୍ତ ନୋହେ ନାମ ଅଜପ ଅଣଅକ୍ଷର ।୧୪।

ବର୍ଣ୍ଣି ବର୍ଣ୍ଣି ଭେଦ ନ ପାଇଲି ଭେଦ ଚିହ୍ନି ନ ପରିଲି ମୁହିଁ ।

କାହିଁରେ ନ ମିଶି ନାମେ ଅଛି ବସି ଅରୂପାମଣ୍ଡଳ ବାଇ ।୧୫।

ନ ଲାଗେ କଳଙ୍କ ଜଳହଦପଙ୍କ ସର୍ବଗୁଣେ ପୂର୍ଣକାମ ।

ଗମି ନ ପାରନ୍ତେ ଭୟ କରି ଚିଢ଼େ ନାମ ନିଗମ ଦୁର୍ଗମ ।୧୬।

ନ ଭେଦଇ କାୟେ ରଚନା ବିଷୟେ ସ୍ୱାହା ଶ୍ରୁତି ଶବ୍ଦ ବର୍ଣ୍ଣ ।

ନିଷ୍କାମରେ ନିରାମୟରେ ସଂଯୁକ୍ତ ତେଣୁ ସଦାନନ୍ଦ ନାମ ।୧୭।

ହାନି ଲାଭ ବେନି  ମତରେ ସମାନ ଅଣପଥେ ଶୁଭାଶୁଭ ।

ଭଗତଜନଙ୍କୁ ତରିବା ନିମନ୍ତେ ଅନ୍ତର୍ଯାମୀ ଗୁରୁଦେବ ।୧୮।

ମାୟାକୁପେ ସାଇଁ ନେଉଛ ଭସାଇ କୃପା ଅଭୟପଞ୍ଜରୁ ।

ପୃଥୀକି ଆବୋରି ଧରିଅଛ ହରି ନାମ ପୂର୍ଣ୍ଣଗିରି ମେରୁ ।୧୯।

ଜନ୍ମହୁଁ ମୁରୁଖ ଚିନ୍ତା ମହାଦୁଃଖ ବେଦ ଶାସ୍ତ୍ର ନାହିଁ ଶୁଣା ।

ଗୁରୁପାଦେ ଧାୟୀ ଭଣେ ଭୀମଭୋଇ ଅରୁପେ କରି ଭଜନା ।୨୦।

---------- ----------

## ସପ୍ତମ ବୋଲି

ଯୋଗ ଆରମ୍ଭିଲେ କାଳକୁ କାଟିଲେ ପଦ୍ମପାଦେ କରି ଠଣା ।

ଭଗତ ଆରତି ନିବାରନ୍ତେ ନାମ ଅଭୟପଞ୍ଜର ଭବାନା ।୧।

ଶାସ୍ତ୍ରକୁ ଯେ ପଢ଼ି ବେଦମାର୍ଗେ ବୁଡି ସାତ୍ୱିକେ କଲେ ଭାବନା ।

କାଳବିକାଳରୁ ଉଦ୍ଧରନ୍ତେ ନାମ ଭବଭୟବଜ୍ରସେହ୍ନା ।୨।

ସତ୍ୟରେ ମଜ୍ଜାଇ ତତ୍ତ୍ୱରେ ଭିଜାଇ ଭବସିନ୍ଧୁ କଲପାରି ।

ତେଣୁକରି ନାମ ଜଗତେ ପ୍ରକାଶ କୃପାସିନ୍ଧୁ ଦଇତାରି ।୩।

ରୂପକୁ ବର୍ଣ୍ଣିଲେ ଶାସ୍ତ୍ର ବଖାଣିଲେ ଭାବକୁ ହେଲେ ଭଗତ ।

ତେଣୁ ନାମ ରୀତି ଅଖଣ୍ଡ ବିଭୂତି ଆରତତାରଣ ନାଥ ।୪।

ରୂପ ଦୂର କରି ଅରୂପକୁ ଧରି ଜ୍ଞାନ-ଜନ ଗଲେ ତରି ।

ସିଦ୍ଧ ସାଧୁ ସନ୍ଥେ ନାମ ଦେଲେ ତୋତେ କରୁଣାସାଗର ହରି ।୫।

ସାଧିଲେ ଭଗତ କରୁଣା ବାଞ୍ଛିତ ଯାର ଯେଉଁ ରୂପ ବିଧି ।

ଲଭିଲେ ସୁଫଳ ମନବାଞ୍ଛା ଫଳନାମ ଦେଲେ ଗୁଣନିଧି ।୬।

ଜଗତମାୟାରୁ ଏ ମୃତ୍ୟୁକାୟାରୁ ଉଦ୍ଧାର କରନ୍ତେ ଜୀବ ।

ତିମିରି ସୋହତେ ପାରି କରି ନ୍ୟନ୍ତେ ତେଣୁ ନାମ ପଦ୍ମନାଭ ।୭।

ଶ୍ରବଣ କୀର୍ତ୍ତନ କରି ଅନୁକ୍ଷଣ ଯଶ ଉଚ୍ଚାରଣ ଯହିଁ ।

ଭଗତ ଭାବକୁ ମୋହିତ ହୁଅନ୍ତେ ତେଣୁ ନାମ ଭାବଗ୍ରାହୀ ।୮।

ଗୃହରେ ବିହିତ ଜନ ସାଧୁ ସନ୍ଥ ମନ ଆନନ୍ଦେ କେ କହୁ ।

ଧ୍ୟାନ ଧାରଣାରେ ନାମ ଦେଲେ ତୋତେ ଧର୍ମଦାନୀ ମହାବାହୁ ।୯।

ସମ୍ପତ୍ତି ସୁଲଭ ଦେବଙ୍କୁ ଦୁର୍ଲଭ ଅଷ୍ଟରତ୍ନ ପରେ ସାର ।

ଦୁଷ୍ଟ ନିବାରନ୍ତେ ସନ୍ଥଙ୍କୁ ପାଳନ୍ତେ ତେଣୁ ନାମ ଚକ୍ରଧର ।୧୦।

ସୁଜ୍ଞାନୀ ଭାଗତ ନ ପାଇଲେ ଅନ୍ତ ଅମାପ ଅଗାଧ ସିନ୍ଧୁ ।

ମହିମା, ଅଶେଷ ଦୁଃଖୀ ଦୁଃଖ ନାଶ ତେଣୁ ନାମ ଦୀନବନ୍ଧୁ ।୧୧।

ସ୍ୱକାମ ଭଗତି ଆଦି ଫଳଶ୍ରୁତି ଯତିବେଶେ କଲେ ଜପ ।

ପ୍ରେମଭାବ ଭୋଳେ ନାମଦେଲେ ତୋତେ ନବଘନଶ୍ୟାମ ରୂପ ।

ଏକସ୍ଥାନ ହୋଇ ନ ରହୁ ତୁ କାହିଁ ତ୍ରିପୁରଜଗତପତି ।

ଯଶକୁ ସମ୍ପାଦି ନାମ ଦେଲେ ଭକ୍ତେ ଜାଜୁଲ୍ୟମୟା ତୋ ଜ୍ୟୋତି ।୧୩।

ଘଟେ ଘଟେ ପୁରି ଘୋଟି ରହିଅଛି ମୂଳତି ପସରା ତେଜ ।

ଆତ୍ମା ତ୍ରିଭୁବନେ ବିରଜନ୍ତେ ନାମ ଆଦିକନ୍ଦ ଦେବରାଜ।୧୪।

ଉତ୍ପତ୍ତିରୁ ସ୍ଥିତି କରାଉ ତୁ ନିତି ସଂହାରଣପଣେ ଯମ ।

ଭଗତଭାବକୁ ବହିଅଛ ଯେଣୁ ତେଣୁ ଗଦା ପଦ୍ମ ନାମ ।୧୫।

ମଣ୍ଡଳ ରାହାସ କରି ଛଡରସ ନିରନ୍ତରେ ଥାଇ ରସି ।

ଲୀଳା ବିନୋଦରେ ବେହାର କରନ୍ତେ ଆଦ୍ୟ ବୃନ୍ଦାବନବାସୀ ।୧୬।

ଏକପାଦେ ରହି ସର୍ବଂ କରୁ ତୁହି ଧନ୍ୟ ଧନ୍ୟ କୀର୍ତ୍ତି ଯଶ ।

ଲାଭ ହାନି ଭଲ ଜାଣୁ ତୁ ସକଳ ନାମ ସର୍ବଜ୍ଞ ପୁରୁଷ ।୧୭।

କିପାଇଁ କୃପଣ ହେଉଛ ଆପଣ କର କୃପାଜଳଧିରୁ ।

ଗହ ଗହ ଶୋଭା କିସ ଲକ୍ଷ ଦେବା ନାମ ବାଞ୍ଛାକଳ୍ପତରୁ ।୧୮।

ହୋଇବାକୁ ଉଜ ନ ମିଳୁଛି ସଜ ଘୋଟିଅଛି ମାୟା ମୋହ ।

ଦେଖି ନିଜ ରୂପ ଛଡାବନ୍ତି ପାପ ଦିନେ ହେଁ ଦେଖା ନ ଦିଅ ।୧୯।

ଧାରଣା ଧିଆନ କରି ମନେ ମନ ଦିବା ନିଶି ଗଲା ବହି ।

ଭଣେ ଭୀମ କନ୍ଧ ହୋଇ କାନ୍ଦକାନ୍ଦ ଅଭୟଚରଣେ ଧାୟୀ ।

---------- ----------

### ଅଷ୍ଟମ ବୋଲି

ନିଷ୍କାମ ପଦରେ ଗମି ନିର୍ବେଦରେ ନାନା ପାକେ ଭ୍ରମୁଅଛି ।

ମଞ୍ଜେ ଜାତ କଲ କବିପଦ ଦେଲ ପଛେ ନ କହିବ ବାଛି ।୧।

ସୁକୃତବଚନ ବିକଶିଲା ପୁଣ୍ୟ ଏକାକ୍ଷର ଚିତ୍ତେ ଦୃଶ ।

ମନରେ ପବନ ମିଶାଇ ପରମ ଯୋଗ ପରେ କଲି ବାସ ।୨।

ବେଦ ବଖାଣିଛି ଶାସ୍ତ୍ରରେ ଲିହିଛି ନିୟତ ପ୍ରମାଣ ସତ ।

ନୀଳାଞ୍ଚଳେ ପ୍ରଭୁ ବିରାଜ କରନ୍ତେ ନୀଳଗିରି ଜଗନ୍ନାଥ ।୩।

ଅନୁସରି ବହୁଦୂରୁ ଆଶା କରି ହୃଦୟପଦ୍ମରେ ଚିନ୍ତି ।

ମଉନରେ ବସି ନାମ ବୋଲାଇଲ ଦାରୁ ପ୍ରତିମା ମୁରତି ।୪।

ସ୍ନାହନ ତର୍ପଣ କରି ଦରଶନ ରୂପ ଦେଖି ହେଲ ଭୋଳା ।

ଚକାବଇଠିରେ ବିଭାଜ କରନ୍ତେ ତେଣୁ ନାମ ଚକାଡୋଳା ।୫।

କୋଟି ଅବତାର ନୁହଇ ଗୋଚର ଭେଦ ନାହିଁ ବର୍ଣ୍ଣ ଚିହ୍ନ ।

ବିବିଧ କଳ୍ପନା ରୂପକୁ ରଞ୍ଜନା ତ୍ରିପଣ୍ଡ କାଳିଆ ନାମ ।୬।

ଝୀନବାସ ପୁଷ୍ପ ଅଙ୍ଗେ ଶୋଭା ସଞ୍ଚ ବଡ଼ସିଂହାସନ ବେଶ ।

ରୂପକୁ କୋଟିଏ ସୂର୍ଯ୍ୟ ନୋହେ ସରି ଶ୍ରୀନାମ ବ୍ରହ୍ମ ଅଶେଷ ।୭।

ଖଟିଛି ପୟର ଆଦି ତିନିପୁର ସର୍ବଭୂତେ ତୋର ବାସ ।

ସୁଞ୍ଜ ଦ୍ୱିଜବରେ ବେଦାନ୍ତ ଆଚାରେ ନାମ ଦେଲେ ଜଗଦୀଶ ।୮।

କାମିନୀ ଆରତ କାମବଶ୍ୟରତ ତମାଳିଆ ପଣେ ସମ ।

ପ୍ରେମ ଅନୁରାଗେ ପ୍ରିୟାନ୍ତ ସଭାଗେ ମଦନମୋହନ ନାମ ।୯।

ତିମିରିକି ଦୂର ସଂସାର ସାଗର ତରିବାକୁ କଲେ ଆଶ ।

ଝୀନ ପୀତାମ୍ବର ଅଙ୍ଗେ ଆଭରଣ ନାମ ଦେଲେ ପୀତବାସ ।୧୦।

ପ୍ରକୃତିରୁ ପ୍ରଭୁ ରଞ୍ଜନା କରିଛ ଦ୍ୱିତୀୟ ଯଗଳ ଦିନୁ ।

ଅନାମରୁ ନାନା ରୂପ ପ୍ରକାଶିତ କଦମ୍ବମୂଳିଆ କାହ୍ନୁ ।୧୧।

ତମଳିଆପଣେ ନାହିଁ ତ୍ରିଭୁବନେ ପଞ୍ଚପ୍ରାଣ ଗୋପୀଙ୍କର ।

ବଂଶୀଧ୍ୱନି ନାଦ ହୃଦୟରେ ଭେଦରେ ତେଣୁ ନାମ ବେଣୁଧର ।୧୨।

ତରୁ ତୃଣ ଆଦି କୀଟପତଙ୍ଗାଦି ଆଜ୍ଞାରେ ସର୍ବେ ପ୍ରଚରି ।

ଗୋପ ବୃନ୍ଦାବନେ ବେହାର କରନ୍ତେ ନାମ ନିକୁଞ୍ଜବେହାରୀ ।୧୩।

ଶିରେ ଚୂଳଗଭା ନାଚନ୍ତେ କି ଶୋଭା ନାଦରଙ୍ଗେ ଢଳି ଢଳି ।

ଆଦ୍ୟ ବୃନ୍ଦାବନ ବେହାର କରନ୍ତେ ତେଣୁ ନାମ ବନମାଳୀ ।୧୪।

ଲୋଭରେ ଲୋଭିତ ବହି ଗର୍ବ ଚିତ୍ତ ବାସବ ବିବାଦ କରି ।

ତୋଳି ଗିରିବର କଲ ଛତ୍ରାକାର ନାମ ଦେଲେ ଗିରିଧାରୀ ।୧୫।

ଛନ୍ଦ ମାୟା କରି କପଟ ଆଚରି ପରୀକ୍ଷାରେ ଗଲା ହାରି ।

ତେଣୁ ଶତ୍ରାଦିତ ନାମ ଦେଇଗଲା ରାମଗୋବିନ୍ଦ ମୂର୍ତ୍ତି ।୧୬।

ଧନ୍ୟ ସେ ପାଦୁକା ଭକତଙ୍କ ଶାଖା ବହୁଅଛି ଘନ ଘନ ।

ସୁଧା ମକରନ୍ଦ ଆପ୍ୟାନ କରନ୍ତେ ମାଧବ ମଧୁସୂଦନ ।୧୭।

ବ୍ରଜସୁତ ଘେନି ଦିଗକୁ ଭ୍ରମଣି ସଙ୍ଗେ ଭାଇ ବଳରାମ ।

କାଳନ୍ଦୀରେ ପଶି କାଳୀକି ଦଳନ୍ତେ କାଳୀୟମର୍ଦ୍ଦନ ନାମ ।୧୮।

ବଉନକୋଟି ଭଣ୍ଡାର ଆଧିପତି ଦାନୀପଣକୁ ସମାନ ।

ସମଚିତ୍ତେ ଦେଖି ଚିଠିପତ୍ର ଲେଖି ନାମ କର୍ତ୍ତା ଜନାର୍ଦ୍ଦନ ।୧୯।

ବଖାଣନ୍ତେ ଯଶ ନୁହଇ ଯେ ଶେଷ କୋଟିଏ ଅନନ୍ତ ନାମ ।

ବର୍ଣ୍ଣିବାକୁ ଇଛି କେ ସାମର୍ଥ ଅଛି କହେ ଅରକ୍ଷିତ ଭୀମ ।୨୦।

----------- ❧ ❧ ❧ ❧ --------

### ନବମ ବୋଲି

ବେଦରୁ ନିର୍ବେଦ ହିଂସା ନାଦ ଛନ୍ଦ ତୁମ୍ଭର ରଞ୍ଜନା ସବୁ ।

ସତ୍ୟ ଧର୍ମ ପଦ ଯୁଗଯୁଗାନ୍ତରେ ତେଣୁ ନାମ ମହାପ୍ରଭୁ ।୧।

ନିଶବ୍ଦରୁ ଆସି ଶବଦରେ ପଶି ଜନ୍ମିଲା ସରୋଚର ।

ଦର୍ଶନ ମାତ୍ରକେ ଦୁରିତ ଖଣ୍ଡନ ତେଣୁ ନାମ ଦାମୋଦର ।୨।

ଘୋର ବ୍ରହ୍ମ ନିଶି ଆଦି ରବି ଶଶୀ ଦେଖନ୍ତେ ଯାଉଛି ବହି ।

କାଳକୁଟ ରାଶି ଅନ୍ଧକାର ଦିଶି ନାମ ତୋ କଳା କହ୍ନାଇ ।୩।

ଜ୍ଞାନଖଣ୍ଡ ଘେନି ଶ୍ରୀହସ୍ତେ ଛେଦନ୍ତି ଭକ୍ତଦୁଃଖହର ହର ।

ପ୍ରକୃତି ଜଳପଙ୍କେ ପୃଥୀ ରଞ୍ଜନା ତେଣୁ ନାମ ମାୟାଧର ।୪।

ନାମକୁ କାମ କଳ୍ପନା ନୋହେ ସରି ବହିଗଲା କୋଟି ମନୁ ।

ଅବନୀ ର ଭାର ହୃଦ ପଦ୍ମେ ହାର ନାମ ବିଶ୍ୱମ୍ଭର ତେଣୁ ।୫।

କରିଛି ଭିଆଣ ବ୍ରହ୍ମ ଘର ଜ୍ଞାନ ଜୀବ ପରେ ଦୟା ଧରି ।

ସୁଧା ମୃଦୁବାଣୀ ଶାହାସ୍ରେ ବଖାଣି ତେଣୁ ନାମ ମଧୁହାରୀ ।୬।

ନିରନ୍ତରେ ସାକ୍ଷୀ ସମାନରେ ଦେଖି କୃପାନେତ୍ରେ ସମଛତ୍ରେ ।

ଦେଉଥିଲେ ଚାହିଁ ଉଦାର ନୁହଇ ତେଣୁ ନାମ ପଦ୍ମନେତ୍ର ।୭।

ଏକ ପାଦ ଚିହ୍ନି ଧ୍ୟାନଯୋଗେ ଘେନି ଭଜିବାକୁ କଲେ ମନ ।

କାକୁସ୍ଥ ବଚନେ କାରଣ ମାଗନ୍ତେ ନାମ କମଳଲୋଚନ ।୮।

କଳା ଧଳା ଜଳ ମଧ୍ୟେ କରି ଠୁଳ ପ୍ରକୃତିରୁ ରୂପ ବେନି ।

ଦର୍ଶନ ମାତ୍ରକେ କଳୁଷ ହରଣ ନାମ ତୋ ସାରଙ୍ଗ ପାଣି ।୯।

ସ୍ତିରୀ ନ ବୋଲାଉ ପୁରୁଷ ତୁ ନୋହୁ ଯହିଁ ନାହିଁ ଦିବା ରାତି ।

ଦର୍ଶନ କୁ ଘେନି ପ୍ରସନ୍ନ ହୁଅନ୍ତେ ତେଣୁ ନାମ ଦାଶରଥି ।୧୦।

ନାମ ବାଡି ବୃତ୍ତି ହୃଦୟରେ ଚିନ୍ତି ନୟନରୁ ବହେ ପାଣି ।

ନିରନ୍ତର ଆଶା ଭରସା କରନ୍ତେ ତେଣୁ ନାମ ନୀଳମଣି ।୧୧।

ଜାତ ସର୍ବ ଦୁଷ୍ଟ ଆପେ କରି ନଷ୍ଟ ତୁମରି ଅର୍ଜିଲା କୀର୍ତ୍ତି ।

ଅଜ୍ଞାନୀ ଜନ ଯେ ସନ୍ଥ ଭକ୍ତ ହନ୍ତେ ନାମ ତେଣୁ ଯଦୁପତି ।୧୨।

ଦାନୀ ହୃଦେ ପଶି ଧର୍ମ ଅହନିଶି ଅତିଥିଙ୍କ ମୋକ୍ଷ କାମ ।

ଦୁଃଖୀ ଜଣ ସଖୀ କରାଇ ପାଳନ୍ତେ ଦାରିଦ୍ର୍ୟଭଞ୍ଜନ ନାମ ।୧୩।

ଦ୍ୱାଦଶବନ୍ଧ କୀର୍ତ୍ତନରେ ଆରମ୍ଭି ନିତାଇ ଚୈତନ୍ୟ ନାମ ।

ତେଣୁ ତାତ ମାତ ନାମ ଦେଲେ ସତ୍ୟ କେଶବ ଜଗୁ ଜୀବନ ।୧୪।

ପୂର୍ବାଦିରୁ ଜାଣି ମର୍ତ୍ତେ ଜନ୍ମ ପୁଣି ଭବିଷ୍ୟ ଗତ ଆଗତ ।

ନାନା ବିଷୟାରେ ଭ୍ରମଣି ବେହାରେ ତେଣୁ ନାମ ବିଶ୍ୱନାଥ ।୧୫।

ଦତ୍ୟ ନାଶି ନ ବାନାହିଁ ବଜ୍ରସେହ୍ନା ହରିଲ ଅବନୀ ଭାର ।

ଗରୁଡ଼-ଆସନ ହେ ଦୁଃଖନାଶନ ତେଣୁ ନାମ ଗଦାଧର ।୧୬।

ଲେଖି ଭାଲପଟ କରି ନଟକୁଟ ଯେସନ ଦର୍ପଣ ଛାୟା ।

ପଞ୍ଚଭୂତ ମଧ୍ୟେ ପ୍ରକୃତି ଭରିଣ କରାଉଛ କେତେ ମାୟା ।୧୭।

ଦୁର୍ଲଭ ସଂସାର ମନୁଷ୍ୟ ଶରୀର ଦେହ ବହି ନାରଖାର ।

ଖଣ୍ଡ ଦେଇ ତୁଣ୍ଡେ ଭଣ୍ଡୁ ଅଛ ମୋତେ ହେ ଅନାଦ ଯୋଗେଶ୍ୱର ।୧୮।

କର୍ମକାଣ୍ଡ ବାଣୀ ଦୁର୍ଗତିକି ଘେନି କରୁଅଛି ଖଣ୍ଡ ଖଣ୍ଡ ।

ଭବସିନ୍ଧୁ ବୋଲି ନ ଜାଣଇ ସ୍ୱାମୀ ମଣୁଛି ଅମୃତଭାଣ୍ଡ ।୧୯।

ଗୀତା ସାରସ୍ୱତ କରି ପଦ ଅର୍ଥ ଭୀମା ଅରକ୍ଷିତ ଭଣି ।

ଏ ଶାହାସ୍ର ଆଦ୍ୟ ବିଭୁତି ବୃତ୍ତାନ୍ତ ନାମ ସ୍ତୁତିଚିନ୍ତାମଣି ।୨୦।

------ ------

**ଦଶମ ବୋଲି**

ଦତ୍ୟ ଶଙ୍ଖାସୁର ବ୍ରହ୍ମା ବେଦବର ବଳେ ନେଇଥିଲା ହରି ।

ନ ଥିଲେ ଯେ କେହି ଉଧରିଲା ବହି ମତ୍ସ୍ୟ ଅବତାର ଧରି ।୧।

ଦେବ ଦାନବ ମନ୍ଦର ଗିରିବର ପକାଇ କ୍ଷୀରସିନ୍ଧୁର ।

ତେଡ଼େ ବଡ଼ ଭାର ପୃଷ୍ଠରେ ବହିଲ ହୋଇ କୁର୍ମ ଅବତାର ।୨।

ବୀର ହନୁମନ୍ତ ପବନର ସୁତ ବିବାଦ ଅର୍ଜୁନଠାରେ ।

ଶରବନ୍ଧ ତଳେ ଆବୋରି ରହିଲ ରୋହି ମତ୍ସ୍ୟ ଅବାତରେ ।୩।

ହିରଣ୍ୟ ଦ୍ରପିଷ୍ଟ ମନେ କରି ରୋଷ୍ଟ ଗର୍ବେ ଅପରାଧ ବୋହି ।

ଦନ୍ତନଖେ ଅନ୍ତ ପିତ୍ତ ବିଦାରିଲ ନରସିଂହ ମୂର୍ତ୍ତି ହୋଇ ।୪।

କ୍ଷତ୍ରୀକୂଳେ ଉତପତ୍ତି ହୃଷୀକେଶ ଧନୁର୍ବାଣ ବୋହି କରେ ।

ସାଧିଲ ଧରିତ୍ରୀ ବୀରପଣ ବୃତ୍ତି ପର୍ଶୁରାମ ଅବତାରେ ।୫।

ସତ୍ୟଯୁଗେ ହରି ବଳି ରାଜା ପୁରୀ ଦାନେ ନାଶିଲ ବିଭୂତି ।

ତ୍ରିବିକ୍ରିମ ରୂପ ଜଗତନାୟକ ବହି ବାମନ ମୂରତି ।୬।

ଋଷି ଯଜ୍ଞଚରୁ ଅନାମ ବ୍ରହ୍ମରୁ ଜନ୍ମ ଦଶରଥ ଘରେ ।

ରାବଣକୁ ମାରି ଜାନକୀ ଉଧରି ରାମଚନ୍ଦ୍ର ଅବତାରେ ।୭।

ଦ୍ୱାପର ଯୁଗରେ ବାସୁଦେବ ଘରେ ଜନ୍ମ ଲଭି ଗୋପେ ରହି ।

ଦୁଷ୍ଟ କଂସ ମାରି ଭାରା ଉଶ୍ୱାସିଲ କୃଷ୍ଣ ଅବତାର ବହି ।୮।

ଜଗତର ଛଳେ ଅବନୀମଣ୍ଡଳେ ରୂପ ଦାରୁବ୍ରହ୍ମ ତେଜ ।

ପାପୀ ଜନେ ଗତି ମୁକତି ଦିଅନ୍ତି  ଶଙ୍ଖଚକ୍ର ଚତୁର୍ଭୁଜ ।୯।

ତ୍ରିପୁର ଜଗତ ଅନ୍ୟାୟ ବହୁତ ଚାରିଧର୍ମ ହେଲା ନାଶ ।

କାଳେହେଁ କଳଙ୍କି ଅବତାର ହେଲେ ବହି ବୈଷ୍ଣବ ବେଶ ।୧୦।

ନରଦେହ ବହି ନ ପାଇଲେ କେହି ଭଜନର ସୁଖ ସୀମା ।

ଏକାକ୍ଷର ପାଦ ଜଗତେ ବିଖ୍ୟାତ ଦିକ୍ଷା ରଞ୍ଜିଲେ ମହିମା ।୧୧।

ଝରୁଛି ଅମିଅ ସତ୍ୟ ମନେ ପିଅ ଅଛ ଯେତେ ସୁଜ୍ଞ ସାଧୁ ।

ଦେଖ ଜ୍ଞାନନେତ୍ରେ ଅନୁଭବସୂତ୍ରେ  ଅନାମେ ଝରୁଛି ମଧୁ ।୧୨।

କ୍ଷତ୍ରିଗଣ ଘେନି କରିବେ ଭ୍ରମଣି ହସ୍ତେ ଘେନି ଖଣ୍ଡା କାତି ।

ଏକୌଶ ଅଙ୍ଗରୁ ପୃଥୀ ସାଧ ହେବ ଉଡୁଥିବ ବାରଛତ୍ରୀ ।୧୩।

ଦୁଷ୍ଟ ନିବାରିବେ ସନ୍ଥଙ୍କୁ ରଖିବେ ପାଳିବେ ଜନ ପରଜା ।

କଳିଯୁଗ ଶେଷେ ସତ୍ୟ ଉପୁଜିବ ଅନାଦି ହୋଇବେ ରାଜା ।୧୪।

ନିରନ୍ତର ଅଣବିଚାର ଲଭିଲେ ହୋଇଲା ମାତ୍ରକ କଳି ।

ହତରୁ ଆୟତ ନିୟତ ପ୍ରମାଣ ସତ୍ୟ ହେବ ମହାଆଳି ।୧୫।

ଜଡ଼ କି ପଣ୍ଡିତ ହେବେ ଜ୍ଞାନବନ୍ତ ଅଙ୍ଗେ ବସି ଚକ୍ରପାଣି ।

ସତୀପଣେ ପତିସେବା ନିଯୋଗିବେ ସ୍ତିରୀ ହୋଇ ବ୍ରହ୍ମଜ୍ଞାନୀ ।୧୬।

ଚାରିଧର୍ମ ଚାରିକର୍ମ ଉପୁଜିବ ଗୋଡାଇବ ଚଉବର୍ଗ ।

ଲକ୍ଷ୍ମୀ ଠାକୁରାଣୀ ପଡ଼ି ଚରଚିବେ ଲଭି ସର୍ବେ ପୂର୍ଣ୍ଣ ଭୋଗ ।୧୭।

କାଳ ଜଳ ନଇ ଦେଉଛି ଭସାଇ ମାରୁଛି ଲହଡ଼ାଘାତ ।

ନିମିଷ ମାତ୍ରକେ ଦୟା କର ମୋତେ ଆଦିବ୍ରହ୍ମ ଅବଧୂତ ।୧୮।

ମାୟାରେ ବନ୍ଧନ କରି ଛନଛନ ହରୁଛି  ଧାରଣା ଧ୍ୟାନ ।

ଜାଣୁଛି ପ୍ରତ୍ୟକ୍ଷ ଲଗାଇ ରଖିଛ ଯେସନେ ବଡ଼ଶୀ ମୀନ ।୧୯।

ଏକପାଦ ଠୁଳେ ଦ୍ୱିପାଦ ନ ଚାଳେ ଅମୃତ ବଚନ ସିଦ୍ଧ ।

ମନରେ ଆନନ୍ଦ ଭଣେ ଭୀମ କନ୍ଧ ଏଠାକୁ ଦୁଇଶ ପଦ ।୨୦।

----- ❧ ❧ ❧ ❧ -----

**ଏକାଦଶ ବୋଲି**

ନବଦ୍ୱୀପ ସୃଷ୍ଟି ଆସୁଅଛି ଘୋଟି ଭାସି ଯାଉଅଛି ବୁଡ଼ି ।

ତରିବି ବୋଲି ତରତର ହେଉଛି ଜଳର ତରଙ୍ଗ ପରି ।୧।

ମେରୁ ଗିରି ଫୁଟି ସତ୍ୟଧର୍ମ ମେଣ୍ଟି ନାହିଁ ସ୍ଥିତାବସ୍ଥା ପଣ ।

ଅଗାଧ ସାଗରେ ଭାବଜଳ ନଇ ବହୁଅଛି ଘନଘନ ।୨।

ଘୁଘୁନାଦ ଦେଇ ଆସୁଛି କମ୍ପାଇ ଗର୍ଜ୍ଜନ କରୁଛି ଆଣ୍ଟେ ।

ଦଶଦିଗ ମତେ ଅନ୍ଧାର ଦିଶୁଛି ଚାଲିଯିବି କେଉଁ ବାଟେ ।୩।

ତୁମ୍ଭେ ମୋର ପ୍ରଭୁଅନ୍ତର୍ଯାମୀ ସବୁ ଛାମୁକୁ କି ଅଗୋଚର ।

କେଉଁ ରୂପେ ମତେ ଜଗତେ ରଖିବ ଜାଣି ସମ୍ଭାଳନା କର ।୪।

ପାପକର୍ମେ ବିହି ନେଉଛି କଢାଇ ଯେସନ ନାଗରୀ ନଟ  ।

ମାୟାଜାଲ ଫାନ୍ଦେ ପଡ଼ିରହି ଛନ୍ଦେ ହେଉଅଛି ଛଟପଟ ।୫।

ରହରେ ଜଗତ ହେଉଛୁ ଉତ୍ପାତ ତୋ ଗୁଣ କହିବି କେତେ ।

ମୋ ପ୍ରଭୁ କରତା ରାଞ୍ଜିବାରୁ ତୁହି ପ୍ରତକ୍ଷେ ଭଣ୍ଡୁଛୁ ମୋତେ ।୬।

ଆରେ କଳିଯୁଗ ଭାବଭୟରୋଗ ଖଟ ସତ୍ୟ ପାଦତଳେ ।

ଶ୍ରୀଗୁରୁ ଆଜ୍ଞାରେ ଆଦି ଅଗ୍ନିଶରେ ଜାଳିଦେବି ତପବଳେ ।୭।

ଆରେ ମିଥ୍ୟାପଦ କେତେ କରୁ ବାଦ ପଛନ୍ତେ ନ ଦେବୁ ଦୋଷ ।

ଜାଣିଲେ କରତା ଆଦି ବ୍ରହ୍ମପିତା ନ ଥୋଇବେ ଦଶଦଶ ।୮।

ଆରେ ମୁଢନରେ ଅଜ୍ଞାନ ଅସୁରେ ଲଭ ସତ୍ୟଧର୍ମ ପଥ ।

ନାମ ବ୍ରହ୍ମନିନ୍ଦି ମାୟାମୋହେ ଦ୍ୱନ୍ଦ୍ୱୀ ଦେଖୁ ଦେଖୁ ଯିବ ହତ ।୯।

ଚିଆଁ ଚୈତନ୍ୟକୁ ରଖାଇ ହେତୁକୁ ଭଜନେ, ଲାଗିଛି ମୁହିଁ ।

ଜୀବ ପରମ ନାମ ବ୍ରହ୍ମେ ଝାଳୁଚି ତରିବାକୁ ଆଶା ନାହିଁ ।୧୦।

ହୋଇବେ ନିଶ୍ଚୟେ ସର୍ବ ଜୀବ କ୍ଷୟେ ଉତ୍ପାତ ହେଲାଣି ମହୀ ।

ନିରନ୍ତର ନେତ୍ରେ ନୀର ବହୁଅଛି କାତରରେ କମ୍ପୁଛି ଦେହ ।୧୧।

ଜମ୍ବୁଦ୍ୱୀପେ ପୁରି ନରଦେହ ଧରି ଜନ୍ମ ଲଭିଛନ୍ତି ଯେତେ ।

ନାମ ଆଶ୍ରେ ନାହିଁ କେମନ୍ତେ ତାରିବେ ଆଶ୍ଚର୍ଯ୍ୟ ଲାଗୁଛି ମୋତେ ।୧୨।

ସତ୍ୟ ଧର୍ମପଦ ନ ରୁଚେ ଯାହାକୁ ମୂର୍ଖ ବାଇ ନିଶାଚର ।

ପଡ଼ିଛି ସମୟେ କାଳ ମାୟା ମୋହେ ଯାହା କରିଥାଅ କର ।୧୩।

ସତ୍ୟ ଯେ ପାଳୁଛି ଧର୍ମେ ଯେ ଚାଲୁଛି ଶ୍ରୋତା ଲାଗିଛି ଶୂନ୍ୟରୁ ।

ନାମ ବ୍ରହ୍ମପଦ ହୃଦୟରେ ଲଏ ସଙ୍ଗେ ସଙ୍ଗେ ଛନ୍ତି ଗୁରୁ ।୧୪।

ଶୟନେ ଭୋଜନେ ସ୍ଥିତି ବସ୍ତିସ୍ଥାନେ ଯେ ପୁଜୁଛି ଗୁରୁ ଧର୍ମ ।

ଚାରିବେଦ ତାକୁ ସମାନ ନୁହଇ ମୁଖେ ମୁଖେ ତାର ବ୍ରହ୍ମ ।୧୫।

ମାୟାକୁ ନିବାରି ନିଷ୍କାମକୁ ଧରି ଯେ ବୋଲୁଛି ହରି ହରି ।

ଆବୋରିଛି କାୟେଜଳେ କୁମ୍ଭ ପ୍ରାୟେ ଭିତର ବାହାରେ ପୂରି ।୧୬।

ତାର ଭକ୍ତଚିତ୍ତ କେ କରିବ ଅନ୍ତ ସମ ନୁହେଁ ତ୍ରିଭୁବନ ।

କାଳ ଭବଭୟ କି କରିବ ତାକୁ ଦେଖି ଡ଼ରି, ଥାଇ ଯମ ।୧୭।

ଚଉଦଭୁବନେ ବେଦଶାସ୍ତ୍ରମାନେ ଯହିଁ ଦେଖ ଏକାପଦେ ।

ମନର ସଂଶଯ ଅଛି ଯେବେ ସନ୍ଥେ ଖୋଜ ଅନୁଭବ ବେଦେ ।୧୮।

ନୁହେ କଳା ଧଳା ରଙ୍ଗିମା ପିଙ୍ଗଳା ନୁହେ ବର୍ଣ୍ଣ ଚିହ୍ନି କାନ୍ତି ।

ନ ଚିହ୍ନିଲ ବୋଲି ନ ବୋଲିବ ସନ୍ଥେ ରୂପ ତା ପବନ ଗତି ।୧୯।

ମାୟା ମୋହେ ପଡ଼ି ବିଷୟରେ ଜଡ଼ି ପ୍ରକୃତରେ ହୋଇ ରତ ।

କହେ ଭୀମ ଭୋଇ ଲଭି ନ ପାରଇ ଏ ବଡ଼ ଦୁର୍ଗମ ପଥ ।୨୦।

**ଦ୍ୱାଦଶ ବୋଲି**

ଭରସା କରିଛି ନ ଜାଣଇ କିଛି ମୁହିଁ ବଡ଼ ଅପରାଧୀ ।

ଦୟା କରି ମୋତେ ଉଦ୍ଧାରି ଧରିବେ ପ୍ରଭୁ କରୁଣା-ବାରଧି ।୧।

ଅନ୍ୟେ ନାହିଁ ଚିତ୍ତ ନାମ ବ୍ରହ୍ମେ ରତ ଦର୍ଶନ ମାତ୍ର କରିଛି ।

ସ୍ୱାମୀ ରଖ, ସ୍ୱାମୀ ରଖ ବୋଲି ମୁଁ ଯେ ଦିବାନିଶି ଡାକୁଅଛି ।୨।

ଘନେ ଚାହିଁ ଆଶା ଶୂନ୍ୟରେ ଭରସା ଯେସନ ଚାତକ ପକ୍ଷୀ ।

ମନେ ଯାହା ପାଞ୍ଚେ ଡାକି ଡାକି ଉଚ୍ଚେ କଣ୍ଠ ଯାଉଅଛି ଶୁଖି ।୩।

ପବନକୁ ବାନ୍ଧି ପ୍ରକୃତିକୁ ଛନ୍ଦି ଅନୁକ୍ଷଣ ଧ୍ୟାନଯୋଗ ।

ଅନାଥର ନାଥ କରୁଣା କଲେ ମୁଁ ଲଭବଇଁ ସୁଖଭୋଗ ।୪।

ଅନ୍ତର ବେଦନା ଅଛି କି ନ ଜଣା ବୁଝାଇ କହିବି ତାହା ।

ନିରେଖ ପ୍ରାଣୀକି ନିରାପକ୍ଷ କଲେ କେ ହେଇବ ପ୍ରଭୁ ସାହା ।୫।

ଉଡୁଅଛି ବାନା ମହାଶୂନ୍ୟେ ସିନା ସଞ୍ଚରିଛି ତିନି ପୁରୀ ।

ଆତଙ୍ଗ ମନେ ଦୃଢେ ଚିନ୍ତି ପାରିଲେ ପଙ୍ଗୁ ଲଘିଯିବ ଗିରି ।୬।

ବଡ ପ୍ରଭୁ ବୋଲି ଭରସା କରିଛି ଅନ୍ୟେ ନାହିଁ ମୋତେ ରକ୍ଷା।

ଲାଭ ହାନି କଥା ବୁଝିବେ ସର୍ବଥା ଘୋଟି ଯାଉଛି ସନ୍ତାପ ।୭।

କହୁଅଛି ଏତେ ନ ରଖ ଏ ମର୍ତ୍ତ୍ୟେ ଶ୍ରୀହସ୍ତେ ପକାଅ ମାରି ।

ଦଣ୍ଡୁ ଅଛି କେତେ ଭଣ୍ଡୁଛି କିମର୍ଥେ ଅନାମିକା ବ୍ରହ୍ମ ହରି ।୮।

ବୋଲାଅ ହରତା କରତା ବିଧାତା ଭକ୍ତବାନା ପରା ବହୁ ।

ମୋ ବାଞ୍ଛା ସକଳ ହେଉଛି ବିଫଳ ଏଢ଼େ ପ୍ରଭୁ ଥାଉଁ ଥାଉଁ ।୯।

ମାୟା ମୋହେ ପଡ଼ି ସିନ୍ଧୁଜଳେ ବୁଡ଼ି ସଡ଼ିଲଇଁ ଦିନୁଦିନୁ ।

ମନ ସିନା ଜାଣେ ଅନ୍ତର ବେଦନା ସମେ ନ କରି ରୋଦନ ।୧୦।

ଲୋଭ ମୋହ କାମ କ୍ରୋଧ ଅହଂକାର ଥୋଇଅଛି ହିଂସାବାଦ ।

ପଞ୍ଚଭୂତ ଆତ୍ମା ଭିତର ମଧରେ ହେଉ ଅଛଇ ଦଗଧ ।୧୧।

ମାୟା ମୋହ ଭରି କଲ ଦେହଧାରୀ ମଞ୍ଚେ ଆଣି ଦେଇ ଜନ୍ମ ।

ଏତେ କଷ୍ଟ ପାଇ ଦେହ ବହିବାର ପୋଡୁ ପୋଡୁ ପାପ କର୍ମ ।୧୨।

ଜନ୍ମ ଜନ୍ମାନ୍ତରେ ଯୁଗଯୁଗାନ୍ତରେ ଦୁଃଖ ଦଶା କର୍ମକାଣ୍ଡେ ।

ନିର୍ଲଜ ଆତ୍ମା ମୋ ନ ଯାଇ ରହିଛି ପ୍ରକୃତିର ପାପପିଣ୍ଡେ ।୧୩।

ପ୍ରାଣୀମାନଙ୍କର ଆନନ୍ଦ ମଙ୍ଗଳ ଅନ୍ୟରେ କି କାର୍ଯ୍ୟ ଅଛି ।

ମୋ କର୍ମ କପାଳ ମୋତେ ହେଲା କାଳ କାହାକୁ କହିବି ବାଛି ।୧୪।

ପଥିକ ଯେସନେ ଜଳତୀରେ ବସି ତରିବାକୁ ଉଦବେଗ ।

ଅଗାଧ ସାଗର ପାରି ହୋଇଯିବ କୈବର୍ତ୍ତ ଆଣିଲେ ନାବ ।୧୫।

ସେହିରୂପେ ମୁହିଁ ଅଭୟ ପୟରେ ପଦ୍ମପଦେ କରି ଠାବ ।

ଅନ୍ତର୍ଯାମୀ ପ୍ରଭୁ ବିଚାରୀ ବୁଝିଲେ ଅବଶ୍ୟ ସୁଦୟା ହେବ ।୧୬।

ସ୍ୱଭାବେ ଚଞ୍ଚଳ ନୁହଇ ନିଶ୍ଚଳ ପ୍ରକୃତିରେ ପରଚଣ୍ଡ ।

କାଳ ଖଡଗ ଘେନି ଶ୍ରୀହସ୍ତେ ଛେଦିନ ଟିକି ଟିକି କରି ପିଣ୍ଡ ।୧୭।

କିଳଶୀ କବାଟ କଞ୍ଚିରେ ଆକଟ ନବ ଦଶଦ୍ୱାର ରୁନ୍ଧି ।

ମାୟା ଫାଶ ଘେନି ଏ ଜୀବ ଆତ୍ମାକୁ ନିର୍ବନ୍ଧେ ପକାଅ ବାନ୍ଧି ।୧୮।

ଗୁରୁ ନାରାୟଣ ସୁଜ୍ଞ ସାଧୁଜନ ଅନୁଗ୍ରହ କର ମୋତେ ।

ପଞ୍ଚମୁଖେ ହରି ଅଛ ବିଜେ କରି ଶରଣ ମାଗୁଛି ଏତେ ।୧୯।

ଯେଉଁ ପଦ୍ମପାଦ ଜ୍ଞାନୀ ଜନେ ଚିନ୍ତି ଭଜୁଛନ୍ତି ଆଶ୍ରେ କରି ।

ସେ ଚରଣ ଧାୟୀ ଭୀମ ଅରକ୍ଷିତ ହେଉଅଛି ଏତେ ସରି ।୨୦।

## ତ୍ରିୟେ ଦଶ ବୋଲି

ଉର୍ମ ଧୂର୍ମ ଜ୍ୱାଳା ଜ୍ୟୋତି ବ୍ରହ୍ମକଳା ବେନି ପ୍ରତି ଯାର କର ।

ଆପ ତେଜ ବାୟୁ ଛନ୍ତି ଉଦେ ହୋଇ ଯାର ଅଙ୍ଗ ପରିଚାର ।୧।

ଯୁଗଯୁଗାନ୍ତର କଳ୍ପ କଳ୍ପାନ୍ତରେ ଶ୍ୱେତଶୁକ୍ଳାମ୍ବର ରୂପ ।

ଅସଚଶ ବାୟୁ ନାସାରୁ ଜନମ ଚନ୍ଦ୍ର- ସୂର୍ଯ୍ୟ ଯାର ଦୀପ ।୨।

ଚାରି ବେଦ ଚାରି ପାବଛ ହୋଇଛି ଆଦି ଅଷ୍ଟାଦଶ ସିଦ୍ଧି ।

ଅଷ୍ଟାଙ୍ଗକୁ ଘେନି ଦଶାଙ୍ଗଯୋଗରେ ଲାଗିଅଛି ଯା ସମାଧି ।୩।

ଅଣଚାଶ ଅଣସାଧନା ବିଜୟେ ତ୍ରିପୁରେ ଯା ତେଜ ଧାପ ।

ଯାହାର ଆଜ୍ଞାରେ ପ୍ରକାଶ ହୋଇଛି ଦ୍ୱାଦଶ ବର୍ଣ୍ଣ ସ୍ୱରୂପ ।୪।

ଠୁଳ ଶୂନ୍ୟ ଶିର ମର୍ତ୍ତ୍ୟ ହିଁ ଉଦର ପାତାଳ ଯାର ପୟର ।

ଯାର ରୋମମୂଳେ ମାଳ ମାଳ ମହୀ ଭଦେ ଅସ୍ତ ଗିରିବର ।୫।

ନବଖଣ୍ଡ ମହୀ ସପତ ସାଗର ଆଦି ଅଷ୍ଟକୁଳା ନାଗେ ।

ପ୍ରଭୁ ଶ୍ରୀଚରଣେ ଚିତ୍ତବୃତ୍ତି ଦେଇ ଭଜୁଛନ୍ତି ଧ୍ୟାନଯୋଗେ ।୬।

ବାସୁକୀ ବୋଲୁଛି ଦୁଷ୍ଟଗଣଭରା ଅନ୍ୟାୟ ହେଉଛି ବଳେ ।

ନୋହିଲେ କରୁଣା ଦିଗୁଣ ମୋ ଉଣା ପଡ଼ିବଇଁ ରସାତଳେ ।୭।

ସମୁଦ୍ର ବୋଲୁଛି ଅଭୟ ପୟରୁ କରୁଣା ଅକ୍ଷତ ନେବି ।

ଯୁଗଯୁଗାନ୍ତରେ ସପତ ବେଢ଼ାରେ ଚଉକତି ପୁରିଥିବି ।

ତିରଣ ବୋଲୁଛି ପତର ପାଖୁଡ଼ା ବସ୍ତାଧେନୁ ପଛେ ଖାଉ ।

ଭୂମିରୁ ନ ଛାଡି ଅଗ୍ନିରେ ନ ପୋଡି ମୂଳ ଉପୁଡି ନ ଯାଉ ।୯।

ତରୁମାନେ ବୋଲୁଛନ୍ତି ମହାପ୍ରଭୁ ଅଣଚାଶ ମହାଗାତ ।

କରପତ୍ରେ ଯୋଡ଼ି ସ୍ତୁତି କରୁଛନ୍ତି ନ ଭାଙ୍ଗୁ ଯେ ହାତ ଗୋଡ଼ ।୧୦।

ପଥର ବୋଲୁଛି ଆହେ ମହାବାହୁ ଅଚଳେ ମୁଁ ଅଛି ପଡି ।

ନୋହିଲେ କରୁଣା ହୋଇଯିବି ଚୂନା ପଡିଲେ ବଜ୍ର ଘଡଘଡ଼ି ।୧୧।

କୂଳେ ଥାଇ ଜଳଧାରକୁ ନିରୋପି ଫଣୀକି ଦେଖିଲେ ଭେକ ।

ଖରତର ହୋଇ ପଳାଇ ଲୁଚଇ ମହାପ୍ରଭୁ ବାରେ ରଖ ।୧୨।

ଜୀବଜନ୍ତୁମାନେ ଅରଣ୍ୟ ଭିତରେ ହୃଦୟରେ ଦକ ଦକ ।

ବାଘ ଭାଲୁ ଦେଖି ସ୍ତୁତି କରୁଛନ୍ତି ମହାପ୍ରଭୁ ବାରେ ରଖ ।୧୩।

ପକ୍ଷୀ ଜନ୍ତୁମାନେ ବନରେ ବିହାର ଖ୍ୟାଧମାନଙ୍କୁ ସେ ଡ଼ରି ।

ବାରେ କର ତ୍ରାହି ପ୍ରଭୁ ଭାବଗ୍ରାହୀ ଭକ୍ତପ୍ରାଣବନ୍ଧୁ ହରି ।୧୪।

ସକଳ ଘଟରେ ତିନି ବ୍ରହ୍ମାଣ୍ଡରେ ପୁରି ଚଉବର୍ଗଦାତା ।

ଅନନ୍ତ ଠାକୁର ହୋଇ ମହାପ୍ରଭୁ କିପାଁ ଦେଉଛ ଅବସ୍ଥା ।୧୫।

କରି ମୁଁ ବିନତି ପାଦତଳେ ନିତି ଜଣାଣ କରୁଛି ଯାହା ।

ବହି ଭକ୍ତବାନା ନ ଯାଉଛି ଶୁଣା ଧନ୍ୟ ତୋ ପାଷାଣ ହିୟା ।୧୬।

ନିଶି ମହାଘୋର ହେଉଛି ଅନ୍ଧାର ଭୋଜନକୁ ବିଜେ କର ।

ଦୀପ ଲିଭିଗଲେ ଅନ୍ଧକାର ହେବ ଶୂନ୍ୟ ହୋଇବ ମନ୍ଦିର ।୧୭।

ବଢାଇ ଭୋଜନ କରି ଆଞ୍ଚବନ ପଲଙ୍କରେ ପହୁଡ଼ସି ।

ରାତ୍ରି ଉଜାଗରେ ବେନି ପାଦ ଧରି ଭଜନ କରିବି ବସି ।୧୮।

ନିଷ୍କାମକୁ ଭଜି ନିରାଶ ହେଉଛି ନିରନ୍ତର ଆଶା କରି ।

ଅରୁଣ ଅସ୍ତ ହେବାକୁ ଦଣ୍ଡେ ଅଛି ଘୋଟି ଆସୁଛି ତିମିରି ।୧୯।

ତ୍ରିଗୁଣର ମାୟା ଆବୋରିଛି କାୟା ବାୟା କରି ବଳିଆରେ ।

ଗୁରୁପାଦ ଧାୟୀ ଭଣେ ଭୀମ ଭୋଇ ଭାସୁଅଛି ଦରିଆରେ ।୨୦।

## ଚତୁର୍ଦ୍ଦଶ ବୋଲି

ଯେଉଁ ଦିନୁ ଧୂନି ସ୍ଥାପନା ହୋଇଲା ନବଖଣ୍ଡ ମହା ଦୀପା ।

ଜାଣିଲି ନିଶ୍ଚୟେ ଯୁଗ ଯିବ କ୍ଷଏ  ମନକୁ ଲାଗିଲା ଶଙ୍କା ।୧।

କି ହେବ ଜଗତ କି କରୁଛ ଧାତ ହୃଦରେ ପଡ଼ିଲା ଚିନ୍ତା ।

ନିକଟରେ ଆସି ପ୍ରାପତ ହେଲାଣି ଦେଖା ନାହିଁ ଯେଉଁ କଥା ।୨।

ଚନ୍ଦ୍ର ସୂର୍ଯ୍ୟ ଆଦି ଅଗ୍ନି ପବନାଦି ବେଦଶାସ୍ତ୍ର ନାହିଁ ଲେଶ ।

ଅନନ୍ତ ଠାକୁର ଜଗତ ଈଶ୍ୱର ଧରି ଦିଗମ୍ବର ବେଶ ।୩।

ଆସନ ବସନ ଛାଡି ଅଣାକାର ଦଣ୍ଡେହେଁ ବିଶ୍ରାମ ନୋହେ ।

ଆଦି ବ୍ରହ୍ମପିତା ଏତେକ ଅବସ୍ଥା ମୋତେ ପଚାରୁଛି କିଏ ।୪।

ଏ ସୁଖ ସମ୍ପଦ କ୍ଷଣକରେ ଯିବ ନିମିଷିକ ଅଛି ରହି ।

ତେଣୁ କରି ମୋତେ ବହୁତ ଆକୁଳ ଭୋଗକୁ ମୋ ଆଶା ନାହିଁ ।୫।

ମାୟାରେ ତ୍ୟେଲୋକ୍ୟ ହେବ ପରା ଲୋପ୍ୟ ସରିବ ପୃଥୀର ହାଟ ।

ବାର ଯାଇ ତେର ଚଉଦ ଅଙ୍କକୁ ପଡିଲାଣି ଦେବକୁଟ ।୬।

ଭଞ୍ଜିବାର ଅନ୍ନ ଦିଶିଲା ବିବର୍ଣ୍ଣ ନେଇ ପକାଇଲେ ଧୂଳି ।

ତୃଷାଭରେ ଜଳ ଆତୁରେ ପିଅନ୍ତେ ଛଡାଇ ଦେଲେଣି ଢାଳି ।୭।

ଯେତେକ ବିଚାର କରୁଛନ୍ତି ନର ଏ ସର୍ବ ମିଥ୍ୟା ରଚନା ।

ଅନ୍ୟାୟକୁ ନ୍ୟାୟ କରି ସଭାଜନ କରୁଛନ୍ତି ହାର ଜିଣା ।୮।

ସାଧୁ ସନ୍ଥ ସଙ୍ଗ କରୁଛନ୍ତି ଭଙ୍ଗ ଉପହାସେ ପାରି ବୋବି ।

କଳିଯୁଗେ ସାତବାରଷ ପୁତ୍ରକୁ ହାରିବେ ପଣ୍ଡିତ କବି ।୯।

ସତ୍ୟକୁ ଛାଡ଼ିଲେ ଅମଡ଼ା ମାଡ଼ିଲେ  ଲାଗିଅଛି ନଟକୂଟ ।

ମିଛ ପସରାକୁ ଆବୋରି ଅଛନ୍ତି ବସାଇ ବଜାର ହାଟ ।୧୦।

ନ ଜାଣନ୍ତି ଭେଦ ନ ଜାଣନ୍ତି ସ୍ୱାଦ ଅମୃତରେ ନାହିଁ ମନ ।

ସାଧୁ ମଧୁରସ ଛାଡ଼ି ସୁଜ୍ଞଜନେ  ବିଷକରୁଛନ୍ତି ପାନ ।୧୧।

ଅଧିକ କଥାରେ ବିଷୟା ବୃଥାରେ କିସ ପ୍ରୟୋଜନ ଅଛି ।

କି କର୍ମ କରୁଛି କି ଦ୍ରୋହ ଅର୍ଜୁଛି ଗୋଚର ମନେ ନୋହୁଛି ।୧୨।

ସମର୍ପିଲା ସତ୍ୟ ପାଇଲା ସମସ୍ତ ବାଞ୍ଛିତ ପସରା ବୋଝ ।

ଦେବ କି ନ ଦେବ ହେବ କି ନ ହେବ ଶ୍ରୀଛାମୁକୁ ହେବ ଲାଜ ।୧୩।

ପୂର୍ବର ସୁକୃତ ଲଲାଟ ଲିଖିତ କର୍ମେ ଯେବେ ଥିବ ଖଞ୍ଜି ।

ମୁଁ କିସ ଜାଣଇ ପ୍ରଭୁ ସିନା ଜାଣ ତୁମ୍ଭର ମହତ୍ତ୍ୱ ମର୍ଜୀ ।୧୪।

ତାପଣ ମାରଣ ଯୁଗକୁ ଧାରଣ କାରଣକୁ ସର୍ବଶୁଭ ।

ଏକା ସ୍ୱାମୀ ବିନୁ ଚିତ୍ତରେ ମୋହର ନ ଜାଣଇ ଅନ୍ୟ ଦେବ ।୧୫।

ଏକା  ସ୍ୱାମୀ ବିନୁ ଅନ୍ୟ ପ୍ରଭୁ ଆଉ କରି ନୋହେ କାହା କୃତେ ।

ଯାହା ବିଚାରିଛି ଲଭିବା ପର୍ଯନ୍ତ ମନରେ ନାହିଁ ପରତେ ।୧୬।

ରୂପରୁ ଅରୂପ ଅରୂପରୁ ରୂପ ସର୍ବଘଟେ ବିଜେ ହରି ।

ଭଗତ ଆରତ ବାନା ବହିଅଛି ଅରକ୍ଷକୁ ହିତକାରୀ ।୧୭।

ପ୍ରକୃତି ଜଞ୍ଜାଳ ସକଳ ସମ୍ଭାଳ ପ୍ରାଣର କଲ୍ପଉ ମଣି ।

ଫଳ ଶ୍ରୁତି ଗତି ମୁକ୍ତି ପରାପତ ଯଥାବିଧି ମତ ଜାଣି ।୧୮।

ଭାଙ୍ଗିଗଲେ ଫନ୍ଦା ପାଇବଟି ନିନ୍ଦା ହୋଇବଟି ଅପ୍ରମେଏ ।

ବିଚାରି ବିବେକ କରି ମହାପ୍ରଭୁ ଯାହା ବୁଝି କର ନ୍ୟାଏ ।୧୯।

ନିଷ୍କାମ ଧର୍ମରେ ନିର୍ବେଦ କର୍ମରେ ଜଗାଇ ଭଜନ ଧୂନି ।

ଗୁରୁପାଦାର୍ବିନ୍ଦେ ଭାଷା ପରବନ୍ଧେ ଭୀମ ଅରକ୍ଷିତ ଭଣି ।୨୦।

## ପଞ୍ଚଦଶ ବୋଲି

ସ୍ଥାବରୁ ଜଙ୍ଗମ କୀଟରୁ ପତଙ୍ଗ ଚାହିଁ ଦେଲେ ଅନୁସରି ।
ସକଳ ଘଟରେ ପୂରି ସମାନରେ ନୋହେ ସାନ ବଡ଼ କରି ।୧।
ଭାବକୁ ନିକଟ ଅଭାବେ ଅଭେଟ ଭକ୍ତଭାବେ ପରା ବଶ।
ଏ ମୋର ଗୁହାରି ନ ଶୁଣ କି କରି ଧରିଅଛ କେଉଁ ରୋଷ ।୨।
ବନେକୁ ଏଡ଼ି ଭଗତିକି ଛାଡ଼ି ଅନ୍ୟରେ କି ବଢିଗଲି ।
ପ୍ରଭୁ ଶ୍ରୀଛାମୁରେ ସେବିବା ପୟରେ କି କି ଅପରାଧ କଲି ।୩।
ନ ଶୁଣିଲା ପରି ହେଉଅଛ ହରି ଦେଉଅଛ ଦଣ୍ଡ ସଜା ।
ପାଖରୁ ଅନ୍ତର କରି ନିରନ୍ତର ଦୟାରେ ହେଉଛ ଦୁଜା ।୪।
ନୋହୁଛି କରୁଣା ଅଲେଖ ଅବନା ଯୁଗ ରହିଲାଣି ବାକି ।
ବନବାସ ଘୋରେ ଝାଡ଼ର ଭିତରେ କେତେକାଳ ଥିବ ରଖି ।୫।
ଚିରକାଳ ରଙ୍କ ଆଶା ମୋ ଅନେକ ଜନ୍ମ ଜନ୍ମାନ୍ତରୁ ଦୁଃଖୀ ।
ପ୍ରପାତ ନିଧିକି ସକଳ ସିଦ୍ଧିକି ଅପସ୍ଥୁତ ଯୁଗ ଦେଖି ।୬।
ଖାଇବାକୁ ଅନ୍ନ ପିନ୍ଧିବାକୁ ବସ୍ତ୍ର ସୁଛେ ନ ମିଳୁଛି କିଛି ।
ଅଧମ ଜୀବକୁ ହୀନ ପାମରକୁ କେତେ ଦିନେ ଦୟା ଅଛି ।୭।
ଗମିବି କି ଯୋଗେ ଭଜିବି କି ମାର୍ଗେ ସଦବୁଦ୍ଧି ଜ୍ଞାନ ନାହିଁ ।
ନୋହେ ସାଧୁ ସନ୍ଥ ନୁହଇ ପଣ୍ଡିତ ପ୍ରକୃତ  ଅତିଥି ମୁହିଁ ।୮।
ଆପେ ମଣ୍ଡି ପାର ଆପେ ଖଣ୍ଡି ପାର ବଞ୍ଚାଫଳେ ଉଦେ ରିପୁ ।
ବିଚାରୁଛି ଚିତ୍ତେ ହୃଦୟର ଗତେ ପ୍ରଭୁ ମୋର ବଳ ବପୁ ।୯।
ମହାପ୍ରଭୁ ହୋଇ କର୍ତ୍ତାପଦ ବହି ସକଳ ହେଉଛି ବୃଥା ।
ପିଣ୍ଡ ଦେଇ ପ୍ରଭୁ ମଣ୍ଡନ ଦେଉଛ ଏ ପୁଣି କେବଣ କଥା ।୧୦।
ଭଗତ ଜୀବନ ଦରିଦ୍ରଙ୍କ ଧନ ଅନାଦିତ କୃପାସିନ୍ଧୁ ।
ଆପେ ସାହା ବାହା କରିବାକୁ ଆହା ପ୍ରଭୁ ମୋର ବର୍ଗବନ୍ଧୁ ।୧୧।
ଯେହ୍ନେ ଜଳଧାର ସେହି ପରକାର ଯନ୍ତ୍ରରେ ସୂତ୍ରକୁ ଧରି ।
ଚିଆଁଇ ଚୈତନ୍ୟ ଜୀବ ପରମକୁ ଭେଟାଭେଟି କର ହରି ।୧୨।
ସତ୍ୟ ତ୍ରେତୟା ଦ୍ୱାପର କଳି ଆଦି ଚାରିଯୁଗକୁ ଯେ ଧରି ।
ଭାରା ହରୁ ପୃଥୀ ଆଦି କର୍ମ ରୀତି ଖିର ନିର ପ୍ରୀତି ପରି ।୧୩।
କଳ୍ପଣା ବିଚାରି କାମନା ଉଙ୍କାରି କରିଅଛ ଉଦଯୋଗ ।
ମୁଁ କିସ ଜାଣଇ ପ୍ରଭୁ ସିନା ଜାଣ ହେବ ନ ହେବ ଭୋଗ ।୧୪।
ନ ପାଚନ୍ତେ ଫଳ ଉପୁଜୁଛି ଖଳ ଶତେବ ର ବସି ହାଟ ।
ଯେହେ ଜଳେ ମୀନ ଧିବରରେ ବିନାଦୋଷେ ହୋଏ ନଷ୍ଟ ।୧୫।
ଚିନ୍ତା ଅର୍ଥ ନେଇ ପାଦତଳେ ଥୋଇ କରିଛି ବହୁତ ଆଶ ।
ପିତା ଥାଉଁ ପୁତ୍ର ସଭା ମଣ୍ଡି ଥିଲେ ଜଗତେ ବୋଲିବେ କିସ ?୧୬।
ନୋହୁ ସିଂହାସନ ଯୋଗୀବେଶେ ଦିନ ଯାଉ ପଛେ ଏହି ମତେ ।
ମୋହର ନିମନ୍ତେ ଶ୍ରୀଛାମୁକୁ ନିନ୍ଦା କାହିଁ ପାଇଁ ଅନିମତ୍ତେ ।୧୭।
ସଂସାର ଆଚାରେ ମନର ବିଚାରେ ମାୟାକୁ ଆବୋରି ଦେଖି ।
କିମ୍ବା ହନ୍ତସନ୍ତ ହେବି ଶ୍ରମପଥ କର୍ମେ ଯେବେ ନାହିଁ ଲେଖି ।୧୮।
ଲାଭ ହାନି ବେନି ପ୍ରକାରେ ଲିହିଛି ସବୁକାଳେ ନୁହେ ଚିର ।
ଯେସନେ ବାଳକେ ଶିଷ୍ୟଙ୍କ ମେଳକେ ନିମିଷକ ଖେଳଘର ।୧୯।
ପ୍ରେମେ ପୁଲକିତ ଅଶ୍ରୁଜଳଯୁକ୍ତ କ୍ରୋଧରେ ଗଦଗଦ ।
କପାଳରେ ହସ୍ତ ଦେଇ ଭୀମ ଭକ୍ତ କହେ ତିନିଶତ ପଦ ।୨୦।

## ଷୋଡ଼ଶ ବୋଲି

ଧନରତ୍ନ ମାନ ଆୟ ଆଭରଣ କାହୁଁ ପାଇବି ଲୋଡ଼ିଲେ ।
ବିନା କମାଣିରେ ଆୟ ବ୍ୟୟ ନୁହେ ପୂର୍ବ ସୁକୃତ ନ ଥିଲେ ।୧।
ମାରକଣ୍ଡ ଋଷି ଯାଉଥିଲେ ଭାସି ପୃଥୀ ମହାପ୍ରଳୟରେ ।
ଶ୍ରୀଭୂଜ ବଢାଇ ଦୟାଚିତ୍ତେ ନେଇ ରଖିଲ ଗର୍ଭ ଭିତରେ ।୨।
ସେହିରୂପେ ମୁହିଁ ଭାସି ଯାଉଅଛି ମାୟାଜଳ ସୋହାଡିରେ ।

ହେଉଛି ଦହନ ସମିଧ ଯେସନ କାଳ ଅଗ୍ନି ଆହୁତିରେ ।୩।
ହିରଣ୍ୟ ଦୈତ୍ୟ ଯେ ଶତବାର ବିଧି ପତ୍ରକୁ ମେଲିଲା ଜଳ ।
ଦଧିଭଣ୍ଡରୁ ଲବଣୀ ଯେହ୍ନେ କାଢି ଉଧାରିଲ ଆଦିମୂଳ ।୪।
ସେହି ରୂପେ ମୁହିଁ ଭବସିନ୍ଧୁ ଜଳେ ଭାସି ଯାଉଅଛି ଦେଖ ।
ସଦାନନ୍ଦ ସ୍ୱାମୀ ଉଧରିବେ ବୋଲି ବେଳହୁଁ କରିଛି ଠିକ ।୫।
ଗଜକୁ କୁମ୍ଭୀର ଜଳର ଭିତର ନିର୍ବନ୍ଧେ ଛନ୍ଦିଲା ନେଇ ।
ଶୂନ୍ୟେ ଚକ୍ର ପେଷି ଗ୍ରାହକୁ ନାଶିଲ, ଉଧରିଲ ଭାବଗ୍ରାହୀ ।୬।
ତହିଁରୁ ଅଧିକ ବିପତ୍ତି ସନ୍ତାପ ବେଢ଼ାଇଛି ମାୟାଜାଲ ।
କର୍ମଦେବ ସ୍ୱାମୀ କଟାକ୍ଷରେ ତାହିଁ ନିବାରିବେ କୁଟ ଖଳ ।୭।
ଘୋରବନେ ପ୍ରଭୁ ମୃଗୁଣୀ ଡାକିଲା ଯେଣୁ ପଡିଲା ବିପତ୍ତି ।
ତା ଦୁଃଖ ଫେଡ଼ିଲ ଅରୂପ ଅଖିଳ ପାରିକଲ ହେ ଅଜ୍ୟୋତି ।୮।
ମାୟାଫାନ୍ଦ ପାତି ବିଷୟା ବିପତ୍ତ ଆବୋରିଛି ଚଉଦିଗେ ।
ଚିରାନନ୍ଦ ସ୍ୱାମୀ ଚିରକାଳ ରଖି ନିସ୍ତାରିବା ହେଉ ବେଗେ ।୯।
ଘୋର ବନବାସେ ଜନକକୁମାରୀ ହରିନେଲା ଦଶଶିରି ।
ବାନ୍ଧ ସେତୁବନ୍ଧ ଛେଦି ଦଶକନ୍ଧ ଜାନକୀ ସଙ୍କଟୁ ତାରି ।୧୦।
ସୀତା ଅଶୋକବନେ କଷ୍ଟ ପାଇଲେ ରାବଣ ଉତପାତରୁ ।
ସାଖୀ ହୋଇ ଥରେ ରକ୍ଷା କର ବାରେ ବିସୁଖ ବନ ଭିତରୁ ।୧୧।
ଦ୍ରୁପଦଦୁଲ୍ଲଣୀ ଦୁଃଶାସନ ଆଣି ଉଲଗ୍ନରେ ବଳବନ୍ତ ।
କୋଟିବସ୍ତ୍ର ଦେଇ ଚିତ୍ରକୁ ଘୋଡାଇ ରଖିଲ ତାଙ୍କ ମହତ ।୧୨।
ଦ୍ରୌପଦୀ ପରାୟ କଷଣ ଦେଉଛି କଳିକାଳ ମିଥ୍ୟା ପାପ ।
ଯାଉଅଛି ଭେଦି ପକାଅନା ଛେଦି ଅକଳ୍ପନା ଶ୍ରୁତି ଜପ ।୧୩।
ଜରାସନ୍ଧ ବୀର ଲକ୍ଷେ ରାଜା ବନ୍ଦୀ ଅଗ୍ନିରେ ଦହିଲା ବେଳେ ।
ଅନ୍ତର୍ଯାମୀ ପ୍ରଭୁ ଅନ୍ତର୍ଗତେ ଜାଣି ଉଦ୍ଧରିଲ ଅବହେଳେ ।୧୪।
ଲୋଭ ମୋହ କାମ କ୍ରୋଧ ଅହଙ୍କାର ନିରନ୍ତର ଲାଗି ବାହୀ ।
ଦାନବ ପରାଏ ହୋଇ ଏ ସମସ୍ତ ଧରି ମାରୁଅଛି ସାଧି ।୧୫।
ସୁରଭୀତ ନାରୀ କାରୁଣ୍ୟରେ ଘାରି ସୁର ପ୍ରୀତିରେ ଆକୁଳ ।
ମୂର୍ତ୍ତିକ ଲଭାଇ ପତିରେ ବିଲୋହି ସଙ୍ଗ ଦାରିଦ୍ର୍ୟ ଫେଡ଼ିଳ ।୧୬।
ମୁହିଁ ସେ ପ୍ରକାର ଅନନ୍ତ ଇଶ୍ୱର ଡୁବି କାରୁଣ୍ୟ ଜଳରେ ।
ଆଦି ଦୟାନିଧି କର ସର୍ବସିଦ୍ଧି ଆନନ୍ଦ ସୁଖ-ସାଗରେ ।୧୭।
ଚାରୁଭୀତ ବାମା ନରଧୃତ ହତେ ସନ୍ୟାକୁମାରକୁ ଆଣି ।
ଅନ୍ତର ବେଦନା ଅନ୍ତର୍ଗତେ ଜଣା ବିହିଲ ଅବ୍ୟକ୍ତ ମଣି ।୧୮।
ମୁଁ ଯେ ଅଭଗିନୀ ମୁଢ ପାପୀ ପ୍ରାଣୀ ଆଶା ଲୋଭେ ଅନୁସରି ।
ଦେଖି ମୋ ବିକଳ ଦିଅ ଖଞ୍ଜାମୂଳ ଦିନ ବଞ୍ଚିବ ଯେପରି ।୧୯।
ଗୃହଧର୍ମେ ଥିବି ଅନ୍ୟସ୍ଥା ନୋହିବି ଆଜ୍ଞା ହେଉ ଏହି ବାଗେ ।
ଶ୍ରୀଗୁରୁ ଛାମୁରେ ଭୀମ ଅରକ୍ଷିତ କରପତ୍ର ଯୋଡ଼ି ମାଗେ ।୨୦।

**ସପ୍ତଦଶ ବୋଲି**

ଦୁର୍ଯ୍ୟଧନ ରାଜା ପଞ୍ଚୁପାଣ୍ଡବଙ୍କୁ ଜଉଘରେ ଦେଲ ଭରି ।
ଲୁଚାଇଲ କାୟା ଦେଖାଇଲ ମାୟା ଗୁପତରେ କଲ ପାରି ।୧।
ସତ୍ୟ ଧର୍ମ ମାର୍ଗେ କରୁଣା ସମର୍ବେ ବିପଦକୁ କର କ୍ଷୟ ।
ଫିଟାଅ କଳଙ୍କ ଭୁଞ୍ଜାଅ ସାତୁକ୍ୟ ଜଗତରେ ଠାବ ଦିଅ ।୨।
କେଉଁ ଆଜ୍ଞା ହେବ ଚିରକାଳ ଥିବ ମନେ ଯାହା ଅଛି ଭାବ ।
ଜଗତ ସଂସାର କେହି ନ ଜାଣିବେ ମୁହିଁ ଏକା ଜାଣୁଥିବି ।୩।
ପାଞ୍ଚାଳ ଦେଶରେ ଗୁପତ ଭାବରେ ଲାଖବିନ୍ଧା ଅରଜୁନ ।
ପଞ୍ଚପାଣ୍ଡବଙ୍କୁ ଦ୍ରୋପଦୀଙ୍କ ଦେଇ କଲ ଯୁଦ୍ଧ ଆଃରଣ ।୪।
ଗୁରୁ ଦେବ ସ୍ୱାମୀ ସର୍ବ ଅନ୍ତର୍ଯାମୀ ଅଧିକ କହିବି କେତେ ।
ପ୍ରଭୁ ଶ୍ରୀଛାମୁରେ ମନର ଭିତରେ ମାଗୁଣି ମୋହର ଏତେ ।୫।
ସେବା ଭକ୍ତି ନିଅ ହସ୍ତ ଟୋଳି ଦିଅ କର୍ମସିଦ୍ଧି ବିଧାନକ ।
ଦୟାରେ ବାର୍ଦ୍ଧୁତ କରି ଅବଧୂତ ସନମାନ କରି ରଖ ।୬।
ତ୍ରେତୟା ଯୁଗରେ ରାମ ଅବତାରେ ଅଭିଷେକ ହେବା ବେଳେ ।
ମିଳି ସର୍ବ ଋଷି ଚାହିଁ ରୂପରାଶି ପଞ୍ଚୁମାନେ ବିଚାରିଲେ ।୭।

ତାଙ୍କ କଳ୍ପନା ମନେ ଘେନି ଆପଣ ଆହେ ଅଣରୂପ ଶୂନ୍ୟ ।

ବ୍ରଜନାରୀ କରି ଗୁପତେ ଲଭିଲା ମନବାଞ୍ଛା କଲା ପୂର୍ଣ୍ଣ ।୮।

ମୁହିଁ ସିନା ଅନ୍ତର୍ଗତରେ ଭାବନା କରୁଅଛି ନିରନ୍ତରେ ।

ଚାହିଁ ଦେଲେ ହରି ଯିବି ମୁଁ ନିସ୍ତରି କରୁଣାଜଳ ସାଗରେ ।୯।

କଂସ ଆଜ୍ଞା ଘେନି ପ୍ରଭୁ ବେଣୁପାଣି ପଦ୍ମ ପୁଷ୍ପ ଯାନ୍ତେତୋଳି ।

ଫୁଲ ଶଯ୍ୟାପରେ ଶୟନ ସ୍ଥାନରେ ପାୟରେ ଦଂଶିଲା କାଳି ।୧୦।

ଗରୁଡ଼କୁ ରାଇ ଲୋଡ଼ି ଆଣ ଯାଇ ମନେ ମନେ ବହି ରୋଷ ।

ଶରଣ ବୋଲନ୍ତେ କାରଣ ପାଇଲା କ୍ଷମା କଲ ତାର ଦୋଷ ।୧୧।

ତେତେ଼ ଅପରାଧେ ତାକୁ କ୍ଷମା କଲ ଜ୍ୟୋତିର୍ମୟ ବ୍ରହ୍ମବେତ୍ତା ।

ଏକାନ୍ତ ପୟରେ ପଶୁଚି ଶରଣ ବୁଝ ମୋ ବିନତି କଥା ।୧୨।

ମାୟାର ପ୍ରମୋଦେ ମୃଗୟା ବିନୋଦେ ଅଙ୍ଗେ ଘାତ କଲା ଜାର ।

ପେଶି ବିଷ୍ଣୁଦୂତ ନେଲ ସ୍ୱର୍ଗପଥ ଖଣ୍ଡି ଅପରାଧ ଭାରା ।୧୩।

ମଞ୍ଚେ ଦେହ ଧରି ଯୋଗ ଲୟେ କରି ଆହେ ନୀଳଗିରିବାସୀ ।

ନାମ କିଣି ଶାହାସ୍ର କିଣି ବଖାଣି ଜନ୍ମଜନ୍ମାନ୍ତରେ ଦୋଷୀ ।୧୪।

ମୁଁ ଯେ ନିରନ୍ତରେ ପଡି ଦୁଃଖଘୋରେ ଶୂନ୍ୟବାନା ଛାୟା ତଳେ ।

ତରିବାକୁ ଆଶା କରିଛି ଭରସା ଆଶୀର୍ବାଦ ନାବ ଜଳେ ।୧୫।

ଲେଖି ଚିତ୍ରପଟ କରି ନଟକୂଟ ଯେସନେକ ରଙ୍ଗ ଢାଉ ।

କାରୁଣ୍ୟ ଜଳରୁ ତାରଣ ହେବାକୁ ବୁଦ୍ଧି ଦିଶୁ ନାହିଁ ଆଉ ।୧୬।

ଡାଳକୁ ସିଞ୍ଚାଡ଼ି ମୂଳକୁ ଉପାଡ଼ି ବହୁଅଛି ମହାଗାଢେ ।

ଚକ୍ରପ୍ରାୟେ ପାଣି ପକାଇ ଖୋଳିନି ଧରି ଝିଙ୍କୁଅଛି ଦୃଢେ ।୧୭।

ପ୍ରଭୁଭକ୍ତ ଯେତେ ଭଜୁଛନ୍ତି ନିତ୍ୟେ ରାମନାମେ ଚିତ୍ତ ଦେଇ ।

ମେଳଛ ପତିତ ପାମର ଏ ଜୀବ ଉଧାର ହେବାର ପାଇଁ ।୧୮।

ବାଳୁତ ଅଜ୍ଞାନ ଛନ ଛନ  ମନ ଖେଳରସେ ଚିତ୍ତ ସ୍ମରି ।

ସଂସାର ସାଗରୁ ପାରି ହେବି ବୋଲି ସାଧୁଜନ ପାଦ ଧରି ।୧୯।

ଗୁରୁଦେବ ବିନୁ ମୋକ୍ଷ ନୋହେ ତନୁ ଅନ୍ୟରେ ଭରସା ନାହିଁ ।

ପ୍ରଭୁପାଦ ଧ୍ୟାଇ ଭଣେ ଭୀମ ଭୋଇ ହେତୁ ଘରେ ନାମ ଥୋଇ ।୨୦।

## ଅଷ୍ଟାଦଶ ବୋଲି

ପାପପଙ୍କେ ମନ ବୁଡ଼ ଅନୁକ୍ଷଣ ନାହିଁ ସଦଜ୍ଞାନ ଗତି ।

ନର ଦେହ ବହି କେ ପାରିବ କହି ପ୍ରଭୁଙ୍କ ମହିମା ରୀତି ।୧।

ଅଣରୂପ ଶବ୍ଦ ନାହିଁ ବର୍ଣ୍ଣ ଭେଦ କେହୁ ମୁଖେ ବଖାଣିବ ।

ନିରାମିଷ ନିଅଇଁଠା ସେହୁ ପଦ ଓଲଟଇ ନାହିଁ ଜିଭ ।୨।

କାମନା କଳ୍ପନା ଶ୍ରୁତି-ସୁମରଣା ବର୍ଣ୍ଣିବାକୁ ଅଛି କାହିଁ ।

ଜ୍ଞାନ ବେନି ଚକ୍ଷୁ ଏକା ମାତ୍ର ସାକ୍ଷୀ ଚର୍ମ ନେତ୍ର  ଦିଶୁ ନାହିଁ ।୩।

ନିରନ୍ତର ଶ୍ରମି କେ ପାରିବ ଗମି ନାସା ପବନେ ଭଜନା ।

ଅନାଦି ଅଶେଷ ଆକାରେ ନ ମିଶି ଅବିକାର ତା ବାସନା ।୪।

ମାୟା ମୋହ ଦ୍ୱନ୍ଦ୍ୱୀ ପଡିଛନ୍ତି ବନ୍ଦୀ କେ ଅବା ତାକୁ ଜାଣୁଛି ।

ଚଉଦ ଭବନେ ସଂସାର ସାଗରେ ମୀନ ପ୍ରାୟ ଚହଟୁଛି ।୫।

ଅତି ଯତନରେ ମାୟା ଯୋନି-ଜାଲ ଶତେ-ପୁର ଅଛି ଛନ୍ଦି ।

ଜୀବ ପରମ ଜନମ ମୂଳକୁ ଧରି ବାମ କରେ ଅଛି ବାନ୍ଧ ।୬।

ଶୂନ୍ୟର ପୁରୁଷ ଶୂନ୍ୟରେ ତା ବାସ ଚଉଦ ଭୁବନେ ଭେଦି ।

ଘୋଟିଛି ଆବୋରି ଯେସନେକ ବାରି ନାହିଁ ଯାର ଅନ୍ତ ଆଦି ।୭।

ରୋମ ଚର୍ମ ପ୍ରାୟେ ଆବୋରିଛି କାଏ ନାହିଁ ଯାର ରୂପ ଛାଇ ।

ଦୁଃଖ ବ୍ୟାଧିମାନ ଅଙ୍ଗରେ ପୀଡ଼ନ୍ତେ କରୁ ଥାଇ ହାଇ ହାଇ ।୮।

ଯେ ଯେଉଁରେ ଥିଲେ କର୍ମ ଯୋଗବଳେ ଭେଟାଭେଟି ହେଲେ ଆସି ।

ପିତା ମାତା ପିଣ୍ଡ ବିଚାରୀ ସଞ୍ଚିଲେ ଦ୍ୱିତୀ ଯୁଗଳରେ ବସି ।୯।

ଏକ ଅଙ୍ଗ ବେନି ଅଙ୍ଗ ଏକ ଅଙ୍ଗ କରି ଏକାନ୍ତେ ମିଶାଇ ।

ବରଷା ଋତୁରେ ଜଳ ସୋହତିରେ ଯେସନେକ ବଢି ନଈ ।୧୦।

ମାତା ପ୍ରେମ ପସରା ହାଟ ବସାଇ ପରମକୁ କିଣି ନେଲେ ।

ବଣିଜର ବୁତା ନିତ୍ୟେ କରି ପିତା ବ୍ରହ୍ମକୁ ସହିତେ ଦେଲେ ।୧୧।

ପ୍ରଭୁ ସେବାକାଳେ ପୁଣ୍ୟ ଯେତେବେଳେ ଧର୍ମକୁ ହୋଇଲା ହିତ ।

କୋଟିଜନ୍ମ ତପ ବାସନାର ବଳେ ଏ ପିଣ୍ଡ ହୋଇଛି ଜାତ ।୧୨।

ଚିଆଁ ଚଇତନ ପଞ୍ଚଆତ୍ମା ମନ ବିଅର୍ଥେ ପଡୁଛି ହୁଡି ।

କାଳକ ଅନ୍ତରେ କୁମ୍ଭୀ ନରକରେ କୋଟି ଜନ୍ମ ଥିବ ପଡ଼ି ।୧୩।

ଛାଡ଼ିଗଲେ ଜୀବ ଅକାରଣ ହେବ ଏ ପିଣ୍ଡ ପଡିବ କାହିଁ ।

ସ୍ୱର୍ଗେ ଦେବଗଣ ସ୍ତୁତି କରୁଛନ୍ତି ଏ ଦୁର୍ଲଭ ଜନ୍ମ ପାଇଁ ।୧୪।

ଛେଦିବାକୁ ଦୁଃଖ ଲଭିବାକୁ ସୁଖ ମନେ କଲି ଯେତେ ବାଞ୍ଛା ।

ଅବିବେକ ବିହି ଦଶା ଅଛି ଲିହି ପ୍ରତିଦିନ ଦୋଦୋ ପଞ୍ଝା ।୧୫।

ନିରନ୍ତରେ ଭସ୍ମ କରାଉଛି ବିଘ୍ନ ଅସ୍ଥିମାଂସ କରି ଲୋଚା ।

ସମସ୍ତ ଲୋକ ପକ୍ୱଫଳ  ପାଇଲେ ମୋ ଭଗ୍ୟେ ପଡିଲା କଞ୍ଚା ।୧୬।

ପ୍ରସାରନ୍ତେ ଅଣ୍ଟି ତୋଳିଦେଲେ ବାଣ୍ଟି ପାଇଲେ ସାରିଆ ପଡି ।

ଥିଲା ମୋ କର୍ମରେ ପୂର୍ବ ଅଧର୍ମରେ ଖୁଦ ମଲଖୁ ଧାନ ଗୋଡ଼ି ।୧୭।

ସେ ଯେତେକ ପଡି କର୍ମକୁ ଆଦରି ଭୁଞ୍ଜନ୍ତେ ହୋଇଲା ବୃଥା ।

ପାଟିରେ ନ ପଡ଼ି ହସ୍ତୁ ଗଲା ଝଡି କରେ ସ୍ୱାଦୁ କରେ ପିତା ।୧୮।

ଜନ୍ମ ଫନ୍ଦାବୃତ୍ତ ଜଗତର ରୀତ ଆପକୁ ନୋହିଲା ହିତ ।

ଲଲାଟ ପଟେ ଅପକର୍ମକୁ ଦେଖି ଏହା କଲୁ ହୋ ବିଧାତା ।୧୯।

ଶୋକ ସନ୍ତାପରେ ଡୁବି ଚିନ୍ତାଜ୍ୱରେ ପୁଣି ପୁଣି ପଦ ବନ୍ଦେ ।

କପୋଳରେ ହସ୍ତ ଦେଇ ଭୀମ ଭକ୍ତ ଶ୍ରୀ ଗୁରୁ ସୁମରି କାନ୍ଦେ ।୨୦।

### ଊନବିଂଶ ବୋଲି

ବିଚାରି ଆଣନ୍ତେ ବେଭାର ବୁଝନ୍ତେ ଅଧିକେ ଉଠୁଛି କୋହ ।

ପଞ୍ଚଭୂତ  ଆତ୍ମା କ୍ଷଣେ ସୁସ୍ଥ ନାହିଁ ପୋଡି ଯାଉଛି ହୃଦୟ ।୧।

ମୁଁ ଯେ ଏତେ ସରି ହେଉଅଛି ହରି କିପାଁ ନ କରୁଛ ଦୟା ।

ପାଞ୍ଚ ମନ ପଞ୍ଚ ଅଗ୍ନିରେ ପୋଡୁଛି ଯେସନେ କୁରାଳ ଉହା ।୨।

ବିଚାର ନ ପଡ଼ି କହୁଥାନ୍ତି ବଡି କା କର୍ମ କେ ଖୋଳି ନେବ ।

ପ୍ରଳୟକାଳରେ ସଂଯୋଗ ବଳରେ ଥାଇ ଯାକୁ ଯେଉଁ ଯୋଗ ।୩।

ସମୁଦ୍ର ପରାଏ କୃପାଜଳ ମଏ ଅନାଥ ଲୋକର ନାଥ ।

ଅକର୍ମ ପସରା ଖଣ୍ଡିବାକୁ ଭାରା ଗୁରୁଦେବ ସାମରଥ ।୪।

ରଙ୍ଗ କଳା ଧଳା ଏକତ୍ରେ ମିଶିଲା ଝାବୋଡ଼ା ହୋଇଛି ଧାନ ।

ଭିନ୍ନ ଭିନ୍ନ କରି ପକାଇବେ ବାରି ଗୁରୁ ଦେବ ଥିଲେ ଧନ୍ୟ ।୫।

ବାହ୍ୟକୁ ଲଗାଇ ଲଜ୍ଜାକୁ ଜଗାଇ ମିଛ ପସରାକୁ ସାର ।

ମହାକାଳଫଳ ବାହାରେ ସୁନ୍ଦର ଭିତରେ ପୋଡ଼ା ଅଙ୍ଗାର ।୬।

ମହିମା ସାଗର ବାନା ତିନିପୁର ଧୁନି ଯେବେ ଅନାହତ ।

ବଚନ ନ ମେଣ୍ଟି ପାଦତଳେ ଖଟି ଶତ୍ରୁ ଆସି ହେବ ମିତ ।୭।

ସର୍ବଠାରୁ ଆସି ଏକାନ୍ତରେ ମିଶି ଗୋଳିଆ ହୋଇଛି ପାଣି ।

ଆଦି ଅବଧୁତ କରିବେ ପବିତ୍ର ଜ୍ଞାନ ଖଡଗରେ ହାଣି ।୮।

ମୁଁ ଯେବେ କପଟେ ବିଷୟା ଲମ୍ପଟେ ଅଛି ଯେବେ ନାନା ଦୋଷେ ।

ଏଥିକି ଚାହିଁ ବିଚାର ମହାପ୍ରଭୁ ଯେବା ଦଣ୍ଡ ଶାସ୍ତି ଦିଶେ ।୯।

ପରହଂସକ ପରବାଦ ରମଣୀ ଧନ ସଧେ ଯେବେ ଅଛି ।

ସତ୍ୟାନନ୍ଦ ସ୍ୱାମୀ ଆହେ ଶୂନ୍ୟଛାନ୍ଦ ସଂଶୟ ନ ରକ୍ଷା କିଛି ।୧୦।

ଧ୍ୟାନଯୋଗେ ବସି ଦର୍ଶନ ନିବେଶି ନାମ ବ୍ରହ୍ମେ ଥିଲେ ଚିତ୍ତ ।

ଶ୍ରୀଗୁରୁଦେବ ଯାକୁ କୋପ କରିବେ ହୋଇଯିବ ଭାସ୍ମିଭୂତ ।୧୧।

ପୋଡୁଅଛି ଆତ୍ମା ହୋଇବାକୁ କ୍ଷମା ଶାନ୍ତି କରାଇବ କେହୁ ।

ପିଣ୍ଡ ଆଦି ତିନି ବ୍ରହ୍ମାଣ୍ଡ ପୋଡିଲେ ସମ୍ଭାଳି ନୋହିବ ଆଉ ।୧୨।

ତିମିରି ଅନ୍ଧାର କରି ମହାଘୋର ଘୋଟିଲାଣି ତିନିପୁର ।

ଧନ ଦେଖି ମନକୁ ବଳାଇ ଦେଲେ ସାଧୁ ତ ହେଲେଣି ଚୋର ।୧୩।

ଦେଖ ଦେଖ ଭାସି ଗଲି ବ୍ରହ୍ମରାଶି ଶୋଲ ପେଣ୍ଡି ଦିଅ ଫିଙ୍ଗି ।

ସଂସାର ଆତଯାତ ଯେଉଁ ନାବରେ ସେ ନାବ ଲୋଡ଼ିଲେ ବେଗି ।୧୪।

ଅଣକିଳଣି କବାଟ ତଳେ ଥାଇ ଜଣାଉଛି ବାରମ୍ବାର ।

ପ୍ରଳୟ ଜଳରେ ଡୁବିଗଲେ ପିଣ୍ଡ ଦୋଷ ନ ଧରିବ ମୋର ।୧୫।

ଆଲୋ ହେବ ପୃଥୀ ରହିବ କୀରତି ଯାର ତେଜ ଛାୟାରୂପ ।

ଅନ୍ଧାରେ ଲୁଚିବୁ ବୋଲୁନ୍ତି ନରେ ଲିଭାଇ ଅଛନ୍ତି ଦୀପ ।୧୬।

ପଣ ଧନେ ବଡ଼ ହେଉଛନ୍ତି ଗାତ ଭବକୁପେଛନ୍ତି ପଡ଼ି ।

ମାୟାରେ ବଞ୍ଚିତ ହୋଇ ଏ ସମସ୍ତ ସତ୍ୟାଦି ଧର୍ମକୁ ଛାଡି ।୧୭।

ମୁଁ ଯେ ସତ୍ୟଧର୍ମ ପାଳିବି ବୋଲନ୍ତେ ମନେ କରାଉଛି ଚିନ୍ତା ।

ବ୍ରହ୍ମହାଣ୍ଡିରେ ଅନ୍ନ ମୁଠାଏ ଦେଇ ଭଜନ୍ତେ କରୁଛି ପିତା ।୧୮।

ମୁହିଁ ସିନା ଜାଣିଥିଲି ବ୍ରହ୍ମଭଣ୍ଡେ ପକ୍ୱ ନ ହେଉଛି ପାକ ।

ପଞ୍ଚୁଭୁତ ଆତ୍ମା ପ୍ରତିବୋଧ କରି ଆଦରି ନିଜ କର୍ମକ ।୧୯।

ଛଡ଼ରସ ପାକ ଭୁଞ୍ଜିଯିବାକୁ ଯୋଗ କରୁଥିଲି ବହୁ ଆଶ ।

ଆପେ ମଣ୍ଡିଥିଲ ଆପ ଖଣ୍ଡିଦେଲ କହେ ଭୀମ ଭକ୍ତ ଦାସ ।୨୦।

**ବଂଶ ବୋଲି**

ଜଣାଇଲି ଯେତେ ତୁମ୍ଭ ପାଦଗତେ ବୋଇଲ ମୋତେ ବୁଝିବା ।

ମହିମା ମହିମା ବୋଲିବାକୁ ସ୍ୱାମୀ ଭାଙ୍ଗୁଛ ମୋର ଗାରିମା ।୧।

କିରସ୍ତାନ ବୋଲି ଦେଉଛନ୍ତି ଗାଳି ନିନ୍ଦା କରୁଛଣି ଲୋକ ।

ଅଲେଖ ଅଲେଖ ବୋଲିବାକୁ ସ୍ୱାମୀ ଦେଉଛି ଦୁର୍ଦ୍ଦଣ୍ଡ ଦୁଃଖ ।୨।

ବସନ ପରାଏ ଘୋଡ଼ାଇଛି କାଏ କଳଙ୍କ ପାପ ବକଳ ।

ସତ୍ୟ ଧର୍ମ ସତ୍ୟ ଧର୍ମ ବୋଲିବାକୁ ନିନ୍ଦୁଅଛନ୍ତି ସକଳ ।୩।

ଜଗତର ହିତେ ବାନ୍ଧଲଇଁ ଗୀତେ ମୋ ମନକୁ କରି ସତ ।

ଅବଧୁତ ଅବଧୁତ ବୋଲିବାକୁ ବୋଇଲେ ବାବନାଭୁତ ।୪।

ମୁକତି ପସରା ଦିଗଦିପାନ୍ତର ବୋଲାଇଲେ ଭକ୍ତେ ନେଇ ।

ଅଣାକାର ଅଣାକାର ବୋଲିବାକୁ ଅଣାଇଁ ଦେଖିଲେ ନାହିଁ ।୫।

ଅଜ୍ଞାନେ ବହୁତ ବୁଡ଼ିଅଛି ଚିତ୍ତ ଉଚ୍ଚପଦେ ଉତପାତ ।

ନିଷ୍କାମ ନିଷ୍କାମ ବୋଲିବାକୁ ସ୍ୱାମୀ ନିଶେ ଦେଉଛନ୍ତି ହାତ ।୬।

ନିଜ ନାମ ନିନ୍ଦି ମାରୁଛନ୍ତି ବାନ୍ଧି ହୋଇଲେଣି ଅପରାଧୀ ।

ନିର୍ଗୁଣ ନିର୍ଗୁଣ ବୋଲିବାକୁ ସ୍ୱାମୀ ଗ୍ରାମରୁ ଦେଲେଣି ଖେଦି ।୭।

ନେଉଛନ୍ତି ଜାତି ନାହିଁ ଜ୍ଞାନ ଗତି ଆପେ ପାଞ୍ଚୁଛନ୍ତି ବୁଦ୍ଧି ।

ନିର୍ବେଦ ନିର୍ବେଦ ବୋଲିବାକୁ ସ୍ୱାମୀ ଲାଗି ବସୁଛନ୍ତି ବାଦୀ ।୮।

ପୋଥି ଗାଇ ଥୋତି ହେଉଛନ୍ତି ନିତି ନ ପାଇ ଜ୍ଞାନର ଗତି ।

ଏକ ବ୍ରହ୍ମ ଏକ ବ୍ରହ୍ମ ବୋଲିବାକୁ ମାୟା ଭ୍ରମ ବୋଲୁଛନ୍ତି ।୯।

ଗୁରୁ ଆଜ୍ଞା ଘେନି ହୁଅ ବ୍ରହ୍ମଜ୍ଞାନୀ ନିବାରି କଳି ମିଥ୍ୟାକ ।

ନାମ ଭଜ ନାମ ଭଜ ବୋଲିବାକୁ ଭାଙ୍ଗି ଯାଉଛନ୍ତି ଲୋକ ।୧୦।

ସଂସାରସାଗରେ ଏ କଳିଯୁଗରେ ଧୁନି ସ୍ଥାପିଛନ୍ତି ଗୁରୁ ।

ଧୁନି ଦେଖ ଧୁନି ଦେଖ ବୋଲିବାରୁ ଭାଙ୍ଗି ଯାଉଛନ୍ତି ଦୂରୁ ।୧୧।

କି ଧର୍ମ ଏ ହେଲା ଜଣା ତ ନ ଗଲା କହ ସୁଣିଥାଉ ବେଳେ ।

ମହିମା ମହିମା ବୋଲିବାକୁ ସ୍ୱାମୀ ମହୁରା ବିଷ ମଣିଲେ ।୧୨।

ମୂର୍ତ୍ତବନ୍ତ ତେଜ ଠାକୁରଙ୍କୁ ଭଜ କାହିଁ ତୋର ଗୁରୁ ଦେଖା ।

ଅରୂପା ଅରୂପା ବୋଲିବାକୁ ବୋଲେ ଆସି ରଖୁ ତୁମ୍ଭ ବାପା ।୧୩।

ଖେଦ ଏ ସ୍ଥାନରୁ ରଖୁ ତାଙ୍କ ଗୁରୁ ସାତ ପାଞ୍ଚ ଏକ ମେଳେ ।

ଅଜପା ଅଜପା ବୋଲିବାକୁ ସ୍ୱାମୀ ଅଛବ ଜାତି ବୋଇଲେ ।୧୪।

କାହିଁ କାହିଁ ଥିଲେ ବାହାର ହୋଇଲେ ଯହୁଁ ନ ମିଳିଲା ଭାତ ।

ଏକାଙ୍ଗ ଭଗତି ବୋଲିବାରୁ ବୋଲେ ଅଧମ ଏ ଅରକ୍ଷିତ ।୧୫।

କରି ଠକପଣ ନେଉଛନ୍ତି ଦିନ ଘୋର ଯୁଗ କଳିକାଳେ ।

କାରଣ କର୍ତ୍ତାକୁ ଲାଭ ବୋଲିବାରୁ କର୍ଣ୍ଣପିଚାଶୀ ବୋଇଲେ ।୧୬।

ଶାସ୍ତ୍ରେ ବୁଝି ବସ ଏମନ୍ତ ଭବିଷ୍ୟ କେଉଁ ବେଦେ ଅଛି ଏହା ।

ତାଙ୍କ ଗୁରୁ ଜାତି ପଠାଣ ଅଟନ୍ତି ବୋଇଲେ ଖପରାଖିଆ ।୧୭।

ନ ଦିଅରେ ଠାବ ମୁଢ ପାପଜୀବ ଦେଖିଲେ ଦୁରୁ ନିବାର ।

ସମ ଦିକ୍ଷା ସମ ଦିକ୍ଷା ବୋଲିବାକୁ ବୋଇଲେ ଶ୍ୱାନ କୁକୁର ।୧୮।

ଏ ବାଚନ ଶୁଣି ମନେ ମନେ ଗୁଣି ବେନି ପାଦ ନ ଚଳଇ ।

ଯହିଁ ଗଲେ ତହିଁ ଉଦଣ୍ଡ ଏ କଲେ ପ୍ରଚରିବୁ ଆମ୍ଭେ କାହିଁ ।୧୯।

ଅଜ୍ଞାନୀଙ୍କୁ ବିଷ ଭାଗତଙ୍କୁ ରସ ସୁଜ୍ଞାନୀ ଜଣଙ୍କୁ ଭେଦ ।

ଭଣେ ଭୀମ କନ୍ଧ ସ୍ୱାମୀ ଶୂନ୍ୟଚାନ୍ଦ ଠିକ ଚାରିଶତ ପଦ ।୨୦।

### ଏକବିଂଶ ବୋଲି

ଆହୁରି ରହିଲା ବର୍ଣ୍ଣନ ସାରିଲା ସଂସାର ବିଷୟ କଥା ।

ଲେଖନ ପତର ଧରି ନିରନ୍ତର କେତେ ମୁଁ କରିବି ପୋଥା ।୧।

ବାଲୁତ କାଳରୁ ଜାଣୁଅଛ ସ୍ୱାମୀ ଏ ମୋ ଦୂରଦଣ୍ଡ ଦୁଃଖ ।

ହୃଦପଦ୍ମେ ଚିନ୍ତା କରି ଅପ୍ରମିତା ଦଣ୍ଡେ ନାହିଁ ମୋର ସୁଖ ।୨।

ଜନମ ଦିନରୁ ଦୁଇ ବରଷରୁ ବସିଲାକ ହେତୁ ବୁଦ୍ଧି ।

ପଞ୍ଚୁମନେ ଆସି ଭେଦଗଲା ପଶି ଜୀବନ ହେଉଛି ଶୋଧି ।୩।

ଏକା ହୋଇ ମୁହିଁ ବସିଥିଲେ ଯହିଁ  ମନେ ପଡ଼ିଗଲେ କଥା ।

ପଞ୍ଚଭୂତ ଆତ୍ମା ଦଗଧି ହୁଅଇ ବୁଡ଼ି ଯାଉଅଛି ଚେତା ।୪।

ବିଚାରୁଥାଇ ହୃଦୟରେ ମନକୁ ଦୁଲର୍ଭ ଜନମ ଦେହୀ।

କୋମଳ ଶରୀର ପିଣ୍ଡ ଗୋଟା ମୋର ଜୀବ ପରା ପୁଣ ବହି ।୫।

ମେଦ ମେଦା ପୃଥୀ ଦେହ ବହିଛନ୍ତି ତରୁ ଅଛନ୍ତି କି କରି ।

ଚାହିଁ ଆକାଶକୁ ଭଲାଇ ମନକୁ ଦେହ ଯାଉଥାଇ ମରି ।୬।

ଚାରିବରଷ ସମ୍ପୂର୍ଣ୍ଣ ସମୟରେ ଦେଖାଥିଲା ଜ୍ୟେଷ୍ଠମାସେ ।

ନିର୍ବେଦ କର୍ମେ ଯୋଗୀ ପୁତ୍ର ଗୋଟିଏ ଭ୍ରମୁଥିଲେ ଗ୍ରାମ ଦେଶେ ।୭।

କଷା କଉପୀନ ଚଢାଇ ସେ ପୁଣି ଦିଶୁଥାନ୍ତି ଅପ୍ରଚ୍ଛନ୍ନ ।

ବେନି ଭୁଜରେ ପ୍ରତକ୍ଷେ ଦେଖିଅଛି ଥିଲା ଶଙ୍ଖ ଚକ୍ର ଚିହ୍ନ ।୮।

ଦୁଇ ପଛା ଦାଣ୍ଡେ ବିଜେ କରି ସ୍ୱାମୀ ହସ୍ତରେ ଖପରା ଧରି ।

'ଦିଅ ମାତା''ଦିଅ ମାତା' ବୋଲୁଥିଲେ ଅନ୍ନଭିକ୍ଷା ଗୋଟା ଚାରି ।୯।

ତେତେବେଳେ ମୁହିଁ ପାଶେ ଠିଆ ହୋଇ ଅଳପ ମୁଁ ଅଛି ଜାଣି ।

ଥାଳ ଘେନି ସ୍ୱାମୀ ଆପେ ମାଗୁଥିଲେ ଦିଅ ବାବୁ ମୋତେ ପାଣି ।୧୦।

ସାତ ପାଞ୍ଚ ହୋଇ ମୁଖ ଚୁହାଁଚୁହିଁ ଯହୁଁ ଅମାନିଆ ହେଲେ ।

'ଧର୍ମ''ଧର୍ମ' ବୋଲି ତେଣୁ କରି ସ୍ୱାମୀ ସେଠାବରୁ ଚଳିଗଲେ ।୧୧।

ସେ ସମୟ କଥା ହୃଦେ କରି ଚିନ୍ତା ଜୀବନ ଯାଉଛି ପୋଡ଼ି ।

ପଞ୍ଚଭୂତ ଆତ୍ମା ନିତ୍ୟେ କାନ୍ଦୁଅଛି ଚିଆଁ ଚଇତନ ବୁଡି ।୧୨।

ସେ କଥାମାନ ଏବେ ମନେ ପଡ଼ିଲେ ହୃଦୟ ହେଉଛି ଯାହା ।

ଦେହ ପୁଲକିତ ହୋଇ ଉତ୍କଣ୍ଠିତ ଚମକି ଉଠୁଛି ହିଆ ।୧୩।

ଏହି ପିଣ୍ଡ ପ୍ରାଣ ବହି ସାହି ଥାଇ ଦୁଃଖ ସୁଖ ଯଥା ଅର୍ଥ ।

ତହିଁ ଉତ୍ତରୁ ଦିବସ ବହିଗଲା ହୋଇଲା ବରଷ ସାତ ।୧୪।

କ୍ଷୁଧା ତୃଷା କଲେ ଭାଲଇବିକଳେ ଦଗଧି ହୁଅଇ କାଏ ।

ଅତି ଦୁଃଖେ ମୁହିଁ ଦିନ ବଞ୍ଚୁଥାଇ କଷ୍ଟୁରୀ ଜୀବନ ପ୍ରାଏ ।୧୫।

ଗର୍ଭଧାରୀ ପିତା ଛାଡ଼ିଗଲେ ମୋତେ  ଜନ୍ମରୁ ନିସାଖା ହୋଇ ।

ସୁଛେ ଭୋଜନ ସୁଖଭୋଗ ବାଞ୍ଛିଲେ କାହିଁରୁ ପାଇବି ମୁହିଁ ।୧୬।

ସପ୍ତ ବରଷରୁ ଅଷ୍ଟମ ନବମ ଦଶମ ଏଗାର ହେଲା ।

ବାର ବରଷରୁ କର୍ମୀ ସଙ୍ଗତେ ବନେ ବୁଲି ଦିନ ଗଲା ।୧୭।

ଆଗ ପଛ କଥା ହୃଦୟରେ ଚିନ୍ତା ପଡ଼ି ପୁଣି ପୁଣି ଆସି ।

ଶୋକ ସନ୍ତାପରେ ରୋଦନ କରଇ ବୃକ୍ଷ ଛାୟାମୂଳେ ବସି ।୧୮।

ଏ ଚରିତ୍ରମାନ ଶୁଣ ସାଧୁଜନ ବୋଲୁଥାଇ ଅବା ବୃଥା ।

ମିଥ୍ୟା କହୁଥିଲେ ଶ୍ରୀଗୁରୁ ଦଣ୍ଡିବେ ନିତ୍ୟ ସତ୍ୟବ୍ରତ କଥା ।୧୯।

ବସ୍ତା ଗଲେ ଚାରି ପଛେ ଅନୁସରି ବୁଲୁଥାଇ ସଙ୍ଗେ ସଙ୍ଗେ ।

କହେ ଭୀମ ଭୋଇ ପୂର୍ବକାଳ କଥା କଚାଡି ହେଉଛି ଅଙ୍ଗେ ।୨୦।

## ଦ୍ୱାବିଂଶବୋଲି

ବୁଲୁଥାଇ ବନେ ନିତି ପ୍ରତିଦିନେ ବସ୍ତାଙ୍କୁ ସଙ୍ଗତେ ଘେନି ।

କ୍ଷୁଧା ତୃଷା କଲେ ଜୀବନ ବିକଳେ ପିଉଥାଇ ଝର ପାଣି ।୧।

ଆକାଶକୁ ଚାହିଁ ମନରେ ଭାଳଇ କରୁଥାଇ ପାଞ୍ଚ ହେଜ ।

ବେଳ ହୋଇ ନାହିଁ ଯିବି ମୁଁ କି ହୋଇ ନ ମିଳିବ ପାଣି ପେଜ ।୨।

ଧନ୍ୟ ଏ ପିଣ୍ଡ ନ ହୋଇ ଖଣ୍ଡ ଖଣ୍ଡ ପଡିଅଛି ଯେତେ ମାଡ଼ ।

ଗାଳି ଦ୍ୱନ୍ଦ୍ୱ ପଛ ଆଡ଼କୁ ପକାଇ ହୃଦ  କରିଥାଇ ଦୃଢ ।୩।

ଲୁହ ନାହିଁ ରକ୍ତ ବହୁଥାଇ ମୋର ଶ୍ରୀହସ୍ତେ ଦିଅଇ ପୋଛି ।

କେହି ନ ଜାଣନ୍ତି ଶ୍ରୀଗୁରୁ ଜାଣନ୍ତି ଯେତେ କଷ୍ଟ ପାଇଅଛି ।୪।

ସେ ସମୟ କଥା ମନେ କଲେ ଚିନ୍ତା କରତି କାଟୁଛି ପିଣ୍ଡ ।

ଉଠୁଅଛି କ୍ରୋଧ ହୋଇ ଗଦ ଗଦବୁକୁରେ ପଡୁଛି କାଣ୍ଡ ।୫।

ବାର ଠାରୁ ତେର ଚଉଦ ବରଷ ବହିଗଲା ଏହି ରୂପେ ।

ମନ ଜାଣୁଅଛି ଅନ୍ତର ବେଦନା ଦହିଯ ହୋଇ ସନ୍ତାପେ ।୬।

ହାଇ ଘନ ଘନ ଅଖି  ଥନ ଥନ ପଡିଛି ଚିନ୍ତା ସମୟ ।

ଜୀବନ ମୋର ଛିଡି ପୋଡ଼ି ଯାଉଛି ଅଗ୍ନି ଉଠୁଅଛି ଦେହ ।୭।

ଚଉଦିଗ ଚାହିଁ ମନରେ ଭାଳଇ ଲଲାଟରେ କର ମାରି ।

ଆହାରେ ଦାରୁଣ ଦଇବ ବିଧାତା କରିଗଲ ଏତେ ସରି ।୮।

କରେ ପଡ଼ି କରେ ସଢି ଯାଉଅଛି ତର ତର ହୋଇ ଚିତ୍ତ ।

ପାପ ଦୁଃଖଭାର ନ ଖଣ୍ଡଲେ ମୋର ଅଣାକାର ଅବ୍ୟକତ ।୯।

ସ୍ଥିତି ବସ୍ତି ନାହିଁ ପ୍ରଚରିବି କାହିଁ ସାଙ୍ଗ ସାଥୀ ସାଖା ନାହିଁ ।

ତଳକୁ ଶିର ଉପରକୁ ପୟର ମଧେ ମାରୁଛି ଝୁଲାଇ ।୧୦।

ଶୂନ୍ୟକୁ ଅନାଇ ରହିଅଛି ମୁହିଁ କି ରୂପେ ଧରିବି ଦେହୀ ।

କେଉଁ ଡାଳ ଧରି ପାରି ହୋଇ ଯିବି ହାତ ଗୋଡ଼ ଯାଉ ନାହିଁ ।୧୧।

ଶ୍ରୀଗୁରୁ ବଚନ ପାଷାଣର ଗାର କଲେ ମୁହିଁ ଛିନ୍ନ ଭିନ୍ନ ।

ରୋମା ଚର୍ମେଭେଦି ଅଷ୍ଟାଙ୍ଗଶରୀର ଅସ୍ଥି ମାଂସ ହେବ ଭିନ୍ନ ।୧୨।

ବିଚାରୁ ଥାଇ ହୃଦରେ ମନକୁ ଅଲେଖ ବ୍ରହ୍ମକୁ ଧାୟୀ ।

ଏଡ଼େ ପ୍ରଭୁ ଥାଇ ଅଣାଦାର କଲେ କାହାର ହୋଇବି ମୁହିଁ ।୧୩।

ବଚନକୁ ଜଗି ପାଦପଦ୍ମେ ସେବି ସେବା ଭକ୍ତ ଦାନ ଦେବି ।

ପିଣ୍ଡ ପ୍ରାଣ ମୋର ସମର୍ପଣ କରି ନିଜ ଅଙ୍ଗେ ଲୀନ ହେବି ।୧୪।

ପ୍ରଭୁ ସଙ୍ଗେ ସଙ୍ଗେ ଲାଗିଥିବି ଅଙ୍ଗେ ଦୟା ଯେବେ ମୋତେ ହେବ ।

ସ୍ୱାମୀ ସେବା ବିନୁ ନ ଯୋଗାଏ ଆଉ ଜୀବ ଯେତେ ଦିନ ଥିବ ।୧୫।

ଜନ୍ମ ଜନ୍ମାନ୍ତରେ ଯୁଗଯୁଗାନ୍ତରେ ଖଟିଥିବି ପାଦତଳେ ।

ଦାସ ପଣେ ସେବି ଏକାକ୍ଷର ରୂପ ଦେଖୁଥିବି ସଦାକାଳେ ।୧୬।

ଶ୍ରୀଗୁରୁ ପୟର କୋଟି ନମସ୍କାର ମୁର୍ଛିନ ନ ପାରଇ ଦଣ୍ଡେ ।

ପାଖରୁ ଅନ୍ତର ହେଲେ ସତ୍ୟବ୍ରହ୍ମ ବଜ୍ର ପଡୁଥାଇ ମୁଣ୍ଡେ ।୧୭।

ପିତା ମାତା ଦୁଇ ଯୁଗଳରେ ଯାଇ କଲେ ଅବନୀରେ ଜାତ ।

ପୂର୍ବକାଳ ଘୋର ତପସ୍ୟା ପୂର୍ଣ୍ଣରୁ ହୋଇଲି କବି ପଣ୍ଡିତ ।୧୮।

ଜନନୀ ଉଦର ଗୋପ ମଧୁପୁର ପାସୋର ନ ଯାଏ ଚିତ୍ତ ।

ମାତୃଗର୍ଭଗତେ ପାଠ ପଢ଼ିଥିଲେ ଟିକେ ଟିକେ ଅଛି ହେତୁ ।୧୯।

ସତ୍ୟରେ ମରିବି ସତ୍ୟରେ ତରିବି ଏହି ଆଜ୍ଞା ମୋତେ ହେଉ ।

କହେ ଭୀମ ଭୋଇ ଏ ମୃତ୍ୟମଣ୍ଡଳେ ଯଶ ଅପଯଶ ଥାଉ ।୨୦।

### ତ୍ରିୟୋବିଂଶ ବୋଲି

କଷାବାସ ପରିହରିଣ ଶ୍ରୀଅଙ୍ଗେ କାରୁଣ୍ୟ ମୂରତି ସାଜେ ।

ପୁରୁଷ ରତନ ଜୀବନର ଧନ କୋଟି କଳା ଧରି ବିଜେ ।୧।

ଗ୍ରୀଷମ ବରଷା ନାହିଁ ସ୍ଥିତି ବସା କ୍ଷଣେ ନ ରହନ୍ତି କାହିଁ ।

ନିଜେ ଭଗବାନ ଦୁଃଖ ପାଉଛନ୍ତି ବ୍ରହ୍ମାଣ୍ଡ ରଖିବା ପାଇଁ ।୨।

କ୍ଷୁଧା ତୃଷା ମାରି ଦିବସ ତିମିର କଷଣ କହିବି କେତେ ।

ନିରନ୍ତର ପ୍ରଭୁ ଯୋଗ ସାଧୁଛନ୍ତି ଭକ୍ତମାନଙ୍କ ନିମନ୍ତେ ।୩।

ଅଳପ ସିଦ୍ଧିରେ ସାଧନା ନୁହଇ ବଡ଼ାଇ ଆଶ୍ଚର୍ଯ୍ୟ କଥା ।

ପ୍ରଭୁଙ୍କ ହୃଦେ ହେମ ଲେଖା ପଡ଼ିଛି ତିନିଭୁବନ ବାରତା ।୪।

ନୁହସି ବିକଳ ଭଗତ ସକଳ ସମ୍ଭାଳି ଥାଅରେ ଘାଏ ।

ଏକା ଦିବସେ ସର୍ବସିଦ୍ଧି କରିବେ ଉଦେ ଠାରୁ ଅସ୍ତ ଯାଏ ।୫।

ସାଧୁ ସୁଜ୍ଞ ନର ଚିହ୍ନି ଧରି ଧରି ଯାଚି ଦେଉଛନ୍ତି ଧର୍ମ ।

ସୌତ୍ରିଂଶ ଅଙ୍ଗ ଆଗକୁ ଯେ ରହିବ ହୋଇବ ନୁଆରି ଜନ୍ମ ।୬।

ନାନା ପାପେ ନାଶ ଯିବ ନରବିଂଶ କାହାରି ନ ଥିବ ଚାରା ।

ସପ୍ତତ୍ରିଂଶ ଅଙ୍ଗୁ ଅଠଚାଳିଶ ଯାଏ ପଡ଼ିବ ବ୍ରହ୍ମାଣ୍ଡେ ଭାରା ।୭।

ମେଳଛ ପତିତ ପାମର ପାପିଷ୍ଠ ସକଳ ଏ ଯିବେ ନାଶ ।

ବିଷ୍ଣୁ ବ୍ରହ୍ମକଳା ଲାଗିଥିବ ଯାକୁ ରହିବେ ସ୍ତିରୀ ପୁରୁଷ ।୮।

ଗୋପ୍ୟ ହେବ ସର୍ବ ଯେତେ ଧନ ଦ୍ରବ୍ୟ ମହା ଦୁରୁଦଶା ଅଛି ।

ସାତଦିନ ସାତରାତ୍ରି ଅନ୍ନ ପାଣି ଲୋଡ଼ି ନ ପାଇବେ କିଛି ।୯।

ନବ ଖଣ୍ଡ ମହୀ ରହିଛି କି ହୋଇ ଲାଗୁଛି ମୋତେ କାତର ।

ଏଠାରୁ ଏଣିକ ସାଧୁ ସୁଜ୍ଞଜନ ସମ୍ଭାଳି ହୁଅ ଏ ଥର ।୧୦।

ପଢା ଶାସ୍ତ୍ର ଗୀତା ଶ୍ଳୋକ ଅପ୍ରମିତା ନ ଶୁଣି ଥିଲେ ମୁଁ ବେଦେ ।

ଅଲେଖ ମହିମା ଦୁତୀକ୍ଷର ପାଦ ଏବେ ହୋଇଅଛି ଉଦେ ।୧୧।

ବ୍ରହ୍ମା ବିଷ୍ଣୁ ଶିବ କୋଟିକଳ୍ପ ଯୁଗ ଅନେକ ଗଲେଣି ବହି ।

ବ୍ରହ୍ମକଳା ବିନା ନ ଥିଲେ ଅଙ୍ଗରେ ଭାଜିତେ ସାମର୍ଥ ନାହିଁ ।୧୨।

ଅତି ଭାଗ୍ୟ ପୂର୍ବ ସୁକୃତ ବାସନା ତପସ୍ୟା ଯାହାର ଥିବ ।

ମାତୃଗର୍ଭ ହେତୁ ଆତ୍ମା ଜ୍ଞାନ ଭକ୍ତି ତାଙ୍କୁ ପରାପତ ହେବ ।୧୩।

ମୃତ୍ୟୁ ପିଣ୍ଡ ଗୋଟି ମାୟା ଅଛି ଘୋଟି ଚାହୁଁ ଚାହୁଁ ଯିବ ସରି ।

ଭଜି ଯେ ପାରିବ ଜନ୍ମ ମରଣରୁ ନିଶ୍ଚୟ ସେ ହେବ ପାରି ।୧୪।

ଭୟକୁ ତେଜିଲେ ନିର୍ଣ୍ଣୟ ବୁଝିଲେ ତେବେ ଅଛି ପୁଣ୍ୟ କାମ ।

ଅନ୍ତ ଡାକୁଥିବ ଅଲେଖ ମହିମା ମୁଖ ଡାକୁଥିବ ନାମ ।୧୫।

ଆପଣା ମନ ଆପକୁ ଉଧରିବ ପ୍ରସନ୍ନ ହୋଇବ ଯେବେ ।

ଧନ ଦାରା ସୁତ ଇଷ୍ଟ-ବନ୍ଧୁ ଭ୍ରାତ କେହି ସଙ୍ଗତେ ନ ଯିବେ ।୧୬।

ସକଳ ଛାଡିଲେ ମାୟାକୁ ଏଡିଲେ ପ୍ରସନ୍ନ ହୋଇବ ମନ ।

ଆପ ଦେହେ ଆପେ ଅର୍ଥ କରୁଥିଲେ ଉପୁଜିବ ବ୍ରହ୍ମଜ୍ଞାନ ।୧୭।

ତିନିପୁର ଲୋକ କଲେଣି ଭାଳେଣି ଅବଧୂତ ବେଶ ଦେଖି ।

ଯତି ସତୀ ଆଦି ନାଗାନ୍ତି ଯୋଗାନ୍ତି ସର୍ବେ ରହିଲେଣି ଶଙ୍କି ।୧୮।

ଏବେ ଦେଖ ଦେଖ ବୈଷ୍ଣବ ସ୍ୱରୂପ ଅପୂର୍ବ ଚରିତ କଥା ।

ଦାରୁ ପ୍ରତିମା ମୂର୍ତ୍ତି ଦେବୀ ଦେବତା ସର୍ବେ କି ହେଲେଣି ପୋତା ।୧୯।

ନାଶ ଯିବ ମହୀ ନ ରହିବେ କେହି ସମସ୍ତେ ଭଜିବା ଆସ ।

ଡାକି ଜଗତରେ କହେ ଭୀମ ଭୋଇ ଅନାଦି ଗୁରୁଙ୍କ ଶିଷ୍ୟ ।୨୦।

### ଚତୁର୍ବିଂଶ ବୋଲି

ଅଲେଖ ମହିମା ଭାଙ୍ଗିବେ ଗାରିମା ସରିବ ଏ ଉତପତ୍ତି ।

ଭାଦ୍ରବରୁ ସପ୍ତ ଅଙ୍କ ଲାଗିଲାଣି ସପ୍ତାଙ୍ଗ ହୋଇବ ପୃଥୀ ।୧।

ସ୍ୱାମୀ ଗୁରୁଦେବ ସାଧିବେ ପ୍ରତ୍ୟକ୍ଷେ ନ ଦେବେ ଚିହ୍ନା ।

ଗୋଟି ଗୋଟି ହୋଇ ଖସି ଯାଉଥିବେ କାହାକୁ ନ ଥିବ ଜଣା ।୨।

ହୃଦେ ନାହିଁ ଭେଦ ଶାହାସ୍ତ୍ର ସମ୍ବାଦ ମୁଖେ ନାହିଁ ଗୁରୁ ନାମ ।

ଏଣିକି ଏଠାରୁ ପ୍ରାଣୀଙ୍କ ହୃଦରୁ ଛାଡିଯିବ ସତ୍ୟ ଧର୍ମ ।୩।

ଅନ୍ୟାୟ ଆଚାରେ ଅନୀତି ବିଚାରେ ପଡ଼ି ଛନ୍ଦ ନଟକୁଟେ ।

କେଉଁ ଧର୍ମକୁ ଆଶ୍ରିତ କରି ପ୍ରାଣୀ ତରିଯିବେ କେଉଁ ବାଟେ ।୪।

ଅଗ୍ନିରେ ପୋଡିବେ ଜଳେ ବୁଡିଯିବେ ବୃକ୍ଷରୁ ପଡ଼ି ମରିବେ ।

ନିର୍ଦ୍ଦୟ ହୋଇବେ ସର୍ପାଘତ ଯିବେ ଗଳେ ଛୁରି ଲଗାଇବେ ।୫।

ରୋଗବ୍ୟାଧିମାନ ଅଙ୍ଗରେ ପୀଡ଼ିତ ପଡୁଥିବ ଦୁଃଖ ଚିନ୍ତା ।

କେହୁ ମରିଥିବେ କେହୁ ଜୀଇଥିବେ ଅଙ୍ଗେନ  ଥିବ ଶକତା ।୬।

ବ୍ୟାଧିରେ ସକଳେ ହେଉଥିବେ ଘାରି ଥରୁଥିବ ନିଜ ଦେହ ।

ଗୃହେ ପ୍ରାଣୀମାନ ଯେତେ ଜଣା ଥିବେ ନେତ୍ରୁ ବୋହୁଥିବ ଲୁହ ।୭।

ଅଷ୍ଟ କୋଟି ରୋଗ ଚଉଷଠି ବେଦନା ମାଗି ଆସିଲେଣି ବର ।

ସତ୍ୟେଶ ଅଙ୍କରୁ ଶୁତ୍ର ସାଧିବାକୁ ହୋଇଲେଣି ଆଗୁସାର ।୮।

ଅଷ୍ଟ କୋଟି ଯୋହ୍ନି ନକୋଟି କାନ୍ତାନୀ ପ୍ରଭୁ ଶ୍ରୀଛାମୁରେ ଯାଇ ।

ଶ୍ରୀଗୁରୁ ଛାମୁରୁ ସୁଧା ଶ୍ରୀମୁଖରୁ ଅଇଲେଣି ଆଜ୍ଞା ପାଇ ।୯।

ଏରୂପେ ଦଗତ ନାଶିବେ ସମସ୍ତ ଚାହୁଁ ଚାହୁଁ ଯିବେ ସରି ।

ରାତ୍ର ପାହିଲା ବେଳକୁ ଗ୍ରାମ ମଧ୍ୟେ ଦଶ ପାଞ୍ଚ ଥିବେ ମରି ।୧୦।

ଗ୍ରାମ ଭାଙ୍ଗିଯିବ ଦେଶ ବସିଥିବ ରାଜ୍ୟ ଭାଙ୍ଗିଯିବ ଜାଣି ।

ଗ୍ରାମଯାକେ ଦୁଇ ଚାରି ଜଣ ଥିବେ ଉଚ୍ଚାରି ମହିମା ନାମ ।୧୧।

ଦଶ ପାଞ୍ଚ ପ୍ରାଣୀ ପନ୍ଦର ପ୍ରାଣୀରେ କେ ବର୍ତ୍ତିବ କେହୁ ନାହିଁ ।

ବଂଶବୁଡ଼ା ହୋଇ ସର୍ବେ ମରିଯିବେ ତାଟିବାଟ ଦିଆ ହୋଇ ।୧୨।

ତାହାକୁ ସେ ସଖା ତାକୁ ତାର ସଖା ଏକା ଘରେ ଥିବ ରହି ।

... ରନ୍ଧାରେ ସମସ୍ତ ଭଞ୍ଜିବେ ଏକାନ୍ତ ପରାଣ ହୋଇ ।୧୩।

ତେତେବେଳେ ଜାତି ଗୋତ୍ର ରଖିଥିବ କେଉଁ ରାଣ୍ଡ ପୁଅ ଝିଅ ।

କର୍ମର ଆଚାର ବାଛନ୍ଦ ବିଚାର ବୁଝିବା ଯେ ରହ ରହ ।୧୪।

ଗାଈ ମହିଷ ଛାଗଳ ମେଣ୍ଢାବିଉ ମାତା ଭୋଗ କରିଯିବ ।

ମରିଯିବେ ସର୍ବହୋଇ ରୋଗ ବାଗ ହଲେ ଗୋଟେ ନ ମିଳିବେ ।୧୫।

ଭଦ୍ରି ମରାଇ ତବା ମାନଙ୍କରେ ଧନ ଦ୍ରବ୍ୟ ପୁରିଥିବ ।

ପ୍ରଭୁଙ୍କ ବାହାନ ଅତେଇକେଳ ଜାଣ ଗରୁଡ ତା ବୋହିନେବ ।୧୬।

ଫଳମୂଳ ଖାଇ ଝରପାଣି ପିଇ ନାମ ଭଜନେ ତତ୍ପର ।

ଜଗତଯାକରୁ ତୁଚ୍ଛା ପଡିଯିବ ବାଉନକୋଟି ଭଣ୍ଡାର ।୧୭।

ନିନ୍ଦାଗର୍ବମାନ ନ ରହିବ ଟାଣ କରୁଥିବେ ଏକ ଭାବ ।

ପୁରୁଷଙ୍କୁ ସ୍ତିରୀ ଜ୍ଞାନ ବୁଝାଇଲେ ଲେଉଟିବ ସତ୍ୟଯୁଗ ।୧୮।

ଭଜିବେ ଯେ ଜନ ରହିବେ ସେମାନ ସତ୍ୟାଦି ଗୃହକର୍ମକ ।

ସ୍ତିରୀ ଚାରିପଦ୍ମ ପୁଂସ ଚାରିପଦ୍ମ ଠିକ ଆଠ ପଦ୍ମଲୋକ ।୧୯।

କେମନ୍ତେ ବଞ୍ଚିବି ପିଣ୍ଡକୁ ସଞ୍ଚିବି ମନେ ପଡୁଛି କଷଣ ।

ଭୀମ ଅରକ୍ଷିତ ବୁଝି ଆଦି ଅନ୍ତ ଥରୁଛି ଦେହ ଜୀବନ ।୨୦।

**ପଞ୍ଚବିଂଶ ବୋଲି**

କାହିଁ ମୁଁ ଲୁଚିବି କେମନ୍ତେ ବଞ୍ଚିବି  ପଳାଇବି କେଉଁ ପଥେ ।

ଜଗତ କଷଣ କେତେ ମୁଁ  ସହିବି ବିପତ୍ତ ପଡିବି ଯେତେ ।୧।

ଆଗତର କଥା ଯେତେକ ବ୍ୟବସ୍ଥା ଘୋଡାଇ ରଖିଛି ଜାଣି ।

ଭକ୍ତଙ୍କ ଜୀବନ ନ ରହିବ ପିଣ୍ଡେ କାତର ହୋଇବେ ଶୁଣି ।୨।

ଆସିବ ଯବନ ମାଡି ଘୋରବନ କରିଯିବେ ସମଛତ୍ର ।

ତରୁ ତୃଣମାନ ଛେଦି ପଳାଇବେ ନ ରହିବେ ଡାଳ ପତ୍ର ।୩।

ଗନ୍ଧ ପରକଟ ହୋଇ ଛଟପଟ ମହୀ ଲୋଟୁଥିବେ ମଡ଼ା ।

ଭୂମିରେ ତିରଣ ନ ରହିବ ଜାଣ ଚରିଯିବେ ହସ୍ତୀ ଘୋଡା ।୪।

ରାଜାମାନେ ତହିଁ ଯୁଦ୍ଧେ ପିଠି ଦେଇ ଥୋକାଏ ଆରମ୍ଭ ଭେକ ।

ପାଇକ ମାନଙ୍କୁ ଆପେ ଡାକୁଥିବେ ବୋଲୁଥିବେ ଛେକ ଛେକ ।୫।

ରଣ ଯୁଦ୍ଧଘାତେ ସମ୍ଭାଳିବେ କେତେ କାହାରି ନ ଥିବ ସକ୍ଷ ।

ଯେଝା ସୁଖେ ଯେଝେ ପଳାଇ ପଶିବେ ରଣ ଭଣ ହୋଇ ଲୋକ ।୬।

ଯୁଝିବ ଫିରଙ୍ଗୀ ନ ପାରିବ ଭାଙ୍ଗି ରହିବ ତା ନିଜ ସ୍ଥାନେ ।

ସାକ୍ଷୀରୂପେ ଦେବତାଏ ଦେଖୁଥିବେ ରହି ଅଧାସ୍ୱର୍ଗ ଶୂନ୍ୟେ ।୭।

କମ୍ପିବ ମେଦନୀ ରଣଗୋଳ ଧ୍ୱନି ସ୍ୱର୍ଗ ପାତାଳକୁ ଭେଦି ।

ଅଠର ଦିବସ ଜମ୍ବୁଦ୍ୱୀପ ମଧ୍ୟେ ବହିବ ରକତ ନଦୀ ।୮।

ଦେବ ସିଦ୍ଧ ସୁର ମଣିଷ ଅସୁର ରହି ନ ପାରିବେ କେହି ।

ସେତ୍ରିଂଶ ଅଙ୍କରେ ଦିଗ ଦିଗାନ୍ତରେ ଉଛୁଳୁ ଥିବ ଏ ମହୀ ।୯।

ନାଗାନ୍ତି ଯୋଗାନ୍ତି ବେଦାନ୍ତୀ ସିଦ୍ଧାନ୍ତି ଉଠିବେ ଆସନ ଛାଡ଼ି ।

କ୍ଷତ୍ରିପଣେ ରଣ ଯୁଦ୍ଧରେ ଚହଟି ଦେଉଥିବ ସିଂହରଡି ।୧୦।

ରାଜରଷି ଦେବରଷି ରୁଦ୍ରରଷି ଶୁଦ୍ରରଷି ଆଦିକରି ।

କରିବେ ଧନ୍ଦଳ ଉଠିବେ ସକଳ ସର୍ବେ ବୀରବେଶ ଧରି ।୧୧।

ଜପୀ ତପୀ ତୀର୍ଥବ୍ରତୀ ବ୍ରହ୍ମଚାରୀ ସମସ୍ତେ ହୋଇବେ ମେଳି ।

ଦକ୍ଷିଣ ଉତ୍ତର ପୂର୍ବ ପଶ୍ଚିମରୁ ରୁଣ୍ଡ ହେବେ ସର୍ବେ ମିଳି ।୧୨।

ଆଦି ଅବଧୂତ ଅନନ୍ତ ଅବଧୂତ ରାମ ଅବଧୂତ ତିନି ।

ଜଗନ୍ନାଥ ଅବଧୂତ ହନୁମାନ କୃଷ୍ଣ ଅବଧୂତ ଘେନି ।୧୩।

ଶିବ ଅବଧୂତ ବିଷ୍ଣୁ ଅବଧୂତ ଧର୍ମ ଅବଧୂତ ତୁଲେ ।

ଅଲେଖଅବଧୂତସଙ୍ଗତେ ମିଶିବେ ବଦଳିବେ ତେତେବେଳେ ।୧୪।

ଅନନ୍ତ କୋଟି ସାଧୁ ଚଉଷଠି ସିଦ୍ଧ କଷା କୌପୀନ ମାରି ।

ବୀରବେଶ ରୂପ ସକଳେ ଧରିବେ ହୋଇଥିବେ ଶସ୍ତ୍ରଧାରୀ ।୧୫।

ସେ ପଞ୍ଚୁ ପାଣ୍ଡବେ ଯୁଦ୍ଧେ ଧାଡି ଦେବେ ଉତ୍ତରୁ ଆସିବେ ମାଡି ।

ଗଦା ମୁଦ୍ଗର ବାଣକାଣ୍ଡଘାତେ ସନ୍ୟ ପଡୁଥିବେ ଝଡି ।୧୬।

କଳିଙ୍ଗା ଅସୁର ହୋଇ କୋପଭର ଯୁଦ୍ଧେ ହେବ ରଣରଙ୍କା ।

ପାଦକ ବହଳେ ଏ ମହୀ ମଣ୍ଡଳେ ପଡିଯିବ ସୁନା ଟଙ୍କା ।୧୭।

ଷଡ ବ୍ରହ୍ମବାସୀ ପ୍ରଭୁଙ୍କର ପୁତ୍ର ହୋଇଥିବେ ଷଡରଥୀ ।

ତାଙ୍କ ସମାନରେ ତିନି ବ୍ରହ୍ମାଣ୍ଡରେ ନ ଥିବେଟି ଆଉ କ୍ଷତ୍ରୀ ।୧୮।

ନବ ରଷି ନବ ବ୍ରାହ୍ମଣ ହୋଇବେ ଧରି ବେଦବାକ୍ୟ ପୋଥି ।

ଯୁଦ୍ଧକୁ ଅନାଇ ଶିରେ କର ଦେଇ ଉଚ୍ଚାରି କରିବେ ସ୍ତୁତି ।୧୯।

ବଡାଇ ମସ୍କତେ ଅନ୍ୟାୟ ଅନର୍ଥେ ଭାଙ୍ଗିବ ଏ ଯୁଗ କଳି ।

କହେ ଭୀମ ଭୋଇ ପଞ୍ଚାଶତ ପଦେ ନିତ୍ୟେ ମରୁଅଛି ଭଳି ।୨୦।

## ଷଡବିଂଶ ବୋଲି

ନର ମନୁଷ୍ୟ ଦଶ ଖର୍ବ ମରିବେ ରାକ୍ଷସ ଅସୁର ନବେ ।

ପୃଥୀ ହଟପଟ ହେଲାଣି ନିକଟ ଘୋର କଳିକାଳ ଯୁଗେ ।୧।

ମୂର୍ଖ ପଣ୍ଡିତ ପାଷାଣ୍ଡ ପାପୀ ପ୍ରାଣୀ ଏମାନେ ମରିବେ ଆଗେ ।

ପାପକର୍ମେ ନାଶ କାହାର କି ଦୋଷ ଭୁତ ପ୍ରେତଙ୍କର ଭାଗେ ।୨।

ମେଲଛ ପାମର ଅଧର୍ମ ଏ ଜୀବ ଛନ୍ଦ ନଟକୁଟ ପ୍ରାଣୀ ।

ଛିଡିଯିବ ମୁଣ୍ଡ ହୋଇ ଖଣ୍ଡ ଖଣ୍ଡ ଲୋଟୁଥିବ ଏ ଧରଣୀ ।୩।

ଦାମ୍ଭିକ ନାସ୍ତିକ କପଟୀ ଲମ୍ପଟୀ ଖଚୁଆ ମିଛୁଆ ଲୋକେ ।

ହାବୁଡେ ପଡିବେ ଖଡଗେ ଛିଡିବେ କାଳ ବିକାଳଙ୍କ ମୁଖେ ।୪।

କାମୀ କ୍ରୋଧୀ ଲୋଭୀ ବଇରୀ ଯେ ଜନ ସକଳେ ଏ ଯିବେ ହତ ।

ଲୁଚି ପଳାଇଲେ ଧରି ଗିଳୁଥିବ ଅକାଳ ବାବନା ଭୁତ ।୫।

ହିଂସା ଅହଙ୍କାର ଥେଣ୍ଟ ଖଣ୍ଟ ଚୋର ଜଗତେ ଅଛନ୍ତି ଯେତେ ।

ଖପରେ ପଡିବେ ଖଡଗେ ଛିଣ୍ଡିବେ ଚଣ୍ଡୀ ଚାମୁଣ୍ଡାଙ୍କ ହସ୍ତେ ।୬।

ଏତେ ଉପଦର୍ପ ଜଗତେ ପଡିବ କି ବୁଦ୍ଧି କରିବି ମୁହିଁ ।

ତିନି ବ୍ରହ୍ମାଣ୍ଡରେ ଧର୍ମ ନ ଦିଶିବ ଦିବସେ ଅନ୍ଧାର ହୋଇ ।୭।

ମନେ ମନେ ହେବି ହୋଇ ଚୁରିଭାବି କାତର ଲାଗୁଛି ଚିତ୍ତେ ।
ତେତେବେଳେ ସ୍ୱାମୀ ବ୍ରହ୍ମାଣ୍ଡ ଭିତରେ କାହିଁ ରଖିଥିବ ମତେ ।୮।
ଚାରିଦିଗ ଯାକ ସମୁଦ୍ର ଲହଡି ଅଧେ ଅଧେ ଯିବ ମାଡି ।
ଦିହୁଡି ପରାଏ ତାରାଗଣ ମାନେ ଶୂନ୍ୟାରୁ ପଡିବେ ଝଡି ।୯।
ଶୁଭ ଅନୁକୂଳ ସମ୍ଭବ ଯୋଗାଡ ଶେଷ ଯୁଗେ ଭିଆଇବେ ।
ନବଗ୍ରହ ଶନିଶ୍ଚର ସତେଇଶ ନିଜ ରୂପେ ଉଦେ ହେବେ ।୧୦।
ନାମ ପରକାଶ କର ଦଶଦଶ ଘୋର କଳିକାଳ ତୁଟୁ ।
ମହିମା ବାନା ନିର୍ବେଦ ଦୀକ୍ଷ ମତେ ଜମ୍ବୁଦ୍ୱୀପଯାକ ଉଠୁ ।୧୧।
ବୁଝାଇଲି ଯେତେ ନ ଗଲେ ପରତେ ଭରସା ନାହିଁ ନା ମୋର ।
ଏ ଜଗତ ଜନ ସର୍ବେ ହତ ଜ୍ଞାନ ହେଲେଣି ମାଟି ପଥର ।୧୨।
ସମ୍ପତ୍ତ ସୁଲଭ ଦେବଙ୍କ ଦୁର୍ଲଭ ଚାହାନ୍ତେ ସରିବ ଦେଖ ।
ନାମ ଆଶ୍ରିତ ଯେତେ ଭକ୍ତ ତୁମ୍ଭର ବାଛି ବାଛି କରି ରଖ ।୧୩।
ବେଳୁଁ ବେଳ ପୃଥୀ ହେଲାଣି ଉତ୍ପାତ ଘୋର କଳିକାଳ ପାପୁ ।
ଏ ଜଗତ ନରେ ଅନ୍ୟାୟ ଆଗରେ ବହିଯିବେ ଦେଖୁଁ ଦେଖୁଁ ।୧୪।
ଭୁଲାଇଛି କେତେ କହି ନାନା ମତେ ବୁଝାମଣା ନାହିଁ ବେଗ ।
ଛାଡ଼ି ଦିଅ ମୋତେ ଗୁରୁଦେବ ସ୍ୱାମୀ ଭରଣା କରିବି ଯୁଗ ।୧୫।
ନବଖଣ୍ଡ ମହୀ ଥାଳି ପ୍ରାୟ ହୋଇ ହେଜିଲେ ମନକୁ ଆସେ ।
ଏ ମୋର ନେତ୍ରକୁ ଛପ୍ପନ୍ନକୋଟି ଜୀବ ତିରଣ ପରାଏ ଦିଶେ ।୧୬।
ଏକା ଦିବସରେ କ୍ଷଣକ ଭିତରେ ଦ୍ୟନ୍ତି ପୃଥ୍ୱୀ ଲେଉଟାଇ ।
ଦନ୍ତ କାମୁଡି କିସ ବୁଦ୍ଧି କରିବି ଶ୍ରୀଗୁରୁଙ୍କ ଆଜ୍ଞା ନାହିଁ ।୧୭।
କହୁଛି ସଂସାରେ ସତ୍ୟେଶ ଅଙ୍ଗରେ ସାଧନ ନୋହିଲେ ପୃଥ୍ୱୀ ।
ନିଷ୍ଠୁର ବଚନ ସାଧୁ ସୁଜ୍ଞଜନ ଶୁଣ ଶୁଣ ମୋର ରୀତି ।୧୮।
ବସିଥାଇ କୁଳ ମହାନଦୀ ଜଳ ଛୁଇଁ ଅଛି ସତ୍ୟ କରି ।
ଧର୍ମକୁ ଲଂଘି ସୁରାପାନ କରିବି ହରିବି ବ୍ରାହ୍ମଣ ସ୍ତିରୀ ।୧୯।
ପ୍ରାଣୀଙ୍କ କଷଣ ଭେଦୁଅଛି ମନ ଜୀବନକୁ ମୋର ବାଧେ ।
ଭୀମ ଅରକ୍ଷିତ କରି ଦଣ୍ଡବତ କାରଣ ମାଗୁଛି ପାଦେ ।୨୦।

## ସପ୍ତବିଂଶ ବୋଲି

ବଖାଣି ମହିମା ଧୁନିକୁ ସ୍ଥାପିବା ଶ୍ରୀମୁଖରେ ଆଜ୍ଞା ଦେଲେ ।
ଦାସପଣେ କିଣି ଅର୍ଦ୍ଧବାଟେ ଆଣି କିମ୍ପା ଏତେ ସରି କଲେ ।୧।
ନାହିଁ ମୋ ଭରସା ଉଡିଛି ସାହସା କି ବୁଦ୍ଧି କରିବି କହ ।
ଜଗତ ସମ୍ଭାଳି ଭାଗତଙ୍କୁ ପାଳି ତୁମ୍ଭ ଭାରା ତୁମ୍ଭେ ବହ ।୨।
ଭଗତଙ୍କ ଦୁଃଖ ନିରନ୍ତରେ ଦେଖ ଲାଗିଲାଟି ପାଦାର୍ବିନ୍ଦେ ।
ବନ୍ଧିଥା ଯୋଗାରି ଆଗ ପଛ କରି ବହିଥାଅ ନିଜ କାନ୍ଧେ ।୩।
ସମ୍ପତ୍ତ ବିପତ୍ତ ମୁକତି ଦୁର୍ଗତି ଭିଆଣ କରିଛ ଯୋଡି ।
ପାପ ଦୁଃଖଭାର କେ ତୁମ୍ଭ ବହିବ ପାଦତଳେ ଥାଉ ପଡ଼ି ।୪।
ବିଜେ କରିଅଛ କିମ୍ପା ନ ବୁଝୁଛ ପଳାଇ ପଶିବି କାହିଁ ।
ଅର୍ଜି ପାପଭାରା କରିବି ପସରା ପାଦତଳେ ଦେବି ଥୋଇ ।୫।
ଶରଣ ବାଞ୍ଛିତ କାନ୍ଦି କାନ୍ଦି ଭକ୍ତ ଗଡିଗଲେଣି ସକଳ ।
ଦୋଷ ଅପରାଧ କ୍ଷମା କରି ଗୁରୁ ଜାଗ୍ରତରେ ପ୍ରତିପାଳ ।୬।
ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ।
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।୭।
ଜଣାଉଛି ମୁଁ ଯେ ଭକ୍ତିଭାବ ରଞ୍ଜେ ଆହେ ଅଣିମା ଅନନ୍ତ ।
ତିନି ବ୍ରହ୍ମାଣ୍ଡରେ ଯେତେ ଜୀବ ଛନ୍ତି ସମସ୍ତେ ତୁମ୍ଭ ଭଗତ ।୮।
ନବଲକ୍ଷ ତାରା ସୁରାଟ ବିରାଟ ଧ୍ରୁବଲୋକ ଆଦି ଯେତେ ।
ସମସ୍ତେ ତୁମ୍ଭ ପାଦତଳେ ଆଶ୍ରିତ ଠୁଳ ଶୂନ୍ୟ ପରିଯନ୍ତେ ।୯।
ଠୁଳ ଶୂନ୍ୟଠାରୁ ତହିଁ ଉପରକୁ ଦେଖିଲଇଁ ନାହିଁ କିଛି ।
ଅବିକାର ବ୍ରହ୍ମ ଅନାମ ଅରୂପ ସିନ୍ଧୁ ପ୍ରାୟ ପୁରିଅଛି ।୧୦।
କିବା ଦୁଷ୍ଟ ସନ୍ଥ ସେବକ ସାମନ୍ତ କୀଟ ପତଙ୍ଗରେ ପୁରି ।

ତୁମ୍ଭେ ପୁରିଅଛ କାହିଁ ଊଣା ନାହିଁ ସର୍ବଘଟେ ସମସରି ।୧୧।

ମେଦିନୀ ପାଷାଣ କାଠ ତରୁ ତୃଣ ନିର୍ଜୀବରେ ଯେହୁ ଗଛି

ମୁଁ ଯେ ଜାଣୁଅଛି ମନର ଭିତରେ ଶବ୍ଦବ୍ରହ୍ମ ହେଲେ ଅଛି ।୧୨।

ମୁଁ ଯେ ମୂର୍ଖ କବି ଭେଦ ମାର୍ଗେ ଜଗି ତୁମ୍ଭ କରୁଣା ମାତର ।

ସମାନରେ ଦେଖିସତ୍ୟଧର୍ମ ସାକ୍ଷୀ କରି ନ ପାରେ ଅନ୍ତର ।୧୩।

ତ୍ରିପୁର ଜଗତେ ଜୀବ ଛନ୍ତି ଯେତେ ଅଛି ନାମ କଳା ଚିହ୍ନ ।

ସମସ୍ତେ ସଙ୍ଖୁଳି ଏକ ଆତ୍ମା ବୋଲି ନ କର ହୋ ଆନ ଭିନ୍ନ ।୧୪।

କାଠର ଭିତରେ ସୁଢଳ ଧାତୁରେ ଜଳ ପୁରିଥାଇ ଯେତେ ।

ପ୍ରାଣୀଙ୍କ ଅଙ୍ଗରେ ଜୀବ ପରମରୂପ ଫୁଟି ଦିଶୁଥାଇ ସତେ ।୧୫।

ଦୋଷକୃତ ହାନି ଲାଭ ଧରା ମରା ଗାଳି ଦ୍ୱନ୍ଦ୍ୱ ହନ୍ତି ଯହିଁ ।

ରୋମ ଚର୍ମଭେଦି କାଟେ ଜୀବନକୁ କାତର ମୁଁ ହେଉଥାଇଁ ।୧୬।

ଅଗ୍ନି ଚୁଲା ପରେ ତରଣ ଭାଣ୍ଡରେ ଯେସନେ ଫୁଟଇ ଅନ୍ନ ।

ତେସନ ପରାଏ ହୃଦେ ଦେଉଁଥାଇ ପଞ୍ଚଭୂତ ଆଜ୍ଞାମାନ ।୧୭।

ଏକ ଖଣ୍ଡ ହାଡ ବୁନ୍ଦାଏ ରୁଧିର ଫୁଟେ ମାଉଁସ ଜାଣଇ ।

ତେଣୁକରି ସିନା ପ୍ରାଣୀଙ୍କ ବିକଳ ସହି ନ ପାରିବି ମୁହିଁ ।୧୮।

ଏକା ଖଡଗରେ ଦଶ ପାଞ୍ଚ ମୁଣ୍ଡ ଛିଡଇ ଭାରତ ଯୁଦ୍ଧେ ।

ଆରେକ ଅଙ୍ଗକୁ ପାଦେ ପ୍ରହାରିଲେ ଏ ଅଙ୍ଗକୁ ମୋର ବାଧେ ।୧୯।

ଆତ୍ମା ଭଗତିରେ ଦୋଷାଦୋଷ ହେଲେ ବଜ୍ର ପଡୁ ମୋ ମୁଣ୍ଡକୁ ।

କହେ ଭୀମ ଭୋଇ ବ୍ରହ୍ମଶାପ ଦେଇ ଜାଳି ଦିଅ ମୋ ପିଣ୍ଡକୁ ।୨୦।

**ଅଷ୍ଟବିଂଶ ବୋଲି**

ଶୂନ୍ୟ ପବନ ପୁରୁଷ ବୋଲାଇଲା ଜଳଧାରା ହେଲା ସ୍ତିରୀ ।

ଏଥିରୁ ଅଧିକ ଅଛି ଯେବେ ସନ୍ଥେ କହି ଦିଅ ବାଛି କରି ।୧।

ନାଗ ଅଂଶକଳା ଯାକୁ ଲାଗିଥାଇ ଶୁଣ କହିଦେବ ଠିକା ।

ସର୍ପକୁ ବନ୍ଦୀରେ ପକାଇ ଫାନ୍ଦରେ କରନ୍ତି ଗୁଣୀ ଜୀବିକା ।୨।

ପୃଥ୍ୱି ଅଂଶ କଳା ଯାର ଅଙ୍ଗେ ଥାଇ ସହିବା ପଣକୁ କ୍ଷମ ।

ନିନ୍ଦା ସ୍ତୁତିମାନ ନ ଘେନଇ ମନ ସବୁ ମଣୁଥାଇ ସମ ।୩।

ଦିଗ ଅଂଶ କଳା ଯେଉଁ ପ୍ରାଣୀ ବହେ ନିତ୍ୟେ କରେ ପରବାସ ।

ଚିକ୍ର ପବନ ପରାଏ କରେ ମନ ଭ୍ରମୁଥାଇ ଦଶଦିଶ ।୪।

ଧର୍ମ ଅଂଶ କଳା ଯାହା ଅଙ୍ଗେ ଥାଇ ସଭା ମଧେ ବଳବନ୍ତ ।

ଅନ୍ୟାୟକୁ ଫିଙ୍ଗି ନ୍ୟାୟକଥା ସ୍ଥାପି ସବୁ କହୁଥାଇ ସତ୍ୟ ।୫।

ପାପ ଅଂଶ ବଳୀ ଯେଉଁ ପ୍ରାଣୀ ବହେ କହି ନୁହେ କର୍ମମାନ ।

ଅଜ୍ଞାନ ଆଚାରେ ଅନୀତି ବିଚାରେ ମୂର୍ଖପଣେ ନିଏ ଦିନ ।୬।

କଳା ଯମ ଅଂଶ କଳା ଯେ ବହନ୍ତି ବହୁତ ରାଗ କୋପିତ ।

ଭାରତଭୂମିକି ଆଗଭର ହୋଇ କ୍ଷତ୍ରିପଣେ ସାମରଥ ।୭।

କାମ ଅଂଶ କଳା ଯାର ଅଙ୍ଗେ ଥାଇ ଥୟ ନୁହେ ପଞ୍ଚମାନ ।

ପଚିଶ ପ୍ରକୃତି କରି ନାନା ମୂର୍ତ୍ତି ମତ୍ତ ପ୍ରେମେ ଛନ୍ନ ଛନ୍ନ ।୮।

ରମ୍ଭା ମେନକା ଅଂଶ କଳା ଯା ଅଙ୍ଗେ ଜାଣେ ଛବି ନଟକୁଟ ।

ଭଙ୍ଗିମା ଚାତୁରୀ ବେନିନେତ୍ରେ ଠାରି କରେ ନବରଙ୍ଗେ ନାଟ ।୯।

ଦେବତା ଅଂଶରେ ଯେହୁ ଜନ୍ମିଥାଇ ଗାୟନରେ ଗୁଣବାଦ ।

ମୃଦଙ୍ଗ କର୍ତ୍ତାଳ ଖଞ୍ଜରି ମର୍ଦଳ ବଜାନ୍ତି ଅନେକ ବାଦ୍ୟ ।୧୦।

ରାଜ ଅଂଶ କଳା ଯାକୁ ଲାଗିଥାଇ ବହୁତ ଲୋକ ତା ସଙ୍ଗ ।

ନ କରଇ ମାନ୍ୟ ଉଚ୍ଚ ପଦେ ମନ ଲୋଡୁଥାଇ ବଡ ଢଙ୍ଗ ।୧୧।

ବିଷ୍ଣୁ ଅଂଶ କଳା ଯାର ଅଙ୍ଗେ ଜାଣ ସ୍ୱକାମେ ନିଷ୍କାମେ ଦୁଜା ।

ମଉନେ କପଟ ବେଶ ଧରିଥାନ୍ତି କରନ୍ତି ପ୍ରତିମା ପୂଜା ।୧୨।

ବ୍ରହ୍ମ ଅଂଶ କଳା ଯାହା ଅଙ୍ଗେ ଥାଇ କରୁଥାଇ କର୍ମମାନ ।

ବୋଲାଇ ଆଚାରୀ ହୋଇ ବ୍ରହ୍ମଚାରୀ କରେ ସନ୍ଧ୍ୟା ତରପଣ ।୧୩।

ଦେବ ଅଂଶ କଳା ଯାକୁ ଲାଗିଥାଇ ଚାରି ବେଦେ ଉଦ୍ଦୀପନ ।

ସ୍ନାହାନ ତର୍ପଣ ତ୍ରିସନ୍ଧ୍ୟା ବିଧାନ ଜପ ମନ୍ତ୍ରେ ତାର ମନ ।୧୪।

ଶିବ ଅଂଶ କଳା ଯାର ଅଙ୍ଗେ ଥିବ ସ୍ନାନ ଶଉଚରେ ତେଜା ।

ସମ୍ପର୍ବ ଯୋଗାଡ ଧୂପ ଦୀପ ଘେନି କରୁଥାଇ ଲିଙ୍ଗପୂଜା ।୧୫।

ଇନ୍ଦ୍ର ଅଂଶ କଳା ଯେହୁ ପ୍ରାଣୀ ବହେ ଦାତାପଣେ ସମଯୋଗ ।

ସମାନରେ ଦେଖି ଚିଠି ପତ୍ର ଲେଖି ପାଳୁଥାଇ ଆତ୍ମା ଜୀବ ।୧୬।

କୁବେର ଅଂଶରେ ଯେହୁ ଜନ୍ମଥାଇ ବହୁ ଧନ ଅଧିକାର ।

ଏଠାକୁ ସେଠାକୁ କରୁଥାଇ ଧନ ଖଟି ବାଣିଜ୍ୟ ବେପାର ।୧୭।

ଚନ୍ଦ୍ର ଅଂଶ କଳା ଯେ ଜନ ବହନ୍ତି ଧୀରପଣେ ସମଶୀଳ ।

ବଚନ ଭାଷିଲେ ଅମୃତ ସମାନ ଅଗ୍ରଚନ୍ଦନୁ ଶୀତଳ ।୧୮।

ସୂର୍ଯ୍ୟ ଅଂଶ କଳା ଯେଉଁ ପ୍ରାଣୀ ବହେ ସପତ ଦ୍ୱୀପକୁ ଦୃଷ୍ଟି ।

ଘେନି କର୍ମଯୋଗ କରେ ସାଧୁସଙ୍ଗ ସକଳ ସ୍ଥାନରେ ଗୋଷ୍ଠୀ ।୧୯।

ନାମ ଅଂଶ କଳା ଯାକୁ ଲାଗିଥାଇ ପାଦେ ଖଟନ୍ତି ସମସ୍ତ ।

କହେ ଭୀମ ଭୋଇ ନାମ ବ୍ରହ୍ମପଦେ ଗୁରୁପଣେ ସାମରଥ ।୨୦।

## ଊନତ୍ରିଂଶ ବୋଲି

ବୃହସ୍ପତି ଅଂଶ କଳା ଯାର ଅଙ୍ଗେ କହିବା ଜାତକ ଗୁଣ ।

ପାପ ପୂଣ୍ୟ କଥା ଜାଣଇ ସର୍ବଥା କରି ଜଉତିଷି ପଣ ।୧।

ଶୁକ୍ର ଶାନ୍ତି କଳା ଯେଉଁ ପ୍ରାଣୀ ବହେ କରଇ ବଇଦ ବୃତ୍ତ ।

ଛୁଡ ହସ୍ତ ଦେଖି ଅନୁଭବ ରଖି ଜାଣେ ବ୍ୟାଧିର ଉପୃତ୍ତି ।୨।

ଅସୁର ଅଂଶରେ ଯେହୁ ଜନ୍ମଥାଇ ସତ ଶାନ୍ତିକି ନ ଭଜେ ।

ଚାରି ବେଦ କଥା ବୁଝାଇ କହିଲେ କଦାଚିତରେ ନ ବୁଝେ ।୩।

ପବନ ଅଂଶରେ ଯେହୁ ଜନ୍ମିଥାଇ ନୁହଇ ଥିର ସମୀର ।

ଅଳପ କଥାକୁ ବହୁତ ମଣଇ ବଚନ କହେ ପ୍ରଖର ।୪।

ଅଗ୍ନି ଅଂଶ କଳା ଯାକୁ ଲାଗିଥାଇ ଅନୁଭବେ ବୁଝିନିଅ ।

ଯହିଁ ଗଲେ ତହିଁ ଶୁଭାଶୁଭ ନାହିଁ ଲୋକେ କରୁଥାନ୍ତି ଭୟ ।୫।

ଅବିଦ୍ୟାଂସ କଳା ଯାକୁ ଲାଗିଥାଇ ପ୍ରାଣୀକି ନାଶ କରଇ ।

କଳକ ଅନ୍ତରେ କୁମ୍ଭୀ ନରକରେ କୋଟି ଜନ୍ମ ପଡ଼ିଥାଇ ।୬।

ବ୍ରହ୍ମ ଅଂଶ କଳା ଯାର ଅଙ୍ଗେ ଥାଇ ଶରଣ ତା ପାଦଗତ ।

ବିନୟ ବହୁତ ମଣି ସତ୍ୟ କୃତ୍ୟ ଶତବାର ଦଣ୍ଡବତ ।୭।

ସେ ଜନମାନଙ୍କୁ ଲେଖି ସମ୍ପାଦକୁ ସ୍ତୁତି କରି ପ୍ରତିଦିନେ ।

ବନ୍ଦନା କରି ମୁଁ ପ୍ରଭୁ ଭଗତଙ୍କୁ ଡ଼ରୁଥାଇ ପଞ୍ଚମନେ ।୮।

ମାଗୁଅଛି ବର ଏତେକ ମାତର କଲ୍ୟାଣ ବାଞ୍ଛା ସମ୍ପୂର୍ଣ୍ଣ ।

ଅଲେଖ ମହିମା ଯେ ଜନ ଭଜୁଛି ତା ପାଦେ ମୋର ଶରଣ ।୯।

ପ୍ରଭୁଙ୍କ ଭଗତ ସୁଜ୍ଞ ସାଧୁ ସନ୍ଥ ଶ୍ରୀଛାମୁକୁ ଯେବେ ଯିବ ।

କରପତ୍ର ଯୋଡ଼ି ବିନୟ ହେଉଛି ପଛ ଆଡ଼େ ମୋତେ ନେବ ।୧୦।

ନିର୍ବେଦ ଦୀକ୍ଷାରେ ଶ୍ରୀଗୁରୁ ଶିକ୍ଷାରେ ଅଟଇ କୀଟପ ମାଛି ।

ନିଜ ରୂପ ଚାହିଁ କାହିଁ ମୁଁ ଭଜନ୍ତି ବାନା ଦେଖି ଡରୁଅଛି ।୧୧।

ଯେଉଁ ଭଗବାନ ଗଙ୍ଗାରେ ସ୍ନାହାନ ନୀଳଗିରିରେ ଭୋଜନ ।

ବୃନ୍ଦାବନେ ନାଟ ରାଧା ସଙ୍ଗେ ଭେଟ ଦ୍ୱାରକାପୁରେ ଶୟନ ।୧୨।

ସେ ପୁରୁଷ ଆଦି ବୀରବେଶେ ସଜ ନିଜ ରୂପେ ପରକାଶ ।

ଦିବସରେ ତିନି ପହର କାନ୍ଦୁଛି ଦୁଃଖ ମୁଁ କହିବି ବିସ ।୧୩।

ଚଉଦ ଭୁବନ ଜୀବଜନ୍ତୁଗଣ କାହାରି ନାହିଁ ନା ସୁଖ ।

ଅକାଳ ମରଣ ଘୋଟି ଯାଉଅଛି ତିନିପୁର ତ୍ରିଲୋକ ।୧୪।

ଅନନ୍ତ ଠାକୁର ଅନାଦି ପୁରୁଷ ଯେଉଁ ଦିନ ହେବେ ରାଜା ।

ସେହିଦିନ ମୁହିଁ ଶ୍ରୀଚରଣତଳେ ହୋଇବି ଦାସ ପରଜା ।୧୫।

ଏତେ ଦୁରନ୍ତକୁ ବିଚାରି ମନକୁ ଜଗିଅଛି ଟିଆକଣ୍ଟ ।

ତେଣୁକରି ମୁହିଁ ବ୍ରହ୍ମାଣ୍ଡେ କହୁଛି ନ ପିନ୍ଧିବି କୁମ୍ଭୀପଟ ।୧୬।

ନାମଟି ଅକ୍ଷୟେ ଆଜନ୍ମ ଅଜୟେ ଚାରିଯୁଗେ ଯେବେ ସତ୍ୟ ।

ଗୃହେ ଥାଇ ବିହିତ କର୍ମରେ ଚାଲିଲେ ସବୁ ହେବ ପରାପତ ।୧୭।

ନିଷ୍କାମ ପଦରୁ ସୁମରି ଆଦ୍ୟରୁ କରିଅଛି ଧ୍ୟାନଯୋଗ ।

ପ୍ରଭୁଠାରେ ବଡ କଟାଳ କରିବି ନାହିଁ ଦେଲେ ମୋତେ ଭାଗ ।୧୮।

ଜନ୍ମ ହେଲେ ମୃତ୍ୟୁ ମୃତ୍ୟୁଠାରୁ ଜନ୍ମ ବେନି ପରକାର ଅଛି ।

ଏ ମୃତ୍ୟୁ ମଣ୍ଡଳେ ଥିବା ପରିୟନ୍ତେ ଭୋଗ କରିଥିବି କିଛି ।୧୯।

ସତ୍ୟେ ଯେବେ ମୁହିଁ ଜନମ ଲଭିଛି ବ୍ରହ୍ମତେଜ କଳା ଘେନି ।

ଯିବାବେଳେ ନିଶ୍ଚେ ସେ ଠାବକୁ ଯିବି ଭୀମ ଅରକ୍ଷିତ ଭଣି ।୨୦।

## ତ୍ରିଂଶ ବୋଲି

ପିତା ଅଟନ୍ତି ମୋ ଅନାଦି ଠାକୁର ମାତା ଆଦି ଶକ୍ତି ନାରୀ ।

ଦୁତି ଯୁଗଳରୁ ଜନମ ଲଭିଛି କବି-କୃତ କଳା ଧରି ।୧।

ପିତା ମାତାଙ୍କର ଚରଣତଳକୁ ପ୍ରଲୟିତ ଶତେବାର ।

ଏଠାରୁ ଏଣିକି ନ ଦିଶୁଛି ପଦ ଜାଣି ବୁଝି ଦୟା କର ।୨।

ଗୁରୁଦେବ ସ୍ୱାମୀ ସର୍ବ ଅନ୍ତର୍ଯାମୀ ନାହିଁ ମୋର କହିବାକୁ ।

କାମନା କଳ୍ପନା ସମସ୍ତ ଲାଗିଲା ଶ୍ରୀଗୁରୁ ପାଦ ତଳକୁ ।୩।

ସାର ଅସାର ଦୁତୀୟ ପରକାର ବାତ୍ସଲ୍ୟରେ ପଦ ବସୁ ।

ବରଷା ଋତୁରେ ମହାନଦୀ ପ୍ରାୟ ପଦ ଅର୍ଥ ବଢି ଆସୁ ।୪।

ପଶିବି ଶରଣ ମେଣ୍ଟିବି ମରଣ ମନେ ନ ଧରିବି କ୍ଷଉ ।

ପ୍ରାଣ ବଞ୍ଚାଇବି ପିଣ୍ଡକୁ ସଞ୍ଚିବି ଛତ୍ର ପ୍ରାୟ ଯେଉଁ ପାଦ ।୫।

ଭଜୁଅଛି ମୁହିଁ ଦିବା ନିଶି ନାହିଁ ଯୁଗଳ ଚାରିଚରଣ ।

ସୁଧା ମଧୁରସ ପିଉଥିବି ନିତ୍ୟେ ତାହା କରୁଅଛି ମନ ।୬।

ଦାରୁ ହୋଇ ଦୁଃ ହୋଇଲି ମୁଁ ଆସି ବହି ଯାଉଅଛି ଯୁଗ ।

ପିତା ମାତାଙ୍କର କରୁଣା ନୋହିଲେ ଜଗତେ ନ ମିଳେ ଠାବ ।୭।

ସତେ ଯେବେ ଅବଧୂତ ଶୂନ୍ୟବାନା ଅଲେଖ ମହିମା ମେରୁ ।

ବିଚାରିଲେ ପ୍ରଭୁ କ୍ଷଣିକ ମାତ୍ରକେ ଦୂବ କରିପାର ଦାରୁ ।୮।

ଅନନ୍ତ ପୁରୁଷ ଅରୂପେ ଅଦୃଶ୍ୟ ଯାର ନାହିଁ ହାଇ ଛାଇ ।

ଶୂନ୍ୟକୁ ଅନାଇ ଦର୍ଶନ କରୁଛି ପାଦରେଣୁ ପାଇ ପାଇ ।୯।

ଅଜନ୍ମ ଅକ୍ଷଏ ନ ଦିଶଇ କାଏ ଅନାଦି ଅରୂପାନନ୍ଦ ।

ତରିଯିବି ବୋଲି ଚିତ୍ତରେ ମୋହର ଶୂନ୍ୟକୁ ପାତିଛି ଫାନ୍ଦ ।୧୦।

ଆଗତଭବିଷ୍ୟ ଆଜ୍ଞାରେ ଅଦୃଶ୍ୟ ମନେ ମନେ ହେତୁ କରି ।

ଦିବସ ରଜନୀ ସନ୍ତାପୀ ହେଉଛି ପ୍ରଭୁ ନାମ ଧରି ଧରି ।୧୧।

ମନରେ ନିମଞ୍ଜି ଆନକୁ ନ ଭଜି ଏକା ମହିମାଙ୍କ ବିନୁ ।

ପ୍ରଭୁ ସେ ରଖିବେ ପ୍ରଭୁ ସେ ଭକ୍ଷିବେ ଏ ମୋର ମାନବ ତନୁ ।୧୨।

ଏଥିକୁ ଚାହିଁ ବିଚାରି ଦୟା କର ବାଞ୍ଛାଫଳ ପୂର୍ଣ୍ଣ ହେଉ ।

କବି କୃତ କଳା ଫୁଟି ଅନର୍ଗଳା ଯୁଗେ ଯୁଗେ କୀର୍ତ୍ତି ରହୁ ।୧୩।

ଯୋନିଜନ୍ମ ପିଣ୍ଡ ପ୍ରକୃତି ପ୍ରଚଣ୍ଡ ରୋମ ଚର୍ମେ ଲାଗି ମାୟା ।

ଅନୁଭବ ଭେଦମାର୍ଗେ କହିଦେଲେପିତାମାତା ହେଲେଦୟା ।୧୪।

ଶ୍ରୀଗୁରୁଙ୍କ ଠାସ ନୟନ ଅଦୃଶ ବେଦଶାସ୍ତ୍ର ନାହିଁ ସାଧି ।

ଶୂନ୍ୟକୁ ଅନାଇ ପଦ ବଖାଣଇ ଅନୁଭବେ କରି ବୁଦ୍ଧି ।୧୫।

ଶଶୀ ତେଜ ପ୍ରାୟ ହୋଇଲା ଉଦୟ ହୃଦରୁ ଭବୁକି ଭେଦ ।

ଅଜ୍ଞାନ ପିଣ୍ଡରେ ଚେତା ପ୍ରକାଶିଲା ଶିରେପଡି ପଦ୍ମପାଦ ।୧୬।

ପିତା ମାତା ଦୁଇ ଏକ ସଙ୍ଗ ହୋଇ ଭକ୍ତି କଳାକୁ ସୁମରି ।

ବେନି ଜନହୋଇ ଆଶୀର୍ବାଦଦେଇ କୃପାଜଳେ ସ୍ନାନ କରି ।୧୭।

କୀଟପ ଜନମ ପାମର ଅଜ୍ଞାନ ଜଡ଼ା ବୃକ୍ଷ ସଙ୍ଗେ ଜଣେ ।

କହିଲା ବଚନ ପାସୋର ହୁଅଇ ହୃଦରେ ନ ଥାଇ କ୍ଷଣେ ।୧୮।

ସର୍ବ ସାଧୁଗଣ ହୋଇ ଏକ ସ୍ଥାନ ସିଦ୍ଧ ସାଧୁଙ୍କର ମେଳେ ।

ଆଶିଷ କଲ୍ୟାଣଦେଇ ଋଷିଗଣ ମାଥେ ହସ୍ତ ମାରି ଦେଲେ ।୧୯।

ଅନାଦି ଅଲେଖ ହୋଇଛନ୍ତି ଉଦେ କହନ୍ତେ ବୋଇଲେ ନାହିଁ ।

କହେ ଭୀମ ଭୋଇ ଷଢ ଶତ ପଦ ସମସ୍ତେ ହେଲେଣି ବାଇ ।୨୦।

## ଏକତ୍ରିଂଶ ବୋଲି

ଦିନୁ ଦିନ ଆସି ପ୍ରବଳ ହେଲାଣି ଦୁଃଖ କଷ୍ଟ ଦୁରୁଦଣ୍ଡ ।

ଦୋଷ ଅପରାଧ କ୍ଷମା କରି ସ୍ୱାମୀ ସମ୍ଭାଳ ତୋ ଭକ୍ତ ମୁଣ୍ଡ ।୧।

ଧିକାର ବଚନେ ଧ୍ୟାନକୁ ଛଡାଇ ଧୀରେ ରହୁ ନାହିଁ ମନ ।

ଧିକ ଯାଉ କିନା ଜୀବ ଜନ୍ମ ମୋର ଧାଉଁଅଛି ଅନୁକ୍ଷଣ ।୨।

ବ୍ରହ୍ମାଣ୍ଡ କରତା ଆପେ ବିଜେ କରି ବାଛି ବେଭାର କରିଛି ।

ବାଧି ଯାଉଅଛି ଜୀବନକୁ ମୋର ସତ କଥା ନୋହେ ମିଛ ।୩।

ଅନ୍ତର୍ଯାମୀ ପ୍ରଭୁ ଅଶ୍ରୁତି ଅମୂର୍ତ୍ତି ଅମୃତ ଅନ୍ତର୍ଗତେ ପରା ଜାଣି ।

ଆଶ୍ରିତ ପ୍ରାଣିକି ଅବସ୍ଥା ଦେଉଛି ହୃଦୟ ହେଉଛି ହାଣି ।୪।

ଦୟାଳୁ ପୁରୁଷ ଦରଶନେ ଦୃଶ୍ୟ ଦଗଧି ଦେଉଛି କାଏ ।

ବାମ ଡାହାଣକୁ ଯେଣିକି ଚାହିଁଲେ ଆଗ ପଛେ ନାହିଁ କିଏ ।୫।

ତେଣୁ କରି ମୁଁ ଯେ ତରିବି ବୋଲିଣ ତୀରକୁ ଦେଉଛି ଦୃଷ୍ଟି ।

ତ୍ରୈଲୋକ୍ୟରେ ପ୍ରଭୁ ତତ୍ତ୍ୱରେ ନ ବୁଝି ଲଗାଉଅଛ ଅରଷ୍ଟି ।୬।

ଅନାସ୍ତ ପ୍ରାଣୀଙ୍କ ଛନ୍ଦ କୁଟେ ଆଣି ଅଥଳେ ପକାଉଅଛ ।

ଅନୁମାନ କରୁଅଛି ନିରନ୍ତରେ ଅନ୍ତର କରି ଦେଉଛି ।୭।

ଆଶା କରି କରି ଅବସ୍ଥା ହେଉଛି ଆସି ମୃତ୍ୟୁ ରବିତଳେ ।

ଅଜ୍ଞାନ ଅକର୍ମ ଯଶ ଅପଗୁଣ ଘୋଟିଲାଣି ଏକାବେଳେ ।୮।

ମନରେ ତବଦ ମନି ନିଜ କର୍ମ ମୃତ୍ୟୁପଥକୁ ଆବୋରି ।

ମଲା ପିଣ୍ଡେ ମୋର ଭରା ପକାଉଛ ମାୟା ମୋହ ଭରି କରି ।୯।

ଗୁରୁଦେବ ସ୍ୱାମୀ ସର୍ବ ଅନ୍ତର୍ଯାମୀ ଖାତକୁ ଦେଉଛ ଫିଙ୍ଗି ।

ଗରଳ ବିଷ ପରାଏ ଲଗାଉଛ ଗାଢପଣେ ଅଛ ଜଗି ।୧୦।

ମହତ ମର୍ଯ୍ୟାଦା ସକଳ ବୁଡ଼ାଇ ମନୁଷ୍ୟ ପରାଏ ହୋଇ ।

ମାନ ଛଳ କଥା ଦୂରେ ଫିଙ୍ଗି ଦେଇ ମୃତ୍ତକା ପରାଏ ମୁହିଁ ।୧୧।

ଛାର ଛିକାର ଛୋକରିଆ କଥାକୁ ଛନ ଛନ ହୁଏ ଚିତ୍ତ ।

ଛାଡି ଲାଜ ଭୟ ଦୂରକୁ ତେଜିଲେ ସରିବ ମାନ ମହତ୍ତ୍ୱ ।୧୨।

ଗୁରୁ ସେ ହରତା କରତା ବିଧାତା କରିବେ ଯେ ଭଲ ମନ୍ଦ ।

କିସ ଜଣାଇବି ଶ୍ରୀଗୁରୁ ଛାମୁକୁ ଜାଣିବେ ଅନାଦିକନ୍ଦ ।୧୩।

ଶୂନ୍ୟ ଶୂନ୍ୟ ବୋଲି ସକଳକୁ ଛାଡି ସତ୍ୟକୁ କରି ପସରା ।

ସହିବାକୁ କାହିଁ ଶକତି ମୋହର ନେତ୍ରୁ ବହୁଅଛି ଧାରା ।୧୪।

ଶୋକ ସନ୍ତାପରେ ଶରଣ ପ୍ରଣାମ ସକ୍ଷ ନାହିଁ ମୋର ଦେହେ ।

ସହି ସମ୍ଭାଳି ସାଧ କର କିପରି ପଡ଼ି ଏକାକ୍ଷର ନିରାମଏ ।୧୫।

ଘନ ପ୍ରାଏ ଘୋଟି ଗର୍ଜି ଆସୁଅଛି ଘୋର କଳି ମାୟା ଦେଖ ।

ବୀରବଧୁବାନା ଘୋଡାଇ ଜୀବକୁ ଅଭୟ ପଞ୍ଜରେ ରଖ ।୧୬।

ଡ଼ିଙ୍ଗରକୁ ଚାହିଁ ଡ଼ରୁଅଛି ମୁହିଁ ଡ଼ାକ ଜଗତରେ ପଡ଼ି ।

ଡ଼ୋଳାଗୋଚରେଦେଖୁଦେଖୁସମସ୍ତେଅଙ୍ଗେବସିଲେଣିମାଡ଼ି ।୧୭।

ପଞ୍ଚମନ ମଧ୍ୟେ ବିଚରଣ କଲେ ପାସୋରି ନୁହଇ କଥା ।

ପୁରାଉଛ ନେଇ ଅଦମ୍ୟ ଭିତରେ ରଖୁଛ କୀରତି ପୋଥା ।୧୮।

କାର୍ଯ୍ୟ ଯେବେ ଅଛି କାହିଁକି ଶ୍ରୀ ଗୁରୁ କରାଉଛ ହଟପଟ ।

କର୍ମକାଣ୍ଡେ ମୋର କି କି ଲିଖିଅଛ କହିଦିଅ ମୋତେ ବାଟ ।୧୯।

ନ ଜାଣଇ କିଛି ଆଶା କରିଅଛି ହୃଦୟରେ ପାଞ୍ଚି ଯାହା ।

ଭଣେ ଭୀମ ହୀନ ପାମର ଅଜ୍ଞାନ ଗୁରୁଦେବ ସ୍ୱାମୀ ସାହା ।୨୦।

**ଦ୍ୱାତ୍ରିଂଶ ବୋଲି**

ଗୁରୁ ଦେବ ସ୍ୱାମୀ ମହିମା ସାଗର ପିଣ୍ଡ ପ୍ରାଣ ରକ୍ଷା କର ।

ଶରଣ ପାଦ ପଦ୍ମରେ ଶତେ ବାର ଦୟାରେ ଉଦ୍ଧରି ଧର ।୧।

ଅବଧୁତ ସ୍ୱାମୀ ଅଲେଖ ଅବର୍ଣ୍ଣ ଅରୂପ ଅନାମ ଦୀକ୍ଷା ।

ହରତା କରତା ଜ୍ଞାନଗୁରୁ ଦାତା ଗତି ପତି ସ୍ୱାମୀ ଏକା ।୨।

ପ୍ରାଣର ବଲ୍ଲଭ ଜଗତ ବାନ୍ଧବ ଜୀବ ପ୍ରାଏ ଅଙ୍ଗେ ବସି ।

ଏଡ଼େ ବଡ଼ ପ୍ରଭୁ ବାନା ଥାଉଁ ଥାଉଁ ବିଅର୍ଥେ ଯାଉଛି ଭାସି ।୩।

କୋଟିଏ ଶରଣ କୋଟିଏ ବିନତି କୋଟି ଦଣ୍ଡ ପରଣାମ ।

କୋଟି ପ୍ରଲମ୍ବିତ କୋଟି ଯୋଡ଼ା ହସ୍ତ ଅନାଦି ଅରୂପ ବ୍ରହ୍ମ ।୪।

କୋଟି କୋଟି ସ୍ତୁତି କୋଟି ପ୍ରଣପତ୍ୟ ଗଳାରେ ବସନ ବାନ୍ଧି ।

ଦନ୍ତରେ ତିରଣ ବିନୟ ଭାବେଣ ଜଣାଣ କରୁଛି କାନ୍ଦି ।୫।

ଅଯୋନି ଅଜାତ ଅବ୍ୟୟ ଅଚ୍ୟୁତ ଅଣାକାର ଏକ ବ୍ରହ୍ମ ।

ମହିମା ସାଗର ବାନା ପ୍ରକାଶିଛ ଆଦି ଅବଧୁତ ଧର୍ମ ।୬।

ମେଲଛ ପତିତ ପାମର ଅଜ୍ଞାନ କୀଟପ ଏ କୃତା ଜୀବ ।

ଅନାସ୍ଥ ପ୍ରାଣୀକି ଅନ୍ତର୍ଗତେ ଜାଣି ସୁଦୟାରେ ଚାହିଁ ଥିବ ।୭।

ନିରେଖ ଜୀବକୁ ନିରାଶ ନ କରି ନିଷ୍କାମରେ ଫଳ ଦେବ ।

ନିସାଖା ପ୍ରାଣୀକି ଶୂନ୍ୟ ନାମ ବ୍ରହ୍ମ କୃପାଜଳେ ତାରି ନେବ ।୮।

କୀଟ ଜୀବ ଛାର ସମ ଦ୍ରୋହକାର ସଦା ଅପରାଧୀ ହୋଇ ।

ପାପ ପୁଣ୍ୟ କଥା କିବା ଭଲ ମନ୍ଦ କିଛି ନ ଜାଣଇ ମୁହିଁ ।୯।

ଏକାକ୍ଷର ନାମ ଏକାକ୍ଷର ବ୍ରହ୍ମ ଏକାକ୍ଷର ଧର୍ମ ସେବା ।

ଏକାନ୍ତ ଭଜନ ନିଷ୍କାମ ଭଗତି ଦୟା କଲେ ସିନା ହେବା ।୧୦।

ଏକାକ୍ଷର କର୍ମ ଏକାକ୍ଷର ପାଦ ଏକାନ୍ତ ସାଧନା ସିଦ୍ଧି ।

ଅଶ୍ରୁତି ଅମୁର୍ତ୍ତି ଅଣାକାର ଧର୍ମ ଏକାଙ୍ଗ ଭକ୍ତିର ବିଧି ।୧୧।

ଆଦି ଅନାଦି ଅରୂପ ଭଗବାନ ଅବ୍ୟକତ ଭାବଗ୍ରାହୀ ।

ଅନନ୍ତ ପୁରୁଷ ଅତୁଳ ମହିମା ଅଣଶବଦର ଦେହୀ ।୧୨।

ଅରୂପ ଗୋବିନ୍ଦ ଚିର ଜଣାନନ୍ଦ ଅନାଦି ତ ଆଦିକନ୍ଦ ।

ଅଗ୍ନି ଅଙ୍ଗୀକାର ସର୍ବ ଅବିକାର ଅଲେଖ ପରମାନନ୍ଦ ।୧୩।

ତୁମ୍ଭରି ପିଣ୍ଡ ପ୍ରାଣ ତୁମ୍ଭେ ସମ୍ଭାଳ ତୁମ୍ଭରି ବ୍ରହ୍ମାଣ୍ଡ ରଖ ।

ଦେବକୂଟ ବିଷ୍ଣୁକୂଟ କାଳକୂଟ ଦୟାରେ କରି ବିବେକ ।୧୪।

ତୁମ୍ଭ ମାୟାକୂଟ ଯମଦଣ୍ଡକୂଟ ଭୂପତିକୂଟକୁ ଛେଦି ।

ଅସୁର ମେଲଛ କୂଟରୁ ବଞ୍ଚାଇ ସମ୍ଭାଳି ରଖ ଅନାଦି ।୧୫।

ତୁମ୍ଭରେ ଶରଣ ସମ୍ଭାଳି ଆପଣ ସେବା ଭକ୍ତି ଆପେ ଘେନ ।

ବଡ଼ ପଦେ ମୋର ଭରସା ନ ଥାଇ ଘେନିବାକୁ ଦରଶନ ।୧୬।

ତୁମ୍ଭ ସେବା ଭକ୍ତି ତୁମ୍ଭ ଭକ୍ତକୁଳ ତୁମ୍ଭ ଯଶ କୀର୍ତିମାନ ।

ତୁମ୍ଭ ସାରସ୍ୱତ ତୁମ୍ଭ  କବିକୃତ ଜଗତ ମଧ୍ୟେ ବଖାଣ ।୧୭।

ତୁମ୍ଭରି ନିନ୍ଦା ସ୍ତୁତି ପାପ ପୁଣ୍ୟାଦି ହେଉଅଛି ଲାଭ ହାନି ।

କର୍ମ ଅକର୍ମରେ ଆସ୍ତି ନାସ୍ତିଠାରୁ ଶ୍ରୀଗୁରୁ ଦେବ କାରେଣି ।୧୮।

ମେଲଛ ଅସୁର ପାପିଷ୍ଟ ହସ୍ତରେ ନ ଦିଅ ସ୍ୱାମୀ ପକାଇ ।

ଅକୂଳ ସାଗରେ ଚିନ୍ତା ଦୁଃଖ ଘୋରେ ମାଡ଼ିବା ଉଚିତ ନୋ ହ ।୧୯।

ସତ୍ୟ ବାନା ସତ୍ୟ ନାମ ବ୍ରହ୍ମ ବୋଲି ଅଛି ମୁଁ ଭରସା କରି ।

କାନ୍ଦି କାକୁସ୍ଥରେ କହେ ଭୀମ ଭୋଇ ଗୁରୁ ପାଦପଦ୍ମ ଧରି ।୨୦।

❧ ❧ ❧ ❧

## ତ୍ରେୟତ୍ରିଂଶ ବୋଲି

ସତ୍ୟ ନାମ ବ୍ରହ୍ମ ଧରତୀ ଆକାଶ ପୃଥୀ ଆପ ତେଜ ବାଇ ।

ଚାରି ଧର୍ମ ଥିଲେ ବିଚାରି ବୁଝିବେ ନିଶ୍ଚଏ ପାଇବି ମୁହିଁ ।୧।

ନବ ଲକ୍ଷ ତାରା ସୁରାଟ ବିରାଟ ମହରାଟ ଠୁଳ ଶୂନ୍ୟ ।

ବିନୟକୁ ଘେନି ବୁଝାମଣା କର ମନବାଞ୍ଛା ହେଉ ପୂର୍ଣ୍ଣ ।୨।

ଦଶଦିଗପାଳ ସ୍ୱର୍ଗ ସୁରପତି ତେତିସ କୋଟି ଦେବଗଣେ ।

ବ୍ରହ୍ମା ବେଦପତି ଚନ୍ଦ୍ର ସୂର୍ଯ ଆଦି ବୁଝି ଦିଅ ସାବଧାନେ ।୩।

ଚାରି ଦିଗ ଚାରିଯୁଗ ଚାରି ମେଘ ବିଜୁଳି ଝଟକ ଆଦି ।

ଏ ମୋର ଭାରତୀ ବିଚାରି ଉଚିତ ବେଗେ କର ସର୍ବ ସିଦ୍ଧି ।୪।

ଜଳ ଅନଳ ପବନ ଆଦିକରି ବରୁଣ କୁବେର ଧାତା ।

ଚାରି ଯତି ଚାରି ସତୀ ରୁଣ୍ଡ ହୋଇ ବୁଝିଦିଅ ମୋର କଥା ।୫।

ସପତ ସାଗର ଅଷ୍ଟକୁଳନାଗ ଆଦି ନବଖଣ୍ଡ ମହୀ ।

ଏ ମୋର କଲେ ଆନୁଆନ କେଉଁ ମୁଁ ଛାଡ଼ିବି ନାହିଁ ।୬।

ଉଡ଼ା ବୁଡ଼ା ଚଳ ଅଚଳ ଏ ଯେତେ ଅଛନ୍ତି ଯେ ଯେଉଁ ସ୍ଥାନେ ।

ଭଜିବା ନ ଭଜିବାର ଜାଣୁଅଛ ଦୃଷ୍ଟି ଦେଇ ଅନୁକ୍ଷଣେ ।୭।

ଛପ୍ପନକୋଟି ଜୀବ ସୁଜ୍ଞ ସାଧୁ ସନ୍ଥ ନର ନାରାୟଣ ହରି ।

ବୁଝାମଣା କର ସକଳ ଦୃତ୍ତାନ୍ତ ପଡୁ ଅଛି ପାଦ ଧରି ।୮।

ଅନନ୍ତ କୋଟି ସାଧୁ ଚୌଷଠୀ ସିଦ୍ଧ ଅନାହତ ବ୍ରହ୍ମଧ୍ୱନି ।

ଶକତରେ ବୁଝାମଣା କରିଦିଅ କମ୍ପୁଥାଉ ଏ ମେଦିନୀ ।୯।

ବ୍ରହ୍ମା  ବିଷ୍ଣୁ ଶିବ ଆଦି ଚାରି ଯୁଗ ନବଗ୍ରହ ସତାଇଶ ।

ଏ ମୋର ଗୁହାରି ସଭାରେ ବିଚାରି ବୁଝାମଣା କରି ବସ ।୧୦।

ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନି ପୁରକୁ କୋଟିଏ ଶରଣ ଗଲି ।

ଚିନ୍ତା ଅର୍ଥ ଆରା ଭରା ଯେତେ କଥା ସଭାରେ ପକାଇ ଦେଲି ।୧୧।

ବୁଝିଦେଲେ ବୁଝ ଏ ମୋର ନିଆୟ ନୋହିଲେ ଛାଡ଼ିବି ଦେହ ।

ତିନିପୁର ସଭାମଣ୍ଡଳରେ ଯେତେ କବି ହତ୍ୟା ଦୋଷ ବହ ।୧୨।

ଘର ଦ୍ୱାର ଇଷ୍ଟ ବନ୍ଧୁବର୍ଗ ଛାଡ଼ି ବ୍ରହ୍ମାଣ୍ଡେ ବୁଲୁଛି ଆସି ।

ମୋହର ପିତାର ରଞ୍ଚିଲା ଜଗତେ ଖେଳ କରୁଅଛି ବସି ।୧୩।

ପିତା ମାତା ସଙ୍ଗ ସାଥି ବାଡି ବୃତ୍ତି ଛାଡ଼ି ମୁଁ କଲି ଭରସା ।

ପ୍ରଭୁ ପ୍ରଭୁ ବୋଲି ନିରନ୍ତର ଭାଳି ଏକାକ୍ଷର ପାଦେ ଆଶା ।୧୪।

କର୍ମ ଧର୍ମ କ୍ରିୟା ଆଚାର ବେଭାର ବେଦମତ ଛାଡ଼ି ଦେଇ ।

ବାତୁଳ ପରାଏ ଭ୍ରମୁଛି ସଂସାରେ ଗୁରୁପାଦେ ଚିତ୍ତ ଦେଇ ।୧୫।

ଜପ ତପ ସନ୍ଧ୍ୟା ହୋମ ଯଜ୍ଞ ତେଜି ଧରି ନିରିବେଦ ପଥ ।

ଆତ୍ମା ଭଗତିରେ ଏ ମୃତ୍ୟୁ ସଂସାରେ ମଣିଲି ମୁଁ ଏକମତ ।.୧୬।

ଦାରୁ ପ୍ରତିମା ସେବା ପୂଜା ଛାଡ଼ିଲି ଭୋଗରାଗ ଯେତେ କଥା ।

ପ୍ରଭୁଙ୍କ ନାମରେ ବୁଲନ୍ତି ସଂସାରେ ଲଗାଉ ଅଛନ୍ତି ଲେନ୍ଥା ।୧୭।

ଜଗତ ଯାକରେ ଗୁରୁ ପିତା ମାତା ସକଳ ସମାନ ଚାହିଁ ।

ଦାରା ସୁତ ବିତ୍ତ ବନ୍ଧୁବର୍ଗ ବୋଲି ମନରେ ଘେନୁଛି ମୁହିଁ ।୧୮।

ତେଣୁ କରି ସିନା ମନର ଭିତରେ ସମାନ ଭଗତି କରି ।

ହୃଦରେ ବିକାର ଚିତ୍ତେ ଅହଂକାର ସର୍ବ ସଂଶୟ ନିବାରି ।୧୯।

ଏଡ଼େ ପ୍ରଭୁ ଥାଇ ନ ଗଲା କଷଣ ନିଜ ରୂପେ ଉଦେ ହୋଇ ।

ଚାହିଁଛି ଶୂନ୍ୟକୁ ନିଷ୍କାମ ପୁଣ୍ୟକୁ ଭୀମ ଅରକ୍ଷିତ ଭୋଇ ।୨୦।

❧ ❧ ❧ ❧

**ଚତୁଃତ୍ରିଂଶ ବୋଲି**

ଜଗତରେ କବିପଣେ ବୋଲାଉଛି ଦୋଷ ନାହିଁ ଦେବ ମୋତେ ।

ନିନ୍ଦା ହାନି ଲାଭ ପାପ ପରମାଦ ପୁରି ରହିଛି ଜଗତେ ।୧।

ଅତି ଅନ୍ୟାଚାର ଏ ମାୟା ସଂସାରେ କେଉଁରୂପେ ନେବି ଦିନ ।

ପିଣ୍ଡ ବ୍ରହ୍ମାଣ୍ଡରେ ସକଳ ଠାବରେ ଛନ୍ଦିଅଛି ତିନିଗୁଣ ।୨।

ରଞ୍ଜନା ଦେଖାଇ ପାଞ୍ଜନା କରାଇ କରାଉଛ ଖଳବଳ ।

ଭବସିନ୍ଧୁ ଭାବସିନ୍ଧୁ ଦୁଇ ମିଶି ପୁରି ରହିଅଛି ଜଳ ।୩।

ତହିଁର ଭିତରେ ଛାଡ଼ି ଦେଇଅଛ ଏ ଜୀବକୁ ପିଣ୍ଡ ଦେଇ ।

ପାତକ ଲଗାଇ ଦୋଷ ନାହିଁ ଦେବ ଅନ୍ତର୍ଗତେ ଥିବ ଚାହିଁ ।୪।

ଅନାଥ ଜୀବଟି ବୁଲୁଛି ସଂସାରେ ନ ଜାଣଇ କିଛି କଥା ।

କେତେ ମିଛ କେତେ ପାପ ହେଉଅଛି ପ୍ରଭୁ ଜାଣନ୍ତି ଏ କଥା ।୫।

ଯେଉଁ ଦିନୁ ଜାତ ପାପ କରି ଅଛନ୍ତି ତ ରବିତଳେ ମହାଶୂନ୍ୟ ।

ଚାରି ଯୁଗ ମତେ ନିଦ୍ରା ଗଲା ପରି ଲାଗୁଅଛି ଚାରି ଦିନ ।୬।

ଏଥିରୁ ଆହୁରି କିସ ମୁଁ କହିବି ସଂସାର କୁ ସତ୍ୟ ସତ୍ୟ ।

ଯେ ଯହିଁରେ ଥାଇ ସେହି ସେ ଜାଣଇ ଆନକୁ ନ ଆସେ ହିତ ।୭।

ବଡ଼ିମା କହିଲା ବୋଲିବେ ଜଗତେ ତେଣୁକରି ମୋର ଭୟ ।

ମୁହିଁ ସିନା ଜାଣେ ମୋ ଜନ୍ମର କଥା ଅନାଦି ଗୁରୁଙ୍କ ପୁଅ ।୮।

ସଂସାର ମଧ୍ୟରେ କେମନ୍ତେ ଜାଣିବେ ନର ଅଙ୍ଗେ ଦେହ ବହି ।

ଆତଯାତ କଥା ଯୁଗର ବେବସ୍ଥା ସମସ୍ତଙ୍କୁ ଜଣାନାହିଁ ।୯।

ହୃଦୟରେ ଭେଦ ସାରସ୍ୱତ ପଦ ଅନୁଭବେ ନାହିଁ ବୁଦ୍ଧି ।

ନର ଦେହ ବହି ସର୍ବେ ଅଣଚେତେ କାହୁଁ ଜାଣିବେ ସେ ସିଦ୍ଧି ।୧୦।

ରୂପ ରସ ଗନ୍ଧ ରଙ୍ଗେ ମାତି ସର୍ବେ ଭୁଲାଇ ନେଉଛି ମାୟା ।

ମୋହିନୀ ମଦେ ପଡିଛନ୍ତି ସମସ୍ତେ ପାସୋରି ଜୀବନ କାୟା ।୧୧।

ଜଗତ ଭିତରେ ସଂସାର ହିତରେ ବଖାଣିଲି କବିକୃତ ।

ଯେତେ ବୁଝାଇଲି ନ ବୁଝିଲେ କେହି କୋପ କରି ଅପ୍ରମିତ ।୧୨।

କୋଳରେ ବସାଇ ମନରେ ମିଶାଇ କହୁଁ କହୁଁ ବର୍ଣ୍ଣପାଶେ ।

ନଦୀଜଳ ପ୍ରାୟ ବଢ଼ି ଯାଉଅଛି ଜ୍ଞାନ ନ ଭେଦିଲା ଲେଶେ ।୧୩।

ମୁହିଁ କହୁଥାଇ ମନରେ ବିଚାରି ମୂକତି ପଦକୁ ଭାଳି ।

ଜଣ ଜଣ କରି ବୁଝାଇ କହାଇ ସର୍ବେ ତରିଯିବୁ ବୋଲି ।୧୪।

ଦୁର୍ଲଭ ଜନମ ଦେହ ବହିଛନ୍ତି କରି ନୁହେଁ ବଡ଼ ସାନ ।

କଥାର ପ୍ରସଙ୍ଗେ କହ ନେଉଥାଇ ଶୁଣ ଶୁଣ ସର୍ବଜନ ।୧୫।

ଧରମ ପଥକୁ ଆଶ୍ରିତ କରାଇ ବତାଇ ଦିଅଇ ଜ୍ଞାନ ।

ଆତ୍ମା ଭଗତିକି ଜୀବ ମୁକତିକି ପ୍ରତକ୍ଷେ କରାଇ ଚିହ୍ନ ।୧୬।

କପଟ ନ କରି ଧୂଳି ମାଟି ପରି ବାଣ୍ଟି ଦେଉଥାଇ ଭାଗ ।

ପୁତ୍ର ପରାଏ ଆହାଲାଦ କରାଇ କହୁଥାଇ ଜ୍ଞାନଯୋଗ ।୧୭।

କି ଅବା ସ୍ତିରୀ ସେ କି ଅବା ପୁରୁଷ ବାଳ ବୃଦ୍ଧ ଯୁବା ଯେତେ ।

ଭିନ୍ନ ଭିନ୍ନ କରି ଚିହ୍ନାଇ ଦିଅଇ ସଂଶୟ ନ ରଖି ଚିତ୍ତେ ।୧୮।

ପ୍ରାଣରୁ ଅଧିକ କରିଣ ତାହାକୁ କହୁଥାଇ ସଦବୁଦ୍ଧି ।

ଗୁରୁ ସେବା କଲେ ନିଷ୍ଟେ ଅନ୍ତକାଳେ ତରିଯିବ ବାରାନିଧି ।୧୯।

ଏଥକୁ ଚାହିଁ ବିଚାର ମହାପ୍ରଭୁ ହେବ ଯେବେ ମୋର ଦୋଷ ।

ଶ୍ରୀଗୁରୁ ଛାମୁରେ ବିନତି ମାଗୁଛି ଭୀମ ଅରକ୍ଷିତ ଦାସ ।୨୦।

**ପଞ୍ଚତ୍ରିଂଶ ବୋଲି**

ଅରୂପ ଅନାଦି ସର୍ବଗୁଣେ ସିଦ୍ଧି ନାମ ଅଖଣ୍ଡିତ ପୂର୍ଣ୍ଣା ।

ଭଗତି ସୁକତି ସେଠାରୁ ଉଦଏ ସବୁ କାଳେ ନୁହେ ଊଣା ।୧।

ସତ୍ୟ ଧର୍ମ ବୋଲି ଅନୁସରି ଅଛି ସତ୍ୟେ ନାହିଁ ମୋର ବାଞ୍ଛା ।

ବୁଝିବ କି ନାହିଁ ବ୍ରହ୍ମାଣ୍ଡ କରତା ଦୟା ଯେ ତୁମ୍ଭର ଇଛା ।୨।

ଏକ ପାଦ ବିନୁ ଅନ୍ୟ ନ ଜାଣଇ ସର୍ବଘଟେ ପରିପୂର୍ଣ୍ଣ ।

ଅବିବେକପଣେ ଆନକୁ ନ ଭଜି ଚିହ୍ନି ଧର୍ମ ନିରିଗୁଣ ।୩।

ସାର ଅବତାର ବ୍ରହ୍ମାଣ୍ଡ ଠାକୁର ସକଳ ଜୀବ କରତା ।

ପିଣ୍ଡ ପ୍ରାଣ ସଞ୍ଚି ରଖିଛି ବଞ୍ଚାଇ ପ୍ରଭୁ ସିନା ପିତା ମାତା ।୪।

ପ୍ରଭୁ ବର୍ଗ ବନ୍ଧୁ ପ୍ରଭୁ ଇଷ୍ଟ ଦାତା ପ୍ରଭୁ ସିନା ସାହା ବାହା ।

ସ୍ୱାମୀ ବିନୁ ମୋର ସଙ୍କଟ ଦୁର୍ଗମ ଅନ କେ ଫେଡ଼ିବ ଏହା ।୫।

ଶ୍ରୀଗୁରୁ ମୋହର ସକଳ କାରେଣି ବୁଝିବେ ସେ ମୋର ରୀତି ।

ଅନ୍ତର୍ଯାମୀ ପ୍ରଭୁ ଫେଡ଼ାଇ ପାରିବେ ମାନ ସନ୍ତାପ ବିପତ୍ତି ।୬।

ଯେତେ ପରକାରେ ଏ ମାୟା ସଂସାରେ ବୁଦ୍ଧି ବିଚାରଣା କଲି ।

ସକଳ ଉପାୟ ସବୁ ଏ ଅନ୍ୟାୟ କିଛି ଫଳ ନ ଦେଖିଲି ।୭।

ସପତ ବ୍ରହ୍ମାଣ୍ଡ ଏକୋଇଶି ପୁରେ ଲୋଡ଼ି ଆସିଲି ମୁଁ ଯାହା ।

ସତ୍ୟଧର୍ମ ବିନୁ ଏ ମହୀମଣ୍ଡଳେ ବଡ଼ ହୋଇ ନୁହେ କାହା ।୮।

ତେଣୁକରି ସାର ବ୍ରହ୍ମ ବୋଲି ଜାଣି ଧରିଅଛି ନିରିବନ୍ଧେ ।

ଦୁଃଖ ସୁଖ ସର୍ବ ଭାର ପକାଇଛି ଶ୍ରୀଗୁରୁଙ୍କ ପାଦବିନ୍ଦେ ।୯।

ପ୍ରଭୁ ସେ ମାରିବେ ପ୍ରଭୁ ସେ ତାରିବେ ଯାହା ଇଛା ପଛେ କର ।

ଦିବସ ରଜନୀ ସନ୍ତାପ ମନରେ ନେତ୍ରୁ ବହୁଅଛି ନୀର ।୧୦।

ପଞ୍ଚଭୂତ ଆତ୍ମା ଦଗଧି ହେଉଛି ଜୀବନ କାନ୍ଦୁଛି ନିତି ।

ଅନ୍ୟାୟ ସଂସାର ଅନୀତି ଆଚାର ଦେଖି କଳିଯୁଗ ରୀତି ।୧୧।

ଅନୁମାନ କରୁଅଛି ଅନ୍ତର୍ଗତେ ସଛ ହୋଇ ନାହିଁ କେହି ।

କଳିଯୁଗେ ଆଣି ମେଳଛଙ୍କ ସଙ୍ଗେ ଜାତ କଲେ କାହିଁ ପାଇଁ ।୧୨।

ସ୍ୱଦେହରେ ଉଦେ ହୋଇଅଛ ବୋଲି ଅଛି ମହତ୍ତ୍ୱ ବେଭାର ।

ଶୀତ ପ୍ରାୟେ ଦେହ ଥରୁଅଛି ମୋର ଦେଖି ଅନୀତି ଆଚାର ।୧୩।

ଡରି ଡରି କରି ଏ ମର୍ତ୍ତ୍ୟମଣ୍ଡଳେ କେତେକାଳ ନେବି ଦିନ ।

ଘାଣ୍ଟି ହେଉଅଛି ହୃଦରେ ମୋହର ପଚିଶ ପ୍ରକୃତି ମନ ।୧୪।

ଯେଣିକି ଚାହିଁଲେ ମହାଶୂନ୍ୟ ଶୂନ୍ୟ ନ ଦିଶଇ ଆଖାଶାଖା ।

କେଉଁ ମର୍ତ୍ତଗର୍ବେ ବଚନ କହିବି ହୃଦରେ ପଶୁଛି ଦକା ।୧୫।

ଯେ ଜନ ଉଜିଲା ଯା ମନ ମଜ୍ଜିଲା କେ କରିବ ତାକୁ କିସ ।

କବିତ୍ୱ ପଣେ ମୁଁ ଯାହା ବୁଝାଇଛି ଏତିକି ମୋହର ଦୋଷ ।୧୬।

ବୋଲିବେ ଜଗତେ ବ୍ରହ୍ମଜ୍ଞାନ ହୋଇ କରୁଛନ୍ତି ଅପକୃତ ।

ପାଖେ ନ ବସିଲେ ମନ ନ ରସିଲେ କହି ନୋହେ ସରି ଅର୍ଥ ।୧୭।

ଘଟ ଭେଦ କଥା ଯେବଣ ବିଧାନ ଏକ ଅଙ୍ଗ ହେଲେ ଯାଇ ।

କ୍ଷୀର ନୀର ଠାରୁ ଅଧିକ ପୀରତି ମନ ମିଶାଇଲେ ନେଇ ।୧୮।

କେହୁ ଅଟେ ଗୁରୁ କେହୁ ଅଟେ ଶିଷ୍ୟ ତହିଁ ନ ଥାଇ ବାରଣ ।

ଭକ୍ତ ଭଗବାନ ଏକ ଅଙ୍ଗ ଜାଣ ଏକାନ୍ତ ଠାବେ ଭୋଜନ ।୧୯।

ଏ ବେନି ପ୍ରକାର ଯେ କରେ ବିକାର ସେ ପ୍ରାଣୀ ହୁଅନ୍ତି ନାଶ ।

ଭଣେ ଭୀମ ଭୋଇ ସାତଶ ପଦରେ ଅଭୟ ପଞ୍ଜରେ ବାସ ।୨୦।

## ଷଟତ୍ରିଂଶ ବୋଲି

ବେନିଜନ କଥା ଧର୍ମ ଉଲ୍ଲକିତା କେ କହିବ ତାହା କାଟି ।

ମୁଖରେ କହିଲେ ହୃଦ ଫାଟିଯିବ ଛିଡିଯିବ ଜିହ୍ୱା ପାଟି ।୧।

ନୁହନ୍ତି ସେ ଗୁରୁ ନୁହନ୍ତି ସେ ଶିଷ୍ୟ ନାହିଁ ସାଅନ୍ତ ସେବକ ।

ନୁହନ୍ତି ବ୍ରାହ୍ମଣ ନୁହନ୍ତି ଚାଣ୍ଡାଳ ନୁହନ୍ତି ସେ ବଡ଼ ଲୋକ ।୨।

ନୁହନ୍ତି ସେ ସ୍ତିରୀ ନୁହନ୍ତି ପୁରୁଷ ନୁହନ୍ତି ଅଣ୍ଡିରା ମାଇ ।

ନୁହନ୍ତି ସେ ପିତା ନୁହନ୍ତି ପୁତ୍ର ନୁହନ୍ତି ଭଉଣୀ ଭାଇ ।୩।

ନୁହନ୍ତି ସେ କ୍ଷୀର ନୁହନ୍ତି ସେ ନୀର ନୁହନ୍ତି ଦୁଗଧ ମଧୁର ।

ନୁହନ୍ତି ସେ କଷା ନୁହନ୍ତି ସେ ପିତା ନ ଥାଇ ଶୋଭା ସୁନ୍ଦର ।୪।

ନାହିଁ ତାଙ୍କ ଜାତି ନାହିଁ ତାଙ୍କ ଗୋତ୍ର ନ ଥାଇ ବାଛ ବେଭାର ।

ବେନି ଜନ ଏକ ଆତ୍ମା ମନ ହୋଇ କରୁ ଅଛନ୍ତି ସଂସାର ।୫।

ନୁହନ୍ତି ସେ ଜଳ ନୁହନ୍ତି ପବନ ନୁହନ୍ତି ରୂପ ଅରୂପ ।

ନୁହନ୍ତି ସେ ଜ୍ଞାନ ନୁହନ୍ତି ଅଜ୍ଞାନ ନ ମଣେ ବେଦ କଳପ ।୬।

ନୁହନ୍ତି ସେ ପାପ ନୁହନ୍ତି ସେ ପୁଣ୍ୟ ନୁହନ୍ତି ସେ ସେବା ଭକ୍ତି ।

ନୁହନ୍ତି ସେ କାମ ନୁହନ୍ତି ସେ କ୍ରୋଧ ନୁହନ୍ତି  ସେ ଯତି ସତୀ ।୭।

ନୁହନ୍ତି ସେ କାଳ ନୁହନ୍ତି ସେ ମୃତ୍ୟୁ ନୁହନ୍ତି ଶୁଭ ଅଶୁଭ ।

ନାହିଁ ପତି ପତ୍ନୀ ସକଳ ଜାଣନ୍ତି ଏକ ଅଙ୍ଗେ ସବୁ ଭୋଗ ।୮।

ନୁହନ୍ତି ସେ ଦାସ ନୁହନ୍ତି ସେ ଦାସୀ ନୁହନ୍ତି ମାୟା ପ୍ରକୃତି ।

ନୁହନ୍ତି ସେ ସତ୍ୟ ନୁହନ୍ତି ସେ ମିଥ୍ୟା ବେନି ଅଙ୍ଗ ଏକ ମୂର୍ତ୍ତି ।୯।

ନୁହନ୍ତି ସେ କଳା ନୁହନ୍ତି ସେ ଧଳା ନାହିଁ ଭାରଯା ଗୁରସ୍ତ ।

ନୁହନ୍ତି ସେ ହାନି ନୁହନ୍ତି ସେ ଲାଭ ଦୁଃଖ ସୁଖ ସମ ମତ ।୧୦।

ଭଗତ ଅଙ୍ଗଟି ପ୍ରଭୁ ଅଙ୍ଗ ଜାଣ ଜୀବରୁପେ କରି ବିଜେ ।

ଗୁରୁ ଚରଣକୁ ଶିଷ୍ୟ ଭଜୁଥାଇ ଶ୍ରୀଗୁରୁ ଶିଷ୍ୟକୁ ଭଜେ ।୧୧।

ଅସ୍ଥିର ଜୀବନ ଯେଉଁ ପରକାର ରହିଛି ଧାରଣ ହୋଇ ।

ସେହି ପରକାରେ ଗୁରୁ ଶିଷ୍ୟକଥା ଫେଡ଼ି ଦେଲ ଆମ୍ଭେ କହି ।୧୨।

ଜୀବନେ ଯେସନେ ପଞ୍ଚଭୂତ ମନ ଆବୋରି ରହିଛି ଜଡ଼ି ।

ସେହି ପରକାରେ ବ୍ରହ୍ମାଣ୍ଡ ଭିତରେ ଗୁରୁ ଶିଷ୍ୟକୁ ନ ଛାଡ଼ି ।୧୩।

ପାଞ୍ଚ ମନଠାରେ ପଚିଶ ପ୍ରକୃତି ଲାଗିଛି ଯେସନେ ଲେତା ।

ସେହି ପରକାରେ ସୁଜ୍ଞ ସାଧୁ ସଙ୍ଗେ ଗୁରୁ ଶିଷ୍ୟଙ୍କର କଥା ।୧୪।

ପ୍ରକୃତର ପରେ ବିକୃତି ଯେସନେ ରସରେ ତ ଅଛି ଭିଡ଼ି ।

ସେହି ପରକାରେ ଶାହାସ୍ର ମତରେ ଗୁରୁ ଶିଷ୍ୟଙ୍କର ଧାଡି ।୧୫।

ଅସ୍ଥିରେ ଯେସନ ମାଏ ଘୋଡାଇ ଦମି ରହିଅଛି ଆଣ୍ଟ ।

ଜ୍ଞାନ ସିନ୍ଧୁଜଳେ ସେହି ପରକାରେ ଗୁରୁ ଶିଷ୍ୟଙ୍କର ବାଟ ।୧୬।

ମାଉଁସକୁ ଯେହେ ରୁଧିର ସର୍ବାଙ୍ଗେ ବୁଡ଼ାଇ  ରହିଛି ପୁରି ।

ତେମନ୍ତ ପ୍ରକାରେ ଗୁରୁ ଶିଷ୍ୟ କଥା ନୁହେ ଆନ ଭିନ୍ନ କରି ।୧୭।

ପଞ୍ଜରା ହାଡ ଖଞ୍ଜାମାନ ଗଣ୍ଠିରେ ଶିର ଯେସନେକେ ଛନ୍ଦି ।

ସେହି ସୂତ୍ର ଯନ୍ତ୍ରେ ବୁଝିନିଅ ସର୍ବେ ଗୁରୁ ଶିଷ୍ୟ ହୋନ୍ତି ବନ୍ଦୀ ।୧୮।

ଦେହରେ ଯେସନ ଚର୍ମ ଘୋଡାଇଛି ଚର୍ମରେ ଆବୋରି ରୋମ ।

ଚାରି ଯୁଗେ କେବେ ଭିନ୍ନାଭିନ୍ନ ନାହିଁ ଗୁରୁ ଶିଷ୍ୟ ଏକ ନାମ ।୧୯।

ଶ୍ରୀନାମ ବ୍ରହ୍ମରେ ଅଙ୍ଗ ସଙ୍ଗ ଯୋଗ ଯେସନ ପୁରୁଷ ସ୍ତିରୀ ।

ଭଣେ ଭୀମ ଭୋଇ ପାମର ଅଜ୍ଞାନ ଗୁଣ ନିର୍ଗୁଣକୁ ଧରି ।୨୦।

## ସପ୍ତତ୍ରିଂଶ ବୋଲି

ଶରୀରେ ଯେସନ ଜୀବ ପରମଟି ନୁହନ୍ତି ସେ ଭିନ୍ନାଭିନ୍ନ ।

ସେହି ଅନୁଭବେ ବୁଝାମଣା କର ଗୁରୁ ଶିଷ୍ୟଙ୍କର ମନ ।୧।

କର୍ଣ୍ଣକୁ ଆବୋରି ଶବଦ ବ୍ରହ୍ମଟି ରହିଅଛି ଯେଉଁ ରୂପେ ।

ପିଣ୍ଡ ପ୍ରାଣ ଦେଇ ଆଜ୍ଞାକାରୀହୋଇ ଶିଷ୍ୟଖଟେ ଗୁରୁ ପାଖେ ।୨।

ନ ବୁଝି ବିଚାରି ଅଜ୍ଞାନ ଆଚରି ସୁଜନେ ହେଉଛ ଭୋଳା ।

ସେବକ ଅଙ୍ଗଟି ଶ୍ରୀଗୁରୁ ଭୂଷଣ ଯେସନେ ଧବଳ ଡୋଳା ।୩।

କଳା ଧଳା ଡୋଳା ମଧରେ ଯେସନେ ପୁରୁଷେକ ଅଛି ରହି ।

ଶ୍ରୀଗୁରୁ କରୁଣା ଜଳ ଓଜାଡୁଛି ଶିଷ୍ୟସେବା ଭକ୍ତି ବହି ।୪।

କେତେ କେତେ ଦୂର ଅନ୍ତର ରହିଲା ବୁଝ ସାବଧାନ କରି ।

ଭାଗତ ଭାବରେ ସତ୍ୟାଦି ସ୍ନେହରେ ଗୁରୁ ଶିଷ୍ୟ ସେହିପରି ।୫।

ଯେସନେ ଦଶ ଅଙ୍ଗୁଳି ଲାଗିଅଛି ଫେଡିଲେ ଫେଡା ନ ଯାଇ ।

ସେହି ରୂପେ ସିନା ଗୁରୁ ଶିଷ୍ୟଙ୍କର ଭଗତି ଭାବନା ଲିହି ।୬।

ଶ୍ରୀଗୁରୁ ଲୋଡଇ ଦୟା କରିବାକୁ ସେବକ ଲୋଡଇ ଦୟା ।

ବେନି ଜନ ତହିଁ ଏକ ପ୍ରାଣ ହୋଇ ନ ଥାଇ ଅନ୍ତରେ ମାୟା ।୭।

ତୃଷାର୍ତ୍ତ ଯେସନ ଜଳ ନ ମିଳିଲେ କାତର ହୁଅଇ ଅଙ୍ଗ ।

ପାଇଲେ ତ୍ରିପୁତି ଲଭି ସୁଖ ଶାନ୍ତି ତେସନେ ନୁହଇ ଭଙ୍ଗ ।୮।

ବାମ୍ପିରେ ଯେସନେ ଜଳ ପୁରିଥାଇ ଗାର କାଟିଲେ କି ଛିଡି ।

ଯୁଗଯୁଗାନ୍ତରେ ତିନି ତ୍ରେଲୋକ୍ୟରେ ଗୁରୁ ଶିଷ୍ୟ ସେହିପରି ।୯।

ସେବକ ବୋଲିଟି ଯାହାକୁ ବୋଲନ୍ତି ଅଙ୍ଗର ଭୂଷଣ ମଳି ।

ସେହି ଗୁରୁଙ୍କ ଭାରା ସମ୍ଭାଳଇ ସହି ନିନ୍ଦା ଗର୍ବ ଗାଳି ।୧୦।

ଶ୍ରୀଗୁରୁଙ୍କ ଶିଷ୍ୟ ଚିହ୍ନି ଯେବେ ଥାଇ ସମ୍ଭାଳି କରଇ ସେବା ।

ତାର ହୃଦପଦ୍ମେ ଯେତେ ଦୟା ଧର୍ମ କିସ ପଟାନ୍ତର ଦେବା ।୧୧।

ସାମନ୍ତ ପଣରେ ବସିଥିବ ଯେବେ ସୁଜ୍ଞାନ ନ ଥିଲେ ଜଣା ।

ଶ୍ରୀଗୁରୁ ହୋଇ ଶିଷ୍ୟକୁ ନ ତାରିଲେ ମୁଖ ପୋଡୁତାର କିନା ।୧୨।

ପ୍ରତିଦିନ ଖଟି ଦୁଃଖ ସୁଖ ମେଣ୍ଟି ଯେ କରେ ଗୁରୁର ସେବା ।

ସୁଦୟା ନ କରି ଚିତ୍ତେ ନ ବିଚାରି ଯେ ଗୁରୁ କିଛି ନ ଦେବା ।୧୩।

ଧିକ ହେଉ କିନା ଜ୍ଞାନ ଧର୍ମ ତାର କିଛି ନ ମିଳଇ ଫଳ ।

ସେବା କରୁଥିଲେ କି କାର୍ଯ୍ୟ ହୋଇବ ନ ମିଳେ ଯହିଁରେ ମୂଳ ।୧୪।

ଭୋଗ ଯୋଗ ଧନ ସମ୍ପଦ ପ୍ରାପଦ ମୁକତି ପଦ ଚିହ୍ନାଇ ।

ନିତି ପ୍ରତି ଯେଉଁ ସେବକ ଖଟଇ ଅନ୍ତର କରିବ ନାହିଁ ।୧୫।

ଜୀବନର ତାକୁ ଅଧିକ କରାଇ କରିବ ଗଳାର ମଣି ।

ଦେହରୁ ଯେବେ ଖଣ୍ଡେ କାଟି ଖାଇବ ନ ଥିବଟି ଛଳ ମାନି ।୧୬।

ସେ ଭକ୍ତମାନଙ୍କୁ ସଙ୍ଗୁ ନ ଛାଡ଼ିବ ପାଶରେ ବସାଇଥିବ।

ଗାଇ ଗୁଣମାନ ହୃଦରେ ଚନ୍ଦନ କରିଥିବ ଆମ୍ଭ ଜୀବ ।୧୭।

ଏମନ୍ତ ଯେ ଗୁରୁ ଶିଷ୍ୟଙ୍କ ଚରିତ ଆନରେ ସମ୍ଭବ ନୋହି ।

ଗୁରୁ ଶିଷ୍ୟ ଦୁହେଁ ଏକତ୍ୱ ଅଟନ୍ତି ଅନ୍ତର ମଣିବ ନାହିଁ ।୧୮।

ଶ୍ରୀଗୁରୁଙ୍କ ଅଙ୍ଗ ବ୍ୟଥା କରୁଥିଲେ ଭକ୍ତକୁ ଲଗାଇ ଚିନ୍ତା ।

ଭଗତ ଦୁଃଖ ଫନ୍ଦାରେ ପଶିଥିଲେ ଶ୍ରୀଗୁରୁଙ୍କ ଲାଗେ ବ୍ୟଥା ।୧୯।

ଗୁରୁ ଶିଷ୍ୟ କଥା ଯାହା ମୁଁ କହିଲି ଶୁଣ ଆହେ ସାଧୁଜନ ।

ଗୁରୁ ପାଦତଳେ ଜୀବନ ଆକୁଳେ ପ୍ରଣମିତ ଭୀମ ହୀନ ।୨୦।

* * * *

**ଅଷ୍ଟତ୍ରିଂଶ ବୋଲି**

ହୃଦୟ ଭିତରେ ବିଚାରି ଅନ୍ତରେ ଅନୁଭବେ କରି ଠାବ ।

ଅଭୟ ପାଦତଳରେ ଧାନ ଦେଇ ଆଶାକରୁଅଛି ଜୀବ ।୧।

ଯେସନ ଚାତକଶୂନ୍ୟର ଜଳକୁ ଚାହିଁ ଥାଇ ନିରନ୍ତରେ ।

ପାଟିକି ବିସ୍ତାରି ବହୁ ଆଶା କରି ମଉନରେ ବସି ଧୀରେ ।୨।

କ୍ଷ୍ୟୁଧା ତୃଷାତୁର ପଥିକ ଯେସନ ଲୋଡି ବସି ବୃକ୍ଷ ମୂଳେ ।

ସ୍ନାହାନ ସାରିନ ଭୋଜନ ଆଚରି ଚାଲି ଯାଏ ତତ୍କାଳେ ।୩।

ଦରିଦ୍ର ପରାଣୀ ଚିର କାଳ ରଙ୍କ ଅଟଇଟି ମୁହିଁ ପରା ।

ନିରାପକ୍ଷ କରୁଅଛ ପ୍ରଭୁ ମତେ ଛଡାଇ ସବୁ ଆସରା ।୪।

ବଚନକୁ ଟାକି ହୋଇ ନିରିମାଖୀ ନିଷ୍କାମ ନାବରେ ବସି ।

ସ୍ୱଦେହରେ ସ୍ୱାମୀ ଉଦେ ହୋଇଅଛ ଯେସନେ ପୂର୍ଣ୍ଣିମୀ ଶଶୀ ।୫।

ଏଡେ ବଡ ପ୍ରଭୁ ବୀରବଧୂ ବନା ବିରାଜ କରୁଛ ମଞ୍ଚେ ।

ବିଷୟା ବୃଥାରେ କର୍ମର ଶ୍ରୁତିରେ ଘାଣ୍ଟି ମାରୁଅଛ ମିଛେ ।୬।

ହଟପଟ ନଟକୂଟ ଲଗାଉଛ ଯେସନେକେ ଖଣ୍ଟ ଚୋର ।

ଭୁଲାଇ ଚିତ୍ତକୁ ଆପଣା ଭୃତ୍ୟକୁ କରୁଅଛ ନାରଖାର ।

ଆପଣା ମର୍ଯାଦା ଆପେ ରଖି ପ୍ରଭୁ ଜାଣି ସମ୍ଭାଳନା ହେଉ ।

ତୁମ୍ଭର ନଶିବ କାର କିସ ଯିବ କିମ୍ବା ପରୀକ୍ଷା ନ ଦେଉ ।

ପ୍ରଭୁ ପ୍ରଭୁ ବୋଲି କେତେ କାଳ ଭାଳି ନର ଅଙ୍ଗ ବହି ମର୍ତ୍ତେ ।

କାମନା କଳ୍ପନା ସମସ୍ତ ସମର୍ପି ପିଣ୍ଡ ପ୍ରାଣ ଆଦି ଯେତେ ।

ହେବ କି ନ ହେବ ସିଦ୍ଧିଶୁଭ ଯୋଗ ସୁଦୟାରେ ମତେ କହ ।

ଗଙ୍ଗାଜଳେ ସ୍ନାନ କରିବେ ବୋଲୁଛି ତାହା ହେଉଅଛି ଦେହ ।

ପୂର୍ବକାଳୁ ମୋର କ୍ଷୁଧା ତୃଷା ଅଛି ମିଳିବ କି ନାହିଁ ଭାତ ।

ନିଜରୂପେ ପ୍ରଭୁ ବିଜେ କରିଅଛ ଏତେବେଳେ କହ ସତ ।

ତୃଷା କରୁ ଅଛି ଆକୁଳ ହେଉଛି ପାଇବି କି ନାହିଁ ପାଣି ।

ଆଦି ଅନ୍ତ କରି ଫେଡ଼ି କହ ମତେ ବେନି କର୍ଣ୍ଣେ ଥିବି ଶୁଣି ।

ରଙ୍କ ହୋଇଅଛି ନ ମିଳୁଛି କିଛି ପାଇଁବି କି ନାହିଁ ଧନ ।

କିମ୍ପାଇ ମଉନ ହେଉଛ ଆପଣ ଫେଡ଼ି କହ ନାରାୟଣ ।

ଜାତ କରିଅଛ ବ୍ରହ୍ମାଣ୍ଡ ଭିତରେ ପାଳିବ କି ନାହିଁ କ୍ଷିତି ।

କବିକୃତ୍ୟ ପଦ ପ୍ରଭୁ ଦେଇଅଛ ବାନ୍ଧବି କି ନାହିଁ ପୋଥି ।

ପିଣ୍ଡ ବ୍ରହ୍ମାଣ୍ଡ ଏକମତ ବୋଲନ୍ତି ଯଶ ଅପଯଶ କୀର୍ତ୍ତି ।

ଚାରି ଯୁଗ ବହି ଗଲାଣି ସଂସାର ନାମେ ଆତଯାତ ପୃଥୀ ।

କେତେ ଜନ୍ମି କେତେ ମରି ଯାଉଛନ୍ତି ନାମ ବୋଲି ଜଣା ନାହିଁ ।

ମୁଁ ଛାର ପାମର କେତେ ମୋ ଶକତିଥିବ ନର ତନୁ ବହି ।

ପ୍ରଭୁ ଯେ ଅକ୍ଷୟ ଅବ୍ୟୟେ ପୁରୁଷ କ୍ଷୟ ବୃଦ୍ଧି ନାହିଁ କିଛି ।

ଚାରି ଯୁଗ ମଧେ ଏକାଙ୍ଗ ସ୍ୱରୂପ ଜନ୍ମ ମୃତ୍ୟୁ କାହିଁ ଅଛି ।

ତୁମ୍ଭ ଅଙ୍ଗ ସିନା ତୁମ୍ଭ ବଞ୍ଚାଇଛ ମାୟାରୁ କାୟାରୁ ଏଡ଼ି ।

ମୋର ପିଣ୍ଡ ପ୍ରାଣ କେତେ କାଳ ଥିବ ଯେସନ ସିନ୍ଧୁ ଲହଡି ।

ଅନାଦି ଈଶ୍ୱର ବୁଝାମଣା କର ଏ ମୋ ବିନତିକୁ ଚାହିଁ ।

କାଳ ବେଳ ଆସି ନିକଟ ହେଇଲା ମହତ୍ୱ ରଖ ଗୋସାଇଁ ।

ଥର ଥର ହୋଇ ଛାମୁରେ ଜଣାଇ ଶିରେ ବେନି କର ଯୋଡ଼ି ।

ଭୀମ ଅରକ୍ଷିତ ମାଗୁଣି ମାଗୁଛି ଗୁରୁ ପାଦତଳେ ପଡ଼ି ।

**ଊନଚତ୍ୱରିଂଶତ ବୋଲି**

ଜଳ ପବନରେ ପିଣ୍ଡକୁ ଗଢ଼ିଛ ଦେହ ଅଟେ ଘୋର ବନ ।

ପ୍ରକୃତି ଶରୀର ପ୍ରେମେ ବଳିଆର ଏହାର ବା କେତେ ଜ୍ଞାନ ।୧।

ନର ଦେହେ ମୋତେ ଜାତ କରି ପ୍ରଭୁ ରବିତଳେ ଅଛି ରଖି ।

ଆସିବା ବେଳରେ କର କପାଳରେ ଯାହା ଦେଇଅଛ ଲେଖି ।୨।

ସେହି କଥା ଏବେ ସମ୍ପତ୍ତି ବିପତ୍ତି ଅଛି ପରା ବେନି ମତ ।

ମୁଁ କିସ ଜାଣଇ ପ୍ରଭୁ ସିନା ଜାଣ କେତେ ମିଛ କେତେ ସତ ।୩।

ପ୍ରଭୁ ସାମରଥ ମୋର କି ଆୟତ୍ତ ସଂସାର-ସାଗରେ ଅଛି ।

ବିପତ୍ତି ଲେଖାକୁ କି ଯୋଗ ଭାଷାକୁ ପ୍ରଭୁ ଯେବେ ଦେବ ପୋଛି ।୪।

ତେବେ ସିନା ଏହୁ ପିଣ୍ଡ ପ୍ରାଣଥିବ କର୍ତ୍ତାଙ୍କୁ ଭେଟିବା ଯାଏ ।

ଏହି ଦେହେ ଯେବେ ଦର୍ଶନ ପାଇବି ତୁଟିବ ମନ ସଂଶୟେ ।୫।

ଘଟ ଜଗିଅଛି ଘାତ କରିବାକୁ ଘଟ ଯେବେ ଭାଙ୍ଗିଯିବ ।

ପ୍ରଭୁଙ୍କ ଦର୍ଶନ କରିବାର ଯାଏ କି ପ୍ରକାରେ ପିଣ୍ଡ ଥିବ ।୬।

ଏଥିକୁ  ଚାହିଁ ବିଚାର ମହାବାହୁ ଯେଉଁ ରୂପେ କ୍ଷମା ହୁଏ ।

ଅନ୍ତର୍ଯାମୀ ପ୍ରଭୁ ପ୍ରତ୍ୟକ୍ଷେ ତ ଜାଣ ଜନ୍ମ ମରଣର ନ୍ୟାୟେ ।୭।

ଆଗତ ନାଗତ ଭୂତ ଭବିଷ୍ୟତ ପ୍ରଭୁ ସିନା ସାରୁ ଜାଣ ।

ଅଜ୍ଞାନ ହେଲେ ସିନା ଏ ପିଣ୍ଡ ରହିବ ଥୋଇଥିବ ଯେତେ ଦିନ ।୮।

ଅକାଳ ବିପତ୍ତି ପକାଅ ନା କାଟି ସାମରଥ ଅଟ ପ୍ରଭୁ ।

ନ ଜାଣିଲା ପ୍ରାଏ ବୋଲୁଅଛ ମତେ ଟିଆ ପରିଯନ୍ତେ ଥିବୁ ।୯।

ଗୁରୁ କୃପା କଲେ ଏ ଦେହ ରହିବ ଅନ୍ୟରେ ନୁହଇ କିଛି ।

ଚାରି ଯୁଗ ପଛେ ବହି ଯାଉଛନ୍ତି ଆଜ୍ଞା ମାତ୍ର ଏକା ଅଛି ।୧୦।

ଆଜ୍ଞାରେ ଯେମନ୍ତେ ଏ ପିଣ୍ଡ ବ୍ରହ୍ମାଣ୍ଡ ହେଉଅଛ ଆୟେ ବୟେ ।

କୃପା ନୟନରେ ଚାହୁଁଥିବ ଯେବେ ଏ ପିଣ୍ଡ ନୋହିବ କ୍ଷୟେ ।୧୧।

ଦୁର୍ଲଭ ଜନମ ମନୁଷ୍ୟ ଶରୀର ସଂସାରେ କଲା ସାର ।

କିପାଇଁ କାଳ ମରଣେ ପକାଉଛ ଅନ୍ତର୍ଯାମୀ ଅଣାକାର ।୧୨।

ଗୁରୁଦେବ ସ୍ୱାମୀ ଅଲେଖ ମହିମା ନାମ ଯେବେ ନିରିଗୁଣ ।

ଏ ଛାର ବିପତ୍ତି କେତେକ ମାତର ଆଜ୍ଞରେ ହୋଇବ ଲୀନ ।୧୩।

ବୁଦ୍ଧ ଅବତାର ସୁଜ୍ଞାନ ବିସ୍ତାର ସତ୍ୟେ ଅବଧୂତ ଯୋଗୀ ।

କୋପ କରୁଣା ସମାନ ଯେବେ ଅଟେ ବଚନରେ ଯାଉ ଲିଭି ।୧୪।

ସିଦ୍ଧ ବ୍ରହ୍ମବାଣୀ ସତ୍ୟାଦି ବଚନ ଚାରିଯୁଗେ ଯେବେ ଥିବ ।

ପ୍ରଭୁ ଦୟା ହେଲେ ପାପ କାଳ ଶର ନିଷ୍କାମରେ ଛିଡିଯିବ ।୧୫।

ଗୁରୁ ବଳବନ୍ତ ଗୁରୁ ସାମରଥ ଗୁରୁ ସିନା ପିତା ମାତା ।

ଏ ପିଣ୍ଡ ବ୍ରହ୍ମାଣ୍ଡ ଆୟ ବୟ ଯେତେ ଅଟ ହରତା କରତା ।୧୬।

ଅଲେଖ ବିନୁ ମୁଁ କିଛି ନ ଜାଣଇ କା ଆଗେ କହିବି ଦୁଃଖ ।

ଏ ମହୀମଣ୍ଡଳେ ମହାପ୍ରଭୁ ବିନୁ କେ ଖଣ୍ଡିବ ଭୋଗ ସୁଖ ।୧୭।

ହାନି ଲାଭ କଥା ଯାହା ହେଉଅଛି ନ ଜାଣ କି ପ୍ରଭୁ ତହିଁ ।

ଅନ୍ତର୍ଯାମୀ ପ୍ରଭୁ ଭୃତ୍ୟର ଗୁହାରି ବୁଝିବ ଯେମନ୍ତେ ନାହିଁ ।୧୮।

ଆତଙ୍ଗ-ଫେଡ଼ନ ଦୁଃଖୀ-ଜୀବ-ଧନ ନିରେଖ-ପରଣୀ ବନ୍ଧୁ ।

ଏ ମାୟା କୁହୁଡ଼ି ପ୍ରକାଶି ଦହୁଡ଼ି ପାରି କର ଭବସିନ୍ଧୁ ।୧୯।

ମୁରୁଛି ସବୁଙ୍କୁ ଅଲେଖ ପ୍ରଭୁଙ୍କୁ କରିଛି ବହୁତ ଆଶ ।

ଏକ ବ୍ରହ୍ମପାଦେ ଦିବା ନିଶି ସେବି ଭଣେ ଭୀମ ଭକ୍ତଦାସ । ୨୦।

**ଚତ୍ୱାରିଂଶତ ବୋଲି**

ଏ ପିଣ୍ଡ ବ୍ରହ୍ମାଣ୍ଡ ଭାସି ଯେବେ ଯିବ କିପାଇଁ ହୋଇଛ ଉଦେ ।

ଅବଧୂତ ଧର୍ମ ନିର୍ବିକାର କର୍ମ ପ୍ରକାଶିଲ ନିରିବେଦେ ।୧।

ମହାପ୍ରଭୁ ଥାଇ ନାଶ ଯେବେ ଯିବ କି ବୋଲିବେ ସାଧୁଜନ ।

ଗୁରୁ ବିଜେ ହୋଇ ଅକାଳ ବିପତ୍ତି ପଡୁଅଛି ସଂସାରେଣ ।୨।

ଜଗତ ଭଗତ ରଖିବ ଯେମନ୍ତେ ସମ୍ଭାଳି ଧର ସକଳ ।

କୁହୁଡ଼ି ପରାଏ ଅଦଭୁତ ମାୟା ଘୋଟି ଆସୁଅଛି କାଳ ।୩।

ଏ ପିଣ୍ଡ ବ୍ରହ୍ମାଣ୍ଡ ....... କରି ପ୍ରଭୁଙ୍କୁ ଦେଉଛି ଟେକି ।

ଏକ ଛତ୍ର ପାଦେ ଘୋଡାଇ ସମ୍ଭାଳି ଅମୃତ ଲୋଚନେ ଦେଖି ।୪।

ମୋର ପିଣ୍ଡ ପ୍ରାଣ ଦେଉଅଛି ଦାନ ଅଲେଖ ପୁରୁଷ ପାଦେ ।

ଶ୍ରୀ ଛାମୁରେ ମୁହିଁ ବ୍ରହ୍ମାଣ୍ଡର ପାଇଁ ଜଣାଣ କରୁଛି ଏବେ ।୫।

ଅଶେଷ ବ୍ରହ୍ମାଣ୍ଡ ବୁଡି ଯେବେ ଯିବ କାହିଁରେ ରହିବି ମୁହିଁ ।

ମନ ଛନ୍ନ ଛନ୍ନ ହେଉଛି ଉଛନ୍ନ ଏ ପିଣ୍ଡ ବ୍ରହ୍ମାଣ୍ଡ ପାଇଁ ।୬।

ଗୁରୁଙ୍କର ପିଣ୍ଡ ଗୁରୁଙ୍କ ବ୍ରହ୍ମାଣ୍ଡ ଗୁରୁଙ୍କର ତିନିପୁର ।

ସପତ ବ୍ରହ୍ମାଣ୍ଡ ଚଉଦ ଭୁବନ ଦୟା ବହି ରକ୍ଷା କର ।୭।

ଏକୋଇଶ ପୁର ଚଉଦ ଭୁବନ ଯେଉଁଠାରେ ଯେହୁ ଛନ୍ତି ।

ସବୁ ଘଟେ ପ୍ରଭୁହେତୁ ଚେତା ଦିଅ ଉଠୁ ଅଲେଖ ଭଗତି ।୮।

ଉଡ଼ାଖାନି ବୁଡ଼ାଖାନି  ଚଳଖାନି ଅଚଳଖାନି ଏ ଯେତେ ।

ଜଣେ ଜଣେ କରି ଉଠାଅ ଏହାଙ୍କୁ ଚେତା ହୁଅନ୍ତୁ ସମସ୍ତେ ।୯।

ଏ ଜନ ଜଗତ ହତ ହୋଇଗଲେ କାହିଁ ପ୍ରଚାରିବି ମୁହିଁ ।

ଏଣୁକରି ସିନା ପ୍ରଭୁ ଶ୍ରୀଛାମୁକୁ ନିତି ଜଣାଣ କରଇ ।୧୦।

କି ଆଜ୍ଞା କରୁଛ କିସ ବୋଲୁଅଛ ସଂଶୟ ଫିଟାଅ ପଦେ ।

ଏଡ଼େ ବଡ଼ ଧର୍ମ ନାଶ ଯାଉଅଛି କୁଟୁମ୍ବର ଘର ଭେଦେ ।୧୧।

ଜାଣି ଜାଣି କରି ନାମ ବ୍ରହ୍ମ ଧରି କେହି କାହାକୁ ନ ମାନି ।

ବ୍ରହ୍ମାଣ୍ଡ ଭିତରେ ଦେହ ଧରି ଯେତେ ହେଉଛନ୍ତି ଅନାଅନି ।୧୨।

ଯେଉଁ ରୂପେ ଏହୁ ଶାନ୍ତିକି ଲଭିବେ ସେହି ରୂପେ ହେଉ ଦୟା ।

ଏ କଳି ସାଗର ଧର୍ମରେ ନିବାର ଛିଡିଯାଉ ଛନ୍ଦ ମାୟା ।୧୩।

ଅଶେଷ ବ୍ରହ୍ମାଣ୍ଡ ପୃଥୀ ନବଖଣ୍ଡ ପ୍ରଳୟ ହେବ ନିଶ୍ଚଏ ।

ମୋର ବିଚାରକୁ ଭରସା ନ ଦିଶେ ମାଡୁଅଛି ବଡ଼ ଭଏ ।୧୪।

ପାଦରେ ଶରଣ ଦନ୍ତରେ ତିରଣ ରଖ ରଖ ଏ ବ୍ରହ୍ମାଣ୍ଡ ।

ଅଭୟ ପଞ୍ଜରେ ସମ୍ପାଦନା କରି କ୍ଷମାକର ଘୋର ଦଣ୍ଡ ।୧୫।

ଜଗତ ଭଗତ ଦାସ ଦାସୀ କଥା ଜଳଦି ବୁଝିଲେ ଯାଇ ।

ପ୍ରଭୁ ବିନୁ ଆଉ କେ ଅଛି ଶକତା କା ଆଗେ କହିବି ମୁହିଁ ।୧୬।

ଅନ୍ତର ବିଚାର ଅନ୍ତର୍ଯାମୀ ପ୍ରଭୁ ଜାଣୁ ତ ଥିବ ସକଳ ।

ଏ କଳି ଯୁଗରେ ଯାହା ହେଉଅଛି ବ୍ରହ୍ମାଣ୍ଡର ଫଳାଫଳ ।୧୭।

ଜାଣିବାରୁ ପ୍ରଭୁ ଉଦଏ ହୋଇଛି ଧର୍ମ ପ୍ରକାଶିତ ଆଣି ।

ଏ କଳି ଯୁଗରେ ସଂସାର ସାଗରେ ଜଗାଇ ଅଲେଖ ଧୁନି ।୧୮।

ଅଲେଖ ମହିମା ନାମ ଦେଉଅଛ ବିହନ ରହିବେ ବୋଲି ।

କଠୋର ଏ ଦୀକ୍ଷା କେଭେ ନାହିଁ ଦେଖା ନ ପାରୁ ଅଛନ୍ତି ଟାଳି ।୧୯

ବ୍ରହ୍ମାଣ୍ଡ ନିମନ୍ତେ କର ଯୋଡ଼ି ମାଥେ ପଡ଼ି ଶ୍ରୀଗୁରୁଙ୍କ ପାଦେ ।

କହେ ଭୀମ ଭୋଇ ଅଷ୍ଟଶତ ପଦ ନେତ୍ରୁ ଲୁହ ପୋଛି କାନ୍ଦେ ।୨୦।

## ଏକଚତ୍ୱାରିଂଶତ ବୋଲି

ନିଷ୍କାମ ଭଗତ ବୋଲି ନାମ ଦେଇ ଜଗତେ ଦେଉଛ ଡାକ ।

କବି ପଦ ନୁହେ ଶ୍ରୀମୁଖ ବଚନ ସଂଞ୍ଚରି ତିନି ତ୍ରୈଲୋକ୍ୟ ।୧।

ଜଣେ ଜଣେ କରି ବଭଇ କହିଲି ତାହାର ଏ ତିନିପୁର ।

ଗୁରୁଦାସ ବୋଲି ଯେବଣ ଭଗତ ବ୍ରହ୍ମାଣ୍ଡରେ ବୀରବର ।୨।

ତାହାର ବ୍ରହ୍ମାଣ୍ଡ ରଖୁ ବା ନ ରଖୁ ଆମ୍ଭର ଯାଉଛି କିସ ।

ଜୀବନ୍ତେ  ଆମ୍ଭର ଧର୍ମଦାଣ୍ଡେ ଭିକ୍ଷା ମିଳେ ଚଉରାଶି ବାସ ।୩।

ଏହା ବୋଲି ସ୍ୱାମୀ ଶ୍ରୀମୁଖେ କହିଛି ସେ କଥା କେମନ୍ତେ ହେବ ।

ବ୍ରହ୍ମାଣ୍ଡେ ଯେବେ ମୋତେ ଉଦେ କରିବ ପ୍ରଭୁ ଏକା ଅଙ୍ଗେ ଥିବ ।୪।

ମହାତେଜ ଘେନି ପ୍ରକାଶ ମେଦନୀ କୋଟିଏ ଅରୁଣ କାନ୍ତି ।

ଜଗତ ଭଗତ ଦେଖନ୍ତୁ ସମସ୍ତେ ପ୍ରଭୁଙ୍କ ନିଜ ମୁରତି ।୫।

ମୋତେ ଯେବେ ପ୍ରଭୁ ଭଗତ ବୋଇଲ ଦାସପଣକି ସରି ।

ଛପନା କୋଟିରୁ ସାନ ଜୀବ ଅଟେ ଅଛି ମୁଁ ମନେ ବିଚାରି ।୬।

ପ୍ରଭୁ ଭୃତ୍ୟ ପାଦେ ଭୃତ୍ୟ ହୋଇବାକୁ ଶକତି ମୋର ନାହିଁ ।

ଅଖଣ୍ଡ ବ୍ରହ୍ମର ପାଦ ଲଭିବାକୁ ଭାଗ୍ୟ କରିଅଛି କାହିଁ ?୭।

ପ୍ରଭୁଙ୍କ ଭଗତ ଯେହୁ ସେ ବୋଲନ୍ତି ସମଯୁକ୍ତ ଥାନ୍ତି ସତ୍ୟେ ।

ଚାରି ବେଦ ଚାରି ଧର୍ମ ଗତି ମୁକ୍ତ ପୁରିଥାଇ ଗର୍ଭଗତେ ।୮।

ପ୍ରଭୁଙ୍କର ଦାସ ଯାହାକୁ ବୋଲନ୍ତି ଶକତି ଧାରଣ ସେହି ।

ନବଖଣ୍ଡ ପୃଥୀ ଅଶେଷ ବ୍ରହ୍ମାଣ୍ଡ ଅଙ୍ଗେ ତାର ପୂରିଥାଇ ।୯।

ମୁହିଁ ଛାର କିସ ଭଗତ ହୋଇବି କେଉଁ ଜୀବରେ ଗଣିତା ।

ମନେ ମନେ ମୋର ବିଚାରି ଆଣୁଛି ବଡ଼ାଇ ଆଶ୍ଚର୍ଯ୍ୟ କଥା ।୧୦।

ଜନମ ଦିନରୁ କିଛି ନ ଜାଣଇ ମୁହିଁ ବଡ଼ ଅପରାଧୀ ।

ଖଟି ନ ପାରଇ ଗୁରୁପଦାର୍ବିନ୍ଦେ ନାହିଁ ମୋର ଜ୍ଞାନ ବୁଦ୍ଧି ।୧୧।

ମାନବ ଶକତି ବହି ଉତପତ୍ତି ହୋଇଅଛି ଏ ସଂସାରେ ।

ଅନାଦି ପୁରୁଷ ଦରସନେ ଦୃଶ୍ୟ ଦୟା ଥିବ ମୋହଠାରେ ।୧୨।

ଦୁଃଖୀ ଜନ ବନ୍ଧୁ ଦୁଃଖ ଚାହିଁ ମୋର ଫେଡିବ ଅଖିଳ ଦଶା ।

କଳିଯୁଗ ମଧ୍ୟେ ପାପପଙ୍କ ହୃଦେ ନୁହଇ ମୋର ଭରସା ।୧୩।

କାତ କରୁଆଳ କିଛି ନ ପାଉଛି ନାବ ନ ରହୁଛି ଧୀରେ।

ତେଣୁ କରି ଜୀବ ସନ୍ତାପି ହେଉଛି ପଞ୍ଚଭୂତ ହୃଦୟରେ ।୧୪।

ଅପମାନ ଯୋଗ ଦୂରା କଷ୍ଟ ଭୋଗ ଆହୁରି ରଖିଛ କେତେ ।

ନରଦେହେ ମୋତେ ଅବତାର କଲ ଭଞ୍ଜାଇବାର ନିମନ୍ତେ ।୧୫।

ଏଡ଼େ ପ୍ରଭୁ ଥାଇ ସଂଶୟ ନ ଗଲା ବସନ୍ତେ ଉଠନ୍ତେ ଚିନ୍ତା ।

ତିନିଶ ଷାଠିଏ ଦିନ ପରିଯନ୍ତେ ଭୋଜନ ହେଲାଣି ପିତା ।୧୬।

କେତେ ଜଣାଇବି ପୁନର୍ବାର କରି ମନ ହୃଦୟ ବେଦନା ।

ସାକ୍ଷାତରେ ବ୍ରହ୍ମ ବିଜେ କରିଅଛ ଗୁହାରି ନ ଗଲା ଶୁଣା ।୧୭।

କହନ୍ତା ବହନ୍ତା ସ୍ୱରୂପେ ପ୍ରକାଶ ଅଦେହ ହୋଇ ତ ନାହିଁ ।

ଘୋର କଳିଯୁଗେ ଯାହାମୁଁ ଦେଖିଲି ଦେହ ଧରିଛ ଗୋସାଇଁ ।୧୮।

ପଟ ପଟ କହି ମଟ ମଟ ଚାହିଁ ମଉନ ହୋଇ ରହୁଛ ।

ମଥା ଛେଚି ହୋଇଜଣାଇଲେ ସୁଦ୍ଧା ବିନତି ମୋ ନ ଘେନୁଛ ।୧୯।

ଯାହା ଅର୍ଜିଅଛୁ କପାଳର ଫଳ ଭଞ୍ଜୁଥାରେ ପାପୀ ଜୀବ ।

ଗୁରୁ ପଦଧାୟୀ ଭଣେ ଭୀମ ଭୋଇ ଯୁଗେ ଯୁଗେ କୀର୍ତ୍ତି ଥିବ ।୨୦।

## ଦ୍ୱିଚତ୍ୱାରିଂଶତ ବୋଲି

ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଦିଶୁଅଛି ସାହସ ଯାଉଛି ଉଡ଼ି ।

ପଞ୍ଚଭୂତ ମଧ୍ୟେ ଭାଳେଣି ପଡିଛି ହେତୁ ବୁଦ୍ଧି ଚେତା ବୁଡ଼ି ।୧।

ଦଶଦଶ ମୋତେ ଅନ୍ଧାର ଦିଶୁଛି ମଣୁଅଛି ଆଚମ୍ବିତ ।

ଦିବସ ରଜନୀ ସନ୍ତାପରେ ପଡ଼ି ଥୟ ନାହିଁ ମୋର ଚିତ୍ତ ।୨।

ତିନି ଭୁବନରେ ବାସ ନ ମିଳୁଛି ବାହ୍ୟ ଅନ୍ତେ ନାହିଁ ପାର ।

ଆକାଶରୁ ବଜ୍ରଶିଳ ପଡୁଅଛି ପାତିଛି କମଳ ଶିର ।୩।

ମୁଣ୍ଡର ଶିରିକୁପାଦରେ ଟାଳିଲି ମୋଠାରୁ ନାହିଁ ଅଧମ ।

ଗୋଡ଼ର ଦଉଡ଼ି ଗଳାରେ ଛନ୍ଦିଛି ପ୍ରଭୁ ଅଣାକାର ବ୍ରହ୍ମ ।୪।

ଶୋଲ ପିଣ୍ଡ ଛାଡ଼ି ଗଳାରେ ପଥର ବାନ୍ଧି ପହଁରୁଛି ମୁହିଁ ।

ମହାସୁଖ ଛାଡି ଦୁଃଖେ ମଜ୍ଜି ଅଛି ମୋହଠାରୁ ମୂର୍ଖ ନାହିଁ ।୫।

ହରଷକୁ ଛାଡି ବିରସ ଭାଜିଲି ଉଜ୍ଜ୍ୱଳ ଛାଡି ଅନ୍ଧାର ।

ଗ୍ରାମ ଦେଶ ଛାଡି ବିଅର୍ଥେ ପଶିଲି ଝାଡ଼ ବନ ଲତା ଘୋର ।୬।

ଶାନ୍ତି ଛାଡ଼ି ଅଣଶାନ୍ତିରେ ପଡ଼ିଲି କହିଲେ ନ ସରେ ଚିନ୍ତା ।

ଘର ଦିଅ ଛାଡ଼ି ମାୟା ପ୍ରକୃତିରେ ପୂଜିଲି ପର ଦେବତା ।୭।

ପଥ ଛାଡ଼ି ଅନପଥରେ ଗମିଲି ସତ୍ୟ ଛାଡ଼ି ଅସତ୍ୟକୁ ।

କେଉଁ ରୂପେ ମୋର ଦିନକାଳ ଯିବ ଜଣାଉଛି ପ୍ରଭୁଙ୍କୁ ।୮।

ନିଜ ଧର୍ମ ଛାଡ଼ି ବାହ୍ୟ ଧର୍ମ କଲି ଅମୃତକୁ ଛାଡ଼ି ବିଷ ।

କଲା କର୍ମଫଳ ଏବେ ମୁଁ ଭୁଞ୍ଜୁଛି କାହାକୁ ଦେବଇଁ ଦୋଷ ।୯।

ଚାହିଁଲା ନେତ୍ରରେ ଡାଙ୍ଗ କେଞ୍ଚୁଅଛି ଫୁଟିଲେ କାହାର ଯିବ ।

ମୋର ହସ୍ତେ ମୋହ ଦ୍ୱନ୍ଦ କାଟୁଅଛ କାହାକୁ ଏ ଦୋଷ ହେବ ।୧୦।

କପାଳରେ ମୋର ଯାହା ଲେଖା ଅଛି ତାହା କେ କରିବ ଆନ ।

ଯାହା ମାଗିଅଛି ତାହା ଭୋଗ ହେବ ଯାହା ଅଛି ପାପ ପୁଣ୍ୟ ।୧୧।

ପାଦକୁ ଛାଡ଼ି ମୁଁ ବାଦରେ ପଡ଼ିଲି ଲାଗିଅଛି ଗୋଲମାଲ ।

ଘୋର କଳିଯୁଗେ ଅସତ୍ୟ ଠାବରେ କେମନ୍ତେ ବଞ୍ଚିବି କାଳ ।୧୨।

ସ୍ଥିତି ଛାଡ଼ି ଅଣସ୍ଥିତିରେ ପଡ଼ିଲି ବଣା ହୋଇ ମାୟା ମୋହ ।

ନିଜ ବ୍ରହ୍ମ ଛାଡ଼ି ଭ୍ରମି ମରୁଅଛି ଦୁର୍ଲଭ ଜନମ ଦେହେ ।୧୩।

କୀର୍ତ୍ତି ଛାଡ଼ି ଅପକୀର୍ତ୍ତି ଭଞ୍ଜୁଅଛି ଆହାରେ ଜନମ ସାର ।

ଏହା ପରା ପିଣ୍ଡ ନ ମିଳିବ ଆଉ କଲେ ତପସ୍ୟା ଅପାର ।୧୪।

ବେଦ ପୋଥି ଛାଡ଼ି ଥୋଡି ହେଉଅଛି ଧନ୍ୟ ସେ ପ୍ରଭୁଙ୍କ ବାକ୍ୟ ।

ଆଜ୍ଞା ଗରିଷ୍ଠ ସେ ଗୁରୁଙ୍କର ବାକ୍ୟ ମଣୁଅଛି ମୁଁ ଅମୋକ୍ଷ ।୧୫।

ପୃଥୀ ଛାଡ଼ି ପ୍ରୀତ ସ୍ନେହରେ ପଡିଛି ଗୁରୁପାଦ ଛାଡ଼ି ଦେଇ ।

ଏହା ପରା ହେତୁ ବୁଦ୍ଧି ନ ମିଳିବ ଆଉ ଜନ୍ମ ହେଲେ ମହୀ ।୧୬।

ନିଜ ଥାନ ଛାଡ଼ି ବିଥାନରେ ମୁହିଁ ବାସ କରି ନିରନ୍ତରେ ।

ପାଶେ ଥାଇ ମୋର ଗୁରୁ ପଦବିନ୍ଦ ରହି ଯାଉଅଛି ଦୂରେ ।୧୭।

ନିଜ ନାମ ଥାଇ କାମରେ ଅଚେତା ପ୍ରକୃତି ଲୋଭରେ ପଡ଼ି ।

କିଞ୍ଚିତ କଥାକୁ ବହୁତ ବିଚାରି ଛାଡ଼ି ଗୁରୁ ଧର୍ମ ଧାଡ଼ି ।୧୮।

ନିଜ ବୃତ୍ତ ଛାଡ଼ି ବୃଥାରେ ପଡ଼ିଛି ଦିନ ଗଲା ଅକାରଣେ ।

ଅନୁକ୍ଷଣ ଯାର ପାଦ ଧରିଥାଇ ହେତୁ ନାହିଁ ମୋର ମନେ ।୧୯।

କର୍ମମାନ ଛାଡ଼ି ଅକର୍ମରେ ପଡ଼ି ଶ୍ରୀଗୁରୁ ଜାଣନ୍ତି ତାହା ।

ଗୁରୁ ପାଦ ଧ୍ୟାୟି କହେ ଭୀମ ଭୋଇ କରିଥିବ ମୋତେ ଦୟା ।୨୦।

## ତ୍ରିଚତ୍ୱାରିଂଶତ ବୋଲି

ବିଚାରିଲେ ଅସମ୍ଭବ ଲାଗୁଅଛି ହେ ଅନାଦି ଗୁରୁଦେବ ।

ଏ ପିଣ୍ଡ ବ୍ରହ୍ମାଣ୍ଡ ପୃଥୀ ନବଖଣ୍ଡ କେଉଁରୂପେ ସାଧ ହେବ ।୧।

ମନେ ମନେ ହେଜ ପଞ୍ଚ କରୁଅଛି ମହୀ ମେଦିନୀରେ ଥାଇ ।

ନିଷ୍କାମ ଧର୍ମରେ ନିର୍ଗୁଣ କର୍ମରେ ଅଲେଖ ଧର୍ମକୁ ଧାୟି ।୨।

ଅଲେଖ ପ୍ରଭୁ ସେ ମହିମାସାଗର ପିଣ୍ଡ ବ୍ରହ୍ମାଣ୍ଡର ଗୁରୁ ।

ଚାରି ଯୁଗ ମଧ୍ୟେ ଚାରିଖାନି ଜୀବ ଜାତ ହୁନ୍ତି ସେ ବ୍ରହ୍ମର ।୩।

ସେ ପ୍ରଭୁଙ୍କ ମୁହିଁ ଧ୍ୟାଏ କରୁଅଛି ନ ଗଲା ଦାରୁଣ ଦଶା ।

ପିଣ୍ଡ ବ୍ରହ୍ମାଣ୍ଡ ଅନ୍ଧକାର ଦିଶୁଛି ଶୂନ୍ୟକୁ କରି ସାହସା ।୪।

ନିଜ ନାମ ଛାଡ଼ି ଅଗମ୍ୟେ ପଶିଲି ନେତ୍ରେ ଚାହୁଁ ଚାହୁଁ ବଣା ।

ଥଲ ଛାଡ଼ି ମୁହିଁ ଅଥଲେ ପଡ଼ିଲି ମୋ କର୍ମ ବହୁତ ଊଣା ।୫।

ସେବା ଭକ୍ତି ଛାଡ଼ି ଅଧର୍ମ ଭକ୍ତିରେ ହୋଇଲି ମୁଁ ଗତାଗତ ।

ନିଜ ଗୁରୁ ପାଦେ ଅପ୍ରାଧୀ ହେଉଛି ନ ଦେଇ ପାରୁଛି ସତ ।୬।

ନିଜ ଥାନ ଛାଡ଼ି ବିଥାନ ହେଉଛି ବୁଦ୍ଧି ଅନୁସାରେ ମୁହିଁ ।

ସଦଜ୍ଞାନ ଛାଡ଼ି ଡାଳ ତଳେ ପଡ଼ି ଆଗକୁ ଯାଉଛି ଧାଇଁ ।୭।

ବୃକ୍ଷ ମୂଳ ଛାଡ଼ି ଅମନରେ ପଡ଼ି ଶ୍ରମ ଲଭିବାକୁ ଇଚ୍ଛା ।

ନ ଜାଣି ମୁହିଁ ମନ୍ଦ କର୍ମ ବିଚାରେ ଆକାଶ ଫଳକୁ ବାଞ୍ଛା ।୮।

ପିତା ମାତା ଯୁକ୍ତ କାଳେ ଯା ଲେଖିଛି ତାହା ସିନା ଭୋଗ ହେବ ।

ମୋ କର୍ମ ବେବସ୍ଥା ମୁଁ କିସ ଜାଣିବି ପ୍ରଭୁ ହସ୍ତ ମାରି ଦେବ ।୯।

ବିନା ଲେଖନରୁ କର୍ମେ ନ ଫଳଇ ପାପ ପୁଣ୍ୟ ବେନି ମତ ।

କର୍ମ ଦଣ୍ଡ ଛପା ଲାଗି ବୁଲିଅଛି ପରମ ଗୁରୁଙ୍କ ହସ୍ତ ।୧୦।

ନିରନ୍ତରେ ମୁହିଁ ଅନ୍ତରେ ଡାକୁଛି ଶୁଣୁଛ କି ନାହିଁ ଗୁରୁ ।

ଭଗତରକ୍ଷଣ ବାନା ବହିଅଛ ଦୟା ପଦେ ଅଦ୍ୟାନ୍ତର ।୧୧।

ଦେଖ ଏ ବ୍ରହ୍ମାଣ୍ଡ କେମନ୍ତ ହେଲାଣି ଦିନୁ ଦିନୁ ମହାଘୋର ।

ଛପ୍ପନକୋଟି ଜୀବ ଅଚେତ ହେବାରୁ ଡାକୁଛି ମୁଁ ନିରନ୍ତର ।୧୨।

ଚାରିଖାନି ଜୀବ ପାପକର୍ମ କଲେ କେହି ନାହିଁ ମୋକ୍ଷଭାଗୀ ।

କଳିର ମହିମା ପିଣ୍ଡ ବ୍ରହ୍ମାଣ୍ଡରେ ତ୍ରିପୁରେ ଗଲାଣି ଲାଗି ।୧୩।

କଳିଯୁଗରୁ କିରୂପେ ବଞ୍ଚାଉଛ ବୁଡିଛନ୍ତି ପାପ ପଙ୍କେ ।

ପିଣ୍ଡ ବ୍ରହ୍ମାଣ୍ଡ ନାଶିବାକୁ ହେଲାଣି ଅପମୃତ୍ୟୁ କାଳ ମୁଖେ ।୧୪।

ମାୟାକୁ ଛେଦିଲେ କାଳକୁ ବଧିଲେ ତେବେ ପ୍ରତିକାର ଅଛି ।

ତିନି ବ୍ରହ୍ମାଣ୍ଡେ ଯେତେ ଜୀବ ଅଛନ୍ତି ଇଜତ ନାହିଁ ନ କିଛି ।୧୫।

ଧରଣୀ ଧରି ସମ୍ଭାଳି ସୁସ୍ଥ କର ନୋହେଲେ ଭାସିଲି ନିଶ୍ଚେ ।

ବୁଡିଲା ସଂସାର ଜଣାଇଲ ନାହିଁ ନ ବୋଲିବ ମୋତେ ପଛେ ।୧୬।

ଚାରିଖାନି କର୍ମ କେତେ ମୁଁ କହିବି କରିଛନ୍ତି ଯାହା ଯାହା ।

ଘୋର କଳିଯୁଗେ ଯେଉଁ ବିଧିମତ କର୍ଣ୍ଣେ ଶୁଣି ନୁହେ ତାହା ।୧୭।

ଅନ୍ତର୍ଯାମୀ ଗୁରୁ ଅନ୍ତର୍ଗତେ ଜାଣି ପରିମୁଣ୍ଡା ଦୟା କର ।

ସନ୍ଦେହରେ ଏହୁ ନର୍କେ ପଡ଼ିଛନ୍ତି ଧୋଇ ପଖାଳି ଉଧର ।୧୮।

ଚାରି ଯୁଗ ମଧ୍ୟେ ଗୁରୁ ପାଦ ଗୋଟି ଅଟଇଟି ଧର୍ମ ନାବ ।

ଯହିଁ ଜାତ ହେଲେ ତହିଁ ହତ ହେଲେ ଭାସୁଛନ୍ତି ଭବାର୍ଣ୍ଣବ ।୧୯।

ଘୋର କଳିଯୁଗେ ଯାହା ମୁଁ ଦେଖୁଛି ତରିବାକୁ ନାହିଁ ବାଟ ।

ଗୁରୁ ପଦ ଧ୍ୟାୟି କହେ ଭୀମ ଭୋଇ ପଡୁଛି ବଡ ସଙ୍କଟ ।୨୦।

**ଚତୁଶ୍ଚତ୍ୱାରଂଶତ ବୋଲି**

ନମେ ଶୂନ୍ୟବାସ ଅନାଦି ପୁରୁଷ ଅନୁସରି ପାଦଗତେ ।

କପାଳରେ ମୋର ଅର୍ଦ୍ଧାଙ୍ଗ ତପସ୍ୟା ଲେଖି ଦେଇଛି କିମର୍ଥେ ।୧।

ଅର୍ଧ-କପାଳରେ ଅଢାଇ ଅକ୍ଷର ଯେଉଁ ଅପକୃତ ଗୁଣେ ।

ଅର୍ଧେକ ସଫଳ ଅର୍ଧେକ ବିଫଳ ମାଗିଥିଲି କି ମୋ ମନେ ।୨।

ଶତେ ଜନ୍ମଠାରୁ ଏପରି କମାଣି କରିଥିଲି କି ମୁଁ ନିତ୍ୟେ ।

ଭୁଜ୍ଜିଲା ଆଧାରେ ଧୂଳି ପଡୁଅଛି ଏହା ଥିଲା କି ସୁକୃତେ ।୩।

କର୍ମ ବୃକ୍ଷ ମୋର ଅତି କ୍ଷୀଣ ହୋଇ ଫଳୁଛି ପୋକରା ଫଳ ।

ହସ୍ତେ ତୋଳି ଖାଇ ପକାଇ ନୋହିଲ ପଞ୍ଚୁମନେ ଖଳବଳ ।୪।

ଡାଳ-ପୁଷ୍ପ-ପୁତ୍ରେ ଲୋଡିଲି ମୁଁ ଫଳ କାହିଁ ନ ପାଇଲି ଗୋଟା ।

ଯାହାକୁ ଭକ୍ଷିଲେ ସୁସ୍ୱାଦୁ ନୋହିଲା ସକଳ ତୁଣ୍ଡକୁ ପିତା ।୫।

କସି ଦିନୁ କଞ୍ଚା ଅଧେ ଦରପଚା କଷା ମଧୁର ନୋହିଲା ।

ଶୂନ୍ୟ ଧର୍ମ ପ୍ରଭୁ ଗୁରୁ ହୋଇ ମୋର ଏହା ଲଲାଟେ ଲିହିଲା ।୬।

ପିତା କି ଆସ୍ଥିଳ ଆମ୍ଭାକୁ କୁଶଳ ସନ୍ତୋଷ ନୋହିଲା କିଛି ।

ପ୍ରଥମ ଯୋଗରୁ ଏତେ ଦୁର୍ଘଟଣା ଆଗତକୁ କିସ ଅଛି ।୭।

ଏପରି ଯୁଗକୁ ଏହିପରି ଭୋଗ ଭାଗରେ ଦେଇଛ ବାଣ୍ଟି ।

କର୍ମ କାଣ୍ଡ ଗୋଟି ବକ୍ର ଅଟେ ମୋର ସଳଖ କରି ନ କାଟି ।୮।

ପୂର୍ବକାଳେ ଗୁରୁସେବା ଅସନ୍ତୋଷ କରିଥିବାରୁ ଏମାନ ।

ତେଣୁ କରି ସିନା ଭୋଗେ ଯୋଗେ ମୋର ସନ୍ତୋଷ ନୋହିଲା ମନ ।୯।

ଅଦୃଷ୍ଟକୁ ମାନି ବନରେ ପଡିଛି ସାର ଅସାର ଯେ ଗ୍ରାସ ।

ଏତେକାଳେ ଆସି ପ୍ରବେଶ ହୋଇଲା ପୂର୍ବର ଅର୍ଜିଲା ଦୋଷ ।୧୦।

ପୂର୍ଣ୍ଣ ସେବା ଭକ୍ତି ନ କରି ମୁଁ ନିତି ତେଣୁ ମୋ କରମ ଊଣା ।

ପୂର୍ବେ କାହାର ବନସ୍ତକୁ ଖେଦିଲି ଏବେ ମୁଁ ହେଉଛି ବଣା ।୧୧।

ପୂର୍ବେ ମୁଁ କାହାର ଥିତି ବସା ଭାଙ୍ଗି ଥନୀକି ବିଥାନୀ କଲି ।

ସେହି ଯୋଗେ ମୋତେ ପ୍ରାପତ ହୋଇଲା ଏବେ ପ୍ରତ୍ୟକ୍ଷେ ଜାଣିଲି ।୧୨।

ପୂର୍ବେ ମୁଁ କାହାର ସୁଖଭୋଗ ଖଣ୍ଡିଥିବାରୁ ପଡିଛି ଦଣ୍ଡ ।

ଏବେ ସେହି ଶାସ୍ତି କରତି କାଟୁବ ସବୁ ଦୋଷ ହେଇ ରୁଣ୍ଡ ।୧୩।

ଅନ୍ତର୍ଯାମୀ ସ୍ୱାମୀ ଅନନ୍ତ ଗର୍ଭରେ ରଖିଥିଲ ଠୁଳ କରି ।

ଏବେ ସେ ଫଳମାନ ବ୍ୟର୍ଥ ହେଉଛି ଭଞ୍ଜାଉଛି ମୋତେ ଧରି ।୧୪।

କରି ଏବେ ଦୂର ପ୍ରଭୁ ଅଣାକାର କିପାଇଁ ଦେଉଛ ସଜା ।

ବେନି କନ୍ଧେ ବେନି ଭାର ବୁହାଇଛ ବୋଝର ଉପରେ ବୋଝ ।୧୫।

ପ୍ରକୃତ ସଂସାର ତମିର ଅନ୍ଧାର ଗୋଚର ନ ଥିଲା ଚିତ୍ତେ ।

ବେଳହୁଁ ଯେବେ ଜାଣିଥାନ୍ତି ଏମାନ କାହିଁକି ହୁଅନ୍ତା ଏତେ ।୧୬।

ଯେତେ ସରିକି ହୋଇଲାଣି ଆଜକୁ କେ କହୁ ମୋର ଭାଳେଣି ।

ଦିବା ନିଶି ଅସରନ୍ତି ହେଉଅଛି ଗୁରୁ ଦେବ ଗୁଣି ଗୁଣି ।୧୭।

ମିଛ ପସରାକୁ ଆବୋରି ବସିଛି ଧନ ରତ୍ନ ନାହିଁ କିଛି ।

କରି ମୁଁ ଅଛି ଯାହା ଯାହା ବିଚାର ହୃଦୟ ପଦ୍ମରେ ମୋର ।୧୮।

ପଚିଶ ପ୍ରକୃତି ପିଣ୍ଡରେ ପ୍ରବଳ ଯୁଗ ଅଟେ ମହାଘୋର ।

ଏତେବେଳେ ମୁହିଁ କି ବୁଦ୍ଧି କରିବି କହ ଗୁରୁ ଅଣାକାର ।୧୯।

ସ୍ୱାମୀ ପଦ ଧାୟୀ କହେ ଭୀମ ଭୋଇ ଏ ଯୁଗରୁ ତ୍ରାହି କର ।୨୦।

### ପଞ୍ଚଚତ୍ୱରିଂଶତ ବୋଲି

ଗୁରୁ ଦେବ ସ୍ୱାମୀ ନିର୍ଗୁଣ ପୁରୁଷ ମୁହିଁ ଅଟଇ ସଗୁଣ ।

ଏତେବେଳେ ମୋତେ ପଥ କହିଦିଅ ପସି ଯାଉଅଛି ବନ ।୧।

ଅଣାକାର ସ୍ୱାମୀ ନିଷ୍କାମ ପୁରୁଷ ମୁହିଁ ଅଟଇ ସକାମ ।

ମାୟା ପ୍ରଳୟରୁ ବଞ୍ଚାଇଣ ରଖ ତାରି ନିଅ ଦେଇ ନାମ ।୨।

ଗୁରୁଦେବ ସ୍ୱାମୀ ନିର୍ବେଦ ପୁରୁଷ ମୋର ତନୁ ଅଟେ ବେଦ ।

ପାପ ପ୍ରକୃତି ପିଣ୍ଡରୁ ଉଧରିବ କହି ବ୍ରହ୍ମଜ୍ଞାନ ଭେଦ ।୩।

ଗୁରୁଦେବ ସ୍ୱାମୀ ନିର୍ବେଦ ପୁରୁଷ ମୋ ଦେହ ଅଟଇ ରୂପ ।

ବ୍ରହ୍ମ ଗଙ୍ଗାଜଳେ ସ୍ନାନ କରି ନେବେ ପଡିଅଛି ଭବକୂପ ।୪।

ଶୂନ୍ୟବାସୀ ପ୍ରଭୁ ଏକ ପାଦ ବ୍ରହ୍ମ ମୋର ଅଛ ବେନି ପାଦ ।

ଏକ ପାଦେ ମୋତେ ପାରି କରି ନେବ ନ ରଖିବ ଭେଦାଭେଦ ।୫।

ଗୁରୁଦେବ ମୋର ଅପାପ ପୁରୁଷ ମୁଁ ଅଟଇ ମହାପାପୀ ।

କଳଷରୁ ସ୍ୱାମୀ ପାରି କରି ନିଅ ମୋଠା ରେ ମାୟା ନ ରଖି ।୬।

ଗୁରୁଦେବ ସ୍ୱାମୀ ବୁଦ୍ଧିବନ୍ତ ଅଟ ମୁଁ ଅଟଇ ନିର୍ବୁଦ୍ଧିଆ ।

ସଂସାର-ସାଗର ହାନିଲାଭ ଜାଣି ଟିକେ ଟିକେ ଥିବ ଦୟା ।୭।

ଗୁରୁ ଦେବ ସ୍ୱାମୀ ଜ୍ଞାନର ଭଣ୍ଡାର ମୁହିଁ ଅଟଇ ଅଜ୍ଞାନ ।

ଘୋର କଳିକାଳୁ ପରି କରି ନେବେ ଜାଣି ମୋର ଅଭିମାନ ।୮।

ଗୁରୁ ଦେବ ସ୍ୱାମୀ ତାରଣରେ ସଜ୍ଜା ମୁଁ ମୂଢ଼ ଅଟଇ କଂଟା ।

ଷାଠିସସ୍ର କୁମ୍ଭୀ ନର୍କେ ପଡିଥିଲେ ଘଚି ନେବେ କରି ବଛା ।୯।

ଅନ୍ତର୍ଯାମୀ ପ୍ରଭୁ ଅନ୍ତରଗତେ ଜାଣି ଦୟାର ସାଗର ହୁଅ ।

ପଡିଅଛି ଜୀବ ପାପପଙ୍କ ମଧ୍ୟେ ବକଳ ଛଡାଇ ନିଅ ।୧୦।

ଗୁରୁ ଦେବ ସ୍ୱାମୀ ନିରୋଗୀ ପୁରୁଷ ମୁଁ ମୂଢ଼ ଅଟଇ ରୋଗୀ ।

ଶୂନ୍ୟ ଧର୍ମ ପ୍ରଭୁ ଶିରିବନ୍ତ ଅଟ ଏ ଜୀବ ଅଟେ ଅଭାଗୀ ।୧୧।

ଗୁରୁ ଦେବ ସ୍ୱାମୀ ନିଅଙ୍ଗୀ ନିସଙ୍ଗୀ ମୋହର ଯୁଗଳ ତନୁ ।

ରୋମା ଚର୍ମ ମୋର ମାୟା ଲାଗିଅଛି ଦେହଧାରୀ ହେଲା ଦିନୁ ।୧୨।

ଅଲେଖ ପୁରୁଷ ଶ୍ରୀଗୁରୁ ମୋହର ମୁଁ ଅଟଇ ତୁମ୍ଭ ଶିଷ୍ୟ ।

ବୁଡ଼ି ମରୁଅଛି ଛାଣିନିଅ ମୋତେ ଅଧିକ କହିବ କିସ ।୧୩।

ସଦ୍‌ଗୁରୁ ମୋର ପୁଣ୍ୟାଧି ପୁରୁଷ ମୁଁ ଅଟଇ ମହାପାପୀ ।

ଭବାର୍ଣ୍ଣବୁ ମୋତେ ପରି କରି ନେବ ଅବସ୍ଥା ମୋହର ଦେଖି ।୧୪।

ଦୟାପଦେ ଗୁରୁ ଅଗାଧ ସାଗର ଧର୍ମ ଅଟଇ ମହିମା ।

ଜ୍ଞାନୀଜନଙ୍କ ଅଗୋଚର ଅଟଇ ବେଦ ନ ଜାଣଇ ସୀମା ।୧୫।

ଧର୍ମ ପୁରୁଷର ରୂପ ରେଖ ନାହିଁ କାହାକୁ ଜପିବି ମୁହିଁ ।

ଅକର୍ମ ଦାୟକ ପୁରୁଷ ତୁ ପ୍ରଭୁ କ୍ରିୟା କର୍ମ ନ ଲଗାଇ ।୧୬।

ଅଚିନ୍ତା ପୁରୁଷ ଶୂନ୍ୟମୟ ଦେହ ଯହିଁରେ ନାହିଁ ବଚନ ।

ନିରୂପଣ କରି ଶାହାସ୍ର ପଥରେ କେ ପାଇବ ବର୍ଣ୍ଣ ଚିହ୍ନ ।୧୭।

ସାଧୁ ସୁଜ୍ଞଜନ କବି ତ ପଣ୍ଡିତ ଚିତ୍ତରେ ବିଚାର କର ।

ଘୋର କଳିଯୁଗେ ଅଲେଖ ମହିମା ଦିବା ନିଶି ଅନୁସର ।୧୮।

ଏ ଯୁଗରେ ଏକା ଏ ଧର୍ମ ଉଦିତ ଅନ୍ୟର ନାହିଁ ନା ସାର ।

ଗତି ମୁକତି ସମ୍ପତ୍ତି ପରାପତ ନିଷ୍ଠା ଏ ବଜ୍ରର ଗାର ।୧୯।

ଯୁଗ କଳିକାଳ ପାପ ଅନର୍ଗଳ ଦିନ ଦିନୁ ମହାଭାରି ।

ଭଣେ ଭୀମ କନ୍ଧ ନବଶତ ପଦେ ଗୁରୁ ପାଦ ଅନୁସରି ।୨୦।

## ଷଟଚତ୍ୱାରିଂଶତ ବୋଲି

ଜୟ ଜୟ ପ୍ରଭୁ ଅନାଦି ଈଶ୍ୱର ଅନନ୍ତ ଅରୂପ ହରି ।

ମହାଭାରା ହେଲା ଘୋର କଳିଯୁଗ ପାପ ହୋଇଲାଣି ଭାରି ।୧।

ସମୁଦ୍ର ପରାଏ ପୁରିତ ହେଲାଣି ନ ଚଳୁଛି ସତ୍ୟ ନାବ ।

ଏଥିକି ଚାହିଁ ବିଚାର ମହାପ୍ରଭୁ ଯେଉଁ ପରି କ୍ଷଏ ଯିବ ।୨।

ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନିପୁରକୁ ବୁଡାଇ ଦେଲାଣି ଧରି ।

ନିରନ୍ତରେ ଭାସୁଅଛି ନବଖଣ୍ଡ ଜଳରେ ମୀନ ଯେପରି ।୩।

ଅଗାଧ ପାତକ ଯେମନ୍ତ ତୁଟିବ ତହିଁକି ବିଚାର କର ।

ମହାବ୍ରହ୍ମତେଜ ପରକାଶ କରି ଅନଳମୁରତି ଧର ।୪।

ପାପ ସାଗରରେ ମହିମାସାଗର ବ୍ରହ୍ମାଣ୍ଡେ ସ୍ଥାପିଲ ଧୁନି ।

ଅବଧୂତ ନିର୍ବିକାର ଦିକ୍ଷା ଦେଇ ଆପଣେ ହେଲ ଅଗ୍ରଣୀ ।୫।

ଅଗୋଜାକୁ ଗୋମ କରି ମହାପ୍ରଭୁ ଅଚେତାକୁ ଚେତା କଲ ।

ଅଲେଖ ମହିମା ନାମେ ସର୍ବେ ଡାକ ବୋଲି ମୁଖେ ଆଜ୍ଞା ଦେଲ ।୬।

ଘୋର କଳିଯୁଗେ ଏ ଧର୍ମ ଉଦିତ ଏଠାରୁ ନାହିଁ ନା ବଡ ।

ଅଲେଖ ମହିମା ନାମ ଯେଉଁ ପଦ ଅଙ୍ଗୀଇତ ଖଣ୍ଡା ଦାଢ ।୭।

ତୁମ୍ଭେ ଯେ ବୋଲାଇ ମହିମା ଭଜିଲେ ମରଣ ତାହାକୁ ନାହିଁ ।

ଶ୍ରୀମୁଖ ବଚନ ବଜ୍ରଗାର ଅଟେ ଯାଉଛି ବିଅର୍ଥ ହୋଇ ।୮।

ମ ଅକ୍ଷର ନାମ ହୃଦେ ଲଏ କର ମହିମଣ୍ଡଳେ ରହିବ ।

ବିନା ଆଶ୍ରିତରେ ନ ବର୍ତ୍ତିବ କେହି ଯୁଗଭାବେ ପଡିଯିବ ।୯।

ଏହା ବୋଲି ଗୁରୁ ଶ୍ରୀମୁଖେ କହିଛ ଶୁଣି ମୁଁ କରିଛି ହେତୁ ।

ଏକ ପାଦ ଅନୁସରି ଯେତେଦିନୁ ପାସୋରି ନ ଦେଇ ଚିତ୍ତ ।୧୦।

ସକଳ ବାରତା ପଛାନ୍ତକୁ ଥାଉ ମୋ କଥା କେମନ୍ତେ ହେବ ।

ତିନି ପୁରେ ମୋତେ ଅଚିନ୍ତା କରାଇ କାହିଁ ନେଇ ଠାବ ଦେବ ।୧୧।

ତିନିପୁରୟାକ ଅସତ୍ୟ ହେଲାଣି ଧର୍ମ ପାଉଅଛି ଛାଡି ।

ବେଳକୁ ବେଳ ଅପ୍ରମାଣ ହେଉଛି ପଡୁ ଅଛି କାଳ ଧାଡ଼ି ।୧୨।

ନିଜ ରୂପ ଧରି ମହାଘୋର କାଳ ବ୍ରହ୍ମାଣ୍ଡ ଭିତରେ ପଶି ।

ଛପନା କୋଟି ହୃଦୟରେ ଘଣ୍ଟୁଛି ହୋଇ କାଳଦଣ୍ଡ ଫାଶି ।୧୩।

ଭବ ନଦୀରେ ଭସାଇ ନେଉଅଛି ଭାବନା କରାଇ ମୁଖେ ।

ପ୍ରକୃତି ଭିତରେ ପସି ମହାମାୟା ଭୋଗ କରୁଅଛି ସୁଖେ ।୧୪।

ଜଣ ପ୍ରାଣୀମାନେ ବିଚାରୁ ଅଛନ୍ତି ଆମ୍ଭେ କରୁଅଛୁ ସବୁ ।

ଅନ୍ୟାୟକୁ ନ୍ୟାୟ ଏକାକାର କରି କଳି ପୁରୁଷର ଯୋଗୁଁ ।୧୫।

ଆତ୍ମା ଲିଙ୍ଗେ ପସି ରୂପ ଚର୍ମ ଭେଦି ପାଳଟି ନାଶୁଛି ପିଣ୍ଡ ।

ତେଣୁ ପାଞ୍ଚ ମନ ପଚିଶ ପ୍ରକୃତି ଅଜ୍ଞାନରେ ପରଚଣ୍ଡ ।୧୬।

ବେଳୁ ବେଳକୁ ବଚନ କହିଲାଣି ନାଶିବ ପିଣ୍ଡ ବ୍ରହ୍ମାଣ୍ଡ।

ସମସ୍ତଙ୍କୁ ଏକାବେଳେ ମୁଁ ଭକ୍ଷିକି ଚେଦି ପକାଇବି ମୁଣ୍ଡ ।୧୭।

ଏ ବଚନ କାଳମୁଖେ ଭାଷୁଅଛି କେମନ୍ତ ହେଉଛି କଥା ।

ଏ ପିଣ୍ଡ ବ୍ରହ୍ମାଣ୍ଡ କେମନ୍ତେ ରହିବ ଲାଗୁଅଛି ମୋତେ ଚିନ୍ତା ।୧୮।

ଏତେବେଳେ ଦେଖ ମହାଶୂନ୍ୟ ଦେହୀ ଛାଣିରଖ ଭବାର୍ଣ୍ଣବୁ ।

ସତ୍ୟ ଧର୍ମ ଘେନି ଉଦେ ହୋଇଅଛ ଅଟ ଯେବେ ମହାପ୍ରଭୁ ।୧୯।

ଏତେପରି କେତେ ବର୍ଣ୍ଣନା କରିବ ନ ଜାଣ କି ଗୁରୁଦେବ ।

କହେ ଭୀମ ଭୋଇ ଏ ପାପୀ ଜୀବକୁ ନିରନ୍ତରେ ଦୟା ଥିବ ।୨୦।

**ସପ୍ତଚତ୍ୱାରିଂଶତ ବୋଲି**

ଅରୂପ ଶରୀର ରୂପ ନାହିଁ ଯାର କେମନ୍ତେ ଚିହ୍ନିବ ମୁହିଁ ।

ଦୟା କରି ମୋତେ ଦରଶନ ଦିଅ ଅନ୍ତର୍ଯାମୀ ଶୂନ୍ୟଦେହୀ ।୧।

ଏକ ଗୋଟା ପାଦ ନିର୍ବେଦ ନିଶବ୍ଦ ପଡିଅଛି ଶୂନ୍ୟ ଶବ୍ଦ ।

ଅନାଦି ଅଗାଧ ଅଟଇ ସେ ଆଦ୍ୟ ଯେମନ୍ତେ ମିଳିବ ଭେଦ ।୨।

ବ୍ରହ୍ମମଧ୍ୟେ ସାର ଧର୍ମ ଧନୁର୍ଦ୍ଧର କର୍ମ ଅଟେ ବୀରବର ।

ଏକସ୍ଥାନେ ଥାଇ ସକଳ ଶରୀରେ ପୂରିଅଛ ତିନି ପୁର ।୩।

ଜଳସ୍ଥଳାନଳ ପବନ ଶରୀରେ ଭିତର ବାହାରେ ରହି ।

ଶବଦ ସ୍ୱରୂପ ହୋଇ ଅଣରୂପ ଆତ୍ମାଭୂତ ପ୍ରାୟ ହୋଇ ।୪।

ସାନ ଦେହେ ସାନ ବଡ ଦେହେ ବଡ ଜୀବ ଅଜୀବ ସମାନ ।

ବିକାର ଅଣବିକାର ଠାବେ ବସି ନ ଥାଇଟି ଭିନ୍ନାଭିନ୍ନ ।୫।

ଦୁଷ୍ଟ ଦୁରାଚାରେ ଦେତ୍ୟ ଦାନବରେ ସକଳ ଘଟେ ବିଶ୍ରାମ ।

କାହିଁ ଶୂନ୍ୟ ନାହିଁ ସକଳ ଭୂତରେ ବହି ଜୀବବ୍ରହ୍ମ ନାମ ।୬।

ସପ୍ତସାଗର ସାଧୁଜନ ପଣ୍ଡିତ କବିଙ୍କ ହୃଦରେ ଥାଇ ।

ଅନୁଭବ ଶକ୍ତି ଅଣାକାର ଜ୍ୟୋତି ଆକାଶରୁ ପଦ ଲିହି ।୭।

ଅଶେଷ ମହିମା ବହିଅଛ ପ୍ରଭୁ କେତେ ବର୍ଣ୍ଣିବ ତୁମ୍ଭଙ୍କୁ ।

ବ୍ରହ୍ମସାଗରରେ ମୁଁ ହଜି ଯାଉଛି ଆଶ୍ଚର୍ଯ୍ୟ ମଣି ମନକୁ ।୮।

ମୋହ ବୁଦ୍ଧିବଳେ ଅନେକ ପ୍ରକାରେ ଧରି ମନ କରୁଅଛି ।

ଯେବେ ଲୋଡିଲେ ତୁ ଚିହ୍ନା ନ ପଡୁଛୁ ବଚନ ନ କହୁ କିଛି ।୯।

କି ନିମନ୍ତେ ମୋତେ ସାଧି ମାରୁଅଛୁ ଲାଗିଅଛି ତୋର କେତେ ।

କାହିଁକି ଗୁପତେ ମଉନ ହେଉଛୁ ଫେଡି କହ ପ୍ରଭୁ ମୋତେ ।୧୦।

କରୁଣାକଟାକ୍ଷ କୃପାହିଁ ତ ଦୟା ଯାହା ହେଉଅଛି ମୋତେ ।

ସେବା ଭକ୍ତି ଗୁଣ କଳନ୍ତର ଋଣ ଉଣା ହେଲା କେତେ କେତେ ।୧୧।

ପାରୁ ପରିଯନ୍ତେ ଶୁଝୁଅଛି ମୁହିଁ ଘେନୁଛୁ କି ନାହିଁ ତୁହି ।

ଜନମଯାକ ମୋ ବହି ଗଲାଣି ତ ଗଉଣିରେ ମାପି ଦେଇ ।୧୨।

ଚାରି ବରଷ ହେଇଗଲାଣି ଆଜକୁ ତୋଠାରୁ ମୋ ଅଣା ନିଆ ।

ବହିରେ ନ ଲେଖି ମାରୁଅଛୁ ଗୁପି କିପାଇଁ କରୁଛୁ ଏହା ।୧୩।

ମୁହିଁ ଏକା ନେଇଅଛି ତୋହ ଋଣ ସମସ୍ତେ ତ ଛନ୍ତି ନେଇ ।

ମୂଳ କଳନ୍ତର ବୁଝାଇବା ବେଳେ କିମ୍ବା ନ ଲେଖିଲ ବହି ।୧୪।

ପୁଣି ଯେତେଠାରୁ ଆଣିଅଛି ମୁହିଁ ଏପରି କରିବୁ ମୋତେ ।

ସାହୁ ରାହୁ ତୁହି ପାରି କରିନିଅ ଏବେ ମୁଁ କହୁଛି ତୋତେ ।୧୫।

ସାହୁ ହୋଇ କରି ଖାତକଠାବରେ ମାୟା କରିବାର ନୁହେ ।

ଅଶେଷ ବ୍ରହ୍ମାଣ୍ଡ ମହାଜନ ଅଟୁ ସମ୍ପତ୍ତି ତୋର ଅକ୍ଷଏ ।୧୬।

ତେଣୁକରି ମୁହିଁ ଆଶ୍ରେ କରିଅଛି ଅନନ୍ତ ଭଣ୍ଡାରେ ସିନା ।

ଶତେ ପୁରୁଷକୁ ଅଣ୍ଟିବ ବୋଲି ମୁଁ ମନେ କରିଛି ଭାବନା ।୧୭।

ସାହୁ ଗଙ୍ଗାଜଳ ହୃଦୟ ନିର୍ମଳ ହେଲେ ଖାତକକୁ ଲାଭ ।

ଖାତକ ଶୁଝିଲେ ସାହୁ ନେଉଥିଲେ ସବୁଦିନେ ପ୍ରୀତି ଥିବ ।୧୮।

ତୋହେ ଦାନାପାଣି ଛପନା କୋଟି ପ୍ରାଣୀ ଖାଇ ସମସ୍ତେ ଆନନ୍ଦ ।

କାହାକୁ କେଉଁ ପରକାରେ ଦେଉଛୁ ତୁ ଜାଣିବୁ ସେହି ଭେଦ ।୧୯।

ଏବେ ଶ୍ରୀଛାମୁରେ ବିନତି କରୁଛି ଘେନ ମୋହର ବଚନ ।

ଭଣେ ଭୀମକନ୍ଧ କବି କୁଳଚାନ୍ଦ ଗୁରୁ ପୟରେ ଶରଣ ।୨୦।

## ଅଷ୍ଟଚତ୍ୱାରିଂଶତ ବୋଲି

ତୁମ୍ଭେ ଯେବେ ସାହୁ ମୁଁ ଅଟେ ଖାତକ ପାରିକର କେଉଁ ରୂପେ ।

ବରମସର କଥା ବ୍ରହ୍ମଶର ଅଟେ ମଗ୍ନ ହେବି ବଲି ପାପେ ।୧।

ଗଳାରେ ବସନ ଦନ୍ତରେ ତିରଣ ପାଦ ଧରି କହୁଅଛି ।

ଶ୍ରୀଗୁରୁ କୋପକୁ ବଡ ଭୟ ମୋର ବାରମ୍ବାର ଜଣାଉଛି ।୨।

ନୋହିଲେ ପ୍ରସନ୍ନ କି ପାଇବି ଧନ ହେବି ଦରିଦ୍ର ଅବସ୍ଥା ।

ଅଣହେଳା କଲେ ଝୁଙ୍କିମୁ ପଡିବି ଆଗୁ ରଖୁଅଛି କଥା ।୩।

କୋଣସି ପ୍ରକାରେ ଋଣଠାରେ ମୋତେ ପାରି କର ଗୁରୁ ସ୍ୱାମୀ ।

ଅନ୍ତର୍ଗତ କଥା ଜାଣୁଥିବ ମୋର ଅଣାକାର ଅନ୍ତର୍ଯାମୀ ।୪।

ବହୁତ ଅବସ୍ଥା ହୋଇଲାଣି ମୋତେ କି କରିବି ଗୁରୁ କହ ।

କି ପ୍ରକାରେ ମୋତେ ନିଆର କରିଛ ତାତପରିଯରେ ଥୁଅ ।୫।

ପ୍ରଭୁଙ୍କୁ ନ କହି କାହାକୁ କହିବ କେ ବୁଝିବ ମୋର ବୁଝିବ ମୋର ଦୁଃଖ ।

ଦୁଃଖୀଜନ ବନ୍ଧୁ ଅଟ ପରା ତୁମ୍ଭେ କୃପା କରି ମୋତେ ରଖ ।୬।

କା ଆଗେ କହିଲେ କେହୁ ସେ ବୁଝିବ ଶୁଣିବ ମୋର ଗୁହାରି ।

କେହି ନ ଦିଶନ୍ତ ତୁମ୍ଭେ ତ ଦିଶୁଛ ଅରୂପ ଶୂନ୍ୟବେହାରୀ ।୭।

ଗୁରୁ ଆଗେ ଶିଷ୍ୟ ନ କହିବ ଯେବେ କାହୁଁ ପାଇବ ସୁବୁଦ୍ଧି ।

ସୁଦୟାରେ ଗୁରୁ ସାଗର ଅଟନ୍ତି ପ୍ରତକ୍ଷେ କରୁଣାନିଧି ।୮।

ହାନି ଲାଭ ହେଲେ ନ କହିବି ଯେବେ କେମନ୍ତ ବଞ୍ଚିବି ଦିନ ।

ଗୁରୁ ତ ମୋହର ସକଳ କାରେଣି ଦରିଦ୍ର ପ୍ରାଣୀଙ୍କ ଧନ ।୯।

ପିଣ୍ଡ ପ୍ରାଣ ରକ୍ଷା କେହି ନ ଅଟନ୍ତି ଏକା ଗୁରୁଦେବ ବିନୁ ।

ମେଦିନୀରେ ଥାଇ ସକଳ ଜାଣୁଛି ଜନ୍ମ ଦେଲି ଯେତେଦିନୁ ।୧୦।

ଦୁର୍ଲଭ ଜନମ ସୁଲଭ କରମ ଦେଉଥିବ ଯୁଗେ ଯୁଗେ ।

ବାହ୍ୟ ଅନ୍ତରେ ପରାପତ ନ କରି ରଖିଥିବ ସଙ୍ଗେ ସଙ୍ଗେ ।୧୧।

ପାଦପଦ୍ମେ ମୋତେ ଦୋଷୀ ନ କରିବ କ୍ଷମା କରିଥିବ ଚିତ୍ତେ ।

ନିର୍ମାଲ୍ୟକୁ ତୋର ଅନୁସରି ଅଛି ଦୟା ଥିବ ଅନ୍ତର୍ଗତେ ।୧୨।

ସତ୍ୟଦି ପୁରୁଷ ଭଗତବିଶ୍ୱାସ ମହାଶୂନ୍ୟ ତୁମ୍ଭ ବାସ ।

ଅରୂପ ବୋଲନ୍ତେ ଆଶା କରିଅଛି ଚାହିଁ ମୁଁ ଶୂନ୍ୟ ଆକାଶ ।୧୩।

ସର୍ବଠାରେ ଥାଅ ଉତ୍ତର ନ ଦିଅ ବଡ ଅସମ୍ଭବ କଥା ।

ଚିହ୍ନିବି ବୋଇଲେ ଚିହ୍ନିହିଁ ନ ଦିଅ ଛେଚି ହେଉଥିଲେ ମଥା ।୧୪।

ଆୟରେ ଆନନ୍ଦ ବ୍ୟୟରେ ଅନନ୍ଦ ବେନିଠାରେ ସମାସମ ।

ତେଣୁକରି ପ୍ରଭୁ ଶକତି ବହିଲ ଅଲେଖ ଅନାଦି ବ୍ରହ୍ମ ।୧୫।

ବ୍ରହ୍ମ ବ୍ରହ୍ମ ବୋଲି ଡାକ ପାରୁଅଛି କଣ୍ଠ ଯାଉଅଛି ଶୁଖି ।

ଗୁରୁ ମୋତେ ସଦା ସର୍ବଦା ଦେଖୁଛ ଶୂନ୍ୟ ମଧ୍ୟେ ହୋଇ ସାକ୍ଷୀ ।୧୬।

ବାରେ ହେଲେ ଘେନ ଏ ମୋର ବିନତି ନ କର ମୋତେ ନିରାଶ ।

ଦୋଷ ଅପରାଧ କ୍ଷମା କରି ଗୁରୁ ଯୁଗେ ଯୁଗେ କର ଦାସ ।୧୭।

ଅନାଦର କରି ଫୋପାଡି ନ ଦିଅ ଦୟା କର ଶୂନ୍ୟଦାସୀ ।

କଳିଯୁଗେ ମୁହିଁ କଷଣ ପାଉଛି ତ୍ରିପୁର ମଧରେ ଆସି ।୧୮।

କାହିଁ ମୁଁ ପଡିଲି କେଉଁ ପଥେ ଯିବି କହିଦିଅ ସ୍ୱାମୀ ବାଟ ।

ଯହିଁ ଅନାଇଲେ ତହିଁ ପୁରିଛନ୍ତି କଳି ପୁରୁଷର ଥାଟ ।୧୯।

ନିଶି ଦିବସରେ ଭାଳେଣି ପଡିଛି ମାୟା ସଂସାରକୁ ଚାହିଁ ।

ଭଣେ ଭୀମ ହୀନ ପାମର ଅଜ୍ଞାନ ଗୁରୁ ପାଦେ ଚିତ୍ତ ଦେଇ ।୨୦।

## ଊନପଞ୍ଚାଶତ ବୋଲି

ଶୂନ୍ୟ ଶୂନ୍ୟ ମହାଶୂନ୍ୟରେ ବିଶ୍ରାମ ନାମ ଅଟଇ ନିର୍ବେଦ ।

ନ କର ଅଇଁଠା ନ ପାଇ ତୋ ମିଠା କେ ହୋଇବ ପ୍ରତିବୋଧ ।୧।

ନ ଦେଖି ତୁମ୍ଭଙ୍କୁ କେ ସନ୍ତୋଷ ହେବ ନାହିଁ ଯହିଁରେ ଶରୀର ।

ଅନୁଭବ କରି ଥୟ କେ କରିବ ହୃଦରେ ଧଇର୍ଯ ଧର ।୨।

ନ ଚିହ୍ନି କା ମନ ସୁଶାନ୍ତି ଭଜିବ ବର୍ଣ୍ଣ ଚିହ୍ନ ଯାର ନାହିଁ ।

ନ ପାଇ କେହୁ ପରତେ ଯିବ ମନେ ନାହିଁ ଯାର ହାଇ ଛାଇ ।୩।

ଅଦେହ ଶ୍ରୁତିରେ କେ ଆଶ୍ରେ କରିବ ଭଜି କାହା ମନେ ଦମ୍ଭ ।

ଶୂନ୍ୟରେ ବିଶ୍ୱାସ କେ କରୁ ସାହସ ଦୃଢରେ ହେବ ଆରମ୍ଭ ।୪।

ନ ଜାଣି ନ ଶୁଣି କେହୁ ଚିତ୍ତ ଦେବ ତୁଚ୍ଛାକୁ ଭରସା କରି ।

ନାମ ନାହିଁ ଯହିଁ ମୁଖେ ନୁହେ କହି କେବଣ ଆଶାକୁ ଧରି ।୫।

ନ ବୁଝି ନ ଗମି କେ ପ୍ରୀତି କରିବ ଧରିବାର କଥା ନୁହେ ।

ଆପ ମନେ ଜାଣି ସୁଶାନ୍ତିକି ଘେନି କେଉଁ ଜନ ଧୀରେ ରହେ ।୬।

ନ ଖାଇ କେହୁ ଜିହ୍ୱାକୁ ବୁଲାଇବ ଆସ୍ୱାଦେ ସନ୍ତୋଷ ପାଇ ।

ଆକାଶକୁ ଚାହିଁ ଅମନେ ମନାଇ କେ ପାରିବ ଧର୍ମେ ରହି ।୭।

ନ ଗମି ତୁମ୍ଭଙ୍କୁ କେ ଲଭି ପାରିବ ପଢିଣ ଶାହାସ୍ର ପଥ ।

ବୁଦ୍ଧି ପାଞ୍ଚନା କରି ବ୍ରହ୍ମ ଲଭିବି ବୋଲି କେ କରିବ ସତ ।୮।

ନ ପଶି କେହୁ କଳଣା କରି ବ୍ରହ୍ମ ମନରେ ହେବ ଆନନ୍ଦ ।

ବିନା ଆଶରାରେ କେ ପାତିବ ଶିର କର୍ଣ୍ଣେ ଶୁଣି ଅଧାଧୁନ୍ଦ ।୯।

ବିନା ପ୍ରତେ ହୋଇ ଦିନ ବଞ୍ଚିବାର ବହୁତ କଠିନ କଥା ।

ପ୍ରକୃତି କେ ଶରୀରେ କେ କରିବ ଧାନ କାହୁଁ ପାଇବ ବାରତା ।୧୦।

ନର ଦେହ ବହି ନିରତେ ତୁମ୍ଭଙ୍କୁ କେ ଭଜି ପାରିବ ଠିକେ ।

ଅନାମରୁ ନାମ କ୍ଷରକ୍ଷର କରି କେ ଜପି ପାରିବ ମୁଖେ ।୧୧।

ନିଶବ୍ଦରୁ ଶବ୍ଦ କେ କାଢି ପାରିବ ବୁଦ୍ଧିବଳ ପୁରେ ନାହିଁ ।

ବ୍ରହ୍ମସାଗର ଅଗାଧ ସିନ୍ଧୁ ଅଟେ ଥଳ କୂଳ ନ ମିଳଇ ।୧୨।

ମହିମା ସାଗର ଝାସିବାକୁ କାହାର ଭରସା ଅଛି ।

ବ୍ରହ୍ମମୟ ପୁର ଅଦ୍ଭୁତ ମନ୍ଦିର ଜ୍ଞାନନେତ୍ରେ ନ ଦିଶୁଛି ।୧୩।

ଯୋଗୀକ ମାନେ ଧାନ କରି କରି ରହି ଗଲେଣି ଅନେକ ।

ପାଇଲେ କି ନାହିଁ କେ ତାହା ଜାଣଇ ଯୋଗ ଘରେ କରି ସଂକ୍ଷ ।୧୪।

ତିନିଭୁବନରେ ଲୋଡୁଛନ୍ତି ତୋତେ ଅନ୍ତ ନ ପାଇଲେ ନାମ ।

ବ୍ରହ୍ମ ହେଲି ବୋଲି ଅନୁସରି ସରି ଲଭି ଗଲେଣି ମରଣ ।୧୫।

ନ ଜାଣିମା ଲୋକେ ବୋଲନ୍ତି ତୁମ୍ଭଙ୍କୁ ଚିହ୍ନିଅଛୁ ଆମ୍ଭେ ବ୍ରହ୍ମ ।

ମିଛ କଥାରେ ସେ ଭ୍ରମି ହେଉଥାନ୍ତି ଯେସନେକେ ପଥଶ୍ରମ ।୧୬।

ନିଷ୍କାମ ପଥରେ ବଡିମା ନ ଚଳେ ଛିଡି ପଡିବାର ହୁଏ ।

ଅଜ୍ଞାନୀ ଜୀବ ଏ ପ୍ରକୃତି ବିଚାର ଯେଣୁକରି ଦେହ ବହେ ।୧୭

ଜାଣିବାର ଲୋକେ ନିଭନ ହୁଅନ୍ତି ନ କରନ୍ତି ବେଦବାଦ ।

ଅଖଣ୍ଡ ବ୍ରହ୍ମକୁ ଖଣ୍ଡ ନ୍ୟାୟେ କଲେ ଅଙ୍ଗେ ପଡେ ପରମାଦ ।୧୮।

ମୂର୍ଖ ପ୍ରାଣୀମାନେ ନ ଜାଣି ଚିତ୍ତରେ କରନ୍ତି ଉଦଣ୍ଡ ଜ୍ଞାନ ।

ନ ବୁଝି ନିନ୍ଦା କଲେ ସତ୍ୟ ଧର୍ମକୁ ପରମାୟ ହୁଏ କ୍ଷୀଣ ।୧୯।

ସାଧୁଜନମାନେ ବିଚାରଣା କର ଅଜ୍ଞାନ କି ଜ୍ଞାନ ଅଟେ ।

ଭଣେ ଭୀମ ଭୋଇ ଗୁରୁପାଦ ଧାୟି ନିରନ୍ତରେ ସେବା ଖଟେ ।୨୦।

### ପଞ୍ଚାଶତ ବୋଲି

କଳିଯୁଗେ ମୋତେ ସଙ୍କଟ ପଡିଲା ନର ଅଙ୍ଗେ ଅବତରି ।

କି ବୁଦ୍ଧି କରିବି ବୁଦ୍ଧି ଦିଶୁ ନାହିଁ ଅଲେଖ ଶୂନ୍ୟ ବେହାରୀ ।୧।

ଦିବସ ପହିଲା ରଚନା ସରିଲା ବିଚାର କରିବି କିସ ।

ଆଜି କାଲି ବୋଲି ସଂସାର ଭିତରେ ଯୁଗ ହୋଇଲାଣି ଶେଷ ।୨।

ନେତ୍ରେ ଦେଖୁ ଦେଖୁ ଚିହ୍ନି ନ ପାରିଲେ ତିନି ଭୁବନର ଲୋକ ।

ସତ୍ୟ ଧର୍ମଠାରୁ ଆହୁରି ଅଧିକ ମାଗୁଅଛନ୍ତି ପରୀକ୍ଷ ।୩।

କେମନ୍ତ ପ୍ରକାରେ ତ୍ରିପୁର ସଂସାରେ ପାଇବେ ଆତ୍ମାରେ ବୋଧ ।

ଅଚେତା ହୋଇ ସମସ୍ତେ ପଡ଼ିଛନ୍ତି ଖାଇଛନ୍ତି ମାୟା ମଦ ।୪।

ଆଣଟୁ ପଣରେ ସରବେ ଅଛନ୍ତି ନିହାଇ ଭାଙ୍ଗେ ଗରବ ।

ବଡ଼ଲୋକ ହୋଇ ଗାରିମା ଅଜ୍ଞାନ ପଣରେ ସର୍ବ ।୫।

ଅଜ୍ଞାନ ଆଚାରେ ନିନ୍ଦିତ ବିଚାରେ କରୁଛନ୍ତି ଉପହାସ ।

ମୁହିଁ କୋପ କଲେ କି କାର୍ଯ୍ୟ ହୋଇବ ବୁଝ ପ୍ରଭୁ ଜଗଦୀଶ ।୬।

ବୋଲାଇ ନୃପତି ନିନ୍ଦା କରୁଛନ୍ତି ବସି ଦଣ୍ଡ ସିଂହାସନେ ।

ହସ୍ତ ଝାଡି ମୁଖ ଶିରକୁ ହଲାଇ କହୁଛନ୍ତି ଗର୍ବମନେ ।୭।

ତୁମ୍ଭର ଗୁରୁଙ୍କୁ ତୁମ୍ଭେ ସେବା କର ନୁହନ୍ତି ଆମ୍ଭର ଗୁରୁ ।

ପରୀକ୍ଷା କରି ତୁମ୍ଭେ ସେବା କରୁଛ ଆମ୍ଭେ ନ ପାଇ ଆଦ୍ୟରୁ ।୮।

ସଭା ବିଦ୍ୟମାନେ ହାସ୍ୟ ଅନୁକ୍ଷଣେ ଦଶ ପାଞ୍ଚ ହୋଇ ମେଳ ।

ସୁର ଅସୁର ଏକ ଠାବରେ ମିଳି ବିଚାରୁ ଅଛନ୍ତି ଖଳ ।୯।

କଉତୁକ କରି ଗେଲରେ ପଚାରି ମହିମା ତୁମ୍ଭେ ଭଜିଛି ।

କଥାଏ ତୁମ୍ଭଙ୍କୁ ପଚାରୁଛୁ ଆମ୍ଭେ ନାହିଁ କହ ପରା ମିଛ ।୧୦।

କେତେ ଦିବସେ ସତ୍ୟଯୁଗ କରୁଛ ଏକଠାବେ ପରା ଖାଅ ।

ପରାକର୍ମ କରି ମଦ ମାଂସ ଭକ୍ଷି ସମସ୍ତଙ୍କ ଜାତି ନିଅ ।୧୧।

ସ୍ତିରୀ ପୁରୁଷ ମୁଣ୍ଡିଆ ମରାମରି ହେଉଅଛ ପରା ତୁମ୍ଭେ ।

ସମସ୍ତେ ଆସି ଆମ୍ଭ ଆଗେ କହିଲେ କର୍ଣ୍ଣରେ ଶୁଣୁଛୁ ଆମ୍ଭେ ।୧୨।

ପୁରୁଷମାନେ ସର୍ବଘରେ ଭକ୍ଷିଲେ କଲେ ମହିମା ଭଗତି ।

ସ୍ତିରୀମାନେ ଆଦି ମହିମା ଭଜିଲେ କିପା ବୁଡାଇଲେ ଜାତି ।୧୩।

ଭଲ ଘର ଝିଅ ଭଲ ଘର ବୋହୁ ଯାଉଛନ୍ତି ନଷ୍ଟ ହୋଇ ।

ଛତିଶ ପାଟକ ଏକଜାତି ହେଉ ଏହା ଲେଖିଥିଲା ବିହି ।୧୪।

କଳିଯୁଗ ମଧ୍ୟେ ବୋଲୁଥିଲେ ଯାହା ମେଳଛ ହୋଇବେ ସର୍ବେ ।

ତୁମ୍ଭେମାନେ ଯେଉଁ କର୍ମ କରୁଅଛ ନେତ୍ରରେ ଦେଖୁଛୁ ଏବେ ।୧୫।

ଉଶ୍ୱାସ ଲୋକ ତୁମ୍ଭେମାନେ ସମସ୍ତେ ମଣିଷକୁ ବୋଲ ପ୍ରଭୁ ।

ଯାହାକୁ ତୁମ୍ଭେ ପରଂବ୍ରହ୍ମ ବୋଲୁଛ ଦେଖିଅଛୁ ତାଙ୍କ ସବୁ ।୧୬।

ପିତା ମାତା ଗୃହ କୁଟୁମ୍ବ ଅଛନ୍ତି ସେହି କି ଅଟଇ ବ୍ରହ୍ମ ।

ବ୍ରାହ୍ମଣ ବୈଷ୍ଣବ ଶୂଦ୍ର ଆଦି କରି ସମସ୍ତେ ହେଉଛ ଭ୍ରମ ।୧୭।

ଜନମ ଭୂମି ଦେଖିଛୁ ଆମ୍ଭେମାନେ ବାଳୁତ ଦିନୁ ପ୍ରମାଣେ ।

କେହୁ ବୋଲେ ବୃତ୍ତି ଫନ୍ଦା କରୁଥିଲେ କେ ପରତେ ଯିବ ମନେ ।୧୮।

କେ ବୋଲେ ସଂସାରୀ ମତେ ରହିଛନ୍ତି ଆମ୍ଭରି ପରାଏ ହୋଇ ।

କେଉଁ ଶକତି ଦେଖି ପ୍ରଭୁ ବୋଲିବା ହେଉଛନ୍ତି କୁହାକୁହି ।୧୯।

ମନର ବିଚାର ପଡିଛି ଇଝାର ଟିଡେ ଅପମାନ ହୋଇ ।

ଭଣେ ଭୀମ ଭୋଇ ସହସ୍ର ପଦରେ ଶୂନ୍ୟବାସିଙ୍କି ଜଣାଇ ।୨୦।

### ଏକପଞ୍ଚାଶତ ବୋଲି

ସ୍ତିରୀ ପୁରୁଷ ଏକାନ୍ତମତ ହୋଇ ନିନ୍ଦା କରୁଛନ୍ତି ମୁଖେ ।

ପାଖକୁ ଗଲେ ଆଡ଼ ହୋଇ ପଳାନ୍ତି ତିନି ଭୁବନର ଲୋକେ ।୧।

ଦୂରୁ ଦେଖିଲେ ବୋବି ମାରୁ ଅଛନ୍ତି କରୁଛନ୍ତି ଉପହାସ ।

ବାବା ମାତା ଯୂଥ ଯୂଥ ଫେରୁଛନ୍ତି ଦେଖ କେବଣ ଭବିଷ ।୨।

ଗତି ମୁକତି ନାହିଁ ନା ଏହାଙ୍କର ଗଲେ ଏ ସମସ୍ତେ ଭାସି ।

ପିତୃ ଦେବତା ଇଷ୍ଟବନ୍ଧୁ ଛାଡିଲେ କଣ୍ଠେ ଲଗାଇଲେ ଫାଶି ।୩।

ଦେବୀ ଦେବତା ବ୍ରହ୍ମା ବିଷ୍ଣୁ ଶିବଙ୍କ ନିନ୍ଦା କରି ଗର୍ବ ବାକ୍ୟେ ।

ପାଗଳ ଅଟନ୍ତି କିଛି ନ ଜାଣନ୍ତି ବଡ ଅବିବେକ ଲୋକେ ।୪।

ଏକୂଳେ ସେ କୂଳେ କାହିଁରେ ନୋହିଲେ ମଧରେ ଗଲେଣି ବୁଡି ।

ଧାନ ସମ୍ପଦ ଦାରାସୁତ ତେଜି ପଳାଉ ଅଛନ୍ତି ଛାଡି ।୫।

ଗାଧିବା ଖାଇବା ଦି କଥା ଜାଣନ୍ତି ଆଉ ନ ଜାଣନ୍ତି କିଛି ।

ବେଦ ଶାହାସ୍ର ବଚନ ନ ମାନନ୍ତି ପକାଉଅଛନ୍ତି ଲେଛି ।୬।

ଦେବୀ ଦେବତା କାହାକୁ ନ ମାନନ୍ତି ଆବର ଦାରୁ ପ୍ରତିମା ।

ତୁଳସୀ ପତ୍ର ଖାଅ ବୋଲି ବୋଇଲେ ଆଣ ତା ଶିରେ ମୂତିବା ।୭।

ଗୀତା ଭଗବତ ପିତା ବୋଲୁଛନ୍ତି ତା ଉପରେ ଧୁଅନ୍ତି ଗୋଡ ।

ମହିମା ଭଜ ଲୋକ ଏମନ୍ତ ଭାବ ଅଜ୍ଞାନ ପାମର ମୁଢ ।୮।

ଏହା କହୁଛନ୍ତି ତିନି ଭୁବନରେ କି ବୁଦ୍ଧି କରିବୁ ଆମେ ।

ମହାପୁରୁଷ ଅଲେଖ ଶୂନ୍ୟବାସୀ ବିଚାରଣା କର ତୁମ୍ଭେ ।୯।

କେହି ନାହିଁ ସହୁଅଛନ୍ତି ଆମ୍ଭଙ୍କୁ କେମନ୍ତେ ବୁଧି କରିବୁ ।

ଅନ୍ତର୍ଯାମୀ ପ୍ରଭୁ ଜାଣି ଦୟା କର ଯେଉଁ ପ୍ରକାରେ ରହିବୁ ।୧୦।

ସ୍ୱର୍ଗେ ମର୍ତ୍ତେ ପାତାଳେ ଠାବ ନାହିଁ ନା ଯହିଁ ଗଲେ କଲେ ନିନ୍ଦା ।

ଅଲେଖ ଏକ ପାଦେ ପିଣ୍ଡ ପରାଣ ଯେଉଁ ଦିନୁ ହେଲା ବନ୍ଧା ।୧୧।

ନରଲୋକେ ବୋଲୁଛନ୍ତି ଆମ୍ଭ କର୍ମ ଛାଡି ଅନ୍ୟ କର୍ମ କଲେ ।

ପିତ ପିତାମହ ଯାଇନାହିଁ ଯହିଁ ସେହି ମାର୍ଗରେ ଚଳିଲେ । ୧୨।

ଭୋଗ ପରସାଦ ନ ଖାଇଲେ ଯେବେ ସେ କାହିଁ ଆମ୍ଭର ସଙ୍ଗ ।

ତାଙ୍କ ଆମ୍ଭ ପନ୍ଥା ଏକାନ୍ତ ନୋହିଲା ପିରତି ତ ହେଲା ଭଙ୍ଗ ।୧୩।

ମହିମା ବୋଲିବା ବେଦଶାସ୍ତ୍ରେ ନାହିଁ କର୍ଣ୍ଣରେ ନ ଥିଲା ଶୁଣା ।

ଏବେ ଏହି ଦୀକ୍ଷା କାହିଁ ରୁ ଅଇଲା ହେଉଅଛୁ ଆମ୍ଭେ ବଣା ।୧୪।

ମରିଯିବୁ ପଛେ ମହିମା ନ ଭଜୁ କେ ପାରେ ପ୍ରାତରୁ ଗାଧି ।

ଦିବସେ ଖାଇ ଉଦେଅସ୍ତେ ଦର୍ଶନ କେ ହୋଇବ ଏତେ ସାଧି ।୧୫।

ସପତ ପୁରୁଷ ଯହିଁ ପାଇଛନ୍ତି ସେହି ବାଟେ ଆମ୍ଭେ ଯିବୁ ।

ଜାତି ଗୋତ୍ର ବୁଡୁଅଛି ଏ ଧର୍ମରେ କିମ୍ପା ମହିମା ଭଜିବୁ ।୧୬।

ସୁରଲୋକେ ବୋଲୁଛନ୍ତି ଆମ୍ଭ ସ୍ଥାନ ଛଡାଇ ବସିବେ ମାଡି ।

ତପସ୍ୟା ଦେଖି ଆମ୍ଭ ଦେହ ନ ସହେ ବିଘ୍ନ କର ଯାନ୍ତୁ ଛାଡି ।୧୭।

ତପୋବନ୍ତ ହେବେ ଇନ୍ଦ୍ରପଦ ନେବେ ପଶିବେ ସୁର ଭୁବନେ ।

ଅଇସୂର୍ଯ୍ୟ ଭୋଗ ସମସ୍ତେ ଭୁଞ୍ଜିବେ ବସିବେ ଶୂନ୍ୟ ବିମାନେ ।୧୮।

ନିରନ୍ତରେ ସଙ୍ଗେ ସଙ୍ଗେ ଲାଗିଥାଅ ରଞ୍ଜୁ ଥାଅ ନଟକୂଟ ।

ଅତି ଯତ୍ନ କରି ମାୟାରେ ପକାଅ ବ୍ରହ୍ମାକୁ ନ ପାନ୍ତୁ ଭେଟ ।୧୯।

କୌଣସି ପ୍ରକାରେ ବୁଝାମଣା ହେଉ କରିଅଛି ପ୍ରତିଆଶା ।

କହେ ଭୀମଭୋଇ ଗୁରୁପାଦେ ଧାୟି ପଡୁଛି ବହୁତ ଦଶା ।୨୦।

## ଦ୍ୱିପଞ୍ଚାଶତ ବୋଲି

କର୍ଣ୍ଣପଥେ ପଶି ବେନି ନେତ୍ରେ ବସି କରଉ ଅଛନ୍ତି ମୋହ ।

ନିଷ୍କାମ ଧର୍ମପଥ ଆଶ୍ରେ କରନ୍ତେ ବୋଲନ୍ତି ଛାଡିଣ ଦିଅ ।୧।

ଦେବଗଣମାନେ ପ୍ରାଣୀଙ୍କ ହୃଦରେ ପ୍ରକୃତି ସ୍ୱରୂପେ ବସି ।

ଆତ୍ମା ଲିଙ୍ଗରେ ଲିପିତ ହୋଇଛନ୍ତି କରାଉ ଅଛନ୍ତି ଦୋଷୀ ।୨।

ମନ ବୁଦ୍ଧି ବିଚାରରେ ଚେତା ଘରେ ଦେଉଛନ୍ତି ସମତାଇ ।

ନାଗ ସର୍ପ ପରି ଉଠି ପ୍ରାଣୀମାନ ଗର୍ବେ ପାରୁଛନ୍ତି କହି ।୩।

ଦେବକୂଟ ବୋଲି ଜାଣିବାକୁ ନାହିଁ ବୋଲନ୍ତି ଆମ୍ଭେ କରୁଛୁ ।

ଏମାନେ ସର୍ବେ ବିଅର୍ଥକୁ ଗଲେଣି ଆମ୍ଭେ ଜାତି କୂଳେ ଅଛୁ ।୪।

ସୁରଗଣ କୂଟ ଲାଗିଅଛି ସଙ୍ଗେ ପଞ୍ଚମ ଗୁଣକୁ ଧରି ।

ବିଅର୍ଥେ ଆୟୁଷ କ୍ଷୟ କରୁଛନ୍ତି ମହିମାକୁ ନିନ୍ଦା କରି ।୫।

ଦେବତାମାନେ ବୋଲୁଛନ୍ତି ଆମ୍ଭର ସଙ୍ଗ ଛାଡି କିପା ଗଲେ ।

ଆମ୍ଭର କର୍ମ ଧର୍ମ ସବୁ ଛାଡିଲେ ବ୍ରହ୍ମଲୋକେ ସଙ୍ଗ ହେଲେ ।୬।

ଆମ୍ଭର ଭୋଗ ଉଚ୍ଛିଷ୍ଟ ନ ଖାଇଲେ ନ କଲେ ଆମ୍ଭଙ୍କ ପୂଜା ।

ଦେବତା ସେବା ଭକ୍ତି ସବୁ ଛାଡିଲେ ହେଲେ ବ୍ରହ୍ମର ତନୁଜା ।୭।

ଗୋରସ ତଣ୍ଡୁଳ ଭଞ୍ଜିବା ଆଧାର ପୂଜା କଲେ ଗୁରୁ ପାଦେ ।

ତେଣୁ କରି ଆମ୍ଭ ଶିରୀଚ୍ୟୁତ ହେଲା ବିଘ୍ନ କର ଅପ୍ରମାଦେ ।୮।

ଯେଉଁ ପୁଷ୍ପ ଆମ୍ଭ ଶିରରେ ଲାଗାଇ ଗୁରୁ ପାଦେ କଲେ ଯୋଗ୍ୟ ।

ରଙ୍ଗ ଶୁକଳ ଆବର ଯେତେ ପୁଷ୍ପ ଚରଣରେ କଲେ ଭୋଗ୍ୟ ।୯।

ତେଣୁକରି ଦେବେ ସାହି ନ ପାରିଲେ ବିଘ୍ନ କଲେ ଘନ ଘନ ।

ଜନ୍ତୁଙ୍କ ହୃଦେ ପ୍ରକୃତି ରୂପେ ପଶି ହରୁଛନ୍ତି ପ୍ରାଣୀ ମନ ।୧୦।

ବିଷ୍ଣୁଲୋକେ ବୋଲୁଛନ୍ତି ଆମ୍ଭ ଭୋଗ ସବୁଯାକ କଲେ ମାରା ।

ଆବର ଯେ ଚୁଆ ଚନ୍ଦନ କର୍ପୁର କଲେ ସପ୍ତାମୃତ ଧାରା ।୧୧।

ଦଧି ଦୁଗ୍ଧ ଗୁଡ ମଧୁ ଆଦି କରି ଗନ୍ଧବାସ ଯେତେ ଥିଲା ।

ଧୂପ ଦୀପ ଷଡ ଅର୍ଘ୍ୟ ସଞ୍ଜାମାନ ତାହା ପୟରେ ଲାଗିଲା ।୧୨।

ଦେବାଙ୍ଗ ବାସ ସର୍ବେ ଭୂଷଣ କଲେ ହେଲେ ଦେବ ବିଷ୍ଣୁ ଦେହୀ ।

ଯେତେ ଦିନୁ ଧର୍ମ ଉଦେ ହେଇଲାଣି ସେ ଦିନୁ ନେଲେ ଛଡାଇ ।୧୩।

ଆବର ବୃକ୍ଷ ବକଳ କୁମ୍ଭୀପଟ ଅବଧୂତ ବାନା କଲେ ।

ଦେବୀ ଦେବତା କେହି ନ ମାନ ବୋଲି ଗୁରୁଦେବ ଆଜ୍ଞା ଦେଲେ ।୧୪।

ଆମ୍ଭର ଅଙ୍ଗର ଭୂଷଣ ଯେତେକ ବିଭୂତ ଭୃତ୍ୟଅଙ୍ଗରେ ମଣ୍ଡିଲେ ।

ଦେବଲୋକ ବିଷ୍ଣୁ ଲୋକଙ୍କୁ ଯେ ଆଦି ସ୍ୱହସ୍ତେ ଗର୍ବ ଗଞ୍ଜିଲେ ।୧୫।

ନର ତନୁ ବହି ସେବା କରୁଛନ୍ତି ଅଲେଖ ବ୍ରହ୍ମର ଆଳେ ।

ଦେବାଦେବୀ ସବୁ ଅପୂଜା ରହିବେ ଫଳିବ ଏ ତିନିକାଳେ ।୧୬।

ଏହା ବିଚାର କରି ଏ ତିନିକୁଳ କରୁଅଛନ୍ତି ଉଦଣ୍ଡ ।

ମନୁଷ୍ୟ ହୋଇ ବ୍ରହ୍ମ ସେବା ଖଟିଲେ ତପ ହେଉ ଖଣ୍ଡ ଖଣ୍ଡ ।୧୭।

ନର ହୋଇ ଦେବମାୟା ଜାଣିବେ କର ଭଲ କରି କୂଟ ।

ଆମ୍ଭର ପଣ ଫାଟକ ଗଲା ବୋଲି ହେଉଛନ୍ତି ଛଟପଟ ।୧୮।

ଅଲେଖ ମହିମା ନାମକୁ ଭାଜିଣ ସର୍ବ କର୍ମ କଲେ ନାଶ ।

ତିନିପୁରଯାକ କାହିଁ ନ ମିଳିବ ଦେବାଦେବୀଙ୍କର ବାସ ।୧୯।

ନିରନ୍ତରେ ଧର୍ମେ ବିପତ୍ତ ପଡୁଛି ଲାଗିଅଛି ଦେବମାୟା ।

ଗୁରୁପାଦ ଧ୍ୟାୟୀ ଭଣେ ଭୀମ ଭୋଇ ଶୂନ୍ୟବାସୀଙ୍କର ଦୟା ।୨୦।

## ତ୍ରିପଞ୍ଚାଶତ ବୋଲି

ବ୍ରହ୍ମାଗଣମାନେ ବିଘ୍ନ କରୁଛନ୍ତି ବେଦବାକ୍ୟ ନିନ୍ଦା କଲେ ।

ଅଲେଖ ଧର୍ମର ସବୁ କାଟଗଲା ବୋଲି ମୁଁ କର ବହିଲେ ।୧।

ଆମ୍ଭର ବଚନ ଉଠାଇ ଦେଇଣ ନିର୍ବେଦ କଲେ ସ୍ଥାପନ ।

ଚାରି ଯୁଗେ ବେଦବାକ୍ୟର ଘଟଣା ତାହା କେ କରିବ ଆନ ।୨।

ବେଦ ଶାହାସ୍ର ବାକ୍ୟକୁ ଛାଡି ଦେଇ ଅକର୍ମେ କଲେ ଭଗତି ।

ବେଦବାକ୍ୟରେ ଯାହା କରଣୀ ଥିଲା ପାତାଳରେ ଦେଲେ ପୋତି ।୩।

ଏଣୁକରି ଆମ୍ଭ ଦେହ ସହୁ ନାହିଁ ନିନ୍ଦା କରୁଥାଅ ନିତି ।

ନିର୍ବେଦ ଧର୍ମ ଯେଉଁରୂପେ କଟିବ ତୁଟିବ ସେବା ଭଗତି ।୪।

ବ୍ରହ୍ମାଗଣ ବ୍ରହ୍ମାଣ୍ଡରେ ପୁରିଛନ୍ତି ବ୍ରାହ୍ମଣ ସ୍ୱରୂପ ହୋଇ ।

ବ୍ରହ୍ମ ଚାଣ୍ଡାଳ ସମସ୍ତେ ହୋଇଗଲେ ଜନମାନ୍ତ ଗଲା ବହି ।୫।

ମନ୍ତ୍ର ଯନ୍ତ୍ର ତନ୍ତ୍ର ସୂତ୍ର ହୋମ ଯଜ୍ଞ ବେଦାନ୍ତ କରମ ଯେତେ ।

ଧର୍ମ ଉଦେ ହ୍ୱନ୍ତେ ସର୍ବେ ନାଶ ଗଲେ ସିଦ୍ଧ ବଚନ ସହିତେ ।୬।

ଏଣୁକରି ତୁମ୍ଭ ମହିମା ଭଜାଙ୍କୁ ସୁଖ ପାଅ ନାହିଁ କେହି ।

ଯହିଁ ଦେଖ ତହିଁ ମୁଖେ ନିନ୍ଦା କର ହୋନ୍ତି ବେଦବାକ୍ୟ ଦ୍ରୋହୀ ।୭।

ଏହା ବୋଲୁଛନ୍ତି ବ୍ରହ୍ମଗଣମାନେ କି ବୁଦ୍ଧି କରିବୁ ଆମ୍ଭେ ।

ଦିବସ ରଜନୀ ଭାଳେଣି ମଡିଛି ପ୍ରାଣ ରହୁ ନାହିଁ ଦମ୍ଭେ ।୮।

ରୁଦ୍ରଗଣମାନେ ବୋଲୁଛନ୍ତି ପ୍ରଭୁ କର ଏହାଙ୍କୁ କଟାଳ ।

ଚିତା ପଇତାମାନଙ୍କୁ ନିନ୍ଦା କଲେ ନାହିଁ ରଖିଲେ ମଙ୍ଗଳ ।୯।

ଜଟା ବିଭୂତି କର୍ଣ୍ଣ ଡାଟ ମୁଦୁରା ଜପ ତପ ନିନ୍ଦା କଲେ ।

ରୁଦ୍ରକୁଳ ବେଶ ଭୂଷଣାଦି ଯେତେ ହାସ୍ୟରେ ଉଡାଇ ଦେଲେ ।୧୦।

ଶିବଲିଙ୍ଗମାନ ଯେଉଁ ସ୍ଥାନେ ଛନ୍ତି ତାଙ୍କ ବୋଇଲେ ପଥର ।

ରୁଦ୍ର ଭଗତି ଅଳପ ଦୀକ୍ଷା ଅଟେ ବିଅର୍ଥେ ଭ୍ରମି ନ ମର ।୧୧।

ତେଣୁ ସେ ଏହାଙ୍କୁ ରୁଦ୍ର ବିଘ୍ନ ପଡୁ ନୁହନ୍ତୁ ବ୍ରହ୍ମେ ଭଗତି ।

ଅନେକ ମାୟା ମୋହରେ ଦ୍ୱନ୍ଦ ହ୍ୱନ୍ତୁ ନ ମିଳୁ ଗତି ମୁକତି ।୧୨।

ରୁଦ୍ରଗଣମାନେ ଏମନ୍ତ ବିଚାରି କରୁଛନ୍ତି ବହୁ ମାୟା ।

ବିଷୟାରେ ଆମ୍ଭେ ଭାସି ଯାଉଅଛୁ ନ ବୁଝିଲେ ଗୁରୁ ଏହା ।୧୩।

ନାଗଗଣମାନେ ବିଘ୍ନ କରୁଛନ୍ତି ଦାନ୍ତଘାତରେ ବିଚାର।

ପାତଳ ବିମ୍ବରୁ ବାହାର ହୋଇଣ ପବନ ଡୋଳି ପ୍ରଖର ।୧୪।

ନିଷ୍କାମ ଧର୍ମ ଲୋକଙ୍କ ଘାତ କର ଘୋଟିବ ନାହିଁ କି ବିଷ ।

ବିଷ ନ କଟିଲେ ତେବେ ସେ ଜାଣିବା ଅଲେଖବ୍ରହ୍ମର ଶିଷ୍ୟ ।୧୫।

ନାଗଲୋକମାନେ ଏମନ୍ତ ବିଚାରି ବହିଛନ୍ତି ମନେ ରୋଷ ।

ଦୟା କରି ଆମ୍ଭ ପିଣ୍ଡ ପ୍ରାଣ ରକ୍ଷା ପ୍ରଭୁ ଅଲେଖ ପୁରୁଷ ।୧୬।

ଦିବସ ରଜନୀ ପଥ ଚାଲିବାକୁ ହେଉଛି ଚିତ୍ତରେ ଭୟ ।

ସର୍ବ ବିପତ୍ତିରୁ ବଞ୍ଚାଇଣ ରଖ ଅଣାକାର ବ୍ରହ୍ମମୟ ।୧୭।

ସହସ୍ରେକ ବାର ଚରଣେ ଶରଣ ତ୍ରାହି ତ୍ରାହି ରଖ ରଖ ।

ଗୁରୁପାଦ ସେବୀ ବିଅର୍ଥ ହେଉଛି ନିବାର ଭୃତ୍ୟଙ୍କ ଦୁଃଖ ।୧୮।

କଳିଯୁଗ ଆସି ବାକି ରହିଲାଣି ଡରୁଅଛି ପଞ୍ଚୁ ପ୍ରାଣ ।

ଶରଣପଞ୍ଜର ବାନା ବହିଅଛ ରଖ ଆତରଭଞ୍ଜନ ।୧୯।

ଅତି ଆତଙ୍କରେ ଜଣାଣ କରୁଛି କର୍ଣ୍ଣେ ଶୁଣୁଛ କି ନାହିଁ ।

ଗୁରୁପାଦ ଧାୟୀ ଭଣେ ଭୀମ ଭୋଇ ଛାମୁରେ କାକୁସ୍ତ ହୋଇ ।୨୦।

❧ ❧ ❧ ❧

## ଚତୁଃପଞ୍ଚାଶତ ବୋଲି

ନରଲୋକ ହୃଦେ ଯୋଗମାୟା ପଶି କରୁଅଛି ନାନା ଛନ୍ଦ ।

ଥରକୁ ଥର ବିପତ୍ତି ପଡୁଅଛି ସେବିଥାଉଁ ପାଦବିନ୍ଦ ।୧।

ଦାନବଙ୍କ ହୃଦେ ଦେବଗଣ ପଶି ଲଗାଉଛନ୍ତି ଅରିଷ୍ଟି ।

ଏତେ ଦିନ ବହି ଗଲାଣି ସଂସାରେ ପାତକ ଭାରା ନ ତୁଟି ।୨।

ଆଚାରିଙ୍କ ହୃଦେ ସୁରଗଣ ପଶି ଲଗାଉଅଛନ୍ତି ଭ୍ରମ ।

କଳିଯୁଗ ଶେଷ ହୋଇଲାଣି ଆସି ନ ଜାଣି ମହିମା ଧର୍ମ ।୩।

ବ୍ରାହ୍ମଣଙ୍କ ହୃଦେ ବ୍ରହ୍ମଗଣ ପଶି କରୁଛନ୍ତି ଖଳବଳ ।

ବେଦପତି ବ୍ରହ୍ମା ଭେଦ ମ ଜାଣଇ ଅଜ୍ଞାନ ମତ୍ତ ସକଳ ।୪।

ରାଜାଙ୍କର ହୃଦେ ବିଷ୍ଣୁଗଣ ପଶି କରୁଅଛନ୍ତି ଅଜ୍ଞାନ ।

ବଡପଣ ପାଇଁ ମୁଢ ହୋଇଲାଣି ନ ଗଣନ୍ତି ନ୍ୟାୟମାନ ।୫।

ବୈଷ୍ଣବ ହୃଦେ ରୁଦ୍ରଗଣ ପଶି କରାଉଛନ୍ତି ମୋହ ।

ନିଷ୍କାମ ନାମ ବ୍ରହ୍ମ ନିନ୍ଦା କରିଣ ଅର୍ଜ୍ଜି ସାରିଲେଣି ଦ୍ରୋହ ।୬।

ନାଗଙ୍କର ହୃଦେ ଭୂତଗୁଣ ପଶି କରୁ ଅଛନ୍ତି ରୋଷ ।

ଏହି ସପ୍ତକୁଳ ହୃଦୟ-ପଦ୍ମରେ ପଶିଛି ପାପ ପୁରୁଷ ।୭।

ତ୍ରିପୁର ଅସତ୍ୟ ଅଜ୍ଞାନ ହେଲାଣି କାହାରି ନାହି ନା ହେତୁ ।

ସନ୍ଥ ସାଗରକୁ ଅହନ୍ତା କରିଣ ହୋଇଲେଣି ସର୍ବେ ଶୁତ୍ର ।୮।

ବସିଲାଠାବରୁ ପାଦ ନ ଚଳିଲେ ଅଚିନ୍ତା ରହିବି କାହିଁ ।

ଏତେ ଦିନ ବହି ଗଲାଣି ସଂସାରେ ବୁଝାମଣା କଲ ନାହିଁ ।୯।

ଛପନା  କୋଟିରେ ସକଳ ଶରୀରେ ଘୋଟିଲାଣି ପାପପଙ୍କ ।

କଳି ପୁରୁଷ ସମ୍ମେମୁଖ ହେଲେ କି କହିବି ମୁଁ ଅଧିକ ।୧୦।

ଧର୍ମ ଉଦେ ଦିନୁ ବତାଇ କହିଲି ଗୁରୁ ନାମ ହୃଦେ ଘୋଷ ।

ଯେତେ ବତାଇଲେ ବିଶ୍ୱାସ ନ ଗଲେ ନାହିଁ ମୋର କିଛି ଦୋଷ ।୧୧।

ଦିନୁ ଦିନୁ ମହା ଅନର୍ଥ ହେଲାଣି ଥୟ ନ ରହୁଛି ଦେଖ ।

ବ୍ରହ୍ମ ନିନ୍ଦା କରି ମେଳଛ ହେଲେଣି ତିନି ଭୁବନର ଲୋକ ।୧୨।

ବ୍ରହ୍ମ ସେବା କରି ବ୍ରହ୍ମରୁ ଚଣ୍ଡାଳ ହୋଇଲାଣି ଆପ ସୁଖେ ।

ସତ୍ୟ ଆଶ୍ରେ କରି ସୁକୃତକୁ ଧରି ନିନ୍ଦା କରୁଛନ୍ତି ମୁଖେ ।୧୩।

ମିଛଠାରୁ ବଡ ପାତକ ନାହିଁ ନା ଦାନ ଧ୍ୟାନରେ ପୋଡେ ।

ଅତି ଅପ୍ରମଏ ଅସତ୍ୟ କହିଲେ କୁଳ ସନ୍ତାନ ହିଁ ବୁଡେ ।୧୪।

ଦୁର୍ଲଭ ତନୁରେ ମିଥ୍ୟା କହିବାର ବହୁତ ଏ ଅସମ୍ଭବ ।

କଳା କର୍ମମାନ ଧନ ଦ୍ରବ୍ୟମାନ କେହୁ ବାଣ୍ଟି ଭାଗ ନେବ ।୧୫।

ଅସତ୍ୟ ପାପକୁ ସମସ୍ତେ ଡ଼ରନ୍ତି ତିନିପୁରେ ନୁହେ ଥୋଇ ।

ଚଉଦିଗରେ ସିନ୍ଧୁପ୍ରାଏ ପୁରିଲେ ରାସନ୍ତଳେ ପଡେ ମହୀ ।୧୬।

ଯମ ଯାତନା ପଥକୁ ଯୋଗ୍ୟ ହୁଏ ଅନେକ ଯୋନିରେ ଜାତ ।

ଜୀବ ଥାଉଁ ମଲା ସମାନରେ ସରି ସୁକୃତ ହୁଅଇ ହତ ।୧୭।

ସଂସାର ସାଗରେ ଜନମ ଲାଭିଲେ ଗୁରୁ ପାଦେ ସେବା ଭଲ ।

ରଜବାର୍ଯ୍ୟ ପିଣ୍ଡ କେତେକ ଶକତି ନ ରହିଇ ଚିରକାଳ ।୧୮।

ମନୁଷ୍ୟଶରୀର ପାଇ କରି ଯିବ ସତ୍ୟ ଉଚ୍ଚାରିବା ଚାହିଁ ।

ସତ୍ୟଟି ସନ୍ଥ ସାଗର ସାଧୁ ଅଟେ ବେଦଶାସ୍ତ୍ରେଛନ୍ତି କହି ।୧୯।

କଳିଯୁଗେ ମୁଁ କେମନ୍ତେ ପାର ହେବି ମାଡୁଛି ମନରେ ଭୟ ।

ଭଣେ ଭୀମ ଭୋଇ ଗୁରୁ ପାଦ ଧ୍ୟାୟୀ ଅଚିନ୍ତା ଠାବରେ ଥୁଅ ।୨୦।

## ପଞ୍ଚପଞ୍ଚାଶତ ବୋଲି

ନିରନ୍ତରେ ହୃଦେ ଦକା ମାଡୁଅଛି ଥୟ ନାହିଁ ପଞ୍ଚଭୂତ ।

ବୁଦ୍ଧି ବିଚାର ମୋ ହଜି ଯାଉଅଛି କେମନ୍ତେ କରିବି ମୁଁ ତ ।୧।

ପୁରେ ପୁରେ କଳି ଘରେ ଘରେ କଳି ଘଟେ ଘଟେ କଲା ବାସ ।

ତିନି ଭୁବନରେ ଯେତେ ଲୋକ ଛନ୍ତି ନାହାନ୍ତି ଆତ୍ମା ବିଶ୍ୱାସ ।୨।

ରୋମେ ଚର୍ମେ କଳି ଘୋଟି ରହିଅଛି ନାସା ନେତ୍ର କର୍ଣ୍ଣପଥେ ।

ପ୍ରାଣୀଙ୍କ ସଙ୍ଗତେ ହିତ ହୋଇବାକୁ ବୁଦ୍ଧି ପାଉ ନାହିଁ ମୋତେ ।୩।

ଅନ୍ତ ପିତ୍ତ କଳି ରଚି ରହିଅଛି ମଳମୂତ୍ର ଦ୍ୱାରେ ପୁରି ।

ଜିହା ଅଗ୍ରରୁ ସତ୍ୟ ଉଠିଗଲାଣି ନବମ ଦ୍ୱାରକୁ ଧରି ।୪।

ନବଦ୍ୱାର ଯାକ ଦ୍ୱାରେ ସତ୍ୟ ନାହିଁ କେମନ୍ତେ ରହିବ କାଏ ।

ଚିଆଁ ଚୈତନ୍ୟ ହେତୁ ହଜିଗଲା ମରଣକୁ ନାହିଁ ଭଏ ।୫।

କି ଅବା ସ୍ତିରୀ ସେ କି ଅବା ପୁରୁଷ ସର୍ବଜନ ଏକାକାର ।

ପାତକ ପୁଣ୍ୟ ଆପଣା ମହତ୍ତ୍ୱକୁ କାହାରି ନାହିଁ ବିଚାରି ।୬।

ଯଦି ସତୀ କେହି ନାହାନ୍ତି ତ୍ରିପୁରେ ସର୍ବେ ବିଟପୀ ବିଟପ ।

ଧର୍ମ ଚିନ୍ତା ପ୍ରାଣୀ କାହିଁ ମୁଁ ରହିବି ସବୁ ଘଟିଲାଣି ପାପ ।୭।

କଳି ପୁରୁଷର ଲୋକ ସର୍ବସ୍ଥାନେ ନାହିଟି ସତ୍ୟର ଲୋକ ।

ଧର୍ମ ଧାରଣେ କାହାରି ଶ୍ରୋତା ନାହିଁ ସର୍ବଜନ ଅବିବେକ ।୮।

ପାତକପୁଣ୍ୟକୁ ଜଳ ପ୍ରାୟ କରିପଇ କରି ହେଲେ ପାର ।

ମୂଢପଣରେ ସାହାସ କରିଛନ୍ତି କେମନ୍ତେ ହେବେ ଉଧାର ।୯।

ବିନା କର୍ମରେ ଶାନ୍ତି ଲଭିଅଛନ୍ତି କେମନ୍ତେ ସରିବ ଦିନ ।

ଏଡ଼େ ଅଜ୍ଞାନୀ ମୂର୍ଖ ହୋଇଣ ପ୍ରାଣୀ ପଶିଛନ୍ତି ମାୟାବନ ।୧୦।

ଘୋରବନେ ପଶି ସୁଖ ମଣିଛନ୍ତି ଦୁଃଖ ନାହିଁ ନା ହେଜ ।

ଆପଣା କଲା ଅକର୍ମ ଯେତେ କଥା ଶିରକୁ ହୋଇଛି ବୋଝ ।୧୧।

କୁହୁଡି କି ଦେଖି ଝାସି ପଡୁଛନ୍ତି ସତ୍ୟ ପ୍ରାଏ ମଣି ଚିତ୍ତେ ।

ଦେଖିଲ ବେଳକୁ ତୁଚ୍ଛା ହପସରା ମୃତ୍ୟୁ ଘୋଟେ ଅଦଭୁତେ ।୧୨।

ବଚନ ଭାଷିଲା ଜୀବମାନ ହୋଇ ପଶୁଙ୍କ ପରାଏ ବୁଦ୍ଧି ।

ଏ ଭାବସାଗରେ ପଥଶର୍ମ ହୋଇ ନିତ୍ୟେ ହେଉଛନ୍ତି ସାଧି ।୧୩।

ଏ ମାୟା ରଞ୍ଜନା ପ୍ରକୃତି ପାଞ୍ଜନା ଜାଣି କରି ନ ଜାଣିଲେ ।

ଦୁର୍ଲଭ ସୁନ୍ଦର ତନୁମାନ ଲଭି ପଶୁରେ ଗଣନା ହେଲେ ।୧୪।

ସାର ଅସାର ସମାନରେ ରହିଛି ବାଛିଲେ ସିନା ହୋଇବ ।

ମନୁଷ୍ୟ ହେଲା ମାତ୍ରକେ କିସ ହେଲା ପୁଣ୍ୟ କଲେ ସିନା ହେବ ।୧୫।

ପୁଣ୍ୟ ବୋଲିକରି ଯାହାକୁ ବୋଲନ୍ତି ଗୁରୁପାଦ ସେବା ମୂଳ ।

ଗୁରୁ ସେବା ବିନୁ ଆଉ ପୁଣ୍ୟମାନ ନୁହନ୍ତି ସେ ସମତୁଲ ।୧୬।

ଆଉ ଧର୍ମମାନ ଅଳପକେ ହୁଏ ଗୁରୁଧର୍ମେ ନୁହେ କରି ।

ବଡିମା ପଣରେ ବଡ ବଡ ହୋଇ ଅନେକ ଗଲେଣି ସରି ।୧୭।

ସୁଜ୍ଞ ସାଧୁଜନ ଗୁରୁସେବା କର ଅନ୍ୟରେ ନାହିଁ ନା ଫଳ ।

ଦୁରିତ ନାଶିବ ଆୟୁଷ ବଢିବ ବଞ୍ଚିଥିବ କିଛି କାଳ ।୧୮।

ମୁହିଁ ଗୁରୁସେବା କରି ନ ପରିଲି ତୁମ୍ଭେ ହେଲେ ସେବା କର ।

ତୁମ୍ଭ ସେବା ଦେଖି ପାପନେତ୍ରେ ମୋର ହୋଇବି ହେଲେ ଉଧାର ।୧୯।

ଦିବସ ରଜନୀ ପଶିଅଛି ମୁହିଁ ଛନ୍ଦ ନଟକୁଟ ବାଦେ ।

ଗୁରୁପାଦ ଧ୍ୟାୟୀ ଭଣେ ଭୀମ ଭୋଇ ଏକା ଦଶାଶତ ପଦେ ।୨୦।

## ଷଟପଞ୍ଚଶତ ବୋଲି

ମାୟା ଅନ୍ଧକାର ତିମିରି ଭିତରେ ପଡିଅଛି ଭାବ-କୁପେ ।

କି ପ୍ରକାରେ ମୋତେ ଉଧାର କରିବ ବୋଲି ଜଣାଉଛି ଦୁଃଖେ ।୧।

ଭୃତ୍ୟର ଗୁହାରି ନ ଶୁଣ କିପାଇଁ ଚିନ୍ତାଜନ ଚିନ୍ତାମଣି ।

ଦେଖୁ ଦେକୁ ମୋତେ ଭସାଇ ନେଉଛି ମାୟାସାଗର ତ୍ରିବେଣୀ ।୨।

ଗୁରୁ ତ ସକଳ ଅନ୍ତର୍ଯାମିନି ଆତଙ୍ଗ ଫେଡନ ବାନା ।

ଆରତତାରଣ ନାଥ ବୋଲି କରି ହୃଦେ କରୁଛି ଭାବନା ।୩।

ଦୁଃଖୀଜନ ବନ୍ଧୁ ଦୁଃଖୀର ସଙ୍ଗାଳି ଅରକ୍ଷଙ୍କ ଗଣ୍ଠିଧନ ।

ଖାଇଲେ ବହିଲେ ନ ସରଇ ପରା ଦରିଦ୍ର ଜୀବ-ଜୀବନ ।୪।

ତୁମ୍ଭ ନାମ ପରା ଅଲେଖ ମହିମା ଉଦେ ପରା ଯୁଗଶେଷେ ।

ଅକାଳ ମରଣ ଅଦଭୁତ ବିପତ୍ତି ଆସି ରହିଲାଣି ପାଶେ ।୫।

ଯୁଗଶେଷ ମଧେ କାହିଁ ମୁଁ ରହିବି ଦିଅ ମୋତେ ସଦବୁଦ୍ଧି ।

ଯହିଁ ଅନାଇଲେ ତହିଁ ପୁରିଅଛ ପାପସାଗର ବାରଧି ।୬।

ନିଜ ନାମେ ପରା ପାତକ ପୋଡାଇ ଅନ୍ୟ ନାମେ ନୁହେ କିଛି ।

ଜନମ ଲଭିଲେ ପାତକ ଲଗାଇ ତେଣୁ ଭୟ କରୁଅଛି ।୭।

ଏଡ଼େ ବଡ ଗୁରୁ ଥାଇ ନବଖଣ୍ଡ ମୋ ଜନମ ବୃଥା ହେଲା ।

ଯେବଣ ମାୟାକୁ ଡରୁଥିଲି ମାନେ ସେ ମାୟାରେ ଦିନ ଗଲା ।୮।

ଯହିଁ ପଡିଥିଲେ ଉଧରିବ ମୋତେ ନିର୍ଦୟା କରିବ ନାହିଁ ।

ଭକ୍ତଉଧାରଣ ବାନା ବହିଅଛ ଆସିଅଛ ପରା ଧାଇଁ ।୯।

ଘୋର କଳିଯୁଗ ଛପନା କୋଟିକ ତାରି ନେବ ପରା ନାମେ ।

ଦୟା ବହି ପାପପଙ୍କରୁ ଛଡାଇ ରଖିବ ପରା ନିଷ୍କାମେ ।୧୦।

ମୋତେ ସେହି ରୂପେ ଝାଳି ପୋଡ଼ି ଏବେ ଧୋଇ ନିର୍ମଳ କରିବ ।

ଅନନ୍ତ ପୁରୁଷ ଅନ୍ତର୍ଗତେ ଦୟା ଏ ଜୀବକୁ ରଖିଥିବ ।୧୧।

ପଞ୍ଚଭୂତେ ମୋତେ କାତର ଲାଗୁଛି ଅମୁକ୍ଷ ହୋଇବି ବୋଲି ।

ଏଡ଼େ ବଡ ଗୁରୁ ଆଶ୍ରୟ କରିଛି ବିଅର୍ଥ ହୋଇଣ ମଲି ।୧୨।

ଏହା ବିଚାର କରୁଅଛି ହୃଦରେ ଦିବସ ରଜନୀ ବସି ।

ପାରୁ ନ ପାରୁ ଗୁରୁଦେବ ନାମକୁ ମନେ ମନେ ମୋର ଘୋଷି ।୧୩।

ଏହା ପରା ଜନ୍ମ ନ ମିଳିବ ଆଉ ଏହି ସଂସାର ସାଗରେ ।

ଏଣୁ କରି ମୁହିଁ ଚିନ୍ତା କରୁଅଛି ନ ପାଇବି ଆଉ ଥରେ ।୧୪।

କେତେ ଜୀବ ଏହିପରି ଯାଉଛନ୍ତି ଇନ୍ଦ୍ର ଚନ୍ଦ୍ର ସମତୁଲେ ।

ଅଳପ କଥାରେ ହତ ହେଉଛନ୍ତି ମାୟା ନଟ କୂଟ ଲୋଭେ ।୧୫।

ଜୀବ ପ୍ରତିଦିନ ଅଜ୍ଞାନ କେଭେ ନୁହେ ସଦଜ୍ଞାନ ।

ଗୁରୁ ପୟରେ ପିଣ୍ଡ ହିଁ ସମର୍ପଣ ଅନ୍ୟ ଆଡ଼େ ଥାଇ ମନ ।୧୬।

ତେଣୁ କରି ଜୀବ ଦୋଚାରୀ ଅଟଇ ନୁହଇ ସତ୍ୟ ଶକତି ।

ଲୋଭ ମୋହ କାମ କ୍ରୋଧରେ ପଡିଛି ଦିବସ ରଜନୀ ମାତି ।୧୭।

ମାୟା ବିଷୟାଟି ମଦ ହୋଇଅଛି ପିଇଲେ ନ ଜାଣେ କିଛି ।

ପରମପତିକି ଥୟରେ ନ ଥୋଇ ଅଜ୍ଞାନପଣରେ ଅଛି ।୧୮।

ସାଧୁ ସୁଜ୍ଞଜନ ଜୀବ ପରମକୁ ଏକଠାବେ କର ସଙ୍ଗ ।

ନିଜ ହେତୁ ପାଇ ଅମର ହୋଇବ ଟଳି ନ ପଡିବ ଅଙ୍ଗ ।୧୯।

ମୁହିଁ ସେହି ପଥ ନିତ୍ୟେ ଲୋଡୁଅଛି ପାଇଯିବ ଅବା ଥୟ ।

କହେ ଭୀମ ଭୋଇ ଗୁରୁପାଦ ଧାୟୀ ଛାଡିବ ସଂଶୟ ଭୟ ।୨୦।

## ସପ୍ତପଞ୍ଚାଶତ ବୋଲି

ସୁଜନ ପଣ୍ଡିତ ସାଧୁ ସେବା ବର ଅନ୍ୟର ନାହିଁ ନା ଗତି ।

ଗୁରୁ ନ ସେବିଲେ ଉଧାରଣ ନୁହେ ଆଉ ଯେତେ ଫଳଶ୍ରୁତି ।୧।

ଜପ ତପ ଦାନ ଧାନ ତୀର୍ଥ ବ୍ରତ ଏ ଅଟେ ସମୂହ ପୁଣ୍ୟ ।

ବୃକ୍ଷ କୀରତି ବାମ୍ଫି ଦେଉଳ ଧର୍ମ ଏମାନ ନୁହେ ସମାନ ।୨।

ଜଗତୀ ଅଟାଳି ମେଢ ମଣ୍ଡପରେ ଲଭିବୁ ବୋଲି ମୁକତି ।

ଦାରୁ ପ୍ରତିମା ସ୍ଥାପନ ମୂର୍ତ୍ତି ଯେତେ ଏ ନୁହଇ ସଦଗତି ।୩।

ଯଶ ପୌରୁଷ କର୍ମ ସିନା ଏହି ଅଳପ ନାମ ଶକତି ।

ଏମାନେ ବହୁତ ଦିନ ନ ରହନ୍ତି କିଛି ଦିନେ ହୁଏ ପୋତି ।୪।

ଗୁରୁସେବା ଧର୍ମ ଚାରିଯୁଗେ ରହେ କ୍ଷୟ ବୃଦ୍ଧି କେବେ ନୁହେ ।

ସେବା ମଧରେ ପ୍ରଧାନ ଅଟେ ସେହୁ ଶତେ ପୁରୁଷର ଯାଏ ।୫।

ଗୁରୁ ସେବା ଫଳ ଶତେକ ପୁରୁଷ ଖାଇ ବୋହିଲେ ନ ସରେ ।

ଗୁରୁ ଭଗତିରେ ଅପାର ମହିମା ଅଶେଷ ଦୁରିତ ହରେ ।୬।

ଗୁରୁ ସେବା ଫଳେ ରୋଗ ବ୍ୟାଧି ନାହିଁ ଆଉ ଫଳେ ଅଛି ରୋଗ ।

ନିଷ୍କାମ ଫଳ ସେ ସତ୍ୟଫଳ ଫଳେ ନିଶ୍ଚିନ୍ତେ ହୁଅଇ ଭୋଗ ।୭।

ଗୁରୁସେବାରେ ଦାରା ସମ୍ପଦ ମିଳେ ଆବର ପୁତ୍ର ପୌତ୍ରୀ ।

ଅନ୍ନ ବସ୍ତ୍ର ଗୋପ ଲକ୍ଷ୍ମୀ ପରାପତ ବର୍ଦ୍ଧିତ ହୁଏ ସମ୍ପତ୍ତି ।୮।

ଗୁରୁସେବା କଲା ଲୋକହିଁ ସଭାରେ ପାନ୍ତି ଧନ୍ୟ ଧନ୍ୟ ପଦ ।

ଦେବ ମାନବ ସଭା ରାଜସଭାରେ ନ ଥାଇ ସଂଶୟ ଭେଦ ।୯।

ଗୁରୁସେବା କଲେ ଆୟୁଷ ବଢଇ ଦିଶଇ ବହୁତ ବୁଦ୍ଧି ।

ଗୀତା ଅର୍ଥ ଜ୍ଞାନ ସଂପାଦ ଯେ ସାଧଇ ସକଳ ସିଦ୍ଧି ।୧୦।

ଗୁରୁ ସେବା  କଲେ ପଣ୍ଡିତ ହୁଅଇ ସକଳଠାରେ ବକତା ।

ହୃଦୟ ପଦ୍ମରେ ଆଗକୁ ପଛକୁ ନ ଥାଇ ସଂଶୟ ଚିନ୍ତା ।୧୧।

ଗୁରୁସେବା କଲା ପ୍ରାଣୀଙ୍କ ଅଙ୍ଗରେ ବିଷ୍ଣୁରୂପ ପରକାଶ ।

ଅଗ୍ନିକାନ୍ତି ପ୍ରାୟ ଦିଶୁଅଛି କାୟ ଅନ୍ତେ ବଇକୁଣ୍ଠ ବାସ ।୧୨।

ଗୁରୁସେବା ଲୋକ ନିର୍ମଳ ମରଣ ନ ଯାନ୍ତି ଯମର କତି ।

କାଳଗଣ ତାକୁ ପ୍ରାଣରେ ଡରନ୍ତି ନ ଦେଇ ପାରନ୍ତି ଶାସ୍ତି ।୧୩।

ସାଧୁ ସୁଜ୍ଞଜନ ଗୁରୁ ସେବା କର ପଥଶ୍ରମ ନୁହ ଚିତ୍ତେ ।

କରପତ୍ର ଯୋଡ଼ି ବିନୟ ହେଉଛି ବୁଝାଇ କହୁଛି ଏତେ ।୧୪।

ମୋର ବିଚାରକୁ ଯାହା ଦିଶୁଅଛି ଗୁରୁ ସେବା ଧର୍ମ ସାର ।

କିଛିହିଁ ନ କଲେ ଗୁରୁ ସେବା ଧର୍ମ ପାରୁଅଛ ଯେବେ କର ।୧୫।

ଆଉ କର୍ମମାନ ବହୁତ ଅଡୁଆ ଗୁରୁ ଭଗତି ଉଶ୍ୱାସ ।

ବୁଝି ଯେବେ ପାର ମେରୁ ଗିରି ପ୍ରାଏ କୋଟିଏ ନାଗର ବିଷ ।୧୬।

ନ ଚିହ୍ନି ସେବିଲେ ଦ୍ରୋହ ଘଟୁଅଛି ଅପରାଧ ହେବା କଥା ।

ପଚିଶ ପ୍ରକୃତିର କିସ ଯାଉଛି ଆତ୍ମାକୁ ମିଳଇ ବ୍ୟଥା ।୧୭।

ଆତ୍ମା ଲିଙ୍ଗଠାରେ ପଚିଶ ପ୍ରକୃତି  ଖଟିଥାନ୍ତି ନିତି ନିତି ।

ନିୟତ ବେଳକୁ ସର୍ବେ ଛାଡ଼ି ଯାନ୍ତି ଜୀବ ପାଉଥାଇ ଶାସ୍ତି ।୧୮।

ପିଣ୍ଡ ବ୍ରହ୍ମାଣ୍ଡରେ ହାନି ଲାଭ ଠାରେ କେହି କୁହନ୍ତି କାହାର ।

ଘଟ ଗଲା ବେଳେ ସମସ୍ତେ ଅନ୍ତର ହୋଇ ଯାଆନ୍ତି ବାହାର ।୧୯।

ତିନିପୁର ମଧ୍ୟେ ଯାହା ମୁଁ ଦେଖିଲି ସକଳ ଅଟଇ ମିଥ୍ୟା ।

ଗୁରୁ ପାଦ ଧ୍ୟାୟୀ ଭଣେ ଭୀମ ଭୋଇ ଗୁରୁଭକ୍ତି ଏକା ସଚ ।20।

❧ ❧ ❧ ❧

### ଅଷ୍ଟପଞ୍ଚାଶତ ବୋଲି

ଦିନୁ ଦିନୁ କାଳ ଘୋଟି ଆସିଲାଣି ପିଣ୍ଡ ବ୍ରହ୍ମାଣ୍ଡ ଆବୋରି ।

ପୃଥୀ ନବ ଖଣ୍ଡ ଅଶେଷ ବ୍ରହ୍ମାଣ୍ଡ ଛପନା କୋଟିକି ଧରି ।୧।

କୌଣସି ଠାବରେ ସତ୍ୟ ଧର୍ମ ନାହିଁ ଆକାଶେ ଗଲେଣି ଉଠି ।

ଧର୍ମହୀନ ହୋଇଲାଣି ଏ ସଂସାର ଜାତ ହେଲାଣି ଅରଷ୍ଟି ।୨।

ଠାବ ଠାବରେ ଅନର୍ଥ ହୋଇଲାଣି ଜୀବଠାରେ ଜୀବ ହିଁସା ।

ଷୋଳ ବିଶ୍ୱାରୁ ଅଧିକ ବଢିଲାଣି ହେଲାଣି ସତର ବିଶ୍ୱା ।୩।

ଘରେ ଘରେ ଦ୍ୱନ୍ଦ୍ୱ ଜଣେ ଜଣେ ମନ୍ଦ ପୀଡ଼ିତ ଅଜ୍ଞାନ ଲତା ।

ଅଦଭୁତ ଯେ ଅକାଳ ଚଡ଼କକୁ ମଣୁଛି ଆଶ୍ଚର୍ଯ୍ୟ କଥା ।୪।

ଅଚମ୍ଭିତ ଲାଗୁଅଛି ମୋ ମନକୁ ଭୂତ ଭବିଷ୍ୟନ୍ତ ଜାଣି ।

ସଂସାରେ ଥାଇ କେବଣ ଦୋଷ କଲି ଧର୍ମାଦି ଆଶ୍ରିତ ପ୍ରାଣୀ ।୫।

ସତ୍ୟ ଧର୍ମ ବିନୁ କିଛି ନ ଜାଣଇ ପାପ ପୁଣ୍ୟ ଭଲ ମନ୍ଦ ।

ବସି ଦିବା ନିଶି ଘୋଷି ଅହର୍ନିଶି ଶ୍ରୀ ଗୁରୁ ଚରଣାବିନ୍ଦ ।୬।

ଗୁରୁ ପାଦ ବିନୁ ନ ଦିଶଇ ମୋତେ ବଡ ହୋଇ ଯେତେ ଦ୍ରବ୍ୟ ।

ମୁହିଁ ବିଚାରୁଛି ମୋହର ମନରେ ଗୁରୁ ପାଦପଦ୍ମ ସର୍ବଂ ।୭।

ଶରଣ ସମ୍ଭାଳି ରଖ ମହାବାହୁ ଅନ୍ୟରେ ମୋ ରକ୍ଷା ନାହିଁ ।

କାହିଁରେ ନ ଲାଗି ନିକଳଙ୍କେ ଥିବି ଏହା ମାଗୁଅଛି ମୁହିଁ ।୮।

ଦନ୍ତକୁ କାମୁଡି ମୁଁ ସହିବି ଏ କଳି ଯୁଗର ଦଶା ।

କେତେ ଦିବସେ ସତ୍ୟଯୁଗ ହୋଇବ ମନେ କରି ପ୍ରତିଆଶା ।୯।

ନର ଦେହ ବହି ଏ ମାୟା ସଂସାରେ କେ ସମ୍ଭାଳିବ ପ୍ରକୃତି ।

ବାହ୍ୟକୁ ନ ଫୁଟି ମନର ଭିତରେ ଘୃଣା କରୁଅଛି ନିତି ।୧୦।

ଗୁରୁଙ୍କର ହାନି ଲାଭ ଗୁରୁ ପା'ନ୍ତୁ ମୋହର ନାହିଁ ଭରସା ।

ଏତିକି ମାଗୁଛି ଅନ୍ୟ ନ ମାଗଇ ଚରଣରେ ଥାଉ ଆଶା ।୧୧।

ଗୁରୁଙ୍କର ସିନା ଏ ପିଣ୍ଡ ବ୍ରହ୍ମାଣ୍ଡ ଆପଣ ଆପେ ବୁଝିବ ।

ଏତିକି ମାତ୍ରକ ଜଣାଉଛି ମୁହିଁ ଜୀବକୁ ସୁଦୟା ଥିବ ।୧୨।

ମାୟା ଦଣ୍ଡେ ମୋତେ କିମ୍ପା ପକାଇଲ ରକ୍ଷା କର ପ୍ରଭୁ ତୁହି ।

ମୋହ ବୁଝିବାକୁ ଶକତି ନୁହଇ ନ ପାରଇ ଆଜ୍ଞା ଦେଇ ।୧୩।

ଆଜ୍ଞାପଦ ଯେହୁ ଗୁରୁଙ୍କର ସିନା ବ୍ରହ୍ମ ଶକତିରୁ ଜାତ ।

ମୋତେ ବୋଲୁଛ ଏ ବ୍ରହ୍ମାଣ୍ଡ ବୁଝିବୁ ମୋର କେବଳ ଶକତ ।୧୪।

ଧ୍ୟାନ ଯୋଗବଳେ ଗୁରୁଙ୍କ ରୂପକୁ ବନ୍ଦନା କରି ନ ଜାଣେ ।

ଦର୍ଶନ ବେଳରେ କିସ ମୁଁ ବୋଲଇ ଗୋଚର ନ ଥାଇ ମନେ ।୧୫।

ଅକଲ୍ପଣା ଗୁରୁ ଆଶ୍ରୟ କରି ମୁଁ ହେଉଛି ହୃଦରେ ଶଙ୍କା ।

ପାପ ପୁଣ୍ୟ ବେନି ମତ ପଚାରନ୍ତେ ମନରେ ପଶୁଚଛି ଦକା ।୧୬।

ଥରହର ହେଉଅଛି ପିଣ୍ଡ ପ୍ରାଣ କ୍ଷଣେ ନ ରହୁଛି ଦମ୍ଭେ ।

ଅଲେଖ ପ୍ରଭୁ ଅଣାକାର ଠାକୁର ଥାଇ ଧର୍ମନାବ ମଙ୍ଗେ ।୧୭।

ସଂସାର ସାଗରୁ କିରୂପେ ତରିବି ନ ଦିଶଇ ବୁଦ୍ଧି ବାଟ ।

ନଟକୁଟିଆ ବନ୍ଧନରେ ପଡିଛି ହୋଉଅଛି ଛଟପଟ ।୧୮।

ତ୍ରାହି ତ୍ରାହି ବୋଲି ଆତଙ୍କେ ଡାକୁଛି ବୁଡି ଭବସିନ୍ଧୁ ଜଳେ ।

ସୁସ୍ୱାଦ ଲୋଭରେ ବନ୍ଦୀ ପଡିଅଛି ପଚିଶ ପ୍ରକୃତି ଫଳେ ।୧୯।

କାହିଁ ମୁଁ ଆସିଲି କିଅର୍ଥେ ଭାସିଲି ରକ୍ଷା କର ପ୍ରାଣ ପିଣ୍ଡ ।

କହେ ଭୀମ ଭୋଇ ଗୁରୁ ପାଦ ଧାୟୀ କଟାଡ଼ି ହେଉଛି ମୁଣ୍ଡ ।୨୦।

## ଊନଷଷ୍ଠି ବୋଲି

ଅରୂପ ବ୍ରହ୍ମକୁ ଗୁରୁ କରି ମୁହିଁ ଅକାରଣେ ମରିଗଲି ।

ମୋ କଳ୍ପିଲା ବୁଦ୍ଧି ମୋତେ କାଳ ହେଲା ଜୀବ ଥାଉ ଥାଉ ମଲି ।୧।

ପୂର୍ବ ସୁକୃତରେ କିମ୍ପା ମୁଁ ମାଗିଲି ମାୟାଘର ଫଳଶ୍ରୁତି ।

ଜାଲ ଜଞ୍ଜାଳକୁ ଜଣା ନାହିଁ ମୋତେ ଭୁଞ୍ଜିଲି ଏମନ୍ତ ରୀତି ।୨।

ମୁହିଁ ସିନା ନ ଜାଣିଲି ମହାପ୍ରଭୁ ତୁମ୍ଭେ ତ ସକଳ ଜାଣ ।

ଗୃହ ଫଳ ଭୋଗ ନ ମାଗ ତୁ ବୋଲି ମୋଡୁଥାନ୍ତି ମୋର କାନ ।୩।

ନେତ୍ରେ ଦେଖି ଯେବେ ଭୋଳରେ ପଡିଲି ଅଜ୍ଞାନପଣରେ ମାତି ।

ରୂପ ଗୁଣ କାହିଁ କିଛି ନ ଦେଖନ୍ତି ନେତ୍ରେ ଯାଉଥାନ୍ତି ଫୁଟି ।୪।

ଏବେ ମୁଁ ପଡ଼ିଲି ବିଷୟା ଫନ୍ଦାରେ ଭୟ ମାଡୁଅଛି ମୋତେ ।

ଅନ୍ଧ ପ୍ରାୟ ମୁହିଁ ଭ୍ରମି ମରୁଅଛି ଆତଙ୍କେ ଡାକୁଛି ତୋତେ ।୫।

ତୁ ଯେବେ ମୋର ଇଷ୍ଟଦେବତା ହେବୁ ଗୁହାରି ଶୁଣିବୁ କର୍ଣ୍ଣେ ।

ଯହିଁ ପାଇଁ ତୋତେ ଅନୁସରି ଅଛି ପଶି ଘୋର ମାୟାବନେ ।୬।

ଘୋର ଅରଣ୍ୟରେ ଉଚେ ମୁଁ ଡାକୁଛି କେ ଶୁଣୁଅଛି ଗୁହାରି ।

ଦେହଧାରୀ ହୋଇ ବୈକୁଣ୍ଠ ଭୁବନୁ ଆସି ମୁଁ ଅଛି ମୁଁ ବାହାରି ।୭।

ତୁମ୍ଭେ ତ ମୋତେ ବୋଇଲ ଯାଅ ଯାଅ ମୁହିଁ ଥିବି ତୋହ ସଙ୍ଗେ ।

ଗୁରୁ ଥାଉଁ ଥାଉଁ ଅକାଳ ବିପତ୍ତି କାହିଁକି ପଡୁଛି ଅଙ୍ଗେ ।୮।

ଏକପାଦ ବ୍ରହ୍ମ ଚରଣ ତଳକୁ ଅନୁବ୍ରତେ କରି ଆଶା ।

ଏଡ଼େ ପ୍ରଭୁ ଥାଉ ଅସାହସ ହୋଇ ଭାଙ୍ଗି ଯାଉଛି ଭରସା ।୯।

ଗୁରୁଙ୍କ କୃପାରୁ ସଂସାର ସାଗରେ ଗରବିତା ପଣ ମୋର ।

ତୁମ୍ଭକୁ ମୁହିଁ ଆଦ୍ୟେରୁ କହିଅଛ ହାନି ଲାଭ ଯେତେ ତୋର ।୧୦।

ଜାଣୁ ଜାଣୁ ପ୍ରଭୁ ପେଲି ଦେଲ ମୋତେ ବୁଡାଇ ଦେଲ ସିନ୍ଧୁରେ ।

ତିନି ବ୍ରହ୍ମାଣ୍ଡର ଲୋକେ ଦେଖୁଛନ୍ତି ଏବେ ପଡ଼ିଛି ବନ୍ଦୀରେ ।୧୧।

ଜାଣୁ ଜାଣୁ ହଟହଟା କରାଉଛ କଳଙ୍କ କଣ୍ଟା ଲଗାଇ ।

ପଛନ୍ତେ ଏହାକୁ ସାଧିବଇଁ ବୋଲି ବିଚାରରେ ଥିଲ ଥୋଇ ।୧୨।

ଏତେବେଳେ କହ କେମନ୍ତେ ହେଉଛି ପୂର୍ବର ବିଚାରମାନ ।

ସେହି ବିଷୟ ଏବେ ମନେ ପଡିଛି ହୃଦୟରେ ଅନୁକ୍ଷଣ ।୧୩।

ମାୟାଧର ସ୍ୱାମୀ ମାୟାକୁ ରଚନା କରିବେ ବୋଲି ନ ଜାଣି ।

କାୟାକୁ ଦେଖାଇ ଛାୟାର ଭିତରେ ଭଣ୍ଡିବେ ବୋଲି ନ ଚିହ୍ନି ।୧୪।

କରତା ପୁରୁଷ କୌତୁକ କରି ଭବ-ସାଗରେ ମାଡିଛି ।

ମନ୍ଦ ମନ୍ଦରେ ହସିଣ ଶୂନ୍ୟବାସୀ ଟମାଳିଆ ବୁଝୁଅଛ ।୧୫।

ପିଣ୍ଡ ପ୍ରାଣ ମୋର ହଜି ଯାଉଅଛି ଗୁରୁଙ୍କ ମାଡୁଛି ହସ ।

ତିନି ବ୍ରହ୍ମାଣ୍ଡରେ ଯହିଁ ଆଉଜିଲେ ସୁଷ୍ଟେ ନ ମିଳୁଛି ବାସ ।୧୬।

ଜାଣୁଅଛ ଗୁରୁ ନ ଜାଣିଲା ପ୍ରାଏ ଶୁଣୁଅଛ କର୍ଣ୍ଣପଥେ ।

ଭବେ ବୁଡାଇ ଭାବନା ଦେଖୁଅଛ କୌତୁକ କରି ମୋତେ ।୧୭।

ନାସା ସରିଯନ୍ତେ ହୋଇଲାଣି ଜଳ ବୁଡିବାକୁ ବାକି ଅଛି ।

ତ୍ରାହି ତ୍ରାହି ବାରେ ଶରଣ ସମ୍ଭାଳ ସଂଶୟ ନ ରଖି କିଛି ।୧୮।

ଚେତି ବିଚାରିଲେ ବ୍ୟଥା ମାଡୁଅଛି କଥା ହୋଇ ଅସମ୍ଭାଳ ।

ମୋ ଭାବରେ ସବୁ ପିତା ହୋଇଗଲା ଚିନ୍ତା ହେଉଛି ପ୍ରବଳ ।୧୯।

ଅଗାଧ ସାଗରେ ଭାସୁଅଛି ମୁହିଁ ଅଭୟ ପଞ୍ଜରେ ରଖ ।

ଗୁରୁ ପାଦ ଧ୍ୟାୟୀ କହେ ଭୀମ ଭୋଇ ସକଳ ଠାର ନିରେଖ ।୨୦।

* * * *

**ଷଷ୍ଠୀ ବୋଲି**

ଅଜ୍ଞାନରେ ମୁହିଁ ଭ୍ରମି ଯାଉଅଛି ଜ୍ଞାନଗୁରୁ ବ୍ରହ୍ମ ଥାନ୍ତେ ।

ଅଚଳ ଶକତି ଅକ୍ଷୟ ପାଦକୁ ନ ପାରୁଅଛି ମୁଁ ଧ୍ୟାୟୀ ।୧।

ଅଚେତାରେ ବୁଡ଼ି ଶ୍ରୋତା ବୁଡାଉଛି ଚେତାବନ୍ତ ପ୍ରଭୁ ଥାନ୍ତି ।

କେମନ୍ତେ ଆସିଲି କାହିଁ ମୁଁ ପଶିଲି ଜଣା ନ ପଡୁଛି ମୋତେ ।୨।

ଭୂତାଶ୍ରମ ହୋଇ ଭିତରେ ପଡ଼ିଛି ଭୂତି ପ୍ରାୟ ବୁଦ୍ଧି କରି ।

ସତ୍ୟବନ୍ତ ପ୍ରଭୁ ସଂସାରରେ ଥାଇ ସାକ୍ଷାତରେ ଯିବି ସରି ।୩।

ଛବିକି ଦେଖି ଛନକାରେ ପଡ଼ିଛି ଛଟପଟ ହେଉଅଛି ।

ମାୟାଧର ପ୍ରଭୁ ମହତ୍ତ୍ୱ ରଖାଅ ମର୍ଯ୍ୟାଦା ସରି ଯାଉଛି ।୪।

ଭକୁଆ ପରାଏ ଭୁକି ମରୁଅଛି ଗଞ୍ଜି ହୋଇ ଭାବକୂପେ ।

ଖଣାରେ ପଡି ମୁଁ ବଣା ହେଉଅଛି କଣା ମନୁଷ୍ୟର ରୂପେ ।୫।

ପଶୁ ପ୍ରାୟ ହୋଇ ପଶି ଘୋରବନେ ନଶୁଛି ମୋହରି ସୁଖେ ।

ତତ୍ତ୍ୱ ନ କରି ସତ୍ୟକୁ ଛାଡ଼ି ଦେଇ ପଶିଛି ଶାସ୍ତିର ମୁଖେ ।୬।

ମୂରୁଖ ବୁଦ୍ଧିରେ ନିରେଖ ହେଉଛି ଅଲେଖ ଗୁରୁଙ୍କୁ ଛାଡ଼ି ।

କଳଙ୍କ ଲାଗନ୍ତେ କାଳଗଣମାନେ ଆସି ବସୁଛନ୍ତି ମାଡି ।୭।

ଉତ୍ପାତ ହୋଇ ନିପାତ କର୍ମରେ ପଡିଲାଇଁ ଅପ୍ରମିତେ ।

କି ବୁଦ୍ଧି କରିବି କେଉଁ ପଥେ ଯିବି କାତର ଲାଗୁଛି ମତେ ।୮।

ମୂଳ ଛାଡ଼ି ଦେଇ ଖାଲରେ ପଡ଼ିଲି ଡାଳକୁ ଧାଇଲି ଅଣ୍ଟେ ।

କଳିଯୁଗ ଆସି ଶେଷ ହୋଇଲାଣି ପ୍ରବେଶ ହୋଇ ନିକଟେ ।୯।

ଥର ଥର ହେଉଅଛି ଗୁରୁଦେବ ଧର ଧର ଶ୍ରୀ ହସ୍ତରେ ।

ହର ହର ମୋର କୋଟି ଜନ୍ମ ପାପ ଭର ଅଭୟ ପଞ୍ଜରେ ।୧୦।

ଚିନ୍ତା କରି କରି ପିତା ଲାଗିଲାଣି ପତା ରହୁ ନାହିଁ ମୋର ।

ମନ୍ଦିରୁ ବାହାର ହୋଇ ଖରତର ଆରତ ମୁଁ ନିରନ୍ତର ।୧୧।

ଗଲି ନିଶ୍ଟେ ଭାସି ମଲି ହୋଇ ଦୋଷୀ ସରିଲି ମୁଁ ନଟକୁଟେ ।

ଅନନ୍ତ ବ୍ରହ୍ମକୁ ଅନାଇ ମୁଁ ଅଛି ଅନୁସରି ବଟପୁଟେ ।୧୨।

କ୍ଷୀରସିନ୍ଧୁବାସୀ ବେଗି ବେଗି ଆସି ନାଶ କାଳ ବିପତ୍ତିକି ।

ଲାଗିଅଛ ଫାଶ ଲୋଭରୁ ଏ ପାପ ଜଣାଉଅଛି ଏତିକି ।୧୩।

ନରଦେହ ବହି ନର୍କରେ ପଡ଼ିଛି ନାଶଯିବା ପଥେ ଆସି ।

ଏତେ ଦୁଃଖ ମୋ କେତେ ଦିନେ ଫେଡୁଛ ଶୂନ୍ୟ ବୈକୁଣ୍ଠବାସୀ ।୧୪।

ତୁମ୍ଭଠାରୁ ପରା ବଡ ପ୍ରଭୁ ନାହିଁ ଦୃଢେ ଧରିଛ ମୁଁ ମୁଦ୍ଧା ।

ଗୋଡ଼ ଦଉଡି ମୁଁ ମୁଣ୍ଡକୁ ଆଣିଛି ସୁଦର୍ଶନେ କାଟି ଛିଡା ।୧୫।

ମାୟାରେ ମୁଁ .......... ହେଉଅଛି ଗଞ୍ଜି ଭଞ୍ଜୁଅଛି କର୍ମଯୋଗ ।

ଅନ୍ତର୍ଯାମୀ ହୋଇ ନ ଜାଣ କି ପ୍ରଭୁ ଦେଇଅଛ ଯାହା ଭୋଗ ।୧୬।

ମହିମା ସାଗର ମହାବ୍ରହ୍ମ ରୂପ କେତେ ଦିନେ ପ୍ରକାଶିବ ।

କେଉଁ ସ୍ଥାନେ ତୁମ୍ଭେ ଉଦୟ ହୋଇବ ଏ ଜୀବକୁ ଦୟା ଥିବ ।୧୭।

ଅନନ୍ତ ମହିମା ବଡାଇ ଗଭୀର ନ ଜାଣିବି ମୁହିଁ ଅବା ।

ରଜ ବୀଜରେ ଏ ପିଣ୍ଡ ହୋଇଅଛି କେତେ ଦିନ ଯାଏ ଥିବା ।୧୮।

ମହା ଦୁରୁଦଣ୍ଡ ପଡୁଅଛି ମୋତେ କମ୍ପୁଅଛି ମୋର କାଏ ।

ବିଚାରି ଆସିଲେ ଏ କଳି କାଳକୁ ମାଡୁଅଛି ବଡ ଭଏ ।୧୯।

ରଇରଗଦରେ ଧରେ ହୃଦୟ ପଦ୍ମରେ ବେନି ନେତ୍ରୁ ନୀର ପୋଛେ ।

ଭଣେ ଭୀମ ଭୋଇ ବାରଶତ ପଦେ ରୋଦନ କରୁଛି ଉଚ୍ଚେ ।୨୦।

* * * *

## ଏକଷଷ୍ଟି ବୋଲି

ମୋହର ବିବେକ କେହି ନ ଜାଣନ୍ତି ଅଲେଖ ଶୂନ୍ୟ ପୁରୁଷ ।

ଶତେ ବାର ମୁହିଁ ଜଣାଣ କରୁଛି ଗୁରୁଙ୍କୁ ମାଗୁଛି ଦୋଷ ।୧।

ଅଧମ ପାମର ଅଜ୍ଞାନ ଜୀବର କ୍ଷମା କର ଅପରାଧ ।

ଶୂନ୍ୟ ଦେହ ଘେନି ଶୂନ୍ୟ ବାନା ଆଣି ଖଣ୍ଡନ କର ପ୍ରମାଦ ।୨।

ଅଭୟ ବ୍ରହ୍ମକୁ ଆଶ୍ରେ କଲେ ପରା ନ ଥାଇ ମନରେ ଭୟ ।

ଚିରାନନ୍ଦ ଯେବେ କରୁଣା କରନ୍ତି ଚିରକାଳ ରହେ ଦେହ ।୩।

ଏହି ଦେହ ପରା ବ୍ରହ୍ମଭୁତ ହୁଏ ପୁରାତନେ ଛନ୍ତି କହି ।

ମହିମା ଭଜିଲେ ମୋହନ ଲାଗଇ ରହିଥାନ୍ତି ପରା ମହୀ ।୪।

ଅଭୟ ପାଦପଦ୍ମକୁ ଆଶ୍ରା କଲେ ନାହିଁ ପରା ଜନ୍ମ ମୃତ୍ୟୁ ।

ପିଣ୍ଡ ନ ପଡଇ ଶ୍ରୋତା ନ ବୁଡଇ ଚାରିଯୁଗେ ରହେ ହେତୁ ।୫।

ଉଦାସୀନ ଭାବେ ଥିଲେ ଯୋଗମାର୍ଗେ ନ ଲଗାଇ ପରା ଲେନ୍ଥା ।

ଯେତେ ଇଚ୍ଛା ତେତେ ଦିନ ରହେ ଦେହ ଅଟଇ ଅମର ପନ୍ଥା ।୬।

ଅଭୟ ନାମକୁ ଭଜୁଥିଲେ ପରା ନ ଥାଏ କାଳ ବିପତ୍ତି ।

ଉଜନର ଧ୍ୱନି ଲାଗିଥିଲେ ପରା ଖଣ୍ଡଣ ହୋଏ ପ୍ରକୃତି ।୭।

ଏହିପରି ମୁହିଁ ପୂର୍ବେ ଶୁଣିଥିଲି ଏଣୁ ମୋ ବହୁତ ଆଶା ।

କର୍ମ ଧର୍ମ ମୁହିଁ କିଛି ନ ଜାଣଇ ନ କରି ଯୋଗ ତପସ୍ୟା ।୮।

ଅଭୟ ବ୍ରହ୍ମକୁ ଆଶ୍ରେ କଲେ ପରା ନ ଥାଇ କାହାକୁ ଡର ।

ଛପନା କୋଟିର ଉପରେ ସେ ବ୍ରହ୍ମ ଅଟନ୍ତି ସବୁରୁ ବଡ ।୯।

ଦେହଧାରୀ ଯେତେ ଜୀବିତ ଅଟନ୍ତି କରିଛି ସବୁଙ୍କୁ ସେହି ।

କଳ୍ପନା ଗୋଚରେ ସର୍ବେ ଜାତ ହେଲେ ସଞ୍ଚରି ତ୍ରିପୁର ମହୀ ।୧୦।

କ୍ଷୀରସିନ୍ଧୁ ବାସୀ ପ୍ରଭୁ ଅଟ ପରା ପରମ ତୁମ୍ଭର ନାମ ।

ଅବ୍ୟକତ ପରା ଅଟ ଶୂନ୍ୟଦେହୀ ଅନାଦି ଅରୂପ ବ୍ରହ୍ମ ।୧୧।

ସେହି ପ୍ରଭୁଙ୍କୁ ମୁଁ ଧରଣୀରେ ଥାଇ ଆଶ୍ରେ କରିଅଛି ଚିତ୍ତେ ।

ଆକାଶକୁ ଚାହିଁ ଦୃଢ କରିଅଛି ପାରି କରି ନେବେ ମତେ ।୧୨।

ଏହା ବିନା ମୁହିଁ କିଛି ନ ଜାଣଇ ଆଉ ଯେ ଅଧିକ କଥା ।

ଚିନ୍ତାର୍ଥୀ ଜନ ଚିନ୍ତାମଣି ଅଟ ତ ଜାଣିବ ଭୃତ୍ୟ ବେବସ୍ଥା ।୧୩।

ମୁହିଁ ସିନା ଅସାମରଧ ଅଟଇ ଗୁରୁଦେବ ସାମରଥ ।

ଯାହା ଭାବୁଅଛି ହୃଦୟପଦ୍ମରେ ଜାଣୁ ତ ଥିବ ନିଅତ ।୧୪।

ଅନ୍ତର୍ଯାମୀ ପ୍ରଭୁ ଅନ୍ତର୍ଗତେ ଜାଣି ହର ହର ତାପ ବାଧା ।

ସକଳ ମନ୍ତ୍ର ଉପରେ ସାର ଅଟେ ଯା ନାମ ଅଲେଖ ବିଦ୍ୟା ।୧୫।

ଅଲେଖ ବୋଲାନ୍ତେ ରୂପରେଖ ନାହିଁ ସର୍ବରୂତେ ପରା ଥାଅ ।

ରୂପ ଅରୂପ ସର୍ବଠାବରେ ପୁରି ଅଟ ତୁମ୍ଭେ ବ୍ରହ୍ମମୟ ।୧୬।

ଚନ୍ଦ୍ର ସୂର୍ଯ୍ୟ ପ୍ରାଏ ଉଦି ଅଛି ପରା ତିନିଶ ଷାଠିଏ ଦିନ ।

ନିଷ୍କାମେ ସେଇ ଭଗତି ଯେତେକ ଘେନୁଅଛ ପରା ଦାନ ।୧୭।

ଭଗତ ବାନ୍ଧବ ଅଟ ପରା ତୁମ୍ଭେ ଜଗତ ଜନର ବନ୍ଧୁ ।

ପିଣ୍ଡ ବ୍ରହ୍ମାଣ୍ଡକୁ କରି ଦେବା ମାତ୍ରେ ନାମ ଶ୍ରୀ କରୁଣାସିନ୍ଧୁ ।୧୮।

ସାଧୁ ଜନମାନେ ଭଜ ଅନୁକ୍ଷଣେ ମହିମା ସାଗରେ ପଶ ।

ଭଜି ପାରିଥିଲେ ସୁଦୟା ହୋଇଲେ ଯମ ନ ଆସିବ ପାଶ ।୧୯।

ଝଞ୍ଜକାରେ ପଶି ନିରନ୍ତର ଦୋଷୀ ନ ତରିବ ଅବା ମତେ ।

ଭଣେ ଭୀମ ଭୋଇ ପାଦ ଧ୍ୟାୟୀ ଅବୋଧ ହେଉଛି ଚିତ୍ତେ ।୨୦।

**ବାଷଠୀ ବୋଲି**

ବିନିତି ମୋ ଯେତେ ଗୁରୁ ପାଦଗତେ ଗୁହାରି ଶୁଣୁଛ ନାହିଁ ।

ବହି ନିନ୍ଦା ଭାର ଛାତିକି ପଥର କେତେ ସହିଥିବି ମୁହିଁ ।୧।

ବଡିମା ପଦରେ ଅଶ୍ରୁତ ବାଦରେ କରୁ ଅଛନ୍ତି ତରିଜା ।

ନିନ୍ଦା ପସରାକୁ ମଥାରେ ମୋହର କେତେ କରିଥିବି ବୋଝ ।୨।

ଅପ୍ରମଏ ନିନ୍ଦା ପେଣ୍ଡି ପେଣ୍ଡି ବନ୍ଧା ଦିନୁ ଦିନୁ ମହାଭାରି ।

ନିନ୍ଦାକୁ କାନ୍ଧରେ ବହିଥିବ କେତେ ଯାଉଁଳି ମୁଟୁରା କରି ।୩।

ଧର୍ମ ଉଦେ ଦିନୁ ଏ ମାନବ ତନୁ ବହିଗଲା ଏତେ ଦିନ ।

ନିନ୍ଦାକୁ ବସ୍ତ୍ର ପ୍ରାଏ କେତେ ପିନ୍ଧିବି କଟିରେ କରି ଭୂଷଣ ।୪।

ହାସ୍ୟ ଭର୍ଛନା ଗାଳି ଗର୍ବ ଠସାକୁ ଗଳାରେ ପିନ୍ଧିଛି ମାଳ ।

ଟାକି ଟାକି ମୁହିଁ ଆଗତକୁ ଚାହିଁ ବହି ଯାଉଅଛି କାଳ ।୫।

ଶ୍ରାବଣ ବରଷା ପ୍ରାଏ ନିନ୍ଦାପଦ ଅଜାଡି ହେଉଛି ଶିରେ ।

ଜଳ ପ୍ରାଏ ହୋଇ ସର୍ବାଙ୍ଗ ଶରୀରେ ବହୁଅଛି ବେନି କରେ ।୬।

ଘଣ୍ଟି ଘଗୁଡି ପରାଏ ନିନ୍ଦାମାଳ ଲମ୍ବିଅଛି ଚଉବତି ।

ଘନ ଘନ ନିରନ୍ତର ବାଜୁଅଛି ଡକା ଫେରୁଅଛି ପୃଥୀ ।୭।

ଯହିଁ ଇଚ୍ଛା ତହିଁ ପରିହାସ କରି ଭୀମ ଭୋଇ କନ୍ଧ ବୋଲି ।

ପାଦଧୁଆ ଜଳ ପିଆଇଲା ବୋଲି ସର୍ବେ ଦେଉଛନ୍ତି ଗାଳି ।୮।

କାହାରି ଧନ ନ ଖାଇ ନ ବୁଡାଇ ନ ଲାଗି କାହାରି ରୁଣ ।

ଦିବାନିଶିରେ ଇଙ୍ଗିତ କରୁଛନ୍ତି ଦେଖ ମେଳଛଙ୍କ ଗୁଣ ।୯।

କାହାରି ଶତେ ପୁରୁଷର ସମ୍ପତ୍ତି ଉଡାଇ ମୁହିଁ ନ ଦେଇ ।

ଅକାରଣ ସର୍ବେ ଭୁକି ମରୁଛନ୍ତି ମୋଠାରେ ଶତ୍ରୁତା ହୋଇ ।୧୦।

କାହାକୁ ହିଂସା କପଟ ନ କରଇ ଅହଂକାର ଛେଦ ଭେଦ ।

ରଜା ପରଜା ସମସ୍ତେ ମୋହସଙ୍ଗେ ଲାଗି ବସିଛନ୍ତି ବାଦ ।୧୧।

ଅରଷ୍ଟି ହେବାକୁ ବିଚାରୁ ଅଛନ୍ତି ବୁଡାଇ ଦେବାକୁ ମନ ।

କାହାରି ହୃଦେ ଭଲ ବିଚାର ନାହିଁ ସମସ୍ତେ ଖଚୁଆ ଜନ ।୧୨।

କାହାର ପୁତ୍ର ଦୋହିତା ମୁଁ ନ ଆଣି ଚୋରି କରି ଭାତ ବିତ ।

ମରିବାର ବୁଦ୍ଧି ଶିକ୍ଷା ମୁଁ ନ ଦେଇ ମୁଖରେ କହଇଁ ସତ୍ୟ ।୧୩।

ମିଥ୍ୟା ବଚନକୁ କହିବି ବୋଲନ୍ତେ ପ୍ରାଣରେ ମାଡଇ ଭୟ ।

ମିଛର ପାତକ ତ୍ରିଭୁବନେ ଲୋଡ଼ି ଅଧିକେ ନାହିଁ ନ ଦ୍ରୋହ ।୧୪।

କାହାର ଖଚ ମିଛରେ ମୁଁ ନ ଥାଇ ଲୋଭୀ ଲବାରି ବିଚାରେ ।

ବିଅର୍ଥରେ ମୋତେ ନିନ୍ଦା କରୁଛନ୍ତି ଏ କଳିଯୁଗର ନରେ ।୧୫।

କାହାରିଠାରୁ ଠକି ଭଣ୍ଡି ଖାଇବା ବିଚାର ହୃଦେ ନ ପଶେ ।

ଛପନା କୋଟିଏ ଯେତେ ଜୀବ ଛନ୍ତି ମୋର ଆତ୍ମା ପ୍ରାଏ ଦିଶେ ।୧୬।

କାହାରି ଛେଦ ଭେଦରେ ମୁଁ ନ ଥାଇ ନୁହଇ ଶତ୍ରୁ କଳଙ୍କ ।

ଫିସାଦରେ ମତେ ମନ୍ଦ ପାଞ୍ଚୁଛନ୍ତି ସହି ନ ପାରିଣ ଲୋକ ।୧୭।

ପରକୁ ମନ୍ଦ ମନାସୁଥିଲେ ପ୍ରାଣୀ ପଳାଇ ଯାଇ ପାଖରୁ ।

ରମ୍ଭା ତରୁ ପ୍ରାଏ କମ୍ପୁଥାଇ କାଏ ପଞ୍ଚଭୂତ ହୃଦୟରୁ ।୧୮।

କାହାରିଠାରେ ମୁଁ ଅସତ୍ୟ ବଚନ କଦାଚିତେ ନ କହଇ ।

ଅସତ୍ୟ ବଚନ କହି ଏ ସଂସାରେ କେତେ କାଳ ଥିବି ରହି ।୧୯।

ସୁବିଚାର ବିନୁ କପଟ ବିଚାର ଅନ୍ତର୍ଗତେ ଥିଲେ ରଖି ।

ଭଣେ ଭୀମ ଭୋଇ ଗୁରୁ ପାଦେ ଧାୟୀ ଗୁରୁଦେବଛନ୍ତି ସାକ୍ଷୀ ।୨୦।

### ତେଷଠୀ ବୋଲି

ବୋଲୁଛନ୍ତି ସର୍ବେ ପରପୁତ୍ର ନେଇ ଆପଣାର ପୁତ୍ର କଲା ।

ଭୁଲାଇଣ ମନ୍ତ୍ର ସବୁଙ୍କୁ ଶିଖାଇ ଜାତି ମହତ ହିଁ ନେଲା ।୧।

ପର ଝିଅ ବୋହୁ ଭେଲକି ଲଗାଇ ନେଇ କରିଛି ଭରିମ ।

ଗୁରୁ ବୋଲାଉଛି  ଗୃହ କରିଅଛି ବୋଲୁଛନ୍ତି ରାଜା ପ୍ରଜା ।୨।

ବ୍ରାହ୍ମଣ ପଣ୍ଡିତ ଯେତେଏ ସଂସାରେ ଏମାନେ ବୋଇଲେ ତାହା ।

ଗୁରୁପଣେ ବସି କିଛି ନ ଜାଣିଲା ଅନ୍ୟାୟ କରୁଛି ଏହା ।୩।

କନ୍ଧ ଜାତି ହୋଇ ବ୍ରାହ୍ମଣର ପୂଜା ଘେନୁଅଛି ପାଦଗତେ ।

ବିଷ୍ଣୁର ତେଜ ନ ଥିଲେ ତାର ଅଙ୍ଗେ ପାର ହେଲେ ଜୀବ କେତେ ।୪।

ଏହା ବୋଲୁଛନ୍ତି ପତିତ ପାମରେ ମେଲଛ ଅଧମ ମୂଢ଼ ।

ଦତ୍ୟ ଦାନବ ଅସୁର ହଡାଖିଆ ହୋଇଛନ୍ତି ମହା ଗାଢ଼ ।୫।

ମଦ ମାଂସଖିଆ ମଉଗରବିଆ ହୀନ ପାପୀ ନେଞ୍ଚ ଜନ ।

ଗୁମାନୀ ଗାଲୁଆ ମୂରୁଖ ଚଣ୍ଡାଳ କହୁଛନ୍ତି କେତେ ଟାଣ ।୬।

ଧନ ମଦ ପଣ ମଦ ସ୍ତିରୀ ମଦ ମାୟା ମଦ ଛନ୍ତି ପିଇ ।

ଚାରି ପରକାରେ ନିଶା ଘୋଟିଅଛି ପାପ ପୁଣ୍ୟକୁ ନ ଜଗି ।୭।

ନରକ-ଖିଆ ଅଳପ -ଆୟୁଷିଆ କୁଳ-ବୁଡା ଯେତେ ଲୋକ ।

ଜନମ ହଳିଆ ବ୍ରହ୍ମରକ୍ଷସିଆ ନିନ୍ଦୁଛନ୍ତି କେତେ ଦେଖ ।୮।

ଶୁଣ ସୁଜ୍ଞଜନ ଅପୂର୍ବ କାହାଣୀ କହୁଅଛି ମୁହିଁ ଯେତେ ।

ଭୂତ ଭବିଷ୍ୟ ବର୍ତ୍ତମାନ ନ ଜାଣି ଦୋଷ ଲଗାଉଛି ମୋତେ ।୯।

ଧନ ଦ୍ୱାରା ସୁତ ପାଇ ଆନନ୍ଦ ଏ ମୋର କପାଳରେ ଥିଲା ।

ପୂର୍ବ କମାଣିର ଫଳ ଭଞ୍ଜୁଅଛି କାହାର ବା କିସ ଗଲା ।୧୦।

ସତ୍ୟ ଧର୍ମେ ସିନା ଅରଜି ଥିବାରୁ ତତ୍ତ୍ୱରେ ପାଇଲି ମୁହିଁ ।

ଆମ୍ଭ ନିଧି ଆମ୍ଭ ହସ୍ତକୁ ଆଇଲା ଏଥିରେ ସଂଶୟ ନାହିଁ ।୧୧।

ପୂର୍ବରେ ଆମ୍ଭର ଭାତ ବିତ୍ତ ରାଖି ଥିବାରୁ ହେଲା ପ୍ରାପତ ।

ପକାଇ ଦିଅ ଧର୍ମ ସଭା-ମଣ୍ଡଳେ ଅବଶ୍ୟ ବୋଲିବେ ସତ ।୧୨।

ଆମ୍ଭର ଅର୍ଜିଲା ଧନରତ୍ନ ସିନା ଆମ୍ଭଙ୍କୁ ହେଉଛି ଭୋଗ ।

କର୍ମରେ ନ ଥିଲେ କୁଆଡୁ ଫଳିବ କେମନ୍ତେ ହେବ ସଂଯୋଗ ।୧୩।

ବିନା କମାଣିରେ ବିନା କପାଳରେ କେଉଁ ଫଳ ଫଳେ ଦେଖ ।

ଭେଦକୁ ନ ବୁଝି ପଣ୍ଡିତ ସୁଜନେ କିମ୍ପା ଦେଉଅଛି ମୂର୍ଖ ।୧୪।

ପୂର୍ବେ ଆମ୍ଭର ସକଳ ଖଞ୍ଜା ଅଛି ଏବେ ଭଲ କରି ଜାଣ ।

ଛଟପଟ କଲେ କେ କିସ କରିବ ଅଟେ ଦଇବ ଭିଆଣ ।୧୫।

ଅଲେଖ ଦେବତା ମଥାର ଠାକୁର ଅଟନ୍ତି ମୋ ପ୍ରାଣ ଗୁରୁ ।

ତାଙ୍କ କରୁଣାରୁ ସକଳ ମିଳିବ ଲେଖା ହୋଇଛି ପୂର୍ବରୁ ।୧୬।

ଅଲେଖ ପୁରୁଷ ଭିଆଣ ସମସ୍ତ ଅନ୍ୟରେ ଘଟଣା ନୋହେ ।

ଦୁର୍ଘଟଣା ବୋଲି କହୁଅଛି ସର୍ବେ ପଣ୍ଡିତରେ କର ନ୍ୟାୟ ।୧୭।

ବିନା ଘଟଣାରେ କେ ଖଞ୍ଜା କରିବ କେଉଁ ବେଦେ ଅଛି ଏହା ।

ଗତ ଆଗତ ନ ବୁଝି ସୁଜ୍ଞଜନେ ବିଅର୍ଥେ ହେଉଛ ବାୟା ।୧୮।

ଶୂନ୍ୟପୁରୁଷ ଯାହାକୁ ଚାହିଁ ଥିବେ ବହୁତ ଆଶ୍ଚର୍ଯ୍ୟା ନୁହେ ।

ରୂପ ବର୍ଣ୍ଣ ତାର କେହି ନ ଦେଖନ୍ତି ଜାଣି ନ ପାରନ୍ତି କିଏ ।୧୯।

ଭଲ କରି ବୁଝ ହୃଦୟରେ ହେଜ ମନେ ସଂଶୟ ନ ରଖି ।

ଗୁରୁ ପାଦଧ୍ୟାୟୀ କହେ ଭୀମ ଭୋଇ ଧର୍ମରାଜ ପ୍ରଭୁ ସାକ୍ଷୀ ।୨୦।

### ଚଉଷଠୀ ବୋଲି

ସତ୍ୟ ଧର୍ମେ ମୋତେ ଜାତ କରିଛନ୍ତି ରବି ତଳେ କଳିଯୁଗେ ।

ଦିଗମ୍ବର ହୋଇ କାହୁଁ ମୁଁ ଲଭନ୍ତି ନ ଥାନ୍ତା ଯେବେ ପୂର୍ବେ ।୧।

ଜନମ ଭୂମିରୁ କାଢିଆଣି ମତେ ବୈଷ୍ଣବ ଦୀକ୍ଷା ଦେଲେ ।

ସାଧୁପଣେ ଥାଇ ଗୃହୀ ମୁଁ ହୋଇଲି କରତା ଏତେକ କଲେ ।୨।

ମୁହିଁ କି ବିଚାରିଥିଲି ମୋ ମନରେ କରିବି ଭରିଜା ପୁତ୍ର ।

ଗୁରୁ ସେବା କରି ନିଷ୍କାମରେ ଥିଲେ ପାଇ ବ୍ରହ୍ମଜ୍ଞାନ ମନ୍ତ୍ର ।୩।

ଜନମ ଧରିତ୍ରୀ ଛାଡି ପ୍ରାଣୀମାନେ ବୈଷ୍ଣବ ହୋଇଯାନ୍ତି ।

କେଉଁ ବେଦଶାସ୍ତ୍ରେ ଶୁଣାଅଛି ଏହା ପୁତ୍ର ଭରିଜା କରନ୍ତି ।୪।

ଦିଗାମ୍ବର ହୋଇ ଯେଉଁ ପ୍ରାଣୀମାନେ ଇଛନ୍ତି ସ୍ତିରୀ ସଙ୍ଗକୁ ।

ତ୍ରିଭୁବନ ଲୋକେ ପତିତ ବୋଲନ୍ତି ମଲା ସଙ୍ଗେ ଗଣି ତାକୁ ।୫।

ସନ୍ୟାସ ଯେ ଧର୍ମ ନଷ୍ଟ ଯାଇ କର୍ମ ତାହା ତ ପ୍ରମାଣ ସତ୍ୟ ।

ଗୁରୁ ମହାପ୍ରଭୁ ଆଗତ ଘଟନା କରୁଛନ୍ତି ପରାପତ ।୬।

ମନୁଷ୍ୟ ବିଚାରେ କିଛି ନୋହି ପାରେ ସବୁ ଦଇବ ବିଚାର ।

ଉଚିତ ପ୍ରମାଣ ନୁହେ ଯେବେ କଥା ସୁଜ୍ଞଜନଙ୍କୁ ପଚାର ।୭।

ଶ୍ରୀଗୁରୁ କୃପାରୁ ଜାଣୁଅଛି ମୁହିଁ ଉବାର ନୁହଇ ମତେ ।

ଜାଣିବାର ହୋଇ କିଛି ଜାଣିଲା ଯାହା ବୋଲିଛି ସମସ୍ତେ ।୮।

କେବଣ ଅନ୍ୟାୟ କଲି ମୁଁ କରି ସଂସାରେ କେଉଁ ଅବିବେକ ହେଲା ।

ଭକ୍ତ ବୋଲି ମୋତେ ଅଲେଖ ପୁରୁଷ ସକଳ ସମର୍ପି ଦେଲା ।୯।

ଧର୍ମର ପଦାର୍ଥ ଭଞ୍ଜୁଅଛୁ ଆମ୍ଭେ କାହାର ନ ଖାଉ କିଛି ।

ବିନା କଶୁରରେ ଦଫା ଲଗାଇବା ରବିତଳେ କେହୁ ଅଛି ।୧୦।

ସତ୍ୟ ଧର୍ମେ ଯାହା ପ୍ରାପତ ହୁଅଇ ଗ୍ରହଣ କରୁ ତା ସର୍ବ ।

ଅଲେଖ ଭଣ୍ଡାରୁ ପଡ଼ି ପାଉଅଛୁ ନଛୁଇଁ କାହାରି ଦ୍ରବ୍ୟ ।୧୧।

ଏ ବସ୍ତ୍ର ଭୂଷଣ ଆୟେ ଅଳଙ୍କାର ଆମ୍ଭ ସଙ୍ଗେ ଯେତେ ଅଛି ।

କାଠାରୁ ଠକି ଭଣ୍ଡି ଚୋରି ନ ଆଣି ଅଲେଖ ସବୁ ଦେଉଛି ।୧୨।

ସଦା ସରବଦା ଅଲେଖ ଭଣ୍ଡାର ଖରଚା ହେଉଛି ଦେଖ ।

ସହି ନ ପାରି ଚଳୁଛନ୍ତି ଆମ୍ଭଙ୍କୁ ତିନି ବ୍ରହ୍ମାଣ୍ଡର ଲୋକ ।୧୩।

କାହାରି ଅଧିନେ ନ ଥାଉଟି ଆମ୍ଭେ ଶ୍ରୀଗୁରୁ ଅଧିନେ ଥାଉ ।

କାହାର ଆଜ୍ଞା ଶିରପରେ ନ ବହୁ ଗୁରୁ ଆଜ୍ଞା ହେଲେ ଯାଉଁ ।୧୪।

ରାଜାର ପରଜା ନୋହୁ ସିନା ଆମ୍ଭେ ନୋହୁ ସାହୁର ଖାତକ ।

ଯହିଁ ଗୁରୁ ନେବେ ତହିଁ ଯାଉଁ ଆମ୍ଭେ କେ ଅବା କରୁ ଅଟକ ।୧୫।

ନର ମନୁଷ୍ୟର ଖଞ୍ଜା ନାହିପାରେ ଆମ୍ଭ ଯେତେକ ବିଷୟ ।

ଅନୁସରି ଥିଲେ  ପ୍ରସନ୍ନେ ଦେଉଛି ଅଲେଖ ପୁରୁଷ ଦିଅ ।୧୬।

ଅଲେଖ ବ୍ରହ୍ମ ଆମ୍ଭ ଇଷ୍ଟ ଦେବତା ସାହା ନାହିଁ ଆମ୍ଭ କେହୁ ।

ସତ୍ୟ ଧର୍ମର ଚିନ୍ତାରେ ଆମ୍ଭେ ଥାଉଁ ତାଙ୍କ ଦାନାପାଣି ଖାଉଁ ।୧୭।

ଅଲେଖ ବ୍ରହ୍ମର ପୋଷା ଜୀବ ଆମ୍ଭେ ତାଙ୍କ ସେବାକାରୀ ଅଟୁଁ ।

ପିଣ୍ଡ ପ୍ରାଣ ଦାନ ଦେଇ ପାଦତଳେ ଶ୍ରୀଛାମୁରେ ନିତ୍ୟ ଖଟୁଁ ।୧୮।

ଶ୍ରୀଗୁରୁ ନାମ ଆମ୍ଭ ଫନ୍ଦା ବୃତ୍ତି ଅନ୍ୟ ନାହିଁ ରୁଜୁଗାର ।

ଯାହା ଇଚ୍ଛା କଲେ ତାହା ମିଳୁଅଛି କଟା ହେଉଛି ଭଣ୍ଡାର ।୧୯।

ଶତେ ପୁରୁଷାର ଠାକୁର ଆମ୍ଭର ଦେଉଛନ୍ତି ପଡ଼ି-ଭାତ ।

ଭଣେ ଭୀମ ଭୋଇ ଗୁରୁ ପାଦେ ଧ୍ୟାୟୀ ସେ ପ୍ରଭୁ ଆମ୍ଭର ହିତ ।୨୦।

## ପଞ୍ଚଷଠୀ ବୋଲି

ଅଲେଖ ପୁରୁଷ ସାହା ନୋହିଥିଲେ ପକାନ୍ତେ ଆମ୍ଭଙ୍କୁ ମାରି ।

ବିପତ୍ତିଠାରୁ ବଞ୍ଚାଇ ରଖିଛନ୍ତି ଶୂନ୍ୟ ବାନା ଢାଙ୍କି କରି ।୧।

ବୁଡାଇ ଦେବାକୁ ପାଞ୍ଚିଛନ୍ତି ସର୍ବେ କେତେ ଥର ଏହିପରି ।

ଧର୍ମରାଜ ପ୍ରଭୁ ରକ୍ଷା କରିଛନ୍ତି ସୁଦର୍ଶନ ଆଡ଼ କରି ।୨।

ସତ୍ୟ ଧର୍ମବଳେ ବଞ୍ଚିଅଛୁ ଆମ୍ଭେ ଦେହ ବହି ଏ ସଂସାରେ ।

ଖଡ଼ଗ ଧରି ଧାଇଁ ପଡୁଅଛନ୍ତି ଧରୁଛନ୍ତି ବାରୁବାରେ ।୩।

ତ୍ରିଭୁବନେ କେହି ବିଶ୍ୱାସୀ ନାହାନ୍ତି ସମସ୍ତେ ଅଣବିଶ୍ୱାସ ।

ଗୁରୁଦେବଙ୍କର କରୁଣା ନ ଥିଲେ ହୋଇ ଯାଆନ୍ତୁ ବିନାଶ ।୪।

ଏଡ଼େ ଅବିଶ୍ୱାସୀ କଳିଯୁଗ ନରେ ମୁଖେ ପ୍ରୀତି ବାହ୍ୟ ମତେ ।

ଖେଦି ଦେବାକୁ ବିଚାର କରୁଛନ୍ତି ମାୟା ରଖି ଅନ୍ତର୍ଗତେ ।୫।

ଶୂନ୍ୟ ପ୍ରଭୁଙ୍କର ଏ ପିଣ୍ଡ ବ୍ରହ୍ମାଣ୍ଡ ନୁହଇ କାହାର ମାଟି ।

ମାଟି ପଥରକୁ ମେଦାମେଦି କରି ବନାଇଲେ ଛେଚି କୁଟି ।୬।

ଗୁରୁଙ୍କ ଅର୍ଜିଲା ମେଦିନୀରେ ଅଛୁ ନାହିଁ କାହା ଅଧିକାର ।

ଆତ୍ମା ମନ ହେଲେ ଆମ୍ଭ ସୁଖେ ଯିବୁ ଦିଶିବ ଯେଉଁ ବିଚାର ।୭।

ନ ସହିବେ ଯେବେ କେ କିସ କରିବେ ଧରଣୀ ତ ଅଛି ସହି ।

ଧରତି ଯେବେ ନାହିଁ ସହି ପାରିବ ବୋଲିବ ନ ପାରେ ବୋହି ।୮।

ସେଠାରୁ ଆଗକୁ ଯେମନ୍ତ ଦିଶିବ ବିଚାର କରିବୁ କଥା ।

ଯାହା ପଞ୍ଚଥିବ ହୃଦୟରେ ବୁଦ୍ଧି ଗୁରୁଦେବ ସାମରଥା ।୯।

ଧରତି କାହାକୁ ସହି ନ ପାରଇ ଏ ଅଟେ ବିଚିତ୍ର ଧନ୍ଦା ।

ବାରାନିଧି ଯେବେ କୂଳ ଲଘିଯିବ କାହାକୁ ହୋଇବ ନିନ୍ଦା ।୧୦।

ତାଙ୍କ ବିଚାରରେ ଆମ୍ଭଙ୍କୁ ବୋଲନ୍ତି  ଜାଣନ୍ତି ଏହୁ କିଛି ।

ତାଙ୍କ ସିହାଣିଆ ବିବେକ ଯେତେକ ବାନ୍ଧରଖିଥାନ୍ତୁ ସଞ୍ଚି ।୧୧।

ଅଜ୍ଞାନ ଆଦରି ଗୁରୁ ନିନ୍ଦା କରି ମୁଖରେ କହନ୍ତି ମିଛ ।

ରୁଣ୍ଡ ହୋଇ ଭଲ ମନ୍ଦ ବାଛୁଛନ୍ତି ପାଷାଣ୍ଡି ପାପୀ ମେଲଛ ।୧୨।

ସଦଗୁରୁସେବା କରି ଆମ୍ଭେମାନେ ଅଟୁ ସଂସାରେ ଅଜ୍ଞାନ ।

କଳିଯୁଗ ନରେ ଦୋଷ ବାଛୁଛନ୍ତି କରୁଛୁ ଅନ୍ୟାୟମାନ ।୧୩।

ଶୂନ୍ୟ ମଣ୍ଡଳର ବ୍ରହ୍ମଜ୍ଞାନ ତୋଳି ପଦ ବସ୍ତି କରେ ଯେହୁ ।

କଳିଯୁଗିଆଙ୍କ ବିଚାର ଦିଶିଲା ନ ଜାଣିବା ଅଟେ ସେହୁ ।୧୪।

ଆକାଶ ମଣ୍ଡଳୁ ପଦ ଉତୁରାଇ ରବିତଳେ ଯେହୁ ଦେଲା ।

ବ୍ରହ୍ମଜ୍ଞାନ ବୀଜ ନିର୍ବେଦରୁ ଆଣି ବ୍ରହ୍ମାଣ୍ଡଯାକ ବୁଣିଲା ।୧୫।

ଅଜ୍ଞାନୀକି ଯେହୁ ଜ୍ଞାନ ବତାଇଲା ବ୍ରହ୍ମଜ୍ଞାନ ମୁଖେ କହି ।

କବିତ୍ୱ ହୋଇଣ ପଦ ବଖାଣିଲା ଶାହାସ୍ର ଲହିଲା ସେହି ।୧୬।

ଅବୋଧ ଆତ୍ମାକୁ ବୋଧ କରେ ଯେହୁ ସରି ଅର୍ଥଭେଦ ।

ପାପ ପୁଣ୍ୟ କଥା ବିଚାରଣ କରି ଯେ ବାନ୍ଧେ ନିର୍ଗୁଣ ପଦ ।୧୭।

ସେହି ଲୋକମାନେ ଅନ୍ୟାୟ କରନ୍ତି ଅଛି କେଉଁ ବେଦବାକ୍ୟେ ।

ଯେଉଁ ଲୋକ ସୁଧା ପାନ କରୁଥାଇ ବିଷ୍ଠାକି ଭୁଞ୍ଜଇ ମୁଖେ ।୧୮।

ଏମନ୍ତ କଥାକୁ ଗୁରୁ ଦେବ ସାକ୍ଷୀ ଆର ସାକ୍ଷୀ ତ୍ରିୟଦଶେ ।

ଜାଣିବାର ଲୋକେ ଅଜାଣିବା ହୋନ୍ତି କେଉଁ ବେଦଶାସ୍ତ୍ର ବଶେ ।୧୯।

ନିଃଶବ୍ଦ ମନ୍ଦରେ ମହାବ୍ରହ୍ମ ଘରେ କରିଅଛି ଜୀବ ଆଶ ।

ଭଣେ ଭୀମ ଭକ୍ତ ତେରଶତ ପଦେ ଅଭୟପଞ୍ଜରେ ବାସ ।୨୦।

**ଛଷଠୀ ବୋଲି**

ଯେଉଁ ଲୋକମାନେ ସଦା ସରବଦା ଏପରି ଲକ୍ଷଣେ ଥାନ୍ତି ।

ସେହି ଲୋକମାନେ ପାପ ପୁଣ୍ୟ କଥା ନ ଜାଣିବା ପରା ହୋନ୍ତି ।୧।

ଯେଉଁ ପ୍ରାଣୀମାନେ ସତ୍ୟଧର୍ମ ଧରି ଗୁରୁସେବା କରୁଥାନ୍ତି ।

ସେହି ଲୋକ ପରା ଅନ୍ୟାୟ ଆଚାରି ଦାରୀ ଚୋରି କରି ଯାନ୍ତି ।୨।

ଯାହାର ହୃଦରେ ଶାନ୍ତଶୀଳ ଦୟା କ୍ଷମା ଧର୍ମ ଥାଇ ମୁଖେ ।

ସେମାନେ ପରା ଅକର୍ମ ଆଚରନ୍ତି ଅସତ୍ୟ କହନ୍ତି ମୁଖେ ।୩।

ଯାହାର ଆଗରେ କୋଟିଏ ଜନମ ପାପ ଦୋଷମାନେ ପୋଡେ ।

ଯାହାର ମୁଖେ ବ୍ରହ୍ମବାକ୍ୟ ପ୍ରକାଶ ପାପ ପଙ୍କରେ କି ପଡେ ।୪।

କୋଟି ଜନ୍ମ ପାପ କୋଟି ଦୁଃଖ ଖଣ୍ଡନ କରଇ ଯେହୁ ।

ଯାହାର ଅଜ୍ଞାନରେ ପାପଭରା ପୋଡ଼ୋ ଅକର୍ମ କରେ କି ସେହୁ ।୫।

ଦୋଷ କରିଥିଲେ କ୍ଷମା ଯେହୁ କରେ ଯାର ବଚନେ ଉଧାର ।

ପାପ ଦୋଷ ଯେହୁ ଛଡାଇ ପାରଇ ସେ କି କରେ ଅନ୍ୟାଚାର ।୬।

ବେଦ ପୁରାଣେ ଯାକୁ ଭଲ ବୋଲନ୍ତି ସେ କି ଅସାରକୁ ଯାଏ ।

ତ୍ରିପୁରେ ଯାକୁ ସାଧୁ ସାଧୁ ବୋଲନ୍ତି ନୀଚ ବୁଦ୍ଧିରେ କି ଥାଏ ।୭।

ନର ଦେବା ଦୁଇ ଏକମେଳ ହୋଇ କରନ୍ତି ଯାହାକୁ ପୂଜା ।

ସେ ବି ଅଜ୍ଞାନରେ ଗ୍ରହଣ କରଇ ପରର ପୁତ୍ର ଭରିଯା ।୮।

ଧନ୍ୟ କଳିକାଳ ଧନ୍ୟ ତୋ ମହିମା ଧରି କରାଉଛି ଭୋଗ ।

କଳିଯୁଗ ବୋଲି ପୁରାଣେ ରହିବ କାଳେ କାଳେ କଥା ଥିବ ।୯।

ଧନ୍ୟ କାଳପୁର୍ଷ ପାପିଷ୍ଠ ମୁରତି ତ୍ରିଭୁବନୁ ଯା ଛାଡି ।

ଏଡ଼େ ଦୁର୍ଘଣ୍ଡ ଅଟେ ପାପ ପୁରୁଷ ସତ୍ୟକୁ ଦେଉଛି ମାଡି ।୧୦।

ଶ୍ରୀଗୁରୁ କୃପାରେ ସହୁଛି ମୁଁ ନିନ୍ଦା ମୋର କିଛି ନାହିଁ ଦୋଷ ।

ଆପଣା ବୁଦ୍ଧିରେ ଆପେ ପ୍ରାଣୀମାନେ ଇଚ୍ଛା ସୁଖେ ଯିବ ନାଶ ।୧୧।

ଧର୍ମ ଯେବେ ଥିବ ଅଧର୍ମୀମାନଙ୍କୁ ତ୍ରିକାଳେ ହେଲେ ଦଣ୍ଡିବ ।

ଆପଣା ପିଣ୍ଡ ପରାଣ ହତ ହୋଇ ନିଶ୍ଚୟେ କୁଳ ବୁଡ଼ିବ ।୧୨।

ସତ୍ୟ ଯେବେ ଥିବ ଅସତଜନଙ୍କୁ ଅବଶ୍ୟ ମାରିବ ମାଡି ।

ସାନ ବଡ କେହୁ ଆଣ୍ଟି ନ ପାରନ୍ତି ତାହାଙ୍କୁ ନୁହନ୍ତି ବଡ ।୧୩।

ଗୁରୁ ଯେବେ ଥିବେ ଗର୍ବିତା ଭାଙ୍ଗିବେ ଗାରିମା ଲୋକର ମତ ।

ଆପଣା ପାପେ ଆପେ ଖରାପ ହେବେ କାଳବଳେ ଯିବେ ହତ ।୧୪।

ପୁଣ୍ୟ ଯେବେ ଥିବ ପାତକୀ ପ୍ରାଣୀଙ୍କୁ ନିଶ୍ଚୟ ମିଳିବ ସଜା ।

ଅନନ୍ତ କେଶରୀ ମହାବ୍ରହ୍ମ ଗୁରୁ ଯେଉଁ ଦିନ ହେବେ ରଜା ।୧୫।

ଦଇବ ଥିଲେ ଦୁଷ୍ଟଙ୍କୁ ବିନାଶିବ ଉଶ୍ୱାସ କରିବ ମହୀ ।

ବ୍ରହ୍ମେ ଯେତେ ଲୋକ ଦୋଷୀ ହେଉଛନ୍ତି ଯୁଗ ଶେଷେ ଯିବେ ବହି ।୧୬।

ପ୍ରମେଶ୍ୱର ଥିଲେ ପ୍ରକୃତି ପ୍ରାଣୀଙ୍କୁ ବହିବେ ଅନେକ ଦଶା ।

କଳ୍ପନାରୁ କାଳ ଶର ଜାତ ହେବ ତାହାଙ୍କୁ କହିଲା ଭାଷା ।୧୭।

ଶୂନ୍ୟବାସୀ ଥିଲେ ସମସ୍ତଙ୍କୁ ଧରି ବୁଝିବେ ସେ ଏକାବେଳେ ।

କର୍ମେ ଯାହା ଥିବ ଗ୍ରାହିର୍ଯ ହୋଇବ ଆପଣା ଅର୍ଜିଲା ଫଳେ ।୧୮।

ପାପ କରିଥିଲେ ପାପକୁ ଭଞ୍ଜିବେ ପୁଣ୍ୟ ଥିଲେ ପୁଣ୍ୟ ଭୋଗ ।

ଚାରି ଦ୍ୱାରେ ବୁଝାମଣା ହେଲା ବେଳେ ଯାହା ସୁକୃତରେ ଥିବ ।୧୯।

ସୁଜ୍ଞ ସାଧୁନରେ ନ ବୋଲିବ ତୁମ୍ଭେ ମନେ କଲା ବୋଲି ରୋଷ ।

ଗୁରୁପାଦ ଧ୍ୟାୟୀ ଭଣେ ଭୀମ ଭୋଇ କିଛି ନାହିଁ ମୋର ଦୋଷ ।୨୦।

## ସତଷଠୀ ବୋଲି

ଅଲେଖ ମହିମା ସାଗର ନାମକୁ ତ୍ରିଭୁବନ ଯାକ ଭଜ ।

ସକାଳରୁ ସ୍ନାନ କର ବୋଇଲାକୁ ବୋଇଲେ ମାଡୁଛି ଲାଜ ।୧।

ଅବଧୂତ ଦୀକ୍ଷା ନିରବେଦ ଧର୍ମ ଥରେ ହେଲେ ଡାକ ମୁଖେ ।

ଦର୍ଶନ କରି ପାଦରେଣୁ ପାଇଲେ ବୋଇଲେ ହସିବେ ଲୋକେ ।୨।

ଏ କଳିଯୁଗରେ ନାମ ନ ଭଜିଲେ ପଡିବ ଦେବୀ ଖପର ।

ବୋଇଲେ ଏ ରୂପେ ମରିଯିବୁ ପଛେ ନିନ୍ଦା କରିବେ ଅପାର ।୩।

ସାର ଧର୍ମ ଏହି ନ ଜାଣନ୍ତି କେହି ଆଶ୍ରେ କର ତତ୍ତ୍ୱ ବୁଝି ।

ଏଡ଼େ ହରବର କେ ହେବ ଆମ୍ଭର ବୋଇଲେ ନ ପାରୁ ଭାଦି ।୪।

ଗ୍ରାମ ବନେ ପଶି ବୁଝାଇ କହିଲି ସତ୍ୟ ଅନୁସର ତୁମ୍ଭେ ।

ତୁମ୍ଭେ ଯାହା ବ୍ରହ୍ମଜ୍ଞାନ ବତାଉଛ ବୋଇଲେ ନ ମାନୁ ଆମ୍ଭେ ।୫।

ଜପ ତପ ମାଳ ମନ୍ତ୍ର ଗଡାଇବାକୁ ନ ଲାଗେ ଟଙ୍କା କଉଡି ।

ବୋଇଲେ ଜାତି ଭାଇ ବନ୍ଧୁମାନଙ୍କୁ ନ ପାରୁ ତାହାଙ୍କୁ ଛାଡି ।୬।

ଘରେ ଘରେ ପରେ ପୁରେ ଯାଚି ଦ୍ୟନ୍ତେ ନାମ ନ ଧଇଲେ କେହି ।

ବୋଇଲେ ସର୍ବ ଘରେ କେହୁ ଖାଇବ ଯିବୁ କିରସ୍ତାନ ହୋଇ ।୭।

ପୁରୁଷମାନଙ୍କୁ ବୋଇଲୁ ହୋ ତୁମ୍ଭେ ଘରଦ୍ୱାର କରିଥାଅ ।

ଋତୁମତ ଧରି ସ୍ତିରୀସଙ୍ଗ କରି ବ୍ରହ୍ମଜ୍ଞାନ ମନ୍ତ୍ର ନିଅ ।୮।

ସେ ବୋଇଲେ ଆମ୍ଭେ ଖାଇବା ପିଇବା କମାଣିର କଥା ଜାଣୁ ।

ପାଞ୍ଚମାଣ ପାଞ୍ଚବୋଡି ଘରେ ଥିଲେ ଆଉ କାହାକୁ ନ ଗଣୁ ।୯।

ସ୍ତିରୀଙ୍କୁ ବୋଇଲୁ ନାମ ଆଶ୍ରେ କରି କର ଗୃହ ଧର୍ମ କୀର୍ତ୍ତି ।

ପତିସେବା କଲେ ପୁତ୍ରବନ୍ତୀ ହେବ ବୋଲାଇବ ଯତି ସତୀ ।୧୦।

ଗୁରୁଧର୍ମ ଯେବେ ଗୃହରେ ପାଳିବ କୁଟୁମ୍ବଯାକ ତରିବ ।

ସେବା ଭକ୍ତିରେ ପୁଣ୍ୟଧର୍ମ ବଢିଲେ ପୁରୁଷ ଉଧାର ହେବ ।୧୧।

ସେ ବୋଇଲେ ଆମ୍ଭେ ସ୍ତିରୀ ଜାତି ହୋଇ ମହିମାନ ପାରୁ ଭଜି ।

ମାଇ ଅଣ୍ଡିରା ଦୁହେଁ ପରା ଭଜିଲେ ଯାନ୍ତି ପରା ଗୃହ ତେଜି ।୧୨।

ପତିପାଦେ ସେବା କରି ନାହିଁ ପାରୁ ନ ଚାଲୁ ଋତୁମତରେ ।

ପତି ପତ୍ନୀ ହୋଇ ଗୃହ କରିବାର ଏତିକି ଏହି ସଂସାରେ ।୧୩।

ଜ୍ଞାନ ନାହିଁ ଜାଣୁ ଏକ କଥା ଜାଣୁ ସୁରତି ସଙ୍ଗମ ସଧ ।

ଦିବକେ ଚାରିଥର ରତି କଲେ ତେବେ ମନ ନୋହେ ବୋଧ ।୧୪।

ପୁତ୍ର ଦୁହିତା ଗୁଡ଼ାଏ ଜାତ କଲେ ସେହିଟି ଆମ୍ଭର ସବୁ ।

ଲୋକହସା ହଟହଟା ହୋଇବାକୁ କିମ୍ପା ମହିମା ଭଜିବୁ ।୧୫।

ପୁତ୍ର ଦୁହିତା ବନ୍ଧାପନା କରି ଯେ ନୋହିବ ଏହି ସଂସାରେ ।

ଅକୁଳ ଅଥଳ ହେଲେ ବୋଲି ଲୋକେ ନ ଆସିବେ ଆମ୍ଭ ଘରେ ।୧୬।

ପତ୍ରର ନିମନ୍ତେ ବଧୂ ନ ମିଳିବ ଝିଅଙ୍କୁ ନୋହିବେ ବର ।

ସମସ୍ତେ ଆମ୍ଭଙ୍କୁ ଭଲ ବୋଲୁଛନ୍ତି ପଛେ ବୋଲିବେ ଅସାର ।୧୭।

ଆୟ ଅଳଙ୍କାର ଅଙ୍ଗରେ ଲଗାଇ ଖାଇବା ପିନ୍ଧିବା ଜାଣୁ ।

ତୈଳ ହରିଦ୍ରାରେ ସୁନ୍ଦର ଦିଶୁଛି ବହିଅଛୁ ଯୁବା ତନୁ ।୧୮।

ଏ ବିୟସେ ରତିସୁଖ ନ ପାଇଲେ ଜୀବ ହେଲା ଅକାରଣ ।

ସ୍ତିରୀ ଅଙ୍ଗ ଲଭି କି କାର୍ଯ୍ୟ ହୋଇବ ବହି ଜାନୁ ଯୌବନ ।୧୯।

ଅଲେଖ ମହିମା ବୋଇଲେ ଆମ୍ଭଙ୍କୁ ଅସୁଖ ଲାଗୁଛି ଚିତ୍ତେ ।

କହେ ଭୀମ ଭୋଇ ଗୁରୁପାଦ ଧାୟୀ ନ ବୁଝିଲେ ସ୍ତିରୀ ଯେତେ ।୨୦।

### ଅଠଷଠୀ ବୋଲି

ବୃଦ୍ଧମାନଙ୍କୁ ମୁଁ ବୁଝାଇ କହିଲି ଏ ଧର୍ମକୁ ଆଶ୍ରେ କର ।

ଏ କଳିଯୁଗରେ ଏହି ନାମ ସାର ଭବାର୍ଣ୍ଣବୁ ହେବ ପାର ।୧।

ଆମ୍ଭ ଭକ୍ତି କଲେ ଉଧାର କରିବେ ଅଲେଖ ମହିମା ଗୁରୁ ।

ଏ କଳିଯୁଗରେ ଦେହଧାରୀ ହୋଇ ଆସିଅଛନ୍ତି ଶୂନ୍ୟାରୁ ।୨।

କ୍ଷୀର ସିନ୍ଧୁ ବାସୀ ଅନନ୍ତ ଈଶ୍ୱର ହୋଇଛନ୍ତି ଅବତାର ।

ହେଲା କଲେ ସର୍ବେ ଭେଳା ବୁଡିଯିବ ବେଳଥାଉଁ ଆଶ୍ରେ କର ।୩।

ବୃଦ୍ଧେ ବୋଇଲେ ତୁମ୍ଭେ ଯାହା କହିଲ ଉଚିତ ପ୍ରମାଣ ସତ ।

ବଳବାର୍ଯ୍ୟ ସବୁ ଗଲାଣି ଅଙ୍ଗରୁ ହୋଇଲୁଣି ଅଶକତ ।୪।

ଅଲେଖ ମହିମା ବୋଲିବାର କଥା କେବେ ନାହିଁ ଶୁଣିଥିଲ ।

ବେଦଶାସ୍ତ୍ରେ ଏହା ଦେଖ ହିଁ ନ ଥିଲା ଶୁଣି ଅଚମ୍ବିତ ହେଲୁ ।୫।

ବାପ ଅଜା ଆମ୍ଭ ବଡୁ ବଡା ଥିଲେ ଏ ପଥେ କେହି ନ ଯାଇ ।

ଏତେ ବେଳେ ଆମ୍ଭେ ମହିମା ଭଜିଲୁ କେବଣ ପରତେ ପାଇ ।୬।

ଏହି ଧର୍ମ କଲେ ସକଳ ଗୃହରେ ଖାଆନ୍ତି ପରା ସମସ୍ତେ ।

ପିତୃ-ପିତାମହ ପିଣ୍ଡ ପାଣି ଦେଲେ  ନ ପାଇଲେ ଆମ୍ଭ ହସ୍ତେ ।୭।

ମହିମା ଧର୍ମରେ କ୍ରିୟା କର୍ମ ନାହିଁ ସର୍ବେ ଯେମନ୍ତେ ଭଜିବୁ ।

ମରିଗଲେ ଆମ୍ଭ ଅଶୁଦ୍ଧ ହୋଇବୁ ଭୂତ ପ୍ରେତ ବୋଲାଇବୁ ।୮।

କରିସ୍ତାନ ମତ କିପାଇଁ କରିବୁ ମରିବାକୁ ଦିନେ ଅଛ ।

ବୁହା ପୋଡା ଆଉ କେହି ନ କରିବେ ହୋଇଯିବୁ ପୋକ ମାଛି ।୯।

ପ୍ରାଣ ଯିବ ପଛେ ମହିମା ନ ଭଜୁ ମୁକତି ନ ଲୋଡୁ ଆମ୍ଭେ ।

ଆମ୍ଭେ ପଛକେ ସମସ୍ତେ ମରିଯିବୁ ଜୀଇବ ସଂସାରେ ତୁମ୍ଭେ ।୧୦।

ଯାହା ବୋଇଲ ଏତିକି କହିଥାଅ ଆଉ ନ ଶୁଣିବୁ କର୍ଣ୍ଣେ ।

ହାଡି ଚଣ୍ଡାଳିଆ କର୍ମ କରିବାକୁ କେହୁ କଳପିବ ମନେ ।୧୧।

ପିତୃ ଲୋକମନେ ପିଣ୍ଡ ନ ପାଇବେ ଅକାରଣ ହେବ ସବୁ ।

କୁଟୁମ୍ବ ପୋଷିବାକୁ ଠକ ହୋଇଲ ମିଛ କହୁଅଛ ବାବୁ ।୧୨।

ତୁମ୍ଭେ କାହିଁ ବ୍ରହ୍ମଜ୍ଞାନକୁ  ଜାଣିଲ ବୃଦ୍ଧ ହୋଇ ନ ଜାଣୁଛୁ ।

ଶଏ ଷାଠିଏ ବରଷ ହୋଇଲାଣି ଏତେ ଦିନୁ ଆମ୍ଭେ ଅଛୁ ।୧୩।

ତୁମ୍ଭର ବାପ ଅଜାଙ୍କୁ ଜାଣୁ ଆମ୍ଭେ ତାଙ୍କ ପୁତ୍ର ନାତି ତୁମ୍ଭେ ।

କାଲି ଜନମ ହୋଇଛ ଦେଖିଅଛୁ କେତେ କହୁଛ ଆରମ୍ଭେ ।୧୪।

ସମସ୍ତ ବୃଦ୍ଧ ଜନ ଏହା ବୋଇଲେ ସେ ଠାବରୁ ପଳାଇଲୁ ।

ପଶ୍ଚାନ୍ତେ ଆମ୍ଭଙ୍କୁ ଦୋଷ ନାହିଁ ଦେବ ଡାକିକରି କହିଦେଲୁ ।୧୫।

ବାଳକମାନଙ୍କୁ ବୁଝାଇ କହିଲୁ ମହିମା ନାମକୁ ଭଜ ।

ଏକମନ ହୋଇ ଶୁଣସି ରେ ବାବୁ ଖେଚଡ ବୁଦ୍ଧିକି ତେଜ ।୧୬।

ବାଳକ ଦିନରୁ ଗୁରୁସେବା କରି ସତ୍ୟାଦି ପଥରେ ଚାଳ ।

ଅନ୍ୟାଏ ଅକର୍ମ ନ କରିବ ଯେବେ ନ ଛୁଇଁ ପାରିବ କାଳ ।୧୭।

ଧର୍ମ ଆଶ୍ରେ କଲେ ମୁକତି ପାଇବ ଗୁରୁ ପ୍ରସନ୍ନେ ତରିବ ।

ଗୁରୁ ବଚନ ଶିର ପରେ ବହିଲେ ବ୍ରହ୍ମଜ୍ଞାନୀ ବୋଲାଇବ ।୧୮।

ବେଳହୁଁ ଯେହୁ ମହିମା ଭଜିଥିବ ମହୀମଣ୍ଡଳେ ରହିବ ।

ଏ ଘୋର କଳିଯୁଗରୁ ପାର ହୋଇ ସତ୍ୟଯୁଗକୁ ପାଇବ ।୧୯।

ଗୁରୁସେବା କଲେ ଖାଇବାକୁ ମିଳେ ଶୁଣ ଶୁଣ ଆରେ ଭାଇ ।

ଗୁରୁପାଦ ଧ୍ୟାୟୀ କହେ ଭୀମ ଭୋଇ ଶିଶୁଙ୍କ ମେଳରେ ଥାଇ ।୨୦।

## ଅଣସ୍ତରି ବୋଲି

ବାଳକେ ବୋଇଲେ ଶୁଣୁସି ହୋ ବାବା ଅଜ୍ଞାନ ଆମ୍ଭର ବୁଦ୍ଧି ।

କିସ କିସ ତୁମ୍ଭେ ଆମ୍ଭଙ୍କୁ କହୁଛ ବୁଝି ନ ପାରୁଛୁ ଭେଦି ।୧।

ଏ ବୟସେ ଆମ୍ଭ ଚଞ୍ଚଳ ଯେ ମତି ଅଟୁ ଆମ୍ଭେ ବାଳ ଭୋଳା ।

ପାପ ପୁଣ୍ୟ କଥା କିଛିହିଁ ନ ଜାଣୁ ଖାଇ ଖେଳି ଦିନ ଗଲା ।୨।

କେଉଁ କଥା ପାପ କେଉଁ କଥା ପୁଣ୍ୟ ନୁହେ ଆମ୍ଭଙ୍କୁ ଗୋଚର ।

ଖେଚଡ ପ୍ରକୃତି ବୁଦ୍ଧି ଅଟେ ଆମ୍ଭ ଅନୁକ୍ଷଣ ହରବର ।୩।

ଖଜା-ଭଜା ଭାତ-ତୁଣ-ଖିରି-ପିଠା ଖାଇଲେ ଆମ୍ଭେ ଆନନ୍ଦ ।

କର୍ମ ଅକର୍ମ ବୁଦ୍ଧି କେମନ୍ତ ଅଟେ ନାହିଁ ଜାଣୁ ଭଲ ମନ୍ଦ ।୪।

ସୁବୁଦ୍ଧି କୁବୁଦ୍ଧି କାହାକୁ ବୋଲନ୍ତି ନୁହଇ ଆମ୍ଭଙ୍କୁ ଜଣା ।

ଶିଶୁମେଳରେ ବହୁତ ସ୍ନେହଭରେ ଖେଳିବା କଥା ଭାବନା ।୫।

ଆମ୍ଭେ ବୋଇଲୁ ତୁମ୍ଭେ ଯାହା କହିଲ ଉଚିତ ପ୍ରମାଣ ସତ ।

ବାଳକମାନେ ସର୍ବ ଶୁଭରେ ଥାଅ ପାଇ କଲ୍ୟାଣ ବାଞ୍ଛିତ ।୬।

ତୁମ୍ଭଙ୍କୁ ପାପ ପୁଣ୍ୟ କିଛି ନ ଲାଗେ ଅଜ୍ଞାନ ହୋଇଛ ଯେଣୁ ।

ଗୁରୁଙ୍କ କୃପା ତୁମ୍ଭଙ୍କୁ ହୋଇଥାଉ ବାହୁଡି ଅଇଲୁ ତେଣୁ ।୭।

ଜଣେ ଜଣେ ଆମ୍ଭେ ବୁଝାଇ କହିଲୁ ନୀଚ ଉଚ୍ଚ ପରିଯନ୍ତେ ।

ଏହି ଧର୍ମକୁ ସମସ୍ତେ ଆଶ୍ରେ କର ଶୂଦ୍ର ଚାଣ୍ଡାଳ ସହିତେ ।୮।

ରଜା ବ୍ରାହ୍ମଣଙ୍କୁ ବତାଇ କହିଲୁ ଏହି ଧର୍ମ ତୁମ୍ଭେ କର ।

ଏ କଳିଯୁଗରେ ଏହି ଏକା ନାମ ଆଉ ନାହିଁ ନା ସଂସାର ।୯।

ମାତୃହରଣ କରିଥିବ ଯେ ଜନ ଏ ଧର୍ମେ କ୍ଷମା ପାଇବ ।

ଗୁରୁ ଅଗ୍ନିରୂପେ ମୁରତି ଅଟନ୍ତି ପାପଭାରାହିଁ ପୋଡିବ ।୧୦।

ସୁରା ପାନ କରିଥିବ ଯେଉଁ ଜନ କାଟ ହୋଇବ ଦୁରିତ ।

ଏହି ଧର୍ମକୁ ଆଶ୍ରେ କଲା ମାତ୍ରକେ ମୁକ୍ତି ହେବ ପରାପତ ।୧୧।

ବାଳହତ୍ୟା ଦୋଷ କରିଥିବ ଯେହୁ ପୋଡିବ ସେ ପାପମାନ ।

ଗୁରୁଙ୍କ ସେବା ଯେହୁ କରି ପାରିବ ମୋକ୍ଷ ହେବ ସେହୁ ଜନ ।୧୨।

ସ୍ତିରୀ ହତ୍ୟା ପାପ ଯେହୁ କରିଥିବ ମୋକ୍ଷ ହେବ ଏହୁ ଧର୍ମେ ।

ଜନମଯାକ ତା ଗୁରୁସେବା କରି ଚିତ୍ତ ରଖିଥିବ ନାମେ ।୧୩।

ଅଜ୍ଞାନରେ ଯେତେ ପାପ କରିଥିଲେ ଏ ଧର୍ମେ ହୋଇବ କ୍ଷୟ ।

ଗୁରୁବ୍ରହ୍ମ ଯେବେ ସୁଦୟା କରିବେ ନ ଥିବ ମନରେ ଭୟ ।୧୪।

ବ୍ରାହ୍ମଣ ହୋଇ ଶୂଦ୍ରଯୋନିରେ ଇନ୍ଦ୍ରି ବଳାଇଥିବ ଯେମନ୍ତେ ।

ଧର୍ମ ଆଶ୍ରେ କଲେ ସେହି ପାପମାନ ଖଣ୍ଡନ ହେବ ତୁରିତେ ।୧୫।

ରାଜାମାନେ ପ୍ରଜା ସ୍ତିରୀ ହରିଥିଲେ ସେହି ପାପ ଯେବେ ଥିବ ।

ଏହି ଧର୍ମକୁ ଆଶ୍ରେ କରି ପାରିଲେ ଗୁରୁ ଆଜ୍ଞାରେ ପୋଡିବ ।୧୬।

ଗଣ୍ଡାଏ ଯୁଗକୁ ଗଣ୍ଡାଏ ଗଣ୍ଡାଏ ଭଜନା ତିଆରି କରି ।

ସନ୍ଥ ଜନ ଦୁଷ୍ଟ ସମସ୍ତେ ତରନ୍ତୁ ହୃଦୟପଦ୍ମେ ବିଚାରି ।୧୭।

ବୃତ୍ତକେ ଚାରିଗୋଟି ଲେଖା ଭଜନା ଉତୁରାଇ କରି ଭାଗ ।

ଘେନ ଘେନ ବୋଲି ସକଳ ଜନଙ୍କୁ ବାଣ୍ଟିଦେଇ ଚାରିଦିଗ ।୧୮।

ଯେହୁ ଇଚ୍ଛା ସେହୁ ନାମକୁ ଭାଜିଲେ ଏଥି କିଛି ଦୋଷ ନାହିଁ ।

କି ଅବା ସ୍ତିରୀ ସେ କି ଅବା ପୁରୁଷ ଯେ ଜନ ପାରିବ ଧାୟୀ ।୧୯।

ଆମ୍ଭ ଭଗତିରେ ଦୋଷାଦୋଷ ନାହିଁ ନୀଚ ଉଚ୍ଚ ସବୁ ସମ ।

ଭଣେ ଭୀମ ଭୋଇ ଗୁରୁ ପାଦ ଧାୟୀ ନିର୍ଗୁଣ ଏ ନାମ ବ୍ରହ୍ମ ।୨୦।

## ସତୁରି ବୋଲି

ଅନେକ ପ୍ରକାରେ ବୁଝାଇ କହିଲି ଗୁରୁଧର୍ମ ନ୍ୟାୟ ପଥ ।

ଅପ୍ରତେ କାରଣ ହୃଦରେ ବସିଛି ମନରେ ନ କଲେ ସତ ।୧।

ଛତିଶ କୁଳ ଯେ ବଉନ ପାଟକ ଯେତେ ଅଛନ୍ତି ସଂସାରେ ।

ସର୍ବେ ନାହିଁ ନାହିଁ ବୋଇଲେ ମୁଖରେ ନ ପଶିଲେ ଏ ଧର୍ମରେ ।୨।

ଆପଣା ଦୁଃଖସୁଖେ ସର୍ବେ ମଜ୍ଜିଲେ ଧର୍ମରେ ନ କଲେ ଚିନ୍ତା ।

ବେଦ ଶାହସ୍ର ବଚନକୁ ସମସ୍ତେ ମଣିଲେଣି ବିଷ ପିତା ।୩।

ବ୍ରହ୍ମାଣ୍ଡରେ ପାପଭରା ହୋଇଲାଣି କେମନ୍ତ କରିବି ସ୍ୱାମୀ ।

ସନ୍ଥ ସାଧୁ କେହି ନ ପାରିଲେ ଯାଗା ନାହିଁନି ମେଦିନୀ ।୪।

ଏବେ ପାପଭରା ପୁରି ରହିଅଛି କେମନ୍ତେ ସଫାନା ହେବ ।

କେଉଁ କର୍ମରେ ଦୁରିତ ନାଶ ଯିବ ମୋ ଆଗେ ତାହା କହିବ ।୫।

ଏ କଳିଯୁଗର ମନୁଷ୍ୟ ଯେତେକ ବହୁତ ଆଧାର ଖାଇ ।

ପ୍ରକୃତିରେ ସର୍ବେ ବଶ ହୋଇଛନ୍ତି ଅତି ଉନ୍ମାଦ ହୋଇ ।୬।

ଜାତି ଅଜାତି କେହି ନାହିଁ ବାରିଲେ ଗୃହେ ଗୃହେ ସର୍ବେ ପଶି ।

ପାପ ପୁଣ୍ୟକୁ କାହାରି ଭୟ ନାହିଁ ସମସ୍ତେ ଗଲେନି ଭାସି ।୭।

ଚାରି ବେଳ ଖାଇ ପ୍ରକୃତିବଳରେ ପାଞ୍ଚ ବେଳ କଲେ ରତି ।

ପ୍ରକୃତି ମତ୍ତରେ ସର୍ବେ ବଶ ହେଲେ ଏଣୁ ବଢ଼ିଲା ଅକୀର୍ତ୍ତି ।୮।

କାହାକୁ କେହି ନ ମାନିଲେ ସଂସାରେ ଜାତିକୁଳ ବୁଡାଇଲେ ।

ଜାତି ଏକ ଜାତି ଏକ ଏକଠାରେ ରକ୍ତ ମାଂସ ବୁଡାଇଲେ ।୯।

କାହାରି ଜାତି କେହି ଯେ ନ ରଖିଲେ ବୁଡିଲା ବେଦ ଆଚାର ।

ତିନି ବ୍ରହ୍ମାଣ୍ଡରେ ଯେତେ ଦେହଧାରୀ ସର୍ବେ ହେଲେ ଏକାକାର ।୧୦

ବାହ୍ୟ ମତକୁ ବଚନ କହୁଛନ୍ତି ଆମେ ବଡ ବଡ ଜାତି ।

ଗୁପତେ ଗୁପତେ ସବୁ ସରିଲାଣି ପ୍ରକୃତିରେଛନ୍ତି ମାତି ।୧୧।

ଛତିଶ କୁଳଯେ ବାଉନ ପାଟକ ଜାତି ବୋଲା ଯାଏ ।

ପାଣି ଅନ୍ତର ପାଟକ ସିନା ଏହୁ ସ୍ୱପଣ୍ଡିତେ କର ନ୍ୟାଏ ।୧୨।

ତିନି ବ୍ରହ୍ମାଣ୍ଡରେ ଲୋଡି ଆସ ତୁମ୍ଭେ ଏକ ଜଣ ଏକ ଜାତି ।

ସେହି ସବୁଙ୍କୁ ଶତ ଗତି କରିଛି ତାହାର ରଞ୍ଜିଲା ପୃଥୀ ।୧୩।

ସ୍ତିରୀ ପୁରୁଷ ଦୁହିଙ୍କି ଗଢିଅଛି ଯୋଡାଏ ସ୍ୱରୂପ ଦେଖ ।

ଦ୍ୱିତୀୟ ଜାତିରୁ ତିନ ଜାତି ନାହିଁ ସୁଜନେ କର ବିବେକ ।୧୪।

ପାଣି ପବନରୁ ସଞ୍ଚରେ ଅଛନ୍ତି ଦେହଧାରୀ ଛନ୍ତି ଯେତେ ।

ସ୍ଥାବର ଜଙ୍ଗମ କୀଟରୁ ପତଙ୍ଗ ଚଳ ଅଚଳ ସହିତେ ।୧୫।

କେଉଁ ରୂପେ ପାପଭରା ତୁଟାଇବ ବିଚାର ହେ ଗୁରୁଦେବ ।

କଳିଯୁଗ ଆସି ଶେଷ ହୋଇଲାଣି କେଉଁ ଗତି ରୀତି ହେବ ।୧୬।

ବ୍ରହ୍ମାଣ୍ଡକୁ ମୋର ବୁଦ୍ଧି ପାଉ ନାହିଁ ସାଗର ହୋଇଛି ପାପ ।

ମେଦିନୀରେ ଯେତେ ଥିଲେ ଆକାଶକୁ ଉଠିଲେଣି ଦେବଲୋକ ।୧୭।

ରୟାତରୁ ପ୍ରାଏ ତ୍ରିଭୁବନ ମହୀ ଥରହର କମ୍ପୁ ଅଛି ।

ଏକପାଦେ ଉଭା ହୋଇ ସତ୍ୟଧର୍ମ ଚାରିଦିଗେ ଚାହିଁ ଅଛି ।୧୮।

କାହୁଁ ମୁଁ ଅଇଲି କେଉଁ ପଥେ ଯିବି ବୋଲି କରୁଛି ରୋଦନ ।

ପାତକଭାରରେ ଆକୁଳ ହେଉଛି ଉର୍ଦ୍ଧକୁ କରି ବଦନ ।୧୯।

ତ୍ରିଭୁବନ ଭାରା ସକଳ ସମର୍ପି ଅନୁସରି ଗୁରୁପାଦେ ।

ଭଣେ ଭୀମ କନ୍ଧ କବିକୁଳଚନ୍ଦ ଚତୁର୍ଦ୍ଦ ଶଶତ ପଦେ ।୨୦।

### ଏକସ୍ତରି ବୋଲି

ଜୟ ଜୟ ଅଲେଖ ପୁରୁଷ ଅନାଦି ଇଶ୍ୱର ହରି ।

ଦୁରିତନାଶନ ବାନା ବହିଅଛି ଦୁର୍ଗତି ଖଣ୍ଡ ମୋହରି ।୧।

ଅନନ୍ତ ପୁରୁଷ ଅନ୍ତର୍ଯାମୀ ନାଥ ଅନ୍ତର୍ଗତ ଦୁଃଖ ଜାଣ ।

କରପତ୍ର ଶିରେ ଯୋଡ଼ି ଜଣାଉଛି ଏ ମୋର ବିନତି ଘେନ।୨।

ଶତଜନ୍ମଠାରୁ କର୍ମ ଅକର୍ମରୁ କରିଅଛି ଯେତେ ପାପ ।

ଅନ୍ତର ବାହାରୁ ସଆରର୍ବାଙ୍ଗ ଶରୀର ନିବାର ହେଉ କଳଙ୍କ ।୩।

ଜାଣିବା ନ ଜାଣିବାର ଯେତେ ପାପ ପୋଡାଇ ହେ ସଦଗୁରୁ ।

ତାଲୁ ପଦ ଅନ୍ତ ହୃଦୟ ନିର୍ମଳ କର ସର୍ବାଙ୍ଗ ଶରୀର ।୪।

ଅଗ୍ନି ଅଙ୍ଗୀକାର ଗୁରୁ ବ୍ରହ୍ମ ଅଟ ବ୍ରହ୍ମରେ ପୋଡ଼ାଅ  ରୋଗ ।

ଏହି ଶରୀର ନିର୍ମଳ ହୋଇ ଯାଉ ଯେତେ ଦିନ ଥିଲା ଯୋଗ ।୫।

ଏତେବେଳେ ରୋଗ ଭୋଗକୁ ନିବାର ରୋମ ଚର୍ମରୁ ପଲାଉ ।

ଏହି ଶରୀରେ ଏତିକି ହୋଇଥାଉ ଅନ୍ୟ ଅଙ୍ଗେ ଯାଇ ରହୁ ।୬।

ଅନନ୍ତ ମଣ୍ଡଳେ ରହିବାକୁ ତୋତେ ଗୁରୁଙ୍କ ହୁକୁମ ନାହିଁ ।

ଭିତରୁ ବାହାର ହୋଇ ଦୁଃଖ ରୋଗ ଯାଉ ଯହିଁ ଇଚ୍ଛା ତହିଁ ।୭।

ବେନି କର୍ଣ୍ଣେ ମୁହିଁ ଯାହା ଶୁଣିଅଛି ଦୋଷ ପାପ କଥା ଯେତେ ।

ହିଂସା କପଟ କୁଟିଳ ବାଦ ଛନ୍ଦ ଅସତ୍ୟ ମିଥ୍ୟା ସହିତେ ।୮।

ରାଗ ଅହଙ୍କାର କାମ କ୍ରୋଧ ଲୋଭ ଖଚ ମାୟା ଆଦି କରି ।

ବେନି କର୍ଣ୍ଣେ ମୋର ପୁରି ରହିଅଛି ସବୁ ପକାଅ ନିବାରି ।୯।

ଜଳର ପଙ୍କ ପ୍ରାଏ ପାପ ବକଳ ସର୍ବାଙ୍ଗରେ ଅଛି ଘୋଟି ।

ଶୂନ୍ୟ ପୁରୁଷ ବିଚାରୀ ଦୟା କର ସବୁଯାକ ପଡୁ ଫିଟି ।୧୦।

ଗୁରୁ ଅଜ୍ଞାନରେ ନିର୍ମଳ ହୋଇଯାଉ ଶ୍ରବଣେ ନ ରଖ କିଛି ।

ଜନମ ଦିନରୁ ମିଥ୍ୟା ପାପ କଥା ଯାହା ଯାହା ଶୁଣିଅଛି ।୧୧।

ବେନି ନେତ୍ରେ ମୋର ଯେତେ ପାପ ଅଛି ଖଣ୍ଡନ କର ଶ୍ରୀ ଗୁରୁ ।

ମୋହର ଅବସ୍ଥା ଦେଖି ବ୍ରହ୍ମଗୁରୁ ଦୟା ହେଉ ଶ୍ରୀ ଛାମୁରୁ ।୧୨।

ରୂପ ଗୁଣ ବର୍ଣ୍ଣ ଜାନୁ ଯୌବନ ନେତ୍ରେ ଯାହା ଅଛି ଦେଖି ।

ଶୋଭା ସୁନ୍ଦର ସୁରଙ୍ଗ ଦ୍ରବ୍ୟମାନ ଯାହା ଦେଖିଅଛ ଆଖି ।୧୩।

ବେଶ ଭୂଷଣ ବୟସ ଦ୍ରବ୍ୟମାନ ଭଲ ମନ୍ଦ ଆଦି ଯେତେ ।

କଳା ଗୋରା ରଙ୍ଗ ପିଙ୍ଗଳ ଶ୍ୟାମଳ ଦେଖିଅଛ ନେତ୍ରେପଥେ ।୧୪।

ଏ ପାତକମାନ ନେତ୍ରେ ଘୋଟିଅଛି କୁହୁଡି ଜାଲ ପରାଏ ।

ବ୍ରହ୍ମଧୂନିରେ ଝସାଇ କ୍ଷମାକର ଅଣାକାର ବ୍ରହ୍ମମଏ ।୧୫।

ଜନମକାଳରୁ ଦେଖିଅଛି ରୂପ ତହିଁର ଯେତେ ପାତକ ।

କୁହୁଡି-ଜାଲ-ବକଳକୁ ଫିଟାଅ ଅଣାକାର ଅନିର୍ଦ୍ଦପ।୧୬।

ପ୍ରାତଃରୁ ଯେସନ ଶିଶିର କୁହୁଡି ଆକାଶରେ ଥାଇ ଘୋଟି ।

ଅରୁଣ ତରାସ ପଡିଲେ ସେ ଯେହ୍ନେ ଚଉଦିଗେ ଯାଏ ଫାଟି ।୧୭।

ସେହିପରି ମୋର ବେନି ନେତ୍ରେ ପାପ କୁହୁଡି ପ୍ରାଏ ଘୋଟିଛି ।

ଏକ ରୂପ ଏକ ପାଦ ମହାବ୍ରହ୍ମ କୃପା ହସ୍ତେ ଦିଅ ପୋଛି ।୧୮।

ଗୁରୁଙ୍କର ହସ୍ତ ପଡୁଅଛି ଯହିଁ ଜଡା କହୁଅଛି ବେଦ ।

ଏ ଛାର ବିଷୟ ଗୁରୁ ଶ୍ରୀଛାମୁକୁ କେତେ ଅବା ପରମାଦ ।୧୯।

ରବିତଳେ ଥାଇ ଶ୍ରୀଗୁରୁଙ୍କୁ ଧ୍ୟାୟି ମାନବ ତନୁକୁ ଧରି ।

କହେ ଭୀମ ଭୋଇ ଗୁରୁପାଦ ଧ୍ୟାୟି ଦିବା ନିଶି ଅନୁସରି ।୨୦।

❧ ❧ ❧ ❧

## ବାସ୍ତରି ବୋଲି

ବେନି ନାସାରେ ଯେତେ ପାପ ଅଛି ପୋଡାଅ ଗୁରୁ ଅଲେଖ ।

କଳିଯୁଗରେ ସବୁଠାରୁ ପାତକ ଯାହା ପଡିଅଛି ମୁଖ ।୧।

ଗନ୍ଧ ପରକଟ ଭଲ ମନ୍ଦ ବାସ ସବୁ ଗ୍ରହଣ କରୁଛି ।

ସେହି ପାପମାନ ବେନି ନାସକାରେ ବକଳ ପରାଏ ଅଛି ।୨।

ନିର୍ମଳ କରି ଛଡାଅ ପାପପଙ୍କ ଚାହିଁ କରୁଣା ନୟନେ ।

ତ୍ରିକୂଟ ମଣ୍ଡଳେ ଯାହା ପୁରିଅଛି ବେନି ନାସାରନ୍ଧ୍ର ବନେ ।୩।

କୌଣସି ପ୍ରକାରେ ପାପତାପ ଭରା ନିବାର ହେ ଗୁରୁଦେବ ।

ଜନମ ଦିନରୁ ଗନ୍ଧ ପରକଟ ଯାହା ଯାହା ପାଇଥିବ ।୪।

ଗୁରୁ କୃପା ହେଲେ କେତେକ ମାତର ଚାହିଁ ଦେଲେ ଯିବ ଉଡି ।

ସୁଗନ୍ଧ ବାସନା ଲୋଭ ମୋହର ମୁଁ ବିଅର୍ଥେ ମରୁଛି ବୁଡି ।୫।

ଏଥିର ନିମନ୍ତେ ଶ୍ରୀ ଗୁରୁ ଛାମୁରେ ଜଣାଉଛି ବାରୁ ବାର ।

ବ୍ରହ୍ମ ଅନଳେ ଦହନ କରି ପାପ ଉଚିତରେ କ୍ଷମା କର ।୬।

ତୁଣ୍ଡର ପାତକ କହୁଅଛି ମୁହିଁ ମୁହଇ ହିସାବ କରି ।

ଜିହ୍ୱା ଅଗ୍ରେ ମୁହିଁ ଯାହା ଭାଷିଅଛି ଖଟ ମିଛ ଆଦି କରି ।୭।

ସେ ପାତକ ମୋର ବ୍ରହ୍ମରେ ପୋଡାଅ ଅଛି ସର ପଙ୍କ ପ୍ରାଏ ।

ବ୍ରହ୍ମ ଅନଳେ ସବୁଯାକ ଜଳିଣ ପବିତ୍ର କର ମୋ କାଏ ।୮।

ଅସତ୍ୟ କହିବାକୁ ଭୟ ମାଡଇ କହିଥିବି ଅବା କେବେ ।

ଜନମ ଦିବସରୁ ପାପ ପ୍ରମାଦ ଭାଷିଅଛି ଯାହା ପୂର୍ବେ ।୯।

କେତେ ବଚନ ମୁଖରେ ପରକାଶ ନଦୀ ବଢି ପ୍ରାଏ ଦେଖ ।

ଜିହ୍ୱା ଅଗ୍ର କଣ୍ଠଦ୍ୱାରେ ଯେତେ ପାପ ନିବାର ଗୁରୁ ଅଲେଖ ।୧୦।

ହୃଦୟ ପଦ୍ମରୁ ପାପ ମୋର ଯେତେ ତାହା ବିସ୍ତାର କହୁଛି ।

ହୋଇବା ନୋହିବା ଯେତେ କଥାମାନ ପଞ୍ଚଭୂତେ ବିଚାରୁଛି ।୧୧।

ପଞ୍ଚଭୂତ ମନ ପଚିଶ ପ୍ରକୃତି ମିଛକୁ କରି ପସରା ।

ସେହି ପାପମାନ ବାସ କରିଅଛି ହୃଦୟମଣ୍ଡଳେ ପରା ।୧୨।

ଗୁରୁ କୃପା ବହି ଜ୍ଞାନ କତୁରୀରେ ଛେଦ ଖଣ୍ଡ ଖଣ୍ଡ କରି ।

ହୃଦୟରେ ମୋର ପାପ ପୁରିଅଛି ଦିନୁ ଦିନୁ ମହା ଭାରି ।୧୩।

ସେ ପାତକମାନ କ୍ଷମା କର ଏବେ ନିର୍ମଳ ହେଉ ଶରୀର ।

ପୁରୁଣା ହୋଇ ଯାହା ଯାହା ପଡିଛି ହୃଦରୁ କର ବାହାର ।୧୪।

ହୃଦରୁ ଉଶ୍ୱାସ ହେଉ ପାପାବିଷ ହରଣ କରାଅ ସବୁ ।

ଦେବୀ ଦେବତା ମୁଁ କାହାକୁ ନ ଜାଣେ ତୁମ୍ଭେ ମୋର ବଡ ପ୍ରଭୁ ।୧୫।

ତେଣୁ କରି ସିନା ତତ୍ତ୍ୱ ଟିଡେ ମୁହିଁ ଜଣାଣ କରୁଛି ଦୁଃଖ ।

ମୋ ଇଷ୍ଟଦେବତା ପ୍ରସନ୍ନ ହୋଇଲେ ହେବି ବୋଲି ନିଷ୍କଳଙ୍କ ।୧୬।

ଜାଲ ପ୍ରାଏ ଏବେ ଛାଟି ରହିଅଛି ହୃଦର ପାପ ବେଦନା ।

ବିନା ଭୟ ଭୀତ ନ ଥାଇ କାହାକୁ ପଞ୍ଚଭୂତରେ ଭାବନା ।୧୭।

ଶିରୀଧର ସ୍ୱାମୀ ଅଲେଖ ପୁରୁଷ ଛତ୍ରପତି ଦଣ୍ଡଧାରୀ ।

ପାପ ପରମାଦ ବୁଝିବେ ବୋଲି ମୁଁ ଅନୁସରି ଅଛି କରି ।୧୮।

ଆଜ୍ଞା ହେଲେ ମୋତେ କାରଣ ମିଳିବ ଆଶା କରିଅଛି ଭୃତ୍ୟ ।

ପାପ ପୁଣ୍ୟ ଯାହା ପ୍ରକାଶ କଲି ମୁଁ ଗୁରୁଦେବ ସାମରଥ ।୧୯।

ଗୁରୁପାଦ ଧରି ଭରସା ମୁଁ କରି ଶ୍ରୀ ଛାମୁରେ ନୀଚ ହୋଇ ।

ଭଣେ ଭୀମ ଭୋଇ ଶିରେ କର ଦେଇ ସକଳ ସମର୍ପି ଦେଇ ।୨୦।

❧ ❧ ❧ ❧

## ଡେସ୍କରି ବୋଲି

କଟି ଉଦର ନାଭିଚକ୍ରମଣ୍ଡଳେ ପୁରି ରହିଅଛି ରୋଗ ।

ବାତ ପିତ ଆମ ଦଗଧ ପରାଏ କରୁଅଛି ଅଙ୍ଗେ ଭୋଗ ।୧।

କଫ କାଶ ଶେଳଷମା ଯେ ଶରଦ ଗରମ ଲସମ ରୂପେ ।

ଶିଶିର ହେମ ପରାଏ ହୋଇ ଅଙ୍ଗେ ପୀଡା କରୁଛନ୍ତି କୋପେ ।୨।

ଜ୍ୱର ଶିରବ୍ୟଥା ପଖା ଯେ ପାରୁଣ ତୋଟି ଓଷ୍ଟ କଣ୍ଠ ପୀଡା ।

ଶିର ସାଙ୍କୋଳି ଗଣ୍ଠି ମୁଷ୍ଟିରେ ପୁରୀ ସର୍ବାଙ୍ଗେ ପଡିଛି  ବେଢା ।୩।

ରୁଧିର ମାଂସ ରୋମ ଚର୍ମେ ପୁରୀ ସର୍ବାଙ୍ଗ ଶରୀରେ ଘୋଟି ।

ପାପ ଦଉଡି ଜାଲ ଅଙ୍ଗେ ଘୋଟିଛି ଜୀବ ନ ପାରୁଛି ଉଠି ।୪।

ମଦାଙ୍ଗ ଲତା ପରାଏ ମହାପାପ ସର୍ବାଙ୍ଗ ଶରୀରେ ରହି ।

ଦିବସ ରଜନୀ ପୀଡା କରୁଅଛି ବଇରୀ ପରାଏ ହୋଇ ।୫।

କଷା ପିତା ଦୁଗ୍ଧ ମଧୁର ସହିତେ ସକଳ ମୁଁ ଅଛି ଖାଇ ।

ପୁଷ୍ପ ଫଳ ଡାଳ ପତର ସହିତେ ଯାହା ଭାଗ୍ୟରେ ମିଳଇ ।୬।

ଜଳ ଅନଳରେ ଯାହା ପାକ ହୁଏ ଆଧାର ବୋଲି ଭଞ୍ଜଇ ।

କଞ୍ଚା ଶୁଖା ଆଦି ଆମିଷ ସହିତେ ଶ୍ରୀ ଗୁରୁଙ୍କୁ ଟେକି ଦେଇ ।୭।

ଉଦର ଅନ୍ତରେ ପୁରି ରହିଅଛି ଖାଦ୍ୟ ଅର୍ଥ ପାପ ଯେତେ ।

ଚକ୍ର ପେଷି ଅନ୍ତଃ ଭିତରୁ ନିବାରି ଉଧାରିବା ହେଉ ମୋତେ ।୮।

ଉଦର ଖଣ୍ଡ ଅଟେ ବ୍ରହ୍ମାଣ୍ଡ ଭାଣ୍ଡ ଅଶେଷ ବ୍ୟାଧି ପୁରିଛି ।

ନିରୋଗୀ ପୁରୁଷ ଦୟା ବହି ମୋତେ ନିର୍ମଳ କଲେ ହେଉଛି ।୯।

ବ୍ରହ୍ମ ଅଗ୍ନି ଜାଳି ଦୁରିତ ପୋଡାଅ ମନ ଭ୍ରମ ଚିନ୍ତା ଯାଉ ।

ଆଗ୍ୟାରେ ଶ୍ରୀ ଗୁରୁ କ୍ଷମା କରି ନିଅ ଏତେ ବେଳରେ ନ ଥାଉ ।୧୦।

ଚିପି ଛାଣି ମାଜି ଧୋଇ ଅନ୍ତ ପିତ ବ୍ରହ୍ମରେ ପଖାଳ ଧୁଅ ।

ମାୟା ନ କରି ଏ ମାନବ ତନୁରୁ ପାରି କରି ମୋତେ ନିଅ ।୧୧।

ବାରୁୟାର ଶ୍ରୀ ଛାମୁରେ ଜଣାଉଛି ନ ରଖ ପାତକ କିଛି ।

ଅକଳଙ୍କ ହେବ ବୋଲି ପାପୀଜୀବ ଗୁରୁ ସେବା ଲାଗି ଅଛି ।୧୨।

ଅନ୍ତର୍ଯାମୀ ପ୍ରଭୁ ନ ଜାଣ କି ତୁମ୍ଭେ କିସ ଜଣାଇବି ମୁହିଁ ।

ଉଦର ଅନ୍ତରେ ଯେତେ ପାପରୋଗ ନିବାର କର ଗୋସାଇଁ ।୧୩।

ଲିଙ୍ଗଚିକ୍ରରେ ଯେତେକ ପାପ ଅଛି ପ୍ରକୃତିଗଣ ସ୍ୱରୂପେ ।

ରେତ ରସ ମୁଦ୍ର ବିନ୍ଦୁ ଆଚ୍ଛାଦୁଛି ଏକାଦଶ ଇନ୍ଦ୍ରି ମୁଖେ ।୧୪।

ଅନ୍ତରେ ବିଚାରୀ କଳ୍ପନା ଉଚ୍ଚାରି ଭାବି ମାୟାରୂପ ଗୁଣ ।

ଲିଙ୍ଗଚିକ୍ରରେ ଆବୋରି ରହିଅଛି ପ୍ରକୃତିର ପାପମାନ ।୧୫।

ସେହି ଦୋଷମାନ ଏବେ କ୍ଷମା କରି ଭବାର୍ଣ୍ଣବ ଦୋଷ ହର ।

ସଦଗୁରୁ ବ୍ରହ୍ମ ଅନଳେ ପୋଡାଇ ଏ ଜୀବକୁ ରକ୍ଷା କର ।୧୬।

ଗୁରୁଦେବ ବିନୁ ପ୍ରକୃତି ପାତକ ଅନ୍ୟରେ ନୁହଇ କ୍ଷମ ।

ଅଗ୍ନିରୂପ ହୋଇ ଉଦେ ହୋଇଅଛ ଅନାହାତବାସୀ ବ୍ରହ୍ମ ।୧୭।

ନିବାର ନିବାର ନିର୍ମଳ କରିଣ ସର୍ବପାପ ଦୋଷମାନ ।

ଏକ ବ୍ରହ୍ମେ ମୁହିଁ ଏ ପିଣ୍ଡ ପରାଣ ସତ୍ୟରେ କରିଛି ଦାନ ।୧୮।

ଶୁଣ ସୁଜ୍ଞାଜନେ ବୁଝାଇ କହୁଛି ସଦଗୁରୁ ସେବା କର ।

ଗୁରୁଙ୍କୁ ପ୍ରଭୁପଣ ହିଁ ବଡ ନୁହେ ଆପଣା ମନେ ବିଚାର ।୧୯।

ଦୋଷ ଅପରାଧ କ୍ଷୟେ ଯିବ ବୋଲି ଭରସା ମୋର ବହୁତ ।

ଗୁରୁପାଦ ଧ୍ୟାୟି ଭଣେ ଭୀମ ଭୋଇ ବ୍ରହ୍ମରେ ନିବେଶି ଚିତ୍ତ ।୨୦।

**ଚଉସ୍ତରୀ ବୋଲି**

ଗୁହୀ ଚକ୍ର ର ଚରିତ ରୀତି ଗତି ଶୁଣିମା ଗୁରୁ ଅଲେଖ ।

ସେ ଦ୍ୱାରରେ ମଳ ମାଟି ଆଚ୍ଛାଦନ ତହିଁର ପାପ ଯେତେକ ।୧।

ଗୁହ୍ୟର ପାପରୁ ବ୍ୟାଧି ଜାତ ହୋଇ ପୀଡା କରେ ମଳଦ୍ୱାର ।

ଶତେ ଜନ୍ମଠାରୁ କର୍ମ ଅକର୍ମରୁ ପଡ଼ିଛି ମଳ ଭଣ୍ଡାର ।୨।

କହିଲା ବଚନ ନ କହି ବୋଇଲେ ହୁଅଇ ଗୁହ୍ୟ ପାତକ ।

ସାଧୁମଣ୍ଡଳିରେ ନ ବସି ଜାଣିଲେ ତହିଁର ଦୋଷ ଯେତେକ ।୩।

ସେ ଦୁରିତ ଯେତେ ମଳଦ୍ୱାରେ ଅଛି ମାଟି ପଙ୍କ ପ୍ରାଏ ହୋଇ ।

ଏବେ ସେହି ପାପ ନିବାର ଶ୍ରୀ ଗୁରୁ ସୁଚିତ୍ତରେ ଦୟା ବହି ।୪।

ହରଣ କର ଏ ନବଦ୍ୱାର ପାପ ଯେ ରୂପେ ଯେ ହେବ କ୍ଷମା ।

ଆପେ ପିଣ୍ଡକୁ ଗଢିଛ ସଦଗୁରୁ ଜାଣ ଦ୍ୱାରର ମହିମା ।୫।

ବ୍ରହ୍ମ ଅନଳରେ ପୋଡାଅ ଦୁରିତ ଯାହା ଅଛି ନବ ଦ୍ୱାରେ ।

ବ୍ରହ୍ମକୁ କି ଅବା ଅଗୋଚର ହେବ ଯେ ଅଛନ୍ତି ଯେଉଁ ଘରେ ।୬।

ବେନିପୟର ପାତକ ଯେତେ ମୋର ଶୁଣିମା ଶ୍ରୀ ଗୁରୁଦେବ ।

ପଥ ଚାଲିବାରେ ଦୃଶ୍ୟ ଅଦୃଶ୍ୟରେ ମାଡିଅଛି ଯେତେ ଜୀବ ।୭।

ଅଜ୍ଞାନ କାଳରେ ପିତା ମାତା ଅଙ୍ଗେ ପଡିଅଛି ଏହି ପାଦ ।

ବାଳକ ବୋଲି ବିଚାରି ପିତା ମାତା କ୍ଷମା କରି ହେଲେ ବୋଧ ।୮।

ସେହି କଥାମାନ ବିଚାରିଲେ ଏବେ ଘଟନା ହେଉଛି ଦୋଷ ।

ଦୟା ବହି ହୃଦେ କ୍ଷମା କର ଦୋଷ ଅନାଦି ଶୂନ୍ୟ ପୁରୁଷ ।୯।

ପିତା ମାତା ରୂପ ହୋଇଅଛ ତୁମ୍ଭେ ଆକାଶ ମଣ୍ଡଳୁ ଆସି ।

ଗୁରୁ ପିତା ମାତା କୋଳରେ ଏ ପାଦ ହୋଇଛି ବହୁତ ଦୋଷୀ ।୧୦।

ଏବେ କ୍ଷମା କର ସର୍ବ ଅପରାଧ ଅଜ୍ଞାନର କର୍ମ ଯେତେ ।

ଶତେ ବାର ଦଣ୍ଡ ପ୍ରଳମ୍ବିତ କରି କର ଯୋଡୁଅଛି ମାଥେ ।୧୧।

ଖଣ୍ଡନ କର ବେନି ଚରଣ ପାପ ତ୍ରାହି ତ୍ରାହି ପାଦର୍ବନ୍ଦେ ।

ରକ୍ଷାକର ରକ୍ଷାକର ବୋଲି ମୁଖେ ପୁଣି ପୁଣି ପାଦ ବନ୍ଦେ ।୧୨।

ଯାହା କଲେ ...... ଏ ବେନି ପୟର ଆଉ ନ କରୁ ଏ ଦୋଷ ।

ଏଥକୁ ଚାହିଁ ସୁଦୟା ମାତ୍ର ଥିବ ଅଣାକାର ଶୂନ୍ୟବାସ ।୧୩।

ଗୁହ୍ୟଦ୍ୱାର ପାପ ଯାହା ହେଲା ହେଲା ଏଠାରୁ ଆଉ ନ ହେଉ ।

ଅମୃତ ଲୋଚନେ ଚାହିଁଥାଅ ପ୍ରଭୁ ଏହି ଦୟା ମାତ୍ର ଥାଉ ।୧୪।

ଲିଙ୍ଗ ଚକ୍ର ପାପ ଯେତେ ହୋଇଥିଲା ଗୁରୁଦେବ କ୍ଷମା କଲେ ।

ପଶୁହରଣ ବେଶ୍ୟା ଯୋନିରେ ବୀଜ ନ ପଡିବ ତିନିକାଳେ ।୧୫।

ଅନ୍ତରେ ମାୟା କପଟ କଥାମାନ ନ ରହୁ ପାଞ୍ଚନା ଚିତ୍ତେ ।

ଦନ୍ତରେ ତିରଣ ଧରି ମାଗୁଅଛି ଏହି ଆଜ୍ଞା ହେଉ ମୋତେ ।୧୬।

ହୃଦୟପଦ୍ମରେ ପ୍ରକୃତି ବିଚାର ଆଉ ନ ଭାବୁ ଏ ମନ ।

ଗଳାରେ ବାସନ ବାନ୍ଧି ଜଣାଉଛି ହେ ଅଲେଖ ମହାଶୂନ୍ୟ ।୧୭।

ଏ ଜିହ୍ୱାରେ ଆଉ ଅସତ୍ୟ ନ ବସୁ ବିଚଳ ନ ହେଉ ବାଚା ।

ଜନ୍ମ ଜନ୍ମାନ୍ତରେ ମିଥ୍ୟା ନ କହିବି ରଖିଥିବି କରି ସଚ୍ଛା ।୧୮।

ବେନି ନୟନେ ରୂପ ଗୁଣ ଚାହିଁଲେ କଳ୍ପନା ନୋହିବ ଆଉ ।

ବେନି ପାଦ ଧରି ଗୁହାରି କରୁଛି ଶ୍ରୀଗୁରୁ ମୋ ମହାବାହୁ ।୧୯।

ବେନି ଶ୍ରବଣେ ଖଚକଥା ନ ପଶୁ ମାଗୁ ମୁଁ ଅଛି ଏତିକି ।

ଆକୁଳ ହୋଇ କହୁଛି ଭୀମ ଭୋଇ ଧାୟୀ ଜୀବର ପତିକି ।୨୦।

**ପଞ୍ଚସ୍ତରି ବୋଲି**

ଅରୁଣ ତରାସ ପଡିଲେ ଯେସନେ ଅନ୍ଧକାର ଯାଏ ଫାଟି ।

ସେହିପରି ପ୍ରଭୁ ଜ୍ଞାନଖଡ଼ଗରେ ପାତକ ପକାଅ କାଟି ।୧।

ନିଶିରେ ଚନ୍ଦ୍ରମା ହୋଇଲେ ଯେସନ ରଜନୀ କରେ ଆଲୁଅ

ସେହି ପରକାର ପାପଭରା ମୋର ନିବାରଣ କରି ନିଅ ।୨।

ସର୍ପଘାତ ହେଲେ ଗୁଣକ ଯେସନେ ବିଷରେ ପକାନ୍ତି ଗଦ ।

ଅଙ୍ଗରେ ମୋର ପାପଲତା ଛାଟିଛି ଗୁରୁବାକ୍ୟେ ପାଉ ହଦ ।୩।

ସନ୍ନିପାତ ଘୋଟିଥିଲେ ବଦ୍ୟମାନେ ମେଲନ୍ତି ବିଷାନ ବଡି ।

ମାକୁ ଅଙ୍ଗରେ ସମୁଦ୍ର ପ୍ରାଏ ଜଳ ଶୁଖଇ ତା ତେଜ ପଡି ।୪।

ଯେହିପରି ମୋର ଅଙ୍ଗରୁ ନିବାର ପାପ ଦୁଃଖସାଗରକୁ ।

ଜ୍ଞାନ ମଉଷଧି ଦେଇ ଭଲ କର ନ ଥାଉ କାଳ କାଳକୁ ।୫।

ରଜକ ଯେସନେ ମଳିଆ ବସନ ଉଦ୍ୱଳ କରଇ ତୁଠେ ।

ସେରୁପେ ମୋତେ ଉଜ୍ଜ୍ୱଳକର ପ୍ରଭୁ ଯେଉଁ ପାପ ଅଛି ଘଟେ ।୬।

ସୁବର୍ଣ୍ଣ ଯେସନେ ଅନଳେ ଦହିଲେ ରୂପ ତା ଦିଶଇ ଝଳି ।

ତେସନ ମୋତେ ବ୍ରହ୍ମ ଅନଳେ ଜାଳ ଛାଡିଯାଉ ପାପ ମଳି ।୭।

ମନୁଷ୍ୟ ଯେସନ ଜଳରେ ପଶିଲେ ସ୍ନାନ କଲେ ଶୁଦ୍ଧ ହୋଇ ।

କାଦୋ ଧୂଳି ମଳି ଅଙ୍ଗେ ଲାଗିଥିଲେ ତତକ୍ଷଣେ ଛାଡି ଯାଇ ।୮।

ସେହିରୂପେ ମୋର ଅଙ୍ଗେ ଲାଗିଅଛି ପାପପଙ୍କ ମଳି ଦେଖ ।

ଶୂନ୍ୟ ପୁରୁଷ ଏ ଶରୀର ଓହଳାଇ କୋଠ ଭଣ୍ଡାରରେ ରଖ।୯।

ଆକାଶେ ଯେସନେ ଘନ ଘୋଟିଥାଇ ଦିଶେ ଅନ୍ଧାର କୁହୁଡି ।

ଜଳ ବୃଷ୍ଟି ହେଲେ ମାୟାରୂପ ଭାବେ ବାତଘାତେ ଯାଏ ଉଡି ।୧୦।

ପାପ ମିଛ କଳା ଘୋଟିଅଛି ଅଙ୍ଗେ ସର୍ବାଙ୍ଗେ ଅନ୍ଧାର ହୋଇ ।

ଶୂନ୍ୟ ପୁରୁଷ ଉଜ୍ଜ୍ୱଳ କର ମୋତେ ଅମୃତ ଲୋଚନେ ଚାହିଁ ।୧୧।

କଳିକତରା କୀଟପ ହଦପଙ୍କ ଭିତରେ ଥାଇ ପଡି ।

ବାହାର ହୋଇଲେ କିଛି ନ ଲାଗଇ ତା ଦେହୁ ପଡ଼ଇ ଛାଡି ।୧୨।

ସେହିପରି ମୁହିଁ ପାପ ହଦପଙ୍କେ ଭିତରରେ ଅଛି ପଶି ।

ଅନ୍ତର୍ଯାମୀ ଗୁରୁ ପାରି କର ମୋତେ ପଦ୍ମ କରରେ ଆଉଁସି ।୧୩।

ବେଶକାରୀମାନେ ଅଷ୍ଟଅଳଙ୍କାର ନୃତ୍ୟକାଳେ ହୋନ୍ତି ଖଞ୍ଜି ।

ନାଟ ସରିଗଲେ ଆପଣା ଦେହରୁ ପଛନ୍ତେ ପକାନ୍ତି ଭାଞ୍ଜି ।୧୪।

ସେହି ପରକାରେ ପାପ ଅଳଙ୍କାର ମୋ ଦେହେ ହୋଇଛି ମଣ୍ଡି ।

ଫେଡି କଷଣ ପାପ ଅଳଙ୍କାରକୁ ଦେହରୁ ପକାଅ ଖଣ୍ଡି ।୧୫।

ଶୀତକାଳେ ଯେହ୍ନେ ପ୍ରାଣୀଙ୍କ ଅଙ୍ଗରେ ନ ପାରଇ ଶୀତ ରହି ।

ହୂତାଶନ ହୋଇ ଉଠିଲେ ବହନି ତଷଣେ ଯାଏ ପଳାଇ ।୧୬।

ସେହିପରି ମୋର ଅଙ୍ଗେ ପାପଶୀତ କରୁଅଛି ପରମାଦ ।

ବ୍ରହ୍ମ ଅନଳ ମୁରତି ହୋଇ ଗୁରୁ ଶ୍ରୀହସ୍ତେ ଦୁରିତ ଛେଦ ।୧୭।

କେହ୍ନେସି ପ୍ରକାରେ ପାରି କର ମୋତେ କାଳ ବିକାଳ ମୁଖରୁ ।

ଶ୍ରୀହସ୍ତ ବଢାଇ ଛାଣି ନିଅ ମୋତେ ଚିର ଦୁଃଖପାତକରୁ ।୧୮।

କ୍ଷୀରସିନ୍ଧୁ ବାସୀ କ୍ଷୀର ପ୍ରାଏ ଦେହ ନିସ୍ତାର ଉଜ୍ଜ୍ୱଳ କର ।

ଗୋଟି ଗୋଟି କରି କେତେ ବଖାଣିବି ଅଶେଷ ପାପୁ ଉଧର ।୧୯।

ମନର କଳ୍ପନା ଜାଣୁଥିବ ଗୁରୁ ଯାହା ଜଣାଇଛି ଆଦ୍ୟେ ।

ଭଣେ ଭୀମ ଭୋଇ ଗରୁ ପାଦ ଧ୍ୟାୟୀ ପଞ୍ଚଦଶଶତ ପଦେ ।୨୦।

## ଛସ୍ତରି ବୋଲି

ଏ କଳିଯୁଗରେ ବହୁତ ପାତକ କେମନ୍ତେ ହୋଇବି ପାର ।
ପାପ ସିନ୍ଧୁରେ ଭାସିଣ ଡାକୁଅଛି ତ୍ରାହି କର ଅଣାକାର ।୧।
ନବଦ୍ୱାରେ ପାପ ଜଳ ପ୍ରାଏ ପଶି ତାଳୁରୁ ତଳିପା ଯାଏ ।
ଅକ୍ଷଏ ପୁରୁଷ କ୍ଷଏ କର ଦୋଷ ନ ଥାଉ ମନ ସଂଶଏ ।୨।
ଛଉରି ମଦାଙ୍ଗ କଳ୍ପଲତା ପ୍ରାଏ ପାପ ମିଛ କଳ୍ପମାନ ।
ସକଳ ପାପ ପରମାଦ ନିବାରି ମନବାଞ୍ଛା କର ପୂର୍ଣ୍ଣ ।୩।
ଆଜ୍ଞା ହୋଇଲେ କେମନ୍ତେ ନ ଛାଡିବ କୃପାରେ ଅଟ ବାରି ଧ୍ି ।
କରୁଣାସିନ୍ଧୁ ପାପସିନ୍ଧୁ ନିବାର ମନବାଞ୍ଛା କର ସିଦ୍ଧି ।୪।
ପାପ ଦୋଷ ଯେତେ ହୃଦୟ କଳ୍ପଣା ବିଚାର ମୋହର ଯେତେ ।
ଅଖଣ୍ଡ ପୁରୁଷ ଖଣ୍ଡନ କରାଅ ମନ କଳ୍ପଣା ସହିତେ ।୫।
ଭବାର୍ଣ୍ଣବରେ ପଡି ଦୋଷ କରିଛି ତହିଁର ପାତକ ଯାହା ।
ଭବରୋଗକୁ ବୈଦ୍ୟ ହୋଇ ଆପଣ କ୍ଷମା କର ପ୍ରଭୁ ତାହା ।୬।
ଭବାର୍ଣ୍ଣବେ ଜାତ ହୋଇଛି ଏ ଜୀବ ଜନ୍ମ ମୃତ୍ୟୁ ଦୋଷ ସବୁ ।
ଜନ୍ମ ମରଣ ବେନି ପକ୍ଷ ବିଚାରି ଦୟା କର ମୋତେ ପ୍ରଭୁ ।୭।
ବିନା ଅଜ୍ଞାନରେ ତିରଣ ନ ହଲଇ ଆଗ୍ୟା ହେଲେ ପାପ ଯିବ ।
ଆଗ୍ୟକୁ ଅବଗ୍ୟା କରି ପାପ ଦୋଷ କେମନ୍ତେ ଅଙ୍ଗେ ରହିବ ।୮।
ଆଗ୍ୟାରେ ସର୍ବେ ତ ବେହାରୀ ଅଟନ୍ତି ଆଗ୍ୟ ନ ଲଘନ୍ତି କେହି ।
ଛାର ପାତକ ପ୍ରକୃତି ପରମାଦ ଅଙ୍ଗେ କି ପାରିବ ରହି ।୯।
ଆଗ୍ୟାରେ ସପତସିନ୍ଧୁ ପୁରିଅଛି ଲଘିଂବାକୁ ନାହିଁ କୂଳ ।
ମୋର ପାତକ କେମନ୍ତେ ନ ଛାଡିବ କିପା ଥିବ କାଳ କାଳ ।୧୦।
ଅଗ୍ୟାରେ ରହିଛି ନବଖଣ୍ଡ ମହୀ ନ ପଡୁଛି ରସାତଳେ ।
ଏ ମୋର ଦୁରିତ କେମନ୍ତେ ନ ଯିବ ଶକତିରୁ ଦୟା କଲେ ।୧୧।
ଆଗ୍ୟା ଘେନି ଚନ୍ଦ୍ର ସୂର୍ଯ୍ୟ ଆକାଶରେ ହେଉଛନ୍ତି ଉଦେ ଅସ୍ତ ।
ଏ ଛାର ପାପ ପ୍ରଭୁଙ୍କ ବଳିଆର କିପାଁ ନୋହିବ ଲେପତ ।୧୨।
ଆଗ୍ୟାରେ ନବ ଲକ୍ଷ ତାରା ଆକାଶେ ଫେରୁଛନ୍ତି ଚଉଦିଗ ।
ଆଗ୍ୟା ଯେବେ ହେବ ମହା ପୂର୍ଣ୍ଣବ୍ରହ୍ମ କିପାଁ ପାତକ ରହିବ ।୧୩।
ଆଗ୍ୟାରେ ଇନ୍ଦ୍ର ଜଳ ବୃଷ୍ଟି କରାଇ ମେଣ୍ଟି ନ ପାରଇ କେବେ ।
ଏ ମୋର ପାତକ କେତେକ ମାତର ଶ୍ରୀଗୁରୁଦେବ ଖଣ୍ଡିବେ ।୧୪।
ଆଗ୍ୟାରେ ପବନ ବହୁଅଛି ଦେଖ ବ୍ରହ୍ମାଣ୍ଡ ଆବୋରି ।
ଏ ଅଙ୍ଗରେ ପାପ ଯାହା ଅଛି ମୋର ବାକ୍ୟେ ହେଉ ପାରି ।୧୫।
ଅଗ୍ୟା ଘେନି ଅଗ୍ନି ପାକ କରୁଅଛି ଏହି ପିଣ୍ଡ ବ୍ରହ୍ମାଣ୍ଡକୁ ।
ଏ ଛାର ପାତକ କେମନ୍ତେ ମେଣ୍ଟିବ ଅନାଦି ଗୁରୁ ଆଗ୍ୟାକୁ ।୧୬।
ଗୁରୁ ଆଗ୍ୟା ପାଇ ଏ ମେରୁ ମନ୍ଦିର ଧରଣୀକୁ ଅଛି ଧରି ।
ଗୁରୁ କୃପା ହେଲେ ଏ ମୋର କଳୁଷ କିମ୍ପା ନୋହିବ ନିବାରି ।୧୭।
ଗୁରୁ ଆଗ୍ୟା ହେଲା ଯାଅ ରେ ପାତକ କର୍ମକୁ ଆଦରି ।
ତହିଁ ଆସିଥିଲୁ ତହିଁକୁ ତୁ ଯାଅ ଆଦ୍ୟରେ ବସା ସୁମରି ।୧୮।
ଏତେ ଦିନଯାଏ ଯାହା ଭୋଗ କଲୁ ଆଉ ନ କର ତୁ ବଳେ ।
ସଦଗୁରୁଙ୍କର ଆଗ୍ୟା ଶିରେ ବହି ପଳାଅ ତୁ ଅନ୍ତରରେ ।୧୯।
ଶତ ଜନ୍ମଠାରୁ ହେତୁ କରି ଆଣି ଯେତେ ଥିଲା ପାପଭାର ।
କହେ ଭୀମ ଭୋଇ ଶ୍ରୀଗୁରୁ ଛାମୁରେ ପକାଇ ଅଛି ଇଝାଇ ।୨୦।

## ସତସ୍ତରି ବୋଲି

ତାଳୁ ତଳିପାରୁ ପଳା ପାପ ରୋଗ ଆଗ୍ୟା ନ କର ମେଣ୍ଟଣ ।

ଅଗ୍ୟା ନ ମାନି ବଳାତ୍କାରେ ରହିଲେ ଅଭିଶାପ ହେବ ଜାଣ ।୧।
ନଖ ନାସିକାରୁ ପଳାଅ ପାତକ ସକଳ ସ୍ଥାନରୁ ଛାଡି ।
ତୋହରି ନିମନ୍ତେ ଇଝାଇ ଦେଇଛି ଶ୍ରୀଛାମୁରେ ଅଛି ପଡି ।୨।
ଗଣ୍ଠି ମୁଷ୍ଟିରୁ ପଳାଅ ମହାକାଳ ଶିର ଶାଙ୍କୋଳିରୁ ଘୁଞ୍ଚି ।
ଗୁରୁ ସମୁଖେ ତୋହ କଥା ପଡିଛି ଦେଖ ତୁ ନ ପାରୁ ବଞ୍ଚି ।୩।
ଚଉଷଠି ବ୍ରହ୍ମ ଘରକୁ ପଳାଅ ଅଛି ଯେବେ ତୋର ଭାଗ୍ୟ ।
ନ ମନିବୁ ଯେବେ ଦୁର୍ଦଶା ଦୁର୍ଦଣ୍ଡେ ନିଶ୍ଚୟ ଏ ସଜା ହେବ ।୪।
ଅନ୍ତଃ ପିଉରୁ ତୁ ବାହାରି ପଳାଅ ଅସ୍ଥି ମାଂସରେ ତୁ ନ ଥା ।
ଏତେ କାଳେ ଆସି ଗୁରୁଙ୍କ ସନ୍ନିଧେ ଫୁଟିଲାନି ତୋର କଥା ।୫।
ଅଙ୍ଗ ରୋମ ଚର୍ମରୁ ଛାଡି ପଳାଅ ନ ଗଲେ ଗୁରୁଙ୍କ ରାଣ ।
କିମ୍ପାଇ ଅମାନିଆ ଏତେ ହେଉଛୁ ବ୍ରହ୍ମର ବଚନ ଘେନ ।୬।
ଅଲେଖ ବ୍ରହ୍ମର ରାଣ ଅଛି ତୋତେ ପଳାଅ ପିଣ୍ଡକୁ ଛାଡି ।
ଫେଣ ପ୍ରାଏ ପଛେ ଆଉ ଯାଇ ହେବୁ ବାଜିଲେ ବ୍ରହ୍ମ ଲହଡି ।୭।
ସମସ୍ତଙ୍କୁ ଗୁରୁ ଜାତ କରିଛନ୍ତି ଅଜାତରେ କେହି ନାହିଁ ।
ଏବେ ତୋହର ମହତ୍ତ୍ୱ ଧରି ପଳା ତିଆରି କହୁଛି ମୁହିଁ ।୮।
ପାପ ପୂଣ୍ୟ ଧର୍ମ ଅଧର୍ମ ସହିତେ ଜନମ ହୋଇଛି ସତ ।
ସମସ୍ତେ ଅନାଦି ବ୍ରହ୍ମର ଗଢିଲେ ନ ଗଢି ହୋଇ ଆପେତ ।୯।
ଗୁରୁଙ୍କ ବ୍ରହ୍ମାଣ୍ଡ ଧରତି ଆକାଶ ନବଦ୍ୱୀପ ପୃଥୀ ଅଛି ।
ଯହିଁ ଇଚ୍ଛା ତୋର ସେ ପଥରେ ଯା ଯା ଭାଳେଣି ନ କର କିଛି ।୧୦।
ଶୁଦ୍ଧ ସୁବର୍ଣ୍ଣ ପରାଏ ହେଉ ଅଙ୍ଗ ଅରୁଣ କିରଣ କାନ୍ତି ।
ଚାରି ଯୁଗେ ଗୁରୁ ପାଦ ମିଳିଥାଉ ରହୁ ମୋ ସେବା ଭଗତି ।୧୧।
ଚନ୍ଦ୍ର ତରାସ ପରାଏ ହେଉ ଦେହ ସ୍ୱଟିକ ପଥର ଜିଣି ।
ଶୂନ୍ୟ ପୁରୁଷ ନିର୍ଦୟ ନ ହୋଇବ ସେବା ଭକ୍ତି ଥିବ ଘେନି ।୧୨।
ନିକଳଙ୍କ ହେଉ କଳଙ୍କ ନ ଥାଉ ଗୁରୁ ସେବା କଲା ତନୁ ।
ପିଣ୍ଡ ପ୍ରାଣ ମୋର ସମର୍ପି ଦେଉଛି ଜ୍ଞାନ ବୁଦ୍ଧି ହେଲା ଦିନୁ ।୧୩।
ଦର୍ପଣ ତରସ ପ୍ରାଏ ହେଉ ଦେହ ବିଦ୍ୟୁଝଟକାନ୍ତି ପ୍ରାଏ ।
ଏରୂପେ ଶୂନ୍ୟବ୍ରହ୍ମର ଦୟା ଥାଉ ତମ୍ବା ପ୍ରାଏ ହେଉ କାଏ ।୧୪।
ଜାଜ୍ୱଲ୍ୟ ମୂରତି ହେଉ ଏହି ଘଟ ଅଗ୍ନିରେ କାନ୍ତି ଯେସନ ।
ବ୍ରହ୍ମକୁ ତେଜି ବ୍ରହ୍ମ ଧର୍ମ ବର୍ଦ୍ଧିତ ହେଉ ବ୍ରହ୍ମ ତେଜମାନ ।୧୫।
ସକଳ ସ୍ଥାନରେ ମଳିନ ଅବସ୍ଥା ଲୋଡିଲେ ନ ମିଳୁ କାହିଁ ।
ସର୍ବାଙ୍ଗ ଶରୀର ପରିମଳ ହେଉ ଦିଶୁ ବ୍ରହ୍ମଭୁତମୟୀ ।୧୬।
ଲବଣୀ ପ୍ରାଏ ଚିକ୍କଣ ହେଉ ଦେହ ନ ଥାଉ ଯେ ଅବିଗୁଣ ।
ଅରୂପବ୍ରହ୍ମର ଦୟା ଥାଉ ମୋତେ ମିଳୁଥାଉ ଦରଶନ ।୧୭।
ଶତ ଶତବାର ଶତ ସସ୍ରଥର ଜଣାଣ କରୁଛି ମୁହିଁ ।
ତତ୍ତ୍ୱ ମନରେ ମୁଁ ଗୁରୁଙ୍କୁ କହୁଛି କଦାଚ ଅସତ୍ୟ ନାହିଁ ।୧୮।
ସାଧୁ ସୁଜ୍ଞ ନର ଗୁରୁସେବା କର ବ୍ରହ୍ମରେ ହୁଅ ଭଗତି ।
ଅଶେଷ ଜନ୍ମର କଳୁଷ ନାଶିବେ ଅବଶ୍ୟ ଦେବେ ମୁକତି ।୧୯।
ଅନେକ ଭାବେ ମୁଁ ଅନୁସରି ଅଛି ବିଶ୍ୱାସ କରିବେ ବୋଲି ।
କହେ ଭୀମ ଭୋଇ ଆସ୍ଥାନ ତଳରେ ନିତ୍ୟ ମରୁଅଛି ଭଳି ।୨୦।

### ଅଠସ୍ତରୀ ବୋଲି

ଏଥୁ ଅନନ୍ତରେ ଶୁଣ ସୁଜ୍ଞଜନେ କହିବା ଅପୂର୍ବ କଥା ।
ଅତି ଅଗୋଚର ଚରିତ ଅଟଇ ଶାହାସ୍ରେ ରହିଛି ପୋଥା ।୧।
ଯେତେ ଦିବସରୁ ହେତୁ ଜ୍ଞାନ ହେଲା ପ୍ରତକ୍ଷେ ଜାଣୁଛି ମୁହିଁ ।
ଗୁରୁଙ୍କର ସିନା ସକଳ ଅଟଇ କାହାରି ଅଧୀନ ନାହିଁ ।୨।
ଏ ମାଟି ପଥର ଏ ଜଳ ପବନ ଏମାନେ ନ ଥିଲେ କେହି ।
ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଅନ୍ଧକାର ଥିଲା ନିଶବଦ ହୋଇ ।୩।
ଚନ୍ଦ୍ରର ସୂର୍ଯ୍ୟ କେହି ଆକାଶେ ନ ଥିଲେ ନବ ଲକ୍ଷ ତାରାଗଣ ।

ଦିବସ ରଜନୀ ଏକ ହୋଇଥିଲା ନ ଥିଲା ରଚନାମାନ ।୪।

ସ୍ୱର୍ଗ ମର୍ତ୍ତ୍ୟପୁର ପାତାଳ ନ ଥିଲା ବ୍ରହ୍ମା ବିଷ୍ଣୁ ରୂପ ତିନି ।

ତେତିଶ କୋଟି ଦେବ ତହିଁ ନ ଥିଲେ ନ ଥିଲା ଶବଦ ଧ୍ୱନି ।୫।

ପୃଥୀ ଆପ ତେଜ ଆକାଶ ବାୟବ ଆକାଶ ପଞ୍ଚଭୂତ ହିଁ ନ ଥିଲେ ।

ମହାଶୂନ୍ୟ ଅନ୍ଧକାର ହିଁ ସହିତେ ନ ଥିଲେ ଏ ତେତେବେଳେ ।୬।

ଉର୍ମ ଧୁର୍ମ ଜ୍ୟୋତି ଜ୍ୱାଳା ହିଁ ନ ଥିଲେ ହୋଇଥିଲା ମହାଶୂନ୍ୟ ।

ଶରଦ ଉଷୁମ ଏମାନେ ନ ଥିଲେ ଋତୁ ସଞ୍ଚାର ଗ୍ରୀଷମ ।୭।

କାମନା କଳ୍ପନା ରଞ୍ଜନା ପାଞ୍ଜନା ନ ଥିଲେ ପ୍ରେମ ପ୍ରକୃତି ।

ପାପ ପୁଣ୍ୟ ଭଲ ମନ୍ଦ ହିଁ ନ ଥିଲ ଶୂନ୍ୟ ହୋଇଥିଲେ ପୃଥୀ ।୮।

ଛପନା କୋଟି ଜୀବ ଆଦି ନ ଥିଲେ ଚାରିଖାନି ଛନ୍ତି ଯେତେ ।

ଲାଭ ହାନି ଆଦି କିଛି ହିଁ ନ ଥିଲା କର୍ମ ଅକର୍ମ ସହିତେ ।୯।

ଶୁଣ ସୁଜ୍ଞଜନେ ଯହୁଁ ଜାତ ହେଲେ କହିବା ତହିଁର ଭେଦ ।

ବେନି କର୍ଣ୍ଣେ ଶୁଣି ପଞ୍ଚଭୂତ ମନେ ଜାଗ୍ରତ କରି ସମ୍ବାଦ ।୧୦।

ନିଶବଦ ଘରୁ ଅନାମ ଶକ୍ତରୁ ଜନମ ହୋଇଲା ଶୂନ୍ୟ ।

ଶୂନ୍ୟ ସଞ୍ଚାରରୁ ଆକାର ଧଇଲା ବାହାର ହୋଇଲା ବର୍ଣ୍ଣ ।୧୧।

ଅନାମରୁ ଅଗ୍ନି ପବନ ଜନ୍ମିଲା ଆକାଶେ ରହିଲା ପୁରି ।

ଘୁ ଘୁ ଶବଦ ନିରନ୍ତରେ ହୋଇଲା ତାମସ ଗୁଣକୁ ଧରି ।୧୨।

ଅନାମରୁ ତହୁଁ ଜଳ ଜାତ ହେଲା ଅଗ୍ନି ପବନେ ମିଶିଲା ।

ସତ୍ତ୍ୱ ରଜ ତମ ତିନି  ନାମ ବହି ତିନି ଗୁଣ ବୋଲାଇଲା ।୧୩।

ଅନାମରୁ ଚନ୍ଦ୍ର ସୂର୍ଯ୍ୟ ଜାତ ହେଲେ ହେଲା ଦିବସ ରଜନୀ ।

ଆକାଶରେ ଉଦେ ଅସ୍ତ ହୋଇବାରୁ ବୋଲାଇଲା ଦିନମଣି ।୧୪।

ଅନାମରୁ ବ୍ରହ୍ମା ବିଷ୍ଣୁ ଶିବ ଜାତ ହୋଇଲେକ ତେତେବେଳେ ।

ଏ ବ୍ରହ୍ମାଣ୍ଡ ଜାତ ନୋହିଥିଲା ବେଳେ ଥିଲେ ନିରାକାର କୋଳେ ।୧୫।

ଏ ମାଟି ପଥର ଅନାମୁଁ ଜନ୍ମିଲା ହେଲା ମେଦମେଦା ମହୀ ।

ଛପ୍ପନକୋଟି ଜୀବ ଅନାମୁଁ ଜନ୍ମିଲେ ସମସ୍ତେ ବହିଲେ ଦେହୀ ।୧୬।

ଅନାମରୁ ପଞ୍ଚୁଭୂତ ଜାତ ହୋଇ ପୁରିଲେ ସେ ତ୍ରିଭୁବନ ।

ପୃଥୀ ଆପ ତେଜ ବାୟବ ଆକାଶ ବୋଲାଇଲା ପଞ୍ଚଗୁଣ ।୧୭।

ଅନାମରୁ ଉର୍ମ ଧୁର୍ମ ଜ୍ୟୋତି ଜ୍ୱାଳା ଜନମ ହୋଇଲେ ଦେଖ ।

ଯାହାରି ଯେମନ୍ତ ସ୍ୱଭାବକୁ ଘେନି ଉଦୟ ତିନି ତ୍ରୟିଲୋକ୍ୟ ।୧୮।

ରଞ୍ଜନା ପାଞ୍ଜନା ଅନାମୁ ଜନ୍ମିଲା ଅନାମରୁ ଋତୁ ଜାତ ।

ଷଡ଼ଋତୁରେ ଲାଗି ଜଳ ପବନ ଜୀବ ହେଲା ମୂର୍ତ୍ତିବନ୍ତ ।୧୯।

ଶୁଣ ସୁଜ୍ଞ ସାଧୁ ଆଦ୍ୟର ବାରତା ଜାତକର ନିରୁପଣ ।

ସଂଶୟ ଫିଟାଇ କହେ ଭୀମ ଭୋଇ ଗୁରୁପାଦେ ଥୋଇ ମନ ।୨୦

## ଅଣଅଶୀ ବୋଲି

ଅନାମରୁ କାଳପୁରୁଷ ଜନ୍ମିଲା କମଳରେ କଲା ବାସ ।

ଛପନା କୋଟିକି ଗ୍ରାସିବି ବୋଲିଣ ମନେ କଳ୍ପି କଲା ଆଶ ।୧।

ଅନାମରୁ ଜନ୍ମ ମୃତ୍ୟୁ ଜାତ ହୋଇ ରହିଲା ସେ ଆଗ ପଛେ ।

ମଧରେ ପିଣ୍ଡକୁ ସଜ୍ଜନା କରାଇ ଉଦିତ ହୋଇଲା ମଞ୍ଚେ ।୨।

ଅନାମରୁ ଜନ୍ମ ପଚିଶ ପ୍ରକୃତି ପ୍ରେମରେ ବଢିଲା ଲତା ।

ଆଗ୍ୟାରେ ନାନା ସୁଖ ଅଙ୍କୁରିଲା ଜୀବକୁ ହୋଇଲା ପିତା ।୩।

ଅନାମରୁ ରଜ ବୀଜ ଜନ୍ମ ହେଲା ବିନ୍ଦୁ ବ୍ରହ୍ମ ବୋଲାଇଲା ।

ଦରବି ଆସି ପିତା ଅଙ୍ଗଭାଗକୁ ମାତା ପଦ୍ମରେ ପଶିଲା ।୪।

ଅନାମରୁ ପାପ ପୁଣ୍ୟ ଜନ୍ମ ଲଭି ଦୋଷକୁ ରହିଲେ ଜଗି ।

ଜୀବ ଆତ୍ମା ଯହିଁ ସେ ରହିଲେ ତହିଁ ସଙ୍ଗେ ସଙ୍ଗେ ଛନ୍ତି ଲାଗି ।୫।

ନବଲକ୍ଷ ତାରା ଅନାମରୁ ଜନ୍ମ ହୋଇ ରହିଲେ ଶୂନ୍ୟରେ ।

ଯୋଗ ଅନୁକୂଳ ଶୁଭରେ ରହିଲେ ଉଦେ ରାତ୍ର ଦିବସରେ ।୬।

ଦଶଦିଗପାଳ ତେତିଶକୋଟି ଦେବ ଅନାମକୁ ଜନ୍ମ ହେଲେ ।

ଅନାମ ବୈକୁଣ୍ଠ ଭୁବନରୁ ଆସି ବୈକୁଣ୍ଠପୁରେ ରହିଲେ ।୭।

ସତ୍ୟ ଧର୍ମ ଦୁହେ ଅନାମରୁ ଜାତ ହୋଇଛନ୍ତି ତେତେବେଳେ ।

ସକଳ ଭୂତେ ଠାବେ ପୁରିଲେ ତିନି ଭୁବନମଣ୍ଡଳେ ।୮।

ନବଗ୍ରହ ସତାଇଶ ଯେ ନକ୍ଷତ୍ର ଅନାମକୁ ହେଲେ ଜାତ ।

ତିନିଭୁବନେ ତାଙ୍କ ତେଜ ଲାଗିଲା ପୁରି ଅଶେଷ ଜଗତ ।୯।

କହନ୍ତା ବହନ୍ତା ଶୋରତା ବକତା ଅନାମରୁ ଜନ୍ମ ହେଲେ ।

ଯେତେ ଜୀବମାନ ପିଣ୍ଡକୁ ବହିଲେ ଘଟ ଆବୋରି ରହିଲେ ।୧୦।

କର୍ମ ଅକର୍ମ ଅନାମରୁ ଜନ୍ମିଲେ ଧଇଲେ ନିଜ ସ୍ୱଭାବ ।

ତେଣୁ ଏ ସଂସାରେ ସତ ମିଛ ଦୁଇ ବୋଲାଇଲେ ବେନି ଭାଗ ।୧୧।

ମାଇ ଅଣ୍ଡିରା ଯେତେ ଛନ୍ତି ସଂସାରେ ଅନାମରୁ ହେଲେ ଜନ୍ମ ।

ମୁଖରେ ପ୍ରେମ ପୀୟଷ ଭାବନାରେ ଯୁଗଳରେ କଲେ କର୍ମ ।୧୨।

ହେତୁ ବୁଦ୍ଧି ଜ୍ଞାନ ଚିଆଁ ଚଇତନ ଅନାମରୁ ଜନ୍ମ ହୋଇ ।

ଯେ ଅଟଇ ଯେଉଁ ସ୍ଥାନେ ସମଯୋଗ ସମସ୍ତେ ବସିଲେ ଯାଇ ।୧୩।

ଅନାମରୁ ଚାରି ବେଦ ଜାତ ହୋଇ ଓଁଙ୍କାର ଅନାମୁଁ କ୍ଷରି ।

ଶ୍ରୀମୁଖ ବଚନ ପରିବନ୍ଧ ପଦ ରହିଲା ଶାହାସ୍ତ୍ରେ ପୁରି ।୧୪।

ଅନାମ ମଣ୍ଡଳୁ ଅନନ୍ତ କୁହୁଡି ଜାତ ହେଲେ ମୋହମାୟା ।

ମୁହିଁ ମୁହିଁ ବୋଲି ମୁଁ କାର ବହିଣ ମନୋମତେ ହେଲେ ବାୟା ।୧୫।

ଅନାମରୁ ଘନ ବିଦ୍ୟୁ ଜାତ ହେଲେ ଆକାଶେ କଲେ ଭ୍ରମଣି ।

ଘନ ଘୋଷ ଘଡଘଡି କମ୍ପମାନ ଶୁଭୁଅଛି ନାଦ ଧୂନି ।୧୬।

ଅନାମରୁ ଦେବଗଣ ଜାତ ହୋଇ ରହିଲେ ତ୍ରିପୁର ମହୀ ।

ଯାହାକୁ ଯେଉଁପରି ଭୋଗ ସୁଫଳ ଦେବାରୁ କରତା ବିହି ।୧୭।

ଶରଦ ଉଷ୍ଣମ ଅନାମରୁ ଜନ୍ମ ହୋଇ ତ୍ରିପୁରେ ଘୋଟିଲା ।

ତେଣୁ କରି ସିନା ଆତ୍ମା ପୁରୁଷକୁ ଅନେକ ବ୍ୟାଧି କଷ୍ଟିଲା ।୧୮।

ଲାଭ ହାନି ଦୁହେ ଅନାମରୁ ଜାତ ହୋଇଛନ୍ତି ଏ ସଂସାରେ ।

ତେଣୁ କରି ଦୁହେ ଲୋଭେ ମୋହେ ପଡି ବୋହିଗଲେ ତ୍ରିପୁରରେ ।୧୯।

ଏ କଳିଯୁଗରୁ ପାରି କର ମୋତେ ଅଛି ମୁହିଁ ଅନୁସରି ।

ନୀଚ ପ୍ରାଏ ହୋଇ କହେ ଭୀମ ଭୋଇ ଗୁରୁ ପାଦପଦ୍ମ ଧରି ।୨୦।

**ଅଶୀ ବୋଲି**

ଉଡା ବୁଡା ଚଳ ଅଚଳ ସହିତେ ଅନାମରୁ ଜନ୍ମ ହେଲେ ।

ଜଳ ସ୍ଥଳାନଳ ଆକାଶରେ ପୁରି ଚାରିଖାନ ବୋଲାଇଲେ ।୧।

ଶାନ୍ତି ଶୀଳ ଦୟା କ୍ଷମା ଏହି ଚାରି ଅନାମରୁ ହେଲେ ଜାତ ।

ଚାରି ଧର୍ମ ବୋଲାଇଲେ ଚଉଦଗେ ପୁରି ରହିଲେ ଜଗତ ।୨।

ଦୁଗ୍ଧ ମଧୁର କଷା ପିତା ଅମ୍ଳିଳ ଅନାମରୁ ଜନ୍ମ ହୋଇ ।

ସର୍ବ ବ୍ୟାପିତ ହୋଇ ଅଣ୍ଟି ରହିଲେ ସ୍ୱଭାବମାନଙ୍କୁ ବହି ।୩।

ଅନାମରୁ କ୍ଷୀର ନୀର ଜନ୍ମ ହେଲା ତହିଁ ଉପୁଜିଲା ମଞ୍ଜି ।

ଧାନ୍ୟଫଳ ବୋଲି ନାମ ବୋଲାଇଲା ଆଧାରକୁ ଦେଲେ ଖଞ୍ଜି ।୪।

ଅଷ୍ଟରତ୍ନ ଧାତୁ ଜନମ ହୋଇଲା ଅନାମ ଭିତରୁ ଦେଖ ।

ସୁନା ରୂପା ହୀରା ନୀଳା ବୋଲାଇଲା ମଣ୍ଡନ ହୋଇଲେ ଲୋକ ।୫।

ରସ ବାସ ଗନ୍ଧ କସ୍ତୁରୀ କର୍ପୂର ଅନାମୁଁ ହୋଇଛି ସବୁ ।

ଦେଖ ସୁଜ୍ଞ ସାଧୁ କେମନ୍ତ ମହିମା ଭିଆଇ ଅଛନ୍ତି ପ୍ରଭୁ ।୬।

ଝୀନ ବସ୍ତ୍ର ପାଟ ପଟନୀ ସହିତେ ଅନାମରୁ ହେଲେ ସର୍ବେ ।

ପିଣ୍ଡ ବ୍ରହ୍ମାଣ୍ଡ ଯେତେବେଳ ନ ଥିଲା ଏ ଆଦି ନ ଥିଲେ ପୂର୍ବେ ।୭।

ଅଶେଷ ରଞ୍ଜନା ଗୁରୁ କରିଛନ୍ତି ଆଉ ଜଣେ କେ ନ ରଞ୍ଜି ।

ଅନେକ ପଦାର୍ଥ ବ୍ରହ୍ମାଣ୍ଡ ଭିତରେ ଭିଆଇଣ ଦେଲେ ସଞ୍ଜି ।୮।

ହାକିମ ହୁକୁମ ଏ ରାଜା ପରଜା ସର୍ବ କରିଛନ୍ତି ଗୁରୁ ।

ତେଜ ରଜ ଧନ ଦ୍ରବ୍ୟ ବାଡି ବୃତ୍ତି ଜାତ କରି ଅନାମରୁ ।୯।

ଛପ୍ପନକୋଟିକି ଛପ୍ପନକୋଟି ପ୍ରକୃତି ବସାଇଲେ ଏକେ ଏକେ ।

ସମସ୍ତେ ଏକ ଭାବ ହୋଇ ରହିଲେ କେ ନ ପାଇବାକୁ ଠିକେ ।୧୦।

ମନ ପଞ୍ଚଭୂତୁ ହୃଦରେ ରହିଲା ବାଣ୍ଟିଲା ଅଶେଷ କଥା ।

ତହିଁର ପାଖକୁ ସାହାପକ୍ଷ ଦେଲେ ପଚିଶ ପ୍ରକୃତି ଲତା ।୧୧।

ହାକିମ ହୁକୁମ ଯେତେ ଏ ଅଛନ୍ତି କାହାରି ନୁହଇ କିଛି ।

ମୋହ ମୋହ ବୋଲି ଅଜ୍ଞାନ ମତରେ ହେଉଛନ୍ତି ଟାଣି ଘିଞ୍ଚି ।୧୨।

ମାରିଗଲେ କେହି କିଛି ନ ନେବାକୁ ଅରଜି ଅଛନ୍ତି ଯେତେ ।

ତେତେବେଳେ ଆଉ କେହି ନ ଗଛନ୍ତି ଯାଉଛନତି ତୁଚ୍ଛା ହସ୍ତେ ।୧୩।

ଆସୁଅଛି ଏକା ଯାଉଅଛି ଏକା କେହି ନୁହନ୍ତି କାହାର ।

ବାମ ଡାହାଣରେ କେହି ନ ଲୟନ୍ତି ଘଟୁ ହୋଇଲେ ବାହାର ।୧୪।

ସାଧୁ ସୁଜ୍ଞଜନେ ଏହିପରି ପନ୍ଥା ସଂସାର ସାଗର ଅଟେ ।

ଘଟ ଥିବା ଯାଏ ତ୍ରିଗୁଣର ମାୟା ଜୀବ ବନ୍ଧନ ନ ତୁଟେ ।୧୫।

ଏଥିକି ଚାହିଁ ବିଚାର ସୁଜ୍ଞଜନେ ଦେଖ ତ ମାୟାର ରୀତି ।

ସକଳ ମାୟା ତ୍ରିଗୁଣରେ ବନ୍ଧନ ଘଟଣା ହୋଇଛି ପୃଥୀ ।୧୬।

ସାର ଅସାର ସମାନରେ କରିଛି କାହାକୁ ତେଜିବ ଦେଖ ।

ସଦବୁଦ୍ଧି ଜ୍ଞାନ ହୃଦରେ ବିଚାରି ମନରେ କର ବିବେକ ।୧୭।

ଯୋଗ ଭୋଗ ଦୁହେ ସମାନ ଅଟନ୍ତି କାହାର ପକ୍ଷରେ ଯିବ ।

ବିଷ ଅମୃତ ବେନି ଭାଗ କରିଛି କେବଣ ଭାବକୁ ନେବ ।୧୮।

ସାଧୁ ସୁଜ୍ଞଜନ ନ୍ୟାୟ କର ତୁମ୍ଭେ ବେନି ପକ୍ଷକୁ ବିଚାରି ।

ବେନି ଭାଗ ଯାକ ଏକ ଠାବେ ଅଛି ଯାହା ଗୁଣ ଯେଉଁପରି ।୧୯।

ବେନି ଭାଗ ଗୁଣ ତୋଳିନ ପାରିଣ ପଡିଅଛି ସିନ୍ଧି ମଧ୍ୟେ ।

ଧରି ଗୁରୁପାଦ ଭଣେ ଭୀମ କନ୍ଧ ଷୋଡ଼ଦଶଶତ ପଦେ ।୨୦।

## ଏକାଅଶୀ ବୋଲି

ଏଥୁ ଅନନ୍ତରେ ଶୁଣ ସୁଜ୍ଞଜନେ ଅଲେଖ ମହିମା କଥା ।

ମହାବ୍ରହ୍ମ ସେ ଯେ ଅଲେଖ ପୁରୁଷ ଅତି ଉଲୋକିତ ପନ୍ଥା ।୧।

ଅନାମିକା ବ୍ରହ୍ମ ଅକ୍ଷର ନ ବସେ ନ ଲଗାଇ ଶାସ୍ତ୍ର ବେଦ ।

ଏକ ବ୍ରହ୍ମପାଦ ଦିପାଦ ନୁହଇ ନ ଚଳେ ଅର୍ଥ ସଂମ୍ବଦ ।୨।

ଅରୂପ ବ୍ରହ୍ମ ସେ ରୂପ ବର୍ଣ୍ଣ ନାହିଁ ନ ଦିଶଇ ବର୍ଣ୍ଣ କାନ୍ତି ।

ଅକଳ ସାଗର ବ୍ରହ୍ମ ଅଟେ ସେହି ମହିମା ତା ଅଣଶ୍ରୁତି ।୩।

ନିଷ୍କାମ ବ୍ରହ୍ମ ସେ କାମ ନାହିଁ ଅଙ୍ଗେ ନାହିଁ ତାର ଇନ୍ଦ୍ରି ଅଣ୍ଡ ।

ଖୋଲ ପୋଲ ନାହିଁ ନିମୋହ ପୁରୁଷ ନ ଲାଗଇ ମାୟା ଦଣ୍ଡ ।୪।

ସେ ବ୍ରହ୍ମକୁ ଯେହୁ ଭଗତି କରିବ ପିଣ୍ଡ ପ୍ରାଣେ ଆଶା ନାହିଁ ।

ଆଶା ରଖିଥିବେ ଫଳ ନ ଫଳଇ ଭଜିବାର ବୃଥା ହୋଇ ।୫।

ନିଷ୍କାମ ପୁରୁଷ କାମନା ନୁହଇ ସକାମ ତହିଁ ନ ଚଳେ ।

ନିଷ୍କାମ ହୋଇ କର୍ମ ଯେବେ କରିବ ନିର୍ଗୁଣରେ କର୍ମ ଫଳେ ।୬।

କାମନାକୁ ଇଛି ସକାମେ ଭଜିଲେ ନାହିଁ କିଛି ତହିଁ ଲାଭ ।

ସେବା ଭକ୍ତି ଧର୍ମ କିଛି ନୁହେ ତାର ଗୁରୁପାଦକୁ ଅଯୋଗ୍ୟ ।୭।

ଅରୂପ ବ୍ରହ୍ମ ସେ ରୂପରେଖ ନାହିଁ ରୂପେ ନ କର ଭଜନା ।

ରୂପ ବର୍ଣ୍ଣକୁ ଚାହିଁ ଯେବେ ଭଜିବ ସବୁ ବ୍ୟର୍ଥ ହେବ ସିନା ।୮।

ନିଷ୍କାମ ବ୍ରହ୍ମକୁ ଯେବେ ଆଶ୍ରା କଲ ଆପଣେ ନିଷ୍କାମ ହୁଅ ।

ଗୁରୁ ଆଜ୍ଞା ବହି ସକାମେ ପଡିଲେ ହୋଇବ ବ୍ରହ୍ମରେ ଦ୍ରୋହ ।୯।

ଅରୂପ ବ୍ରହ୍ମକୁ ଭଜିବ ଯେମନ୍ତେ ଅରୂପରେ କର ସେବା ।

ଶୂନ୍ୟ କର୍ମରେ ଆକାର ଲଗାଇଲେ ନିଶ୍ଚେ ଅପରାଧି ହେବା ।୧୦।

ଅଭୟ ପାଦ ସେ ଭୟ ଭ୍ରାନ୍ତି ନାହିଁ ଆପଣେ ହୁଅ ନିର୍ଭଏ ।

ଅଭୟ ଭବିରେ ଭୟ ଭ୍ରାନ୍ତି କଲେ ଗୁରୁପାଦେ ଦ୍ରୋହ ପାଏ ।୧୧।

ଅକଳ୍ପଣା ପ୍ରଭୁଙ୍କୁ ଭଜିବ ଯେମନ୍ତେ କଳ୍ପନା ନ କର ଚିତ୍ତେ ।

କଳ୍ପଣା ଭକ୍ତି କଲେ ମାଡ଼ ଖାଇବ ଅଦ୍ଭୁତ କାଳର ହସ୍ତେ ।୧୨।

ସତ୍ୟ ପୁରୁଷକୁ ଭଜିବ ଯେମନ୍ତେ ସତ୍ୟ କାହା ନାହିଁ ମିଛ ।

ସତ୍ୟପାଶେ ଯେବେ ଅସତ୍ୟ କହିବ ଆପଣେ ହେବ ମେଳଛ ।୧୩।

ଅହିଂସା ଧର୍ମକୁ ଆଶ୍ରା ଯେବେ କଲ ଅହିଂସାରେ କର ଦୃଢ ।

ଗୁରୁ ସେବା କରି ହିଂସାବାଦୀ ହେଲେ ଶୂନ୍ୟରୁ ପଡିବ ମାଡ଼ ।୧୪।

ଧର୍ମ ପୁରୁଷକୁ ଅନୁସର କଲେ ଧର୍ମାଦି ପଥରେ ଚାଲି ।

ଧର୍ମରେ ଥାଇ ଅଧର୍ମ ବୁଦ୍ଧି କଲେ ଭକ୍ଷି ପକାଇବ କାଳ ।୧୫।

ଅନାମ ପ୍ରଭୁ ସେ ନାମରେ ନ ଭଜ ଅନାମେ କର ଆସରା ।

ମାୟା ରଞ୍ଜନା ମନରେ ବିସ୍ତାରିଲେ ମାୟା ମୋହେ ଯିବ ମାରା ।୧୬।

ଅକ୍ଷଏ ବ୍ରହ୍ମ ସେ କ୍ଷଏ ବୁଦ୍ଧି ନାହିଁ ଅକ୍ଷଏ କର୍ମରେ ଧର ।

କ୍ଷଏ ପଥ ଯେବେ ମନେ ବିଚାରିବ ବହିବ ପାତକଭାର ।୧୭।

ଅମର ବ୍ରହ୍ମ ସେ ମରଣ ନୁହଇ ଅମର କର୍ମରେ ରହ ।

ମୃତ୍ୟୁ ଦୋଷ କର୍ମ କରିବ ଯେମନ୍ତେ ଟଳିଯିବ ନିଜ ଦେହ ।୧୮।

ନିକଳଙ୍କ ବ୍ରହ୍ମ କଳଙ୍କ ନୁହଇ ଭଜ ନିରିମଳ ଚିତ୍ତେ ।

ନିର୍ମଳ ଭକ୍ତିରେ ଗୋଳିଆ ରଞ୍ଜିଲେ ମିଶିବ ବାବନା ଭୂତେ ।୧୯।

ସୁଜ୍ଞାନୀ ପଣ୍ଡିତ ଜନ ସାଧୁସନ୍ଥ ଗୁରୁଭକ୍ତି ଆଶ୍ରା କର ।

ଭଣେ ଭୀମ ଭୋଇ ଗୁରୁପାଦ ଧାୟୀ ନିଶ୍ଚଏ ହେବ ଅମର ।୨୦।

## ବୟାଅଶୀ ବୋଲି

ଅନ୍ତରଯାମୀନୀ ଭଜିବ ଯେମନ୍ତେ ଅନ୍ତ ପିତ ଶୁଦ୍ଧ କର ।

ମନର ମଳିନ ରହିବ ଯେମନ୍ତେ ପଡିବ ଦେବୀ ଖପର ।୧।

ଖପରୁ ପାରି ହୋଇଯିବ ଯେମନ୍ତେ ମାଟି ଖପରରେ ଭୁଞ୍ଜ ।

ଅଲେଖ ଅଲେଖ ବୋଲି ନିରନ୍ତର ମହିମା ସାଂଗରେ ମଜ୍ଜ ।୨।

ଅଲେଖର ଭକ୍ତ ଗୋଟା ଏକ ସିନା ଦୁଇଟା ତିନିଟା ନାହିଁ ।

ଛପ୍ପନ କୋଟି ଜୀବ ଗୋଟାକରେ ଯାନ୍ତି ତାହାର ଗର୍ଭେ ସମ୍ଭାଇ ।୩।

ସତ୍ୟ ଧର୍ମ ଧର ସତ୍ୟ କର୍ମ କର ସତ୍ୟେ କର ଗୁରୁ ସେବା ।

ପ୍ରସନ୍ନ ହୋଇବ ଅଲେଖ ଦେବତା ନିଶ୍ଚୟ ମୁକତି ଦେବା ।୪।

ସତ୍ୟରେ ସ୍ନାହାନ ସତ୍ୟରେ ମାର୍ଜନ ସତ୍ୟରେ କର ଭୋଜନ ।

ସାତ୍ୱିକ କର୍ମରେ ସେ ଅଲେଖ ଦିଅ ନିଶ୍ଚଏ ହେବ ପ୍ରସନ୍ନ ।୫।

ସତ୍ୟରେ ଶୋଇବ ସତ୍ୟରେ ବସିବ ସତ୍ୟେ କର ଫନ୍ଦାଦୃତ୍ତ ।

ମହିମା ଭଜିବା ଲୋକମାନେ ଯେତେ କର ଏହି ଧର୍ମ କୀର୍ତ୍ତି ।୬।

ସତ୍ୟରେ କହିବ ସତ୍ୟେ ରହିଥିବ ସତ୍ୟରେ ଯିବ ଆସିବ ।

ସତ୍ୟ କର୍ମର ଯେତେ କୀରତିମାନ ଯୁଗେ ଯୁଗେ ରହିଥିବ ।୭।

ଦୋଷ ଅପରାଧ ହାନି ଲାଭ ଯେତେ ଗୁରୁଙ୍କ କହିବ ସବୁ ।

କପଟ ରଖିଣ ନ କହିବ ଯେବେ ଅବଶ୍ୟ ଦଣ୍ଡିବେ ପ୍ରଭୁ ।୮।

ହୃଦୟ ନିର୍ମଳ ମନ ହିଁ ନିର୍ମଳ ହୋଇଥିବ ସଦା କାଳ ।

ଅନ୍ତର୍ଗତେ କପଟ ନ ରଖିଲେ ସେ ଅଟଇ ଗଙ୍ଗାଜଳ ।୯।

ଗୁରୁଙ୍କ ଭଗତି କରିବ ଯେ ଜନ ଏପରି ମାର୍ଗରେ ରହ ।

କାମ କ୍ରୋଧ ଲୋଭ ମୋହ ତେଜ୍ୟା କରି ସତ ଶାନ୍ତି ଦୟା ବହ ।୧୦।

ଧୀର ସମୀର ଶୀତଳ ହେଲେ ଯାଇ ମହିମା ଭଜନ ଶୁଦ୍ଧ ।

ପିଣ୍ଡ ବ୍ରହ୍ମାଣ୍ଡ ଅନୁଭବରେ ତୋଳି ଯେମନ୍ତେ କରିବ ଭେଦ ।୧୧।

ଅମନ ପରୁଷ ଅଟଇ ସେ ବ୍ରହ୍ମ ଅମନରେ ଆଶ୍ରା କର ।

ଅମନ ଭିତରେ ମନ ଗଳାଇଲେ ଜାଣିବ ମହିମା ତାର ।୧୨।

ଅଗାଧ ମହିମା ଅନିଳ ସାଗର କଳିବାକୁ ଶକ୍ୟ ନାହିଁ ।

ନରଦେହ ବହି ବ୍ରହ୍ମଦେହୀ ହେଲେ ଆଦି ଅନ୍ତ ନ ମିଳଇ ।୧୩।

ଅଲେଖ ମହିମା ନାମକୁ ଭଜିଲେ ଧର କର୍ମଯୋଗ ଦଣ୍ଡ ।

ଗୃହରେ ଯେମନ୍ତେ ଶୋଇବ ନିଶାରେ ବାହାରେ କରିବ ମୁଣ୍ଡ ।୧୪।

କଞ୍ଚା ଭଗତି ନ କର ଗୁରୁପାଦେ ସଚ୍ଚା ହୁଅ ମନ ମଧ୍ୟେ ।

ସକଳ ସ୍ୱଭାବ କର୍ମକୁ ତେଜିଣ ଧ୍ୟାନ କର ନିରବେଦେ ।୧୫।

ଅଶ୍ରୁତି ଅମୂର୍ତ୍ତି ଅଟଇ ସେ ବ୍ରହ୍ମ ପେଲି ପଶିଲେ ଝସାଇ ।

ନେତ୍ରରେ ଚାହିଁବି ବୋଇଲେ ନ ଦିଶେ ଯାର ନାହିଁ ନାଇଚାଇ ୧୬।

ଏ କଳିଯୁଗରେ ଅନ୍ୟ ନାମ ନାହିଁ ଅଲେଖ ମହିମା ସାର ।

ସକଳ ବିଷୟ ହୃଦରୁ ନିବାରି ବେଳ ଥାଉଁ ଆଶ୍ରେ କର ।୧୭।

ମହାଶକ୍ତି ବ୍ରହ୍ମ ଅଟେ ସେ ପୁରୁଷ ନ ପାରିଲେ ଯିବ ଛାଡ଼ି ।

ହୃଦୟ ପଦ୍ମେ ଅଳପ ବିଚାରିଲେ ପାପରେ ମରିବ ବୁଡ଼ି ।୧୮।

ଜ୍ଞାନୀଜନମାନେ ମନେ ହେତୁ କର ବ୍ରହ୍ମର ଏକ ପାଦକୁ ।

ଗମିତ ଗମିତ ଘୁମି ଯାଉଛନ୍ତି ଏ ସଂସାରେ ଦେଖୁ ଦେଖୁ ।୧୯।

ଏ ଧର୍ମରେ ତୁମ୍ଭେ ଯେତେ ପ୍ରାଣୀ ଅଛ ଆସ ସମସ୍ତେ ଭଜିବା ।

ଗୁରୁପାଦ ଧ୍ୟାୟି କହେ ଭୀମ ଭୋଇ ଭବାର୍ଣ୍ଣବୁ ତରିଯିବା ।୨୦।

* * * *

## ତେୟାଶୀ ବୋଲି

ସତ୍ୟ ଧର୍ମେ ଗୁରୁ ସେବା ଯେ କରିବ ଛାଡ଼ି ଛାଡ଼ି ଗୃହବାସ ।

ଆପଣା ପିଣ୍ଡ ପ୍ରାଣେ ଆଶା ନ ରଖି ଗୁରୁପାଦେ କର ଆଶ ।୧।

ଆପଣା କାମ କ୍ରୋଧ ଲୋଭ ମୋହର ଜ୍ଞାନରେ କର ଆୟତ୍ତ ।

ହିଂସା କପଟ ଛନ୍ଦ ବାଦ କୁଟିଳ ନିବାରି କର ଦୁରନ୍ତ ।୨।

ରାଗ ଈର୍ଷା ତମ ଅହଂକାର ଯେତେ ଏହାକୁ ଆୟତ୍ତ କର ।

ଏହି ଘର ସମସ୍ତେ ରହି ଅଛନ୍ତି ସଦଜ୍ଞାନରେ ବିଚାର ।୩।

ପର ଖଚ ମିଛ ନ ଧରିବ ମନେ ନାଶ ବାଟରେ ନ ଥିବ ।

ଅନ୍ତ ମୁଖରେ ନିରତେ ସତ୍ୟ କହି ତେବେ ସନ୍ୟାସ ହୋଇବ ।୪।

ଆପଣା ଦାରା ଧନ ସୁତ ବିତ୍ତକୁ ମନେ ନ ଧରିବ ଆଶା ।

ପର କହିଲା ବଚନେ ପ୍ରତେ ଯାଇ ନ କର ଚିତ୍ତେ ଭରସା ।୫।

ଆପଣା ବନ୍ଧୁ ବାନ୍ଧବ ବାପ ଭାଇ ନ ବୋଲିବ ମୋର ମୋର ।

ଦେଖ ଅନିତ୍ୟ ସଂସାର ମାୟା ମୋହ କେହି ନୁହନ୍ତି କାହାର ।୬।

ପର ସ୍ତିରୀ ପର ଦ୍ରବ୍ୟକୁ ଦେଖିଲେ ନ ବଳାଇବ ପ୍ରକୃତି ।

ଏକପାଦ ବ୍ରହ୍ମ ଗୁରୁ ସେବା କଲେ ତେବେ ବୋଲାଇବ ଯତି ।୭।

ଗୁରୁ ପୟରେ ବିଶ୍ୱାସ ରଖିଥିବ ନୋହିବ ଆନରେ ସଙ୍ଗ ।

ପିଣ୍ଡ ପ୍ରାଣକୁ ହେତୁ ଘରେ ରହିଲେ ତେବେ ନ ଟଳିବ ଅଙ୍ଗ ।୮।

ଯୋନିର ଜନ୍ମ ବାସନା ଅଙ୍ଗେ ଥିଲେ ପାଇ ନୁହେ ବ୍ରହ୍ମ ଜ୍ଞାନ ।

ନିରନ୍ତରେ ଗୁରୁ ସେବାରେ ଖଟିଲେ ଅଖଣ୍ଡିତ ବ୍ରହ୍ମେ ଲୀନ ।୯।

ଦେବା-ଖପରୁ ଉଧାର ହେବ ଯେବେ ମାଟି ଖପରାରେ ଭୁଞ୍ଜ ।

ସ୍ତିରୀଲିଙ୍ଗ ନେତ୍ରେ ଦେଖିବ ଯେମନ୍ତେ ମାତା ବୋଲି ମାନ୍ୟ ଖଞ୍ଜ ।୧୦।

ଅବିକାର ମତ ପଞ୍ଚଭୂତେ କର ଏକାଙ୍ଗ ବ୍ରହ୍ମକୁ ଚିହ୍ନି ।

ସକଳ ଜୀବ ସମାନରେ ଦେଖିବ ତେବେ ହେବ ବ୍ରହ୍ମଜ୍ଞାନୀ ।୧୧।

ଜନ୍ମ ମରଣକୁ ଭୟନ  କରିବ ମୁରୁଛି ଥିବ ଆଦ୍ୟରୁ ।

ପିଣ୍ଡକୁ ମୋର ମୋର ନାହିଁ ବୋଳିବ ଯାହା କରିଯିବେ ଗୁରୁ ।୧୨।

ନିରନ୍ତରେ ଅଣଛିଡି ଆଚରିବ କାହାଠାରୁ ନାହିଁ ସାଥି ।

ଏକପାଦକୁ ହୃଦେ ଯେବେ ଭାବିବ ଲଭିବ ପରମ ଗତି ।୧୩।

ଦିବା ନାଶିରେ ଉଦାସ ମତେ ଥିବ ବାତୁଳ ପରାଏ ହୋଇ ।

ବାଳକ ମତେ ଯେବେ ଭ୍ରମି ପାରିବ ତେବେ ବ୍ରହ୍ମ ଭେଟ ପାଇ ।୧୪।

ମେଦିନୀ ପ୍ରାଏ ଦେହ ସାହି ରହିବ ନିନ୍ଦା ସ୍ତୁତି ଗାଳି ଶୁଣି ।

ଶୀତ ଗ୍ରୀଷମ ବରଷା ଅଙ୍ଗେ ସହି ତେବେ ବୋଲାଇବ ଜ୍ଞାନୀ ।୧୫।

ସମୁଦ୍ର ପ୍ରାଏ ଗଭୀର ବୁଦ୍ଧି ଥିବ ଉଶ୍ୱାସ ନୋହିବ କେଭେ ।

ପ୍ରସନ୍ନ ହୋଇଣ ସଦଗୁରୁ ପିତା ଯାହା ଆଜ୍ଞା ଦେଇଥିବେ ।୧୬।

ଘଟ ଭେଦରେ ଫନ୍ଦା ବୃତ୍ତି କରିବ ଅନ୍ୟ ଫନ୍ଦା ନାହିଁ କାର୍ଯ୍ୟ ।

ବ୍ରହ୍ମଜ୍ଞାନକୁ ତେବେ ଲଭି ପାରିବ ଅନୁଭବ ମାର୍ଗେ ହେଜ ।୧୭।

ଧୀର ସମୀର ହୃଦୟରେ ବହିବ ନ ପାଞ୍ଚିବ ଛିଦ୍ର ବୁଦ୍ଧି ।

ପ୍ରକୃତିଗଣେ ଯେବେ ସଙ୍ଗ ହୋଇଲେ ଏ ପିଣ୍ଡ ନୁହଇ ସିଦ୍ଧି ।୧୮।

ଦିହ୍ୱା ଇନ୍ଦ୍ରି ନାଶୁଛନ୍ତି ଏ ଜୀବକୁ ସମ୍ଭାଳିବ ତତ୍ତ୍ୱ କରି ।

ଅଖଣ୍ଡ ମହାବ୍ରାହ୍ମ ପଦ୍ମପାଦକୁ ଦୃଢବନ୍ଧେ ଥିବ ଧରି ।୧୯।

ମହାବ୍ରାହ୍ମକୁ ମୁଁ ଆଶା କରି କରି ଧରି ନ ପାରୁଛି ପାଦ ।

ଭଣେ ଭୀମଭୋଇ ଗୁରୁ ପାଦ ଧାୟି ନ ପାଉଛି ଅନ୍ତ ଆଦ୍ୟ ।୨୦।

## ଚୌରାଶୀ ବୋଲି

ସ୍ତିରୀ ତଇଳକୁ ନିଷେଧ କରିବ ହସ୍ତରେ ଛୁଇଁବ ନାହିଁ ।

କର୍ମଯୋଗରେ ଅକର୍ମ ସେ ବୋଲାଇ ବ୍ରହ୍ମମତ ତୁଟି ଯାଇ ।୧।

ସନ୍ୟାସର ମତେ କର୍ମଦଣ୍ଡ ପଥେ ବୋଲାଇବ ବ୍ରହ୍ମଚାରି ।

ଯତି ମତେ ଥିବ ଚିତ୍ତେ ନ କଳ୍ପିବ ନେତ୍ରେ ନ ଚାହିଁ  ନାରୀ ୨।

ଯଦ୍ୟପି ଚାହିଁବ ଭିକ୍ଷା ଦେବା କାଳେ ମୁଖେ ନାହିଁ ପାଦେ ଦୃଷ୍ଟି ।

ଆପଣା ମାତା ପରାଏ ମଣିଥିବ ତେବେ ଯାଇ ତପନିଷ୍ଠୀ ।୩।

ପରଷିଲା ବେଳେ ଉତ୍ତର ନ ଦେବ ମଥା ପୋତି ଥିବା ରହି ।

ସେ ପରଶୀ ଯାହା ଧର୍ମପଣେ ଦେବ ସନ୍ତୋଷ ଘେନିବ ତାହି ।୪।

ପଥ ଚାଲିଥିଲେ କାହିଁ ନ ଚାହିଁବ ପାଦ ଆଗ୍ରେ ଦୃଷ୍ଟି ଥିବ ।

ଜନ୍ମ ମରଣକୁ କାଟି ଯେବେ ପାର ଯୋଗୀପୁତ୍ର ବୋଲାଇବ ।୫।

କର୍ଣ୍ଣରେ ପତିତ ମାୟା ବସିଅଛି ଶୁଣିନ କମ୍ପିବ ଦେହ ।

ବିନ୍ଦୁନାଦ ଦେହ ଅଟଳ ହୋଇଲେ ବୋଲାଇବ ଯୋଗୀପୁଅ ।୬।

ବେନି ନେତ୍ରେ ଲୋଭ ମାୟା ବସିଅଛି ଦେଖି ନ କରିବ ପାଞ୍ଚ ।

ଯୋଗୀପୁତ୍ର ହୋଇ ଭୋଗକୁ କଳ୍ପିଲେ ଜନ୍ମ ତାର ହେଲା ମିଛ ।୭।

ନାସାରେ ବାସନା ମାୟା ବସିଅଛି ଗନ୍ଧେ ନ କରିବ ଶ୍ରଦ୍ଧା ।

ସୌରଭ ବାସନା ବୋଲି ଦେବା ମାତ୍ରେ ଲାଗୁଅଛି ପାପବାଧା ।୮।

ଜିହ୍ୱାରେ ଗ୍ରହଣ ମାୟା ବସିଅଛି ସୁସ୍ୱାଦ ମଣିବ ନାହିଁ ।

ଯୋଗୀମାନଙ୍କର ଲକ୍ଷଣ ନୁହେ ସେ ଦେହ ବଞ୍ଚାଇବ କାହିଁ ।୯।

ଇନ୍ଦ୍ରିରେ ଅନଙ୍ଗ ମାୟା ବସିଅଛି ନ କଳ୍ପିବ ସ୍ତିରୀ ରୂପ ।

ନିଃସଙ୍ଗୀ ହୋଇ ଯେବେ ସଙ୍ଗ କଳ୍ପିଲେ ଲାଗେ ଅପମୃତ୍ୟୁ ପାପ ।୧୦।

ମାୟା ହୋଇ ଯେତେ ହୃଦେ ନ କଳ୍ପିବ ମନେ ନ ଧରିଛ କିଛି ।

ଦ୍ରୋହ ହୋଇଗଲେ ଅଦ୍ଭୁତ ମରଣ ଶାହାସ୍ତ୍ରରେ ଲେଖୁଅଛି ।୧୧।

ଦିଗମ୍ବରୀ ହୋଇ ଦିଗାମ୍ବର ଭାବେ ପ୍ରଚରିଲେ ସିନା ହେବ ।

ଯୋଗୀ ହୋଇ ଯୋଗ ଲକ୍ଷଣେ ରହିଲେ ବ୍ରହ୍ମଅଙ୍ଗୀ ବୋଲାଇବ ।୧୨।

ବ୍ରହ୍ମ ପଇଚାନେ ଦିବା ନିଶି ଥିବ ଗୁରୁପାଦ ରଖି ଚିତ୍ତେ ।

ଇଷ୍ଟ ଧର୍ମ ପାଳି ସତ୍ୟ ଭାଷୁଥିବ ତେବେ ହେବ ନିଜ ଭୃତ୍ୟ ।୧୩।

ଆପଣା ଘଟକୁ ନିରନ୍ତରେ ଭେଦି ପିଣ୍ଡ ବ୍ରହ୍ମାଣ୍ଡ ତୋଳିବ ।

ଆପଣା ମନ ଧାନର ଯୋଗେ ପଶି ଘଟ ଭିତରେ ବୁଲିବ ।୧୪।

ଶରୀର ଭେଦେ ସର୍ବ ତୀର୍ଥ କରିବ ପଥଶ୍ରମ ହେବ ନାହିଁ ।

ଯୋଗୀପୁତ୍ର ହୋଇ ବାହାରେ ଭ୍ରମିଲେ ତା ତହୁଁ ଅଜ୍ଞାନ ନାହିଁ ।୧୫।

ପିଣ୍ଡ ବ୍ରହ୍ମାଣ୍ଡକୁ ଭେଦିନ ପାରିଲେ ଯୋଗୀ ପଣ ଅକାରଣ ।

ଦୁନିଆ ଦୋରଙ୍ଗୀ ପରାଏକ ହୋଇ ବିଅର୍ଥେ ଯାଇଣ ଦିନ ।୧୬।

ସନ୍ନ୍ୟାସ ହୋଇ ଜୀବକୁ ହିଂସା କଲେ ତିନିପୁର ହୋଏ ଲଜ୍ଜା

ସମସ୍ତେ ତାକୁ ଉପହାସ କରନ୍ତି ରାଜା ବ୍ରହ୍ମାଣ୍ଡେ ଅପୂଜା ।୧୭।

ବୈଷ୍ଣବ ହୋଇ ମତିଭ୍ରମ ନୋହିବ ରଖିଥିବ ଶ୍ରୋତା ହେତୁ ।

ପଞ୍ଚଭୂତରେ ବ୍ରହ୍ମକୁ ଲଏ କଲେ ତେବେ ପାଇ ଜ୍ଞାନ ତତ୍ତ୍ୱ ।୧୮।

ଦିଗାମ୍ବରମାନେ ଏମନ୍ତ ଲକ୍ଷଣ ଆଚାର ମତରେ ଥିବ ।

ମାୟା ପାପ ପସରାକୁ ବୋଝ କରି ହୃଦପଦ୍ମେ ନ ବୋହିବ ।୧୯।

ବ୍ରହ୍ମର ଚରଣ ହୃଦରେ ଆଧାନ କରୁଥିବ ନିରନ୍ତରେ ।

କହେ ଭୀମ ଭୋଇ ଯୋଗୀପୁତ୍ର ଯେତେ ଥିବ ନିଷ୍କାମ ଧର୍ମରେ ।୨୦।

**ପଞ୍ଚାଶୀ ବୋଲି**

ଗୃହ ଧର୍ମ ମାର୍ଗେ ଭଜି ଯେ ପାଇବ କାହିଁ ବ ତହିଁର ବାଟ ।

ବିହିତ ଧର୍ମେ ଥାଇ ଭଜି ପାରିଲେ ଅଛି ମୁକତି ନିକଟ ।୧।

ଆପଣା ପିଣ୍ଡ ପ୍ରାଣ ଦାନ କରିବ ସଦଗୁରୁଙ୍କର ପାଦେ ।

ଦାରାସୁତ ବିତ୍ତ ସକଳ ସମର୍ପି ରହିବ ମନ ଆନନ୍ଦେ ।୨।

ଆପଣା ଭାଇ ଭଗ୍ନୀ ଗ୍ୟାତି ବାନ୍ଧବ ସକଳ ଦେଇ ।

ପାଇଲ ବୋଲି ସତ୍ୟ ସତ୍ୟ କହିବ ମନରେ ଆନନ୍ଦ ହୋଇ ।୩।

ଆପଣା ବୃତ୍ତି ଦୁଃଖ ସୁଖ ଫନ୍ଦାକୁ ଗୁରୁ ଶ୍ରୀଚରଣେ ଦେବ ।

ଘର ଦ୍ୱାର ଆଦି ସକଳ ସମର୍ପି ଦାସପଣେ ଯୋଗାଇବ ।୪।

ଦାସ ଦାସୀ ହୋଇ ସଦଗୁରୁଠାରେ ଦାନା ପାଣି ଅନୁସରି ।

ସଦା ସର୍ବଦା ସମର୍ପି ହେଉଥିବ ତ୍ରାହି ବୋଲି କରି ।୫।

ଭାତ ବିତ୍ତ ଚିତ୍ତ ବୃତ୍ତି ଆଦିକରି ଚିନ୍ତା ଅର୍ଥ ଲାଭ ହାନି ।

ଆପଣା ହୃଦରୁ କଳ୍ପନା ଛଡାଇ ନିଷ୍କାମ ହୋଇବ ପୁଣି ।୬।

ଯେଉଁ ବୃତ୍ତି କଲେ ଗୁରୁ ସୁମରିବ ପାଦତଳେ ଭରା ଦେଇ ।

ଏ ବୃତ୍ତିର ଯାହା ହାନି ଲାଭ ହେବ ସକଳ ବୁଝିବୁ ତୁହି ।୭।

ଗୁରୁ ସୁମରି ରତିସୁଖ କରିବ ଭରିଯାକୁ କୋଳେ ଘେନି ।

ତେତେବେଳରେ ବିରୁଦ୍ଧ ନ କରିବ ଜପୁଥିବ ନାମଧ୍ୱନି ।୮।

ତିରିଶ ଦିନେ ସ୍ତିରୀ ସଙ୍ଗ କରିବ ବେଳା ଋତୁ ମତ ଧରି ।

ଶୁଭାଶୁଭେ ପଦ୍ମେ ବୀଜ ଦାନ ଦେବା ଅମୃତ ଯୋଗ ସୁମରି ।୯।

ଋତୁ ମତରେ କିଛିହିଁ ଦୋଷ ନାହିଁ ଗୃହଧର୍ମ ବୋଲାଇଲା ।

ଗୃହ କରିବାର ଉଚିତ ପ୍ରମାଣ ବିହିତ କର୍ମକୁ ଗଲା ।୧୦।

ପ୍ରାତରୁ ଗୋମୟ ମରୀରେ ଲଗାଇ ଜଳେ କରିବ ସ୍ନାହାନ ।

ନିଶିରେ ରଜବାର୍ଯ୍ୟ ବାଧା ଯେତେକ କଟିବ ସେ ଦୋଷମାନ ।୧୧।

ସପତ ଧାତୁକୁ ସାତ ବୁଡ ପାରି ମୁଖେ ନାମକୁ ଜପିବ ।

ସାଷ୍ଟାଙ୍ଗେ ଦର୍ଶନ ଶତବାର କରି ଗୁରୁପାଦ ସୁମରିବ ।୧୨।

ଭାଇ ଭଗ୍ନୀ ପ୍ରାଏ ଦିନ ନେଉଥିବ ଋତୁମତେ ପତ୍ନୀ ପତି ।

ସାଧୁସେବା କରି ଦିନ ବଞ୍ଚୁଥିବ ବୋଲାଇବ ଯତି ସତୀ ।୧୩।

କି ଅବା ବ୍ରହ୍ମାଣ୍ଡ କି ଅବା ଚାଣ୍ଡାଳ ଅନ୍ୟ ନ କରିବ ଚିତ୍ତେ ।

ଜାତି ଗୋତ୍ର ହିଁ ନ ପଚାରିବ କିଛି ହାନି ଲାଭ ତାର ଯେତେ ।୧୪।

କିଛି ତାହାର ମନରେ ନ ଧରିବ ଉଚ୍ଚ ନୀଚ ବୋଲିକରି ।

ଗୃହଧର୍ମବିଧି ଏମନ୍ତ ପ୍ରକାର ସତ୍ୟ ଧର୍ମେ ଯାନ୍ତି ତରି । ୧୫।

ସାଧୁସେବା ବିନୁ ହୃଦରେ ତାହାର ଅନ୍ୟ ନ ଜାଣଇ କିଛି ।

ତେବେ ସିନା ଗୃହଭକ୍ତ ବୋଲାଇବ ଶାହସ୍ତ୍ରରେ ଲେଖା ଅଛି ।୧୬।

କାଞ୍ଜି ଭାଦି ବାସି ତାତିଲା ସହିତେ ଯାହା ଥିବ ତାର ଘରେ ।

ହସ୍ତେ ଘେନି ତାହା ପ୍ରବେଶ ହୋଇବ ସାଧୁଙ୍କ ଛାମୁରେ ।୧୭।

ସାଧୁଙ୍କ ସନ୍ତୋଷେ ଭୋଜନ କରାଇ କରପତ୍ର ଶିରେ ଦେଇ ।

ଗୁରୁଙ୍କ ଭଣ୍ଡାରେ ଯାହା ଅଛି ପାଅ ମୋହର ଅର୍ଜିଲା ନାହିଁ ।୧୮।

ପତିତ ଜୀବ ମୁଁ କାହିଁରୁ ପାଇବି ମୋହର ଶକତି ନାହିଁ ।

ଗୁରୁ ସିନା ଖଞ୍ଜୁଛନ୍ତି ପଡି ଭାତ ମୁଁ ଛାର ପାଇବି କାହିଁ ।୧୯।

ସାଧୁପାଦେ ସେବା ଲାଗିଥିବ ଯେବେ ସଂଶୟ ନ ଥିବ ହୃଦେ ।

ଭଣେ ଭୀମ କନ୍ଧ ମନରେ ଆନନ୍ଦ ସପ୍ତଦଶ ଶତ ପଦେ ।୨୦।

* * * *

ଛୟାଶୀ ବୋଲି

ସାଧୁଜନମାନେ ସନ୍ତୋଷରେ ଭୁଞ୍ଜି ଛାଡିଯିବେ ଅବଶେଷ ।

ଯାହା ଥିବ ପତ୍ରେ କୁଟୁମ୍ବ ସହିତେ ସଙ୍ଗୋଳି କରିବ ଗ୍ରାସ ।୧।

ସାଧୁ ଉଚ୍ଛିଷ୍ଟ ପତ୍ର ଚାଟି ଖାଇବ ମନେ ନ ଧରି ଅବଦ ।

ସମସ୍ତେ କଣିକା ଲେଖାଏଁ ପାଇବ ଯେସନେକ ପରସାଦ ।୨।

ସାଧୁ ଗୋଷ୍ଠୀଠାରୁ ଅବ୍ୟ ନ କରିବ ମୁକ୍ତି ଗଙ୍ଗଜଳ କହି ।

ପୁତ୍ର ଦୋହିତା ଭାରିଯା ସଙ୍ଗେ ଘେନି ଏକାନ୍ତ ବସିବ ଯାଇ ।୩।

ସାଧୁ ଅବଶେଷ ପାଇଣ ଆନନ୍ଦେ ଯେ ସେବେ ଚରଣାର୍ବିନ୍ଦ ।

ଅନ୍ତକାଳେ ସଦଗତିକି ଲଭଇ ଛିଡଇ ତ୍ରିଗୁଣ ବନ୍ଧ ।୪।

ଦୁଃଖ ସୁଖକୁ ସମାନ ମଣି ଥାଇ କେବେ ନୁହଇ ବିମୁଖ ।

ନାମେ ଆଶ୍ରେ କରି ଦିନ ବଞ୍ଚୁଥାଇ ବୋଲେ ଏ ମୋ ବଡ ସୁଖ ।୫।

ଯାହା ହୋଇଗଲେ ଶ୍ରୀଗୁରୁ ଜାଣିବେ ହୃଦରେ ନ ରଖି ଚିନ୍ତା ।

ଗୃହଧର୍ମେ ଥାଇ ନାମ ଆଶ୍ରେ କରି ଧଇର୍ଯ ପଣେ ଶକତା ।୬।

ଏମନ୍ତ ଭକ୍ତର ବାନ୍ଧବ ଅଟନ୍ତି ପର୍ମେଶ୍ୱର ମହା ବ୍ରହ୍ମ ।

ଅତି ଆନନ୍ଦରେ ଦିନ ବଞ୍ଚୁଥାଇ ଦିବା ନିଶି ଜପି ନାମ ।୭।

ଗୃହରେ ଥାଇ ନାମ ଆଶ୍ରିତ କଲେ ଏହି ପରକାରେ ଭଜ ।

ବିହିତ ଲକ୍ଷଣେ ଭକ୍ତିମାର୍ଗେ ଚାଲ ନ କର ମନରେ ଲାଜ ।୮।
ଭକ୍ତି ଯେ କରିବ କି ଲଜ୍ଜା ତାହାର ଲଜ୍ଜା କଲେ ନ ମିଳଇ ।
ନାମ ବ୍ରହ୍ମ ବିନୁ କିଛି ନ ଜାଣଇଁ କାହାକୁ ତା ଭୟ ନାହିଁ ।୯।
ମହାଦେବ ଶିବଙ୍କର ଦୀକ୍ଷା ନୁହେ ତହିଁରୁ ଅତି କଠୋର ।
ଅଲେଖ ମହିମା ବୋଲିବାର ପଦ ଅଷ୍ଟାଙ୍ଗଯୋଗ ଉପର ।୧୦।
ଅବତାର ବିଷ୍ଣୁଙ୍କର ଦୀକ୍ଷା ନୁହେ ତହିଁରୁ ଅଟଇ ଗାଢ ।
କୋଟି କୋଟି ବିଷ୍ଣୁ ତାଙ୍କ ତହୁଁ ଜାତ ସେଠାକୁ ନୁହନ୍ତି ବଡ ।୧୧।
ବ୍ରହ୍ମା ବେଦପତିଙ୍କର ଦୀକ୍ଷା ନୁହେ ତହିଁରୁ ଅଧିକ ଉଚ୍ଚ ।
ସୃଷ୍ଟି ହେଲା ଦିନୁ କୋଟି କୋଟି ବ୍ରହ୍ମା ଜନ୍ମ ହୋଇଛନ୍ତି ପଛ ।୧୨।
ନାଗାନ୍ତି ଯୋଗନ୍ତି ଦୀକ୍ଷା ନୁହେ ଏହୁ ତହିଁରୁ ଆହୁରି ଅଣ୍ଟ ।
ନିଷ୍କାମ ଧର୍ମ ଯେଉଁଠାରେ  କ୍ଷରୁଛି ଅଟନ୍ତି ପରା ବୈକୁଣ୍ଠ ।୧୩।
ବେଦାନ୍ତୀ ସିଦ୍ଧାନ୍ତୀ ଦୀକ୍ଷା ଧର୍ମ ନୁହେ ରହିଲାଣି କେତେ ଦୂରେ ।
ନିର୍ବେଦ ଧାରଣା ଯାହାକୁ ବୋଲନ୍ତି ଅଲେଖ ଅବନା ପୁରେ ।୧୪।
ସନ୍ଥ ମହନ୍ତଙ୍କ ଦୀକ୍ଷା ଧର୍ମ ନୁହେ ଅଛି ବହୁତ ଅନ୍ତର ।
ଦେଖା ଶିଖା ଭକ୍ତି ସେ ବ୍ରହ୍ମଠାବକୁ ନୁହଇ ସେ ବଳୀଆର ।୧୫।
ନିଶବ୍ଦ ଭୁବନ ଦୀକ୍ଷା ଧର୍ମ ଏହି ନିର୍ବେଦର ଚରାଚର ।
ଅଲେଖ ମହିମା ବୋଲନ୍ତି ଯାହାକୁ ଅରୂପ ତାଙ୍କ ଶରୀର ।୧୬।
ନିଶବଦ ଘର ଏକପାଦ ଧର୍ମ ଅଟଇ ସାତ୍ତ୍ୱିକ କର୍ମ ।
ନୁହଇ ସ୍ତିରୀ ସେ ନୁହଇ ପୁରୁଷ ଦୁଇ ବୋଲି ନୁହ ଭ୍ରମ ।୧୭।
ସେ ଠାବରେ ଆଉ ଦିବା ନିଶି ନାହିଁ ଏକଦ୍ୱ ପ୍ରକାର ବିଧି ।
ସେ ଠାବକୁ ଯେହୁ ଜନ ବଳାଇବ ଅସାଧନା ସର୍ବସିଦ୍ଧି ।୧୮।
ସାଧିବାର ବ୍ରହ୍ମ ନୁହଇ ସେ ପ୍ରଭୁ ଅନାମ ତାହାର ରୀତି ।
କାମନା କଳ୍ପନା କାହିଁ ବା ଲାଗିବ ନ ପଶି ପାରେ ପ୍ରକୃତି ।୧୯।
ଏ ଭବାର୍ଣ୍ଣବରୁ କାଢି ନିଅ ମୋତେ ଶ୍ରୀ ପାରୁଶେ ଦିଅ ବାସ ।
ଭଣେ ଭୀମ ଭୋଇ ଗୁରୁପାଦ ଧାୟୀ ଅରୂପ ବ୍ରହ୍ମର ଆଶ ।୨୦।

## ସତାଶୀ ବୋଲି

ଅରୂପ ବ୍ରହ୍ମ ସେ ରୂପ ନ ଦିଶଇ ନାହିଁ ତାର ହଇ ଛାଲ ।
ଜନମ ଦିନରୁ ଇଚ୍ଛାରେ ବଢିଛି ଆଧାର ପାଣି ନ ଖାଇ ।୧।
ପିତା ମାତା ନାହିଁ ଅଯୋନି ସମ୍ଭୁତ ନାହିଁ ରଜ ବାର୍ଯ୍ୟ ଗନ୍ଧ ।
କେ ଗଢି ନାହିଁ ଆପେ ଗଢି ହୋଇଛି ଅରୂପ ଅନାଦି କନ୍ଦ ।୨।
ଅନାମିକା ସେହୁ ନାମ ନାହିଁ ତାର ନ ବସେ ଅକ୍ଷର ପଦ ।
ଚାରି ଯୁଗ ମଧ୍ୟେ ତାହାର ମହିମା ବର୍ଣ୍ଣି ନ ପାରିଲା ବେଦ ।୩।
ଅବ୍ୟକ୍ତ ପୁରୁଷ ବ୍ୟକତ ନ ହୁଏ ବଚନ ଯହିଁରେ ନାହିଁ ।
ଅଲେଖ ମଣ୍ଡଳ ପୁର ଭବନକୁ ନିଶବେଦ ବୋଲି କହି ।୪।
ନିର୍ବେଦ ପୁରୁଷ ବେଦ ନ ଲାଗଇ ନ ପଶେ ଶବଦ ଭେଦ ।
ଅଖଣ୍ଡ ବ୍ରହ୍ମ ସେ ଖଣ୍ଡ ଖଣ୍ଡ ନୁହେ ନାହିଁ ତାର ବିନ୍ଦୁ ନାଦ ।୫।
ଜପ ତପ ମନ୍ତ୍ର କିଛି ନ ଲାଗଇ ସକଳ ଠାବରୁ ଛଡା ।
ସକଳ ପିଣ୍ଡକୁ ଗଢିଅଛି ସେହି ଆପ ଶରୀର ଅଗଢା ।୬।
ତୀର୍ଥ ବ୍ରତ ଯଜ୍ଞ ହୋମ ଲାଗଇ କ୍ରିୟା କର୍ମ ଆଦି ଛାଡି ।
ସକଳ ଜୀବ ମାୟାରେ ପଡିଛନ୍ତି ଆପଣ ମୋହେ ନ ପଡି ।୭।
ଦଶମୀ ଏକାଦଶୀ ବ୍ରତ ନ ପାଇ ନୁହଇ ତାହାର କର୍ମ ।
ବ୍ରହ୍ମକୁ ଭେଟିବୁ ବୋଲି ପ୍ରାଣୀମାନେ କରୁଛନ୍ତି ଦାନ ଧର୍ମ ।୮।
ମନ ନାହିଁ ତାର ଅମନ ପୁରୁଷ ଅମନମଣ୍ଡଳେ ବାସ ।
ଅଣ ଆକାରେ ବିହରେ ସେହି ପ୍ରଭୁ ଶୂନ୍ୟ ରୂପରେ ପ୍ରକାଶ ।୯।
ରୂପ ରେଖା ତାର ବର୍ଣ୍ଣ ଚିହ୍ନ ଆଦି ନିଗମେ ନିଗମେ ଗଲା ।

ଗମି ଭେଟିବାକୁ କାହା ଶକ୍ତି ନାହିଁ ଅଗମ୍ୟେ ଯାଇଁ ରହିଲା ।୧୦।

ସଂସାର ସାଗର କର୍ମମାନ ଯେତେ ଲାଗି ନ ପାରଇ ତାଙ୍କୁ ।

ଏ କ୍ରିୟା କର୍ମରେ କେ ଭେଟିବ ତାଙ୍କୁ ପଚାରୁଅଛି କାହାକୁ ।୧୧।

ଅକରମ ଦାୟକ କର୍ମ ନ ଲଗାଇ ନୁହଇ କାହାରେ ବଶ୍ୟ ।

ଏ ଭକ୍ତି ମାର୍ଗରେ ପ୍ରସନ୍ନ ନୁହଇ ଅଟଇ ତାଙ୍କୁ ଭବିଷ୍ୟ ।୧୨।

ତାହାର ଛାମୁକୁ ଭୃକୁଟି ଅଟଇ ନୁହଇ ସାତ୍ୱିକ ସେବା ।

କେହୁଣି କର୍ମରେ ପ୍ରସନ୍ନ ନୁହଇ କିସ ପଟାନ୍ତର ଦେବା ।୧୩।

ତାର ମନେ ମନେ ସବୁ ବିଚାରଇ ନ ଥାଇ କାହାରି ମନେ ।

ତାର ସୁଖରେ ଯାହା ଇଚ୍ଛା କରଇ ବସେ ଶୂନ୍ୟ ସିଂହାସନେ ।୧୪।

ଚନ୍ଦ୍ର ସୂର୍ଯ୍ୟଙ୍କର ତେଜ ନାହିଁ ତହିଁ ନାହିଁ ଶରଦ ଉଷୁମ ।

ବିନା ଅନଳରେ ଗରମ ଉଠୁଛି ନାହିଁ ଶିଶିର ଲସମ ।୧୫।

ଜଳ ପବନର ଧାପ ନାହିଁ ତହିଁ ଚମକ ଦମକ ନୁହେ ।

ଅତି ନିଷ୍କାମ ଅଟଇ ସେହି ପୁର ଅଚିନ୍ତାରେ ବ୍ରହ୍ମ ରହେ ।୧୬।

ଦେବାସୁର ନର ନ ଜାଣନ୍ତି ତାଙ୍କୁ ମୂର୍ଖ ପାପୀକୁ ଅଦୃଶ୍ୟ ।

ଅଜ୍ଞାନୀମାନଙ୍କୁ ବହୁତ ଉହାଡ ଜ୍ଞାନୀମନଙ୍କୁ ବିଶ୍ୱାସ ।୧୭।

ମାୟା କାୟ ଯହିଁ ସମ୍ବନ୍ଧ ନୁହଇ ହାସ ରସ କାହିଁ ଜଣା ।

ପଞ୍ଚୁ ଭୁତ ଆଦି ଗମି ନ ପାରନ୍ତି ପଡିଛନ୍ତି ହୋଇ ବଣା ।୧୮।

ଅନାମରୁ ସର୍ବେ ବାହାର ହୋଇଲେ ଜାଣି ନ ପାରିଲେ କେହି ।

କାହାରି ମାୟା ପଥରେ ବଣା ହେଲେ ସୁତରେ ନ ପାରିଲେ ଯାଇ ।୧୯।

ଏ ମାୟା ସାଗରୁ ତ୍ରିଗୁଣ ବାଧାରୁ ନେବ ଶ୍ରୀ ଗୁରୁ ବଞ୍ଚାଇ ।

କହେ ଭୀମ ଭୋଇ ଗଲାବେଳେ ମୋତେ ସୂତ୍ରବାଟେ ଯିବ ନେଇ ।୨୦।

## ଅଠାଶୀ ବୋଲି

ଏକୁଶ ଭବନ ଜିଣି ଯେବେ ଯିବ ହେବ ଅଲେଖର ଭକ୍ତ ।

ଗୃହୀ ଦିଗାମ୍ବରୀ ଯେ ଅଛ ସଂସାରେ ଦେଖ କେ ଅଛ ସାମର୍ଥ ।୧।

ଅଲେଖ ପ୍ରଭୁଙ୍କୁ ଯେ ଭଜି ପାରିବ ନ ପଡିବ ତାର କାୟା ।

ଚେତା ଚଇତନ ହେତୁ ନ ବୁଡିବ କରିବେ ସେ ଯେବେ ଦୟା ।୨।

ରଜବିର୍ଯ୍ୟରେ ଜନମନ ଲଭି ଯୁଗେ ଯୁଗେ ଅଜାମ୍ବର ।

ଇଛିଲେ ଦେହ ଅଦେହ ହୋଇପାରେ ଇଚ୍ଛା ମରଣ ତାହାର ।୩।

ଭବାର୍ଣ୍ଣବ ମାୟା ନ ଲାଗଇ ତାକୁ ନ ପଶଇ ଯମଦ୍ୱାର ।

ମୋ ପିଣ୍ଡ ଗଢିଲା ଶକତି ଏ ଅଟେ ଏଥୁ ହୋଇଛି ବାହାର ।୪।

ମାତାର ପଦ୍ମକୁ ଯେ ଭଜି ପାରିଛି ପ୍ରଳୟରୁ ହେଲା ପାର ।

ଅଲେଖ ପୁରୁଷ କରନ୍ତି ତାହାଙ୍କୁ ଜନ୍ମ ମରଣୁ ଉଧାର ।୫।

ମହାସୁଖ ପାନ୍ତି ଅଲେଖ ପୁରୁଷ ଏତେ କର୍ମରେ ନ ଥିଲେ ।

ଡାକି ଡାକି ତାକୁ ଅଲେଖ ପୁରୁଷ ମୁକତି ଯାଚନ୍ତି ବଳେ ।୬।

ଜିହା ସୁସ୍ୱାଦୁରେ ନ ଥାଇ ସେ ଜନ ନିତ୍ୟ ଅସାଧନା ଯୋଗ ।

ମୁକତି ଭଣ୍ଡାରୁ ଅଲେଖ ପୁରୁଷ ବୋଲେ ଅଧେ ନେବେ ଭାଗ ।୭।

ତୁହି ମୋତେ ଜାଣୁ ମୁହିଁ ତୋତେ ଜାଣେ ଏଥିରେ ସଂଶୟ ନାହିଁ ।

ତୁହି ଯହିଁ ଯିବୁ ମୁରୁଛି  ନ ପାରି ମୁହିଁ ସଙ୍ଗେ ଯିବି ତହିଁ ।୮।

ମୁଁ ତୋହର ପୁତ୍ର ତୁ ମୋହର ପିତା ଏଥିକି ବିଶ୍ୱାସ ନେବି ।

ମୋତେ ତୁହି ଯହିଁ ବସାଇଦୁ ଭକ୍ତ ତହିଁ ମୁହିଁ ବସିଥିବି ।୯।

ଏମନ୍ତ ବୋଲନ୍ତି ଅଲେଖ ପୁରୁଷ ନିଷ୍କାମ ଭକ୍ତକୁ ଚାହିଁ ।

ତୋହ ମୋହ ବାବା ଯେବଣ ପୀରତି ତ୍ରିଭୁବନେ ଜଣା ନାହିଁ ।୧୦।

ନିଷ୍କାମ ଭଗତ ଦେଖିଲେ ଅଲେଖ ହସି ପ୍ରସନ୍ନ ହୁଅଇ ।

ତାର ଦୁଆରକୁ ଆସିଯାଇ ବ୍ରହ୍ମକାଦୋ ଉଠି ଯାଉଥାଇ ।୧୧।

ନିଷ୍ଠା ଭକ୍ତିବଳେ ବନ୍ଦୀ ହୋଇ ଏକା କାହିଁ ନୁହଇ ବନ୍ଧନ ।

ଭକ୍ତ ପାଖରୁ ନ ଛାଡି ଯଗିଥାଇ ଯେସନେ ଘଟରେ ପ୍ରାଣ ।୧୨।

ଅଲେଖ ଭକ୍ତିର ଏମନ୍ତ ବିଧାନ ଶୁଣ ସାଧୁ ସୁଜ୍ଞନର ।

ଅଘୋର ସତ୍ୟ ସାଗର ଧର୍ମ ଭକ୍ତି ପାରୁଅଛି ଯେବେ କର ।୧୩।

ଅଘୋର ନିଷ୍ଠା ଭଗତିରେ ଯେ ଜନ ଅମନେ କରିବ ମନ ।

ଆୟତ୍ତ ନାହିଁ ଅଲେଖ ପୁରୁଷର ହେବେ ତାହାର ଅଧୀନ ।୧୪।

କିବା ନରଲୋକ କିବା ଦେବ-ଲୋକ କରୁଛନ୍ତି ଭକ୍ତି ଦେଖ ।

କିବା ସୁରଲୋକ କିବା ରୁଦ୍ରଲୋକ ଯେ ଅଛି ତିନି ତ୍ରିଲୋକ୍ୟ ।୧୫।

ଅଲେଖ ବ୍ରହ୍ମରେ ଭଗତି ହୋଇଲେ ନ ହୁଅନ୍ତି କେହି ସାହା ।

ତ୍ରିଭୁବନ ଲୋକେ ନ ସହନ୍ତି ଏକା ଜାଣିବୁଝି କରି ତାହା ।୧୬।

ଅଲେଖ ଭଗତି କେହି ନ ପାରନ୍ତି କୋଟି କେ ଗୋଟିଏ ସାର ।

ଯେହୁ ଇଚ୍ଛା ସେହୁ ସମର୍ଥ ନୁହନ୍ତି ଶୁଦ୍ଧମନରେ ବିଚାର ।୧୭।

ଅଶ୍ରୁତି ଶୂନ୍ୟ ଅଗୋଚର ଆସରା ଭରସା ଯେ କରିପାରେ ।

ଅନ୍ତର ବାହାରେ ସେ ଅଲେଖ ବ୍ରହ୍ମ ପୁରିଥାଅ ତାହାଠାରେ ।୧୮।

ତିନି ଭୁବନରେ ସଂସାର ଯାକରେ କାହାକୁ ନାହିଁ ତା ଭୟ ।

ତେଣୁକରି ତାର ଇଷ୍ଟ ହୋଇଥାନ୍ତି ଅଲେଖ ପୁରୁଷ ଦିଅ ।୧୯।

ଅଲେଖ ଭଗତି କରିବାର ଚାହିଁ ପ୍ରାଣ ଥିବା ଯାଏ ପିଣ୍ଡେ ।

ଗୁରୁପାଦ ଧ୍ୟାୟୀ ଭଣେ ଭୀମ ଭୋଇ ନ ପଡିବ କାଳଦଣ୍ଡେ ।୨୦।

### ଅଣନବେ ବୋଲି

ସତ୍ୟ ତ୍ରେତୟା ଦ୍ୱାପର କଳିକାଳ ଗଣ୍ଡାଏ ହୋଇଲା ଆସି ।

ଅଲେଖ ମହିମା ଏକାକ୍ଷର ପଦ ହୋଇ ନ ଥିଲା ପ୍ରକାଶି ।୧।

ଗଣ୍ଡାଏ ଯୁଗ ସମ୍ପୂର୍ଣ୍ଣ ହେଲା ଯହିଁ ଏକବ୍ରହ୍ମ ଉଦବେଗ ।

ସାଧୁ ସୁଜ୍ଞଜନେ ଶୁଣିଥାଅ କର୍ଣ୍ଣେ ଫେରି ହେବ ସତ୍ୟଯୁଗ ।୨।

ଯେଉଁ ସତ୍ୟ ଧର୍ମେ ଏ ପିଣ୍ଡ ବ୍ରହ୍ମାଣ୍ଡ ପୂର୍ବେ ହୋଇଥିଲା ଜାତ ।

ସେହି ସତ୍ୟଧର୍ମେ ଏ ପିଣ୍ଡ ବ୍ରହ୍ମାଣ୍ଡ ସୁସ୍ଥାପନେ ହେବ ମୁକ୍ତ ।୩।

ଆଦ୍ୟରେ ଅଲେଖ ଅଦ୍ଭୁତ ମୂରତି ବୈଷ୍ଣବ ରୂପ ହେଲେ ।

ଦିଗାମ୍ବର ବେଶେ ଏ ପିଣ୍ଡ ବ୍ରହ୍ମାଣ୍ଡେ ସ୍ଥାପି ବଞ୍ଚାଇ ରଖିଲେ ।୪।

ଅଘୋର ମତ ଅବିକାର ଦୀକ୍ଷାନ୍ତ କରିଥିଲେ ପର୍ମେଶ୍ୱର ।

ସେହି ଧର୍ମ ଅବଧୂତ ବୋଲାଉଛି ନିର୍ବେଦୁ ହୋଇ ବାହାର ।୫।

ସେହି ବ୍ରହ୍ମ ଏବେ ନର ଦେହ ବହି ବୁଦ୍ଧରୂପେ ଅବତାର ।

ଏତେବେଳେ ନିଜ ନାମ ଛାଡିଛନ୍ତି ନ ରଖି କିଛି ଅନ୍ତର ।୬।

ସତ୍ୟ ପୁରୁଷ ସତ୍ୟ ପଦ ଜାଣନ୍ତି ଚାରିଯୁଗ ମଧ୍ୟେ ସାର ।

ତରିବେ ବୋଲି ନିଜ ନାମ ଦେଇଛି ସମସ୍ତେ ଆଶ୍ରା କର ।୭।

ଅଲେଖ ମହିମା ନାମରେ ଉଦଘାଟ ହେବେ ବୋଲି କାଳିକାଳେ ।

ସନ୍ନ୍ୟାସ ଦୀକ୍ଷାରେ ନିଜ ସତ୍ୟ ଧର୍ମ ଛାଡିଛନ୍ତି ରବିତଳେ ।୮।

ମହାଘୋର କଳି ପାପସାଗରକୁ ମହିମାସାଗର ଧର୍ମ ।

ବେନିକୁଳ ମିଳି ଯୁଦ୍ଧ ଲାଗିଛନ୍ତି କିସ ଦେବା ଅନୁପମ ।୯।

ତେଣୁକରି ସିନା ନର ମନୁଷ୍ୟଙ୍କ ଛତାକ୍ଷର ମନ୍ତ୍ର ଦେଲେ ।

ଅଲେଖ ମହିମାସାଗର ନାମରେ କଳିକାଳେ ଉଦେ ହେଲେ ।୧୦।

ଏବେ ସେ ଅନାଦି ଦିଗାମ୍ବର ହୋଇ ବହିଛନ୍ତି ବୁଦ୍ଧ-ତନୁ ।

ଆଦି ପରମ ଏ ଧର୍ମ ଦେଇଛନ୍ତି ପାରି ହେଲା ଯେତେ ଦିନୁ ।୧୧।

ତିନିପୁର ଲୋକେ ଦରଶନ କର ବୁଦ୍ଧସ୍ୱରୂପ ଗୁରୁଙ୍କୁ ।

ନାଭିମଣ୍ଡଳରୁ ଅଲେଖର ପ୍ରଭା ଅଛି ତହିଁ ଉପରକୁ ।୧୨।

ଶକ୍ତି ଅନୁସାରେ ଭଜ ନିରନ୍ତରେ କାହାକୁ ନୁହଇ ମନା ।

କି ଅବା ସ୍ତିରୀ ସେ କି ଅବା ପୁରୁଷ ମନରେ କର ଭାବନା ।୧୩।

ସତ୍ୟଯୁଗକୁ ଯେମନ୍ତେ ପହଞ୍ଚିବ କର ସେପରି ଉପାଏ ।

କଳି ଥିବା ଯାଏ ନିଜ ସତ୍ୟ ଧର୍ମ ହୋଇ ନ ପାରଇ ଥଏ ।୧୪।

ସକଳ ଜନ ଅଲେଖ ମହିମାକୁ ଡାକ ଅନ୍ତେ ମୁଖ ଉଚେ ।

ମହିମାଙ୍କ ପରା ପରୀକ୍ଷା ଦେଖିବ ନିନ୍ଦା ନାହିଁ ଦେବ ପଛେ ।୧୫।

ଜୀବର ଉପରେ ମହିମା ପରୀକ୍ଷା ହେବ ଏକା ତିନି କାଳେ ।

ଆପଣା ପିଣ୍ଡ ପରାଣକୁ ସମ୍ଭାଳି ନୋହିବଟି ତେତେବେଳେ ।୧୬।

ତିନି ଭବନକୁ ତିନି ବାର ଆମ୍ଭେ ଡାକି କହିଅଛୁ ଶୁଣ ।

ମୁକତି ଯାଚି ଦେବା ହେଉଛି ଭାଗ୍ୟ ଅଛି ଯେବେ ଘେନି ।୧୭।

ସପ୍ତ ବ୍ରହ୍ମାଣ୍ଡକୁ ସାତବାର କରି ଯାଚି ଦେଉଛନ୍ତି ଧର ।

ପବିତ୍ର ନାମ ବ୍ରହ୍ମା ଏହୁ ପସରା ମନେ ବିରୁଦ୍ଧ ନ କର ।୧୮।

ନବଖଣ୍ଡ ମେଦିନୀକି ନବ ଥର ବୁଲାଉ ଅଛନ୍ତି ନାମ ।

ଗୁରୁ ରୂପ ହୋଇ ବତାଉ ଅଛନ୍ତି ଅଲେଖ ଅନାଦି ବ୍ରହ୍ମ ।୧୯।

ଏକୋଇଶ ପୁରେ ଏକୋଇଶ ବାର ନାମ ଫେରୁଛି ସମ୍ଭାଳି ।

ଭଣେ ଭୀମ ଭୋଇ ଗୁରୁପାଦ ଧ୍ୟାୟୀ ଶେଷ ହୋଇଲାଣି କାଳ ।୨୦।

❧ ❧ ❧ ❧

## ନବେ ବୋଲି

କାହାକୁ କେହି ଶଙ୍ଖୋଳି ନ ପାରିବେ ସର୍ବେ ହେବେ ରଣଭଣ ।

କଳି ଯାଇ ସତ୍ୟ ଯୁଗ ହୋଇବାର ଅଛଇ ଏତିକି ଗୁଣ ।୧।

ତେତେବେଳେ ଆଉ ମହିମଣ୍ଡଳରେ କେହି  ନୋହିବେ କାହାର ।

ନବଖଣ୍ଡ ମହୀ ତରସ୍ତ ହୋଇଣ କମ୍ପୁଥିବ ଥରହର ।୨।

ଦକ୍ଷିଣଲୋକ ଉତ୍ତରେ ପଳାଇବେ ଉତ୍ତରଲୋକେ ଦକ୍ଷିଣେ ।

ମହା ଅନର୍ଥ ହୋଇବ ଏ ମେଦିନୀ କଳି ସତ୍ୟବାଦ ଗୁଣେ ।୩।

ପୂର୍ବର ଲୋକେ ପଶ୍ଚିମେ ପଳାଇବେ ପଶ୍ଚିମର ଲୋକେ ପୂର୍ବେ ।

ଚାରିଦିଗ ଲୋକେ ଏକାନ୍ତ ହୋଇବେ ମିଶାମିଶି ହୋଇ ସର୍ବେ ।୪।

ପୁଣି କହୁଅଛି ହେ ପୁରୁଷମାନେ ମହିମା ନାମକୁ ଜପ ।

ବାଡି ବୃତ୍ତି ଫନ୍ଦା କରୁଥାଅ ପଛେ ହୃଦପଦେ ନାମ ରଖ ।୫।

ସକଳ କର୍ମରେ ଲାଗିଥାଅ ପଛେ ବ୍ରହ୍ମା କର୍ମ ଧରି ଚିତ୍ତେ ।

ଗୁରୁ ଚରଣେ ବିଶ୍ୱାସ ରୁପିଥିଲେ ତାରି ନେଇଯିବ ସତ୍ୟେ ।୬।

ସ୍ତିରୀମାନେ ଆଗୋ ଯେ ଅଛ ସଂସାରେ ଘରଦ୍ୱାର ପଛେ କର ।

ପୁତ୍ର ଦେହତା ଜନ୍ମାଇଲେ କି ହେଲା ତରିବ ପଥକୁ ଧର ।୭।

ରତି ରମଣ ସୁରତି ସୁଖଭାବ କରୁଥାଅ ପଛେ ତୁମ୍ଭେ ।

ଅନେକ ବିଷୟା ଲାଗିଥାଉ ପଛେ ବ୍ରହ୍ମକର୍ମ ଧର ଦମ୍ଭେ ।୮।

ରଜାମାନେ ରାଜନୀତି କରୁଥାନ୍ତୁ ଦଣ୍ଡ ସିଂହାସନେ ବସି ।

ଦୋଷକୁ ଚାହିଁ ବୁଝାମଣା କରନ୍ତୁ ହୃଦରେ ମହିମା ଘୋଷି ।୯।

ଦୋଷକୁ ଚାହିଁ ଦଣ୍ଡ ଶାସ୍ତି ନ ଦେଲେ କିରୂପେ ଚଳିବ ପୃଥି ।

ରଇତ ପରଜା କି ରୂପେ ମାନିବେ ବଣା ହୋଇଯିବ ମତି ।୧୦।

ମୁଳକର କଥା ବୁଝୁଥାଅ ପଛେ ସତ୍ୟ ଧର୍ମ ଆଶ୍ରେ କର ।

ମହିମା ଭଜିଲୁ ବୋଲି ନ ବୁଝିଲେ ଦେଶ ହୋଇବ କାହାର ।୧୧।

ରାଜନୀତି ତାର କରୁଥାଉ ପଛେ ଗୁରୁ ଧର୍ମ ଆଉ ଧ୍ୟାୟୀ ।

ଗୁରୁସେବାରେ ପରଚେ ହେବ ଯେବେ ନିଶ୍ଚିୟେ ତରିବ ସେହି ।୧୨।

କ୍ଷତ୍ରୀ ହୋଇ ପଞ୍ଚ ଶହସ୍ରକୁ ଭିଡ଼ି ସତ୍ୟ ଧର୍ମ ଆଶ୍ରେ କରୁ ।

ଘୋର ସଂଗ୍ରାମେ ପଶି କରି ପଛକେ ଗୋରୁ ବ୍ରାହ୍ମଣକୁ ମାରୁ ।୧୩।

କ୍ଷତ୍ରୀ ହୋଇ ଯେବେ ଶସ୍ତ୍ର ନ ଧଇଲ ଶତ୍ରୁ ଜୟ କରି ନୁହେ ।

ଗୁରୁ ନାମ ଧରି ସିଂହରଡି ଦେବ ନ ଥିବ କାହାକୁ ଭଏ ।୧୪।

କ୍ଷତ୍ରୀଧର୍ମରେ ଥାଉ ପଛେ ସେ ଜନ ଭଜୁଥାଉ ମହିମାକୁ ।

ଗୁରୁପାଦେ ଯେବେ ସତ୍ୟ ରଖିଥିବ ନିଶ୍ଚେ ତାରିବେ ତାହାକୁ ।୧୫।

ବ୍ରାହ୍ମଣ ହୋଇ ଚାରି ବଦକୁ ପଢି କରୁପଛେ କ୍ରିୟା କର୍ମ ।

ସନ୍ଧ୍ୟା ତର୍ପଣ ଯଜ୍ଞ ହୋମ କରିଣ ଧରିଥାଉ ଗୁରୁ ଧର୍ମ ।୧୬।

ବେଦାନ୍ତୀ ବ୍ରାହ୍ମଣ ହୋଇ ଥାଉ ପଛେ ଅଲେଖ ମହିମା ଭଜୁ ।

ବେଦରମତ ଯେତେ କର୍ମ କରୁଛି ବାହ୍ୟରେ ପଛେ ନ ତେଜୁ ।୧୭।

ବ୍ରାହ୍ମଣ ହୋଇଣ ଗୁରୁସେବା କରୁ ବ୍ରହ୍ମକୁ ପରଚେ ହୋଇ ।

ସତ୍ୟ ଧର୍ମକୁ ଅଭ୍ୟାସ କରୁଥିଲେ ନିଶ୍ଚଏ ତରିବ ସେହି ।୧୮।

ରାଜା ବ୍ରାହ୍ମଣ କ୍ଷତ୍ରି କୁଳ ଯେ ଅଛ ସତ୍ୟ ଧର୍ମ ନ୍ୟାଏ ଧରା ।

ଆଶ୍ୱାସନା ଭାବେ ସବୁଙ୍କୁ କହୁଛି ବେଳ ହୁଁ ମୋ ବୋଲ କର ।୧୯।

ବେଳୁ ବେଳ ଯୁଗାବଦ ତୁଟୁଅଛି ଚିତ୍ତ ରଖ ଗୁରୁ ପାଦେ ।

ମନରେ ସ୍ୱଛନ୍ଦ ଭଣେ ଭୀମ କନ୍ଧ ଅଷ୍ଟାଦଶ ଶତ ପଦେ ।୨୦।

## ଏକାନବେ ବୋଲି

ବିଦ୍ୟାବନ୍ତ ପ୍ରାଣୀ ବିଦ୍ୟାକୁ ସାଧନ କରୁଥାଉ ପଛେ ସେହି ।

ଅଲେଖ ମହିମା ଭଜୁଥାଉ ନିତ୍ୟେ ଗୁରୁ ପାଦେ ଚିତ୍ତ ଦେଇ ।୧।

ସକଳ ବିଷୟ କର୍ମ ଲାଗି ଥାଉ ବିଦ୍ୟା କାହିଁକି ଛାଡିବ ।

ସଦ ଗୁରୁ ପାଦେ ଚିତ୍ତ ରଖିଥିଲେ ନିଶ୍ଚୟ ସେ ତରିଯିବ ।୨।

ତପସ୍ୱୀ ପରାଣୀ ତପ କରୁ ପଛେ ଗୁରୁ ଧର୍ମ ଭଜୁଥାଉ ।

ନାମ ନ ଭଜିଲେ ଏ ରବି ତଳରେ ବାସ ନ ମିଳିବ ଆଉ ।୩।

ଅନେକ କର୍ମରେ ଥାଉ ପଛେ ସେହୁ ଗୁରୁପାଦେ ରଖୁ ଚିତ୍ତ ।

ସଦଗୁରୁ ପାଦେ ସେବା ରଖିଥିଲେ ମୋକ୍ଷ ହେବ ପରାପତ ।୪।

ଦୟାବନ୍ତ ପ୍ରାଣୀ ଦାନ ପୁଣ୍ୟ କରି ଅନ୍ନ ଜଳଛତ୍ର ଦେଉ ।

ଅନେକ ଚିନ୍ତାରେ ଜାଣିଥାଉ ପଛେ ମହିମାକୁ ଭଜୁଥାଉ ।୫।

ତେବେ ତାର କୀର୍ତ୍ତି ସୁଫଳ ହୋଇବ ନ ଯିବ ବିଅର୍ଥ ହୋଇ ।

ଶ୍ରୀଗୁରୁ ଛାମୁରେ ସେବା ଯୋଗାଇଲେ ମୁକତି ଲଭିବ ସେହି ।୬।

ଧର୍ମବନ୍ତ ପ୍ରାଣୀ ଧର୍ମ କରୁ ପଛେ ସକଳ ଜୀବକୁ ଚାହିଁ ।

ମହିମା ଧର୍ମକୁ ଆଶ୍ରା କରିଥାଉ ଆତ୍ମା ପରେ ଦୟା ବହି ।୭।

ତେବେ ସିନା ତାର କୀରତି ରହିବ ନ ଯିବ ବିଫଳ ହୋଇ ।

ଗୁରୁ ଧର୍ମ ଯେବେ ଆଶ୍ରା କରିଥିବ ମୁକତି ପାଇବ ସେହି ।୮।

ବ୍ୟାଧ ହୋଇ ଯେବେ ଜୀବମରା ବୃତ୍ତି ଜୀବ ବାଧୁଥାଉ ପଛେ ।

ଅଲେଖ ମହିମା ଭଜୁଥାଉ ଏକା ଦୃଢ କରି ଥାଉ ନିଶ୍ଚେ ।୯।

ତେବେ ସିନା ତାର ଜୀବ ବଧିବାର ଦୋଷରୁ ହୋଇବ ପାର ।

ସଦଗୁରୁ ଯେବେ ପ୍ରସନ୍ନ ହୋଇବେ ନିଶ୍ଚେ ହୋଇବ ଉଧାର ।୧୦।

ଧୀବର ହୋଇଣ ମୀନ ମାରୁ ପଛେ ମହିମାକୁ ଥାଉ ଧାୟୀ ।

ତାହାର ବୃତ୍ତି ତାକୁ ଦିଆ ହୋଇଛ କେମନ୍ତେ ଛାଡିବ ସେହି ।୧୧।

ଅନେକ ବିଷୟା କର୍ମରେ ଲାଗିଣ ଗୁରୁ ସେବା କରୁଥାଉ ।

ଗୁରୁ ଚରଣରେ ଚିତ୍ତ ରଖିଥିଲେ କିମ୍ପା ନ ତରିବ ସେହୁ ।୧୨।

ମୋଚି ହୋଇ ଚର୍ମ କାଟୁଥାଉ ପଛେ ନାମରେ ଆଶ୍ରିତ ହେଉ ।

ତାହାର ବୃତ୍ତି ସେ କେମନ୍ତ ରୋଜଗାର କରୁଥାଉ ।୧୩।

ଗୁରୁ ଧର୍ମେ ଯେବେ ତତ୍ତ୍ୱ କରିଥିବ ନିଷ୍ଟେ ଉଧାର ପାଇବ ।

ଏ କଳିଯୁଗରୁ ପିଣ୍ଡପ୍ରାଣ ବଞ୍ଚି ରବିତଳରେ ରହିବ ।୧୪।

ହାଡି ହୋଇ ଯେବେ ଦାଣ୍ଡ ପହଁରଇ ବାଡିଘର ପଛେ ଖଟୁ ।

ଗୁରୁ ପାଦତଳେ ଚିତ୍ତବୃତ୍ତି ରଖି ଦୃଢଚିତ୍ତେ ନାମ ରଟୁ ।୧୫।

ତାହାର ବୃତ୍ତ ସେ ନ ରଖିବ ଯେବେ କେ କରିବ ସେହୁ କର୍ମ ।

ମୁଖେ ଯେବେ ଗୁରୁ ନାମ ଜପୁଥିବ ଉଧାର କରିବେ ବ୍ରହ୍ମ ।୧୬।

ଅଜ୍ଞାନୀ ଜନ ଯେ କିଛି ହିଁ ନ ଜାଣେ ଗୁରୁସେବା କରୁଥାଉ ।

ଜ୍ଞାନ ଧ୍ୟାନ ଆଦି କିଛି ହିଁ ନ ଜାଣୁ ଗୁରୁ ଆଜ୍ଞା ଶିରେ ବହୁ ।୧୭।

ଦୟା ହେବ ଯେବେ ଅବଶ୍ୟ ତରିବ ଏଥିରେ ସଂଶୟ ନାହିଁ ।

ଗୁରୁପାଦେ ଯେବେ ସ୍ନେହ ରଖିଥିବ ବ୍ରହ୍ମେ ଲୀନ ହେବ ସେହି ।୧୮।

ଶୁଣ ସୁଜ୍ଞଜନେ ନାମରେ ମହିମା ନାମ ବିନୁ ନାହିଁ ଗତି ।

ନାମରେ ଆତଯାତ ହେଉଅଛନ୍ତି ଚାରିଯୁଗେ ଏହି ପୃଥୀ ।୧୯।

ନାମ ଛାଡିଦେଲେ ଦେହ ଛାଡିଯିବ ଧରିଥାଅ ଦୃଢ କରି ।

ଗୁରୁ ପାଦ ଧ୍ୟାୟୀ ଭଣେ ଭୀମ ଭୋଇ ଦିବା ନିଶି ଅଶ୍ରା କରି ।୨୦।

**ବୟାନବେ ବୋଲି**

ଛତିଶକୁଳୀ ବାଉନ ଯେ ପାଟକ ଯେ ଅଛ ସ୍ତିରୀ ପୁରୁଷ ।

ଉଚ୍ଚ ନୀଚ ବୋଲି ବାରଣ ନ କରି ନାମରେ ଶରଣ ପଶ ।୧।

କିବା ବେଶ୍ୟା ନାରୀ କିବା ଦୁରାଚାରୀ କିବା ପାଷଣ୍ଡ ପୁରୁଷ ।

ଅଦ୍ଭୁତ ବିପତ୍ତି ଘୋଟି ଆସୁଅଛି ବେନି ନେତ୍ରେ ସର୍ବେ ଦେଖ ।୨।

ଛପନା କୋଟିକ ନାଶିବାର ପାଇଁ ଏ ଚାରିଖାନି କି ଧରି ।

ଜଣେ ଜଣେ ଗୁରୁ ନାମ ଆଶ୍ରେ କରି ମୁଖେ ବୋଲ ହରି ହରି ।୩।

ହରି ନ ବୋଇଲେ ହତ ହୋଇଯିବ ଅଣଓପ୍ରୋଧ ବିପତ୍ତି ।

ବାଳ ବୃଦ୍ଧ ଯୁବା କେହି ନ ରହିବ ସରିଯିବ ନବ କ୍ଷିତି ।୪।

ଅଷ୍ଟକୋଟି ଯୋଗ୍ନୀ ଚୌଷଠି କାତ୍ତାନୀ ନବକୋଟି ଦେବଗଣ ।

ଭୈରବୀ ମୁରତି ପ୍ରକାଶିଣ ସର୍ବେ ରୁଧିର କରିବେ ପାନ ।୫।

ସେ ଧର୍ମ ପୁରୁଷ କାଳରୁପ ହେବେ ଡାକିଲେ ଶୁଣିବେ ନାହିଁ ।

ଏତେବେଳରୁ ପରଚେ ହୋଇଥିଲେ ଦାଢର ବଞ୍ଚିବ ସେହି ।୬।

ତିନିପୁର ମଧ୍ୟେ କାଳଚକ୍ର ଗୋଟା ଫେରୁଥିବ ଦିବାନିଶି ।

ଦେବୀଗଣମାନେ ଆକାଶେ ଉଠିବେ ନ ଦିଶିବେ ରବିଶଶୀ ।୭।

ଘୁ ଘୁ ଗରଜନ ଶୂନ୍ୟରେ ଶୁଭିବ ଦେବୀଙ୍କ ମୁଖ ଚହଳ ।

ଅଦ୍ଭୁତେ ରୁଧିର ବରଷା କରିବ ଧାରା ପରାଏ ବହଳ ।୮।

ତିନି ବ୍ରହ୍ମାଣ୍ଡ ଦୁଳୁଦୁଳୁ କମ୍ପିବ ହୋଇବ ଉଲକାପାତ ।

ଚଉଦିଗେ ଜନ ମନୁଷ୍ୟ ଯେ ଥିବେ ଠାଏ ଖାଉଥିବ ଭାତ ।୯।

ବସି ତୋରାଣିକି ଆୟୁଷ ନ ଥିଲା ଜୀବନେ ନ ଥିବ ଆଶା ।

ସକଳ ହୃଦରେ ଭୟ ଉପୁଜିବ ପଡ଼ିବ ଅକାଳଦଶା ।୧୦।

ଏତେବେଳେ ଯେବେ ଧର୍ମ ଧରିଥିଲେ ତେତେବେଳେ ଭୟ ନାହିଁ ।

ଦେବୀମାନେ ତାଙ୍କୁ ସୁକୃପା କରିବେ ବ୍ରହ୍ମଣ୍ଡେ ରହିବେ ସେହି ।୧୧।

ବାରମ୍ବାର କହୁଅଛୁ ସୁଜ୍ଞଜନେ ପଞ୍ଚୁଭୂତ ମନେ ଚେତ ।

ଯାହା କହୁଅଛି ମିଥ୍ୟା ବାକ୍ୟ ନୁହେ ଅବଶ୍ୟ ହୋଇବ ହତ ।୧୨।

ଧର୍ମେ ଯେବେ ଥିବ ଧର୍ମ ସାହା ହେବ ରଖିବେ ବାନା ଘୋଡାଇ ।

ଦୋଷ ଅପରାଧ ଖଣ୍ଡନ କରିବେ ବ୍ରହ୍ମ ଅନଳେ ପୋଡାଇ ।୧୩।

ସଦଗୁରୁଠାରେ ସଦଶିକ୍ଷା ହୋଇ ସେବା ଯେବେ କରି ପାର ।

ଧର୍ମବଳେ କାଳମୁଖୁ ଉବୁରିବ ବଂଶ ନ ବୁଡିବ ତାର ।୧୪।

ଅନ୍ତ ଡାକୁଥିବ ମୁଖ ଡାକୁଥିବ ହୃଦପଦ୍ମେ ଥିବ ଧାନ ।

ତେବେ କାଳମୁଖୁ ବଞ୍ଚାଇ ରଖିବେ ସେ ଅନାଦି ଭଗବାନ ।୧୫।

ଅନ୍ତର୍ଯାମୀ ଗୁରୁ  ଅନ୍ତରେ ଡାକିଲେ ଅବଶ୍ୟ ଜାଣିବେ ସେହି ।

ଆତଙ୍ଗରେ ଯେବେ ଗୁହାରି କରିବ ନିଶ୍ଚେ ରଖିବେ ବଞ୍ଚାଇ ।୧୬।

ଟଙ୍କା ସୁନା କୌଡି କିଛି ନ ଲାଗଇ ଯେ ପାରୁଛ ସେହୁ ଉଜ ।

ତିନିକୋଶ ଯାଇ କିଣା ନ ପଡିଇ  ବହିବାକୁ ନୁହେ ବୋଝ ।୧୭।

ବସିଲା ଠାବରେ ଆୟ ବ୍ୟୟ କରି ସୁଛେ ଅରଜିବ ଧର୍ମ ।

ନ ବୁଝି ସାଧୁ ସୁଜନ ସୁଜ୍ଞମାନେ କିପାଇଁ ହେଉଛ ଭ୍ରମ ।୧୮।

ନ ଜାଣି ଚାରି ଖୁଣ୍ଟିରେ ଫେରୁଅଛ ତୀର୍ଥ ବ୍ରତ ବୋଲି କରି ।

ଯହିଁରେ ଲୋଡିବ ତହିଁ ଛନ୍ତି ବ୍ରହ୍ମ ବୁଝିବ ଯେବେ ବିଚାରି ।୧୯।

ପଥଶ୍ରମ ହୋଇ ପାଦ ପ୍ରାସ ପାଇ ବାହ୍ୟରେ ଭ୍ରମି ନ ମର ।

ଗୁରୁ ପାଦ ଧାୟୀ କହେ ଭୀମ ଭୋଇ ଘଟରେ ଭାବନା କର ।୨୦।

## ତେୟାନବେ ବୋଲି

ତାଳୁରୁ ତଳିପା ମୁଖ ପରିଯନ୍ତେ ମିଥ୍ୟାପଦ ତ୍ୟାଗ କର ।

ଜିହ୍ୱ ଅଗ୍ରରେ ସତ୍ୟ ଧର୍ମ ବସାଇ ପ୍ରକୃତିଗଣ ନିବାର ।୧।

ସତ୍ୟ ନ ପ୍ରକାଶି ମହିମା ଭଜିଲେ ପଡ଼ଇ ଅଦ୍ଭୁତ ମାଡ଼ ।

ଅସ୍ଥି ମାଂସ ଏକ ଠାରେ ମେଦ ହୋଇ ମସିଗୁଣ୍ଡା ହୁଏ ହାଡ ।୨।

ମହିମା ଭଜିଲେ ମିଥ୍ୟା ନ ଚଳଇ ସତ୍ୟାଦି କହିଲେ ପାର ।

ଜ୍ଞାନ ଧାନ ନ ଜାଣିଲେ କିସ ହେଲା ଅବଶ୍ୟ ହେବ ଉଧାର ।୩।

ମହିମା ଭଜିଲେ ପରର୍ଦାରା ନ ଚଳେ ନିଅତ ପ୍ରମାଣ ସତ୍ୟ ।

ଅଦ୍ଭୁତେ ତାହାକୁ ବିପତ୍ତି ପଡଇ ଅପମୃତ୍ୟୁ ପରାପତ ।୪।

ମହିମା ଭଜିଲେ ଚୋରୀ ନ ଚଳଇ ନ ଯିବ ତହିଁର ପାଶ ।

କଦାଶ୍ଚିତରେ ଖଟୁଆ ଲୋକଠାରେ ତିଳେ ନୋହିବ ବିଶ୍ୱାସ ।୫।

ମହିମା ଭଜିଲେ ହିଂସା ନ ଚଳଇ ନ ଥିବ ତହିଁର ଲେଶ ।

ସତ୍ୟ ଧର୍ମ ଦଣ୍ଡ ତାହାକୁ ପଡଇ ଗ୍ରାହାର୍ଯ୍ୟ ହୁଏ ସେ ଦୋଷ ।୬।

ମହିମା ଭଜି ପର ଖଞ୍ଜ ନ ଚଳେ ହୁଅନ୍ତି ଆତ୍ମରେ ଘାତି ।

ଜୀବ ଥିବା ଯାଏ ସୁଖ ନାହିଁ ତାର ମିଳେ ରାଜଦଣ୍ଡ ଶାସ୍ତି ।୭।

ମହିମା ଭଜିଲେ ପରକୁ ମଣିବ ଆପଣାର ଆତ୍ମ ପ୍ରାଏ ।

ସାଧୁ ହୋଇ ମରିଗଲେ କିସ ହେଲା ଯୁଗେ ଯୁଗେ କୀର୍ତ୍ତି ରହେ ।୮।

ମହିମା ଭଜିଲେ ପର ପୁରୁଷକୁ ବୋଲିବ ଏ ମୋର ବାପ ।

ଗୁରୁ ପ୍ରସନ୍ନେ ସେ ଜନ ଫଳ ପାଇ ତପସ୍ୟାଠାରୁ ଅଧିକ ।୯।

ମହିମା ଭଜିଲେ ପର ଯୁବତୀକି ବୋଲିବ ଏ ମୋର ମାତା ।

ମାତା ବୋଲନ୍ତେ ମୋହମାୟା ନ ଲାଗେ ଆପେ ଛଡାନ୍ତି କରତା ।୧୦।

ମହିମା ଭଜିଲେ ଦୁଃଖ ସୁଖ କଥା ସକଳ ମଣଇ ଏକ ।

ପାପ ପୁଣ୍ୟ କଥା ଜଣା ନାହିଁ ତାକୁ ଆବୋରି ଥାନ୍ତି ଅଲେଖ ।୧୧।

ମହିମା ଭଜିଲେ ସ୍ତିରୀ ସଙ୍ଗମକୁ ନ କଳ୍ପିବ କଦାଶ୍ଚିତେ ।

ଆପଣା ଭାରିଯା ହେଲେ ବିସ ହେଲା ବିଚାରିବ ଅନ୍ତର୍ଗତେ ।୧୨।

ଯେତେ ହେଲେ ସେହି କୁମ୍ଭୀ ନର୍କକୁଣ୍ଡ ଡୁବିଲେ ସକଳ ଗଲା ।

ଚାରି ଯୁଗେ ଜୀବ ପଡି ପଡି ତହିଁ ନିଜ ହେତୁ ପାସୋରିଲା ।୧୩।

ମହିମାକୁ ଭଜି ଯୋନି ଶକତିକି ତାକି ନ ପାରଇ ଯେହୁ ।

ଗିଳି ପକାଉଛି ଆଚ୍ଛାଦି ଦେଉଛି ଚେତା ଥାଉ ମଳା ସେହୁ ।୧୪।

ଭବ ନଦୀ ଜଳ ଭିତରେ ପଶିଲେ ଭବରୋଗ ହୋଏ ପିଣ୍ଡେ ।

ନାନା ଦୁଃଖରେ ପତିତ ହୁଏ ପ୍ରାଣୀ ପଡେ ଯମ କାଳଦଣ୍ଡେ ।୧୫।

ଶ୍ରବଣ ଥାଇ ବଧିର ଜଡ ନୁହ ଡାକି କହୁଅଛି ଶୁଣ ।

ଚାରି ଯୁଗେ ଜନ୍ମି ମରି ଯାଉଛନ୍ତି ଏକା ଭବନଦୀ ଗୁଣ ।୧୬।

ନିଦୟା ସମର୍ବ ଶକତି ବହିଛି ସବୁ ପକାଉଛି ଭାକ୍ଷୀ ।

ଚାରି ଯୁଗ ମଧେ ଯେତେ ଦେହଧାରୀ ନିରୋଳା କରି ନ ରଖି ।୧୭।

ମାୟାର କଳପ ମୂଳ ଅଟେ ସେହୁ କଳ୍ପିଲେ ମନ କ୍ଷରିଲା ।

ପଞ୍ଚୁଭୂତ ଘେନି ପଚିଶ ପ୍ରକୃତି ଏକାବେଳେ ଓଟାରିଲା ।୧୮।

ଏଥକୁ ବିଚାର ଜ୍ଞାନୀ ଜନମାନେ ଅକଳ୍ପନା ଧାନ କର ।

ଦିବସ ରଜନୀ ଲୋଡ଼ି ଠାବ କରି ଧର ଅନାଦି ପୟର ।୧୯।

ବ୍ରହ୍ମ ବେତ୍ତା ମାନେ ବେଳ ଥାଉଁ ଥାଉଁ ସ୍ଥିତି ବସା ତୁମ୍ଭେ ଧର ।

ଭଣେ ଭୀମ ଭୋଇ ଗୁରୁପାଦ ଧାୟୀ ମନରେ ହେଲା ନ କର ।୨୦।

## ଚଉରାନବେ ବୋଲି

ସ୍ତିରୀମାନେ ଯେବେ ମହିମାକୁ ଭଜି ପତିଙ୍କି କହିବ ସତ୍ୟ ।

ସତୀ ସାଧବୀ ସୁଲକ୍ଷଣୀ ହୋଇବ ମୁକ୍ତି ହେବ ପରାପତ ।୧।

ପତି ଛାମୁରେ ଅନ୍ତର ନ ରଖିବ ଆପଣା ବିଷୟ ଯେତେ ।

ସ୍ତିରୀ ପିଣ୍ଡ ପ୍ରାଣଧନ ଅଟଇ ସେ ଠାକୁର ପରା ସାକ୍ଷାତେ ।୨।

ପତିସେବା କଲେ ସତୀପଣ ପାଇ ଗତିକି ଲଭଇ ସେହି ।

ପିଣ୍ଡ ପ୍ରାଣ ଜାନୁ ଯୌବନ ଦେଇ ପତିକି ଭୋଗ୍ୟ କରାଇ ।୩।

ମହିମାକୁ ଭଜି ଅସତୀ ନୋହିବ ପରକୁ ନ ଦେବ ଦେହ ।

ପତି ଛାଡି ଆନ ପୁରୁଷ ଲୋଡିଲେ ଏ କଥା ବଡ ଅନ୍ୟାୟ ।୪।

ସଭାର ଉପରେ ସଭା ନ ମଣ୍ଡନ୍ତି ଗଭା ପରେ ଗଭା ନାହିଁ ।

ଏକା ଦଳାରେ ବେନି ଖଣ୍ଡା ପଶେ କି କେ କେ ଦେଖିଅଛ କାହିଁ ।୫।

ଯେଉଁ ଯୁବତୀର ବେନି ପତି ହୁଏ ଚାହିଁ ନ ଯୋଗାଏ ମୁଖ ।

ସେ ସ୍ତିରୀ ହସ୍ତେ ଯେବେ ଜଳ ଭାକ୍ଷବ ଘୋଟେ ଚନ୍ଦ୍ରରାହୁ ଦୁଃଖ ।୬।

ସତୀ ନୁହେ ସେହୁ ବେଳହୁଁ ବିଟପୀ କୁଟୁମ୍ବରେ ନାହିଁ ସୁଖ ।

ନାଗ ବିଷ ଦେବା ଦୁରାନ୍ତ ନୁହଇ ମରନ୍ତି କୁଟୁମ୍ବଯାକ ।୭।

ତାହାର ହସ୍ତେ ଅନ୍ନ ପାଣି ଭକ୍ଷିଲେ ଗୃହଧର୍ମ ହୁଏ ନାଶ ।

ସତେ ପୁରୁଷ ଅହିନର୍କେ ପଡନ୍ତି ବଂଶକୁ ଲାଗେ କେଳେଶ ।୮।

ଧନ ରତ୍ନ ଅନ୍ନ ବସନ ନ ମିଳେ ଜ୍ଞାନହୀନ ହୋନ୍ତି ସର୍ବେ ।

ସେ ସ୍ତିରୀ କପାଳେ ଲେଖା ହୋଇଥାଇ ଏହି ଦଶାମାନ ପୂର୍ବେ ।୯।

ତାହା ନ ଜାଣନ୍ତି ଜନ ପ୍ରାଣୀମାନେ ଗୃହ କରିବାରେ ସ୍ନେହ ।

ଆଗ ପଛକୁ ବିଚାର ନ କରନ୍ତି କର୍ମକାଣ୍ଡର ବିଷୟ ।୧୦।

କୁଳ ବୁଡି ଯାଇ ବିଦ୍ୟାହୀନ ହୋଇ ବୁଦ୍ଧିମାନ ଯାଇ ନଷ୍ଟ ।

ଶତେ ପୁରୁଷ ସୁଫଳ କର୍ମମାନ ତାହା ଯୋଗୁ ହୁଏ ଭ୍ରଷ୍ଟ ।୧୧।

ଏମନ୍ତ ସ୍ତିରୀକି ଗୃହେ ନ ରଖିବ ବେଗେ ଦେବ ବିଦା କରି ।

ଆପଣା ଅଦୃଷ୍ଟ ସୁମରି ରହିବ କର୍ମ ଆଦରି ।୧୨।

ଶୁଣ ସୁଜ୍ଞଜନେ ବିଟପୀ ସ୍ତିରୀରେ ମିଳାଇ ଏମନ୍ତ ଫଳ ।

ତାର ଗର୍ଭରୁ ଯେତେ ପୁତ୍ରଦୋହିତା ବଂଶକୁ ନୁହେକୁଶଳ ।୧୩।

ଏକ ବୀଜର ସନ୍ତାନ ନୁହନ୍ତି ସେ ଅନେକ ବୀଜରୁ ମିଶା ।

ସେ ପୁତ୍ର ଦୋହିତା ପିତାକୁ ନ ମାନି କହନ୍ତି କଠୋର ଭାଷା ।୧୪।

ଏମନ୍ତ ପ୍ରକାର ସଂସାର ଆଚାର ସୁଜ୍ଞାନୀ ପଣ୍ଡିତେ ବୁଝ ।

ସ୍ତିରୀ ହୋଇ ଯେତେ ଅବିଶ୍ୱାସୀ ଜାତି ମନେ ହେତୁ କରି ହେଜ ।୧୫।

ଏ କଳିଯୁଗରେ ଗୃହ କରିବାକୁ ଲେଖୁ ନାହିଁ ଚାରି ବେଦ ।

କଳିଯୁଗ ସ୍ତିରୀମାନଙ୍କୁ ଛୁଇଁଲେ ଆୟୁ ଥାଉଁ ଥାଉଁ ବଧ ।୧୬।

ସ୍ତିରୀ ନୁହନ୍ତି ସେ ଦେବୀଗଣ ସବୁ କାଳ ମାୟାରେ ପ୍ରକାଶ ।

ମାୟାବଳରେ ଭାରିଜା ରୂପ ହୋଇ ପ୍ରାଣକୁ କରନ୍ତି ନାଶ ।୧୭।

ସ୍ତିରୀ ଯେ ଅଟଇ ପତିର ହିତରେ ଦିବାନିଶି ଚାହିଁଥାଇ ।

ପତିକୋଳେ ଘେନି ଭୋଗ ବିଳସଇ ଚଉବର୍ଗ ଫଳ ପାଇ ।୧୮।

ଯେ ଜନ ଜାଣିବ ଏ କଳିଯୁଗରେ କେଭେ ନ କରିବ ଗୃହ ।

ସେହି ସେ ଜିଣିବ ଏ କଳିଯୁଗକୁ ଅଟଇ ଶକତା ପୁଅ ।୧୯।

ଜ୍ଞାନୀଜନମାନେ ଚେତ ଏତେବେଳେ ଚକ୍ଷୁ ଥାଉଁ ନୁହ ଅନ୍ଧ ।

କହେ ଭୀମ ଭୋଇ ଶ୍ରୀଗୁରୁଙ୍କୁ ଧ୍ୟାୟୀ ନାମବ୍ରହ୍ମ କର ଫନ୍ଦା ।୨୦।

## ପଞ୍ଚାନବେ ବୋଲି

ନବଖଣ୍ଡ ମେଦିନୀରୁ ଚାରି ଧର୍ମ ଉଠିଲେଣି ଆକାଶକୁ ।

ବହୁତ ଅନ୍ୟାଏ ଦେଖି ବ୍ରହ୍ମାଣ୍ଡର ଚାହିଁ ପାତକ ଭାଗକୁ ।୧।

ଯହିଁ ଥିଲେ ଯେତେ ଦେବାଦେବୀଗଣ ଶୂନ୍ୟକୁ ଗଲେଣି ଉଠି ।

କାହାରି ହସ୍ତେ ନ ଖାଇବାକୁ ପୂଜା ଅକର୍ମ ଦେଖି ଏ ସୃଷ୍ଟି ।୨।

ଶ୍ରୀପୁରୁଷୋତ୍ତମ କପିଳାସ ଧାମ ତହୁଁ ଉଠିଲାଣି ଧର୍ମ ।

ତୀର୍ଥମାନେ ସବୁ ଭ୍ରଷ୍ଟ ହୋଇଲାଣି କାହିଁରେ ନାହିଁ ନା ବ୍ରହ୍ମ ।୩।

ଗଙ୍ଗା ଗୟା କାଶୀ ପ୍ରୟାଗ ସହିତେ ସେତୁବନ୍ଧ ରାମନାଥ ।

ଏ ତୀର୍ଥମାନଙ୍କ ଧର୍ମ ଉଠିଲାଣି କାହିଁରେ ନାହିଁ ନା ସତ୍ୟ ।୪।

ଗୋଦାବରୀ ଗଉମତୀ ବୃନ୍ଦାବନ ଦ୍ୱାରିକା ଯେ ହରିଦ୍ୱାର ।

ଏ ତୀର୍ଥମାନ ବିଫଳ ହୋଇଲାଣି ଡୁବିଲାଣି ଧର୍ମଧାରା ।୫।

ମାନସରୋବର ବଦରୀ ଯେ ନାଥ ବଇତ୍ରଣୀ ଆଦି କରି ।

ଯମୁନା ସରସ୍ୱତୀ ଭ୍ରଷ୍ଟ ହେଲେଣି ଚତୁର୍ଥ ଧାମକୁ ଧରି ।୬।

ମେଢ ମଣ୍ଡପ ଦେଉଳ ଦେବାଳୟ ଜଗତି ଅଟାଳି ମାନ ।

ଯହିଁରେ ଦେଖିଲେ ସତ୍ୟ ଧର୍ମ ନାହିଁ ସକଳେ ହେଲେଣି ଶୂନ୍ୟ ।୭।

ଦେବାଦେବୀ ଆଦି ଔଷଧ ମୌଷଧି ମନ୍ତ୍ର ଯନ୍ତ୍ର ଜପ ଯେତେ ।

ସକଳ କରଣି ସରିଲାଣି ଆସି ନେତ୍ରେ ଦେଖନ୍ତେ ସାକ୍ଷାତେ ।୮।

ଦାରୁ ପ୍ରତିମା ଶିଳା ମୂର୍ତ୍ତି ପାଷାଣ ଯେହୁ ଯଉଁଠାରେ ଥିଲେ ।

ଏହାଙ୍କ କରଣି ସରିଲାଣି ସବୁ ନ କାଟଇ ଆଉ ବେଳେ ।୯।

ଯାହାବାକି ଅଛି ଆଉ ଚାରି ଦିନେ ସକଳ ହେବ ବିପାକ ।

ଛପନା କୋଟିର ପିଣ୍ଡ ପ୍ରାଣ କଥା ଅନାଦି ପୁରଷ ସାକ୍ଷ ।୧୦।

ଆଉ ଚାରି ଦିନେ ବିଦ୍ୱନାରାୟଣେ ଛାଡିବେ ଶାହାସ୍ର ପୋଥି ।

କର୍ମ ଅନୁସାରେ ଥୋକେ ଅଛି ସକଳ ହେଲାଣି ପୋତି ।୧୧।

ଅଚେତାରେ ସିନା ଜନ ପ୍ରାଣୀମାନେ କରୁଛନ୍ତି ଦେବପୂଜା ।

ପାଦେ ପଡି ରକ୍ଷାକର ବୋଲୁଛନ୍ତି ଦେବୁ ଖିରି ପୁରି ଖଜା ।୧୨।

ମୂର୍ତ୍ତି ସିନା ସେହି ଜୀବ ଆତ୍ମା ନାହିଁ କାହୁଁ ଯାଚି ଦେବ ବର ।

ବିଷ୍ଣୁ ନଟ କୂଟ ମାୟାକୁ ନ ଜାଣି ଅଜ୍ଞାନରେ ମୁଢ ନର ।୧୩।

ଯେହୁ ଗଢିଛି ଆପଣା ପିଣ୍ଡ ପ୍ରାଣ ତାକୁ ସମର୍ପଣ ନାହିଁ ।

ଦାରୁପ୍ରତିମା ମୂର୍ତ୍ତିକି ବୋଲୁଛନ୍ତି ପ୍ରାଣକୁ ବଞ୍ଚାଅ ତୁହି ।୧୪।

ମନୁଷ୍ୟ ହୋଇ ନିର୍ଜୀବ ସଙ୍ଗେ ଭାବ ଦେଖଟି କେଡ଼େ ଅଜ୍ଞାନ ।

ଶୂନ୍ୟରୁ ଯେହୁ ପିଣ୍ଡପ୍ରାଣ ଗଢିଲା ନାହିଁ ତାକୁ ଅନୁମାନ ।୧୫।

ଦୁର୍ଲଭ ଜନମ ବିଅର୍ଥ ହେଉଛି ପର୍ମେଶ୍ୱଙ୍କୁ ନ ଚିହ୍ନି ।

ଅଜ୍ଞାନରେ ନରେ ସବୁକୁ ପୂଜିଲେ ପ୍ରକୃତିର ସୁଖ ମଣି ।୧୬।

ଆପଣା ମନରେ ଯାହା ବିଚାରିଲେ ସେହି କର୍ମମାନ କଲେ ।

ଶଠ କର୍ମକାଣ୍ଡେ ସମସ୍ତେ ପଡିଲେ ନିଜ ଧର୍ମ ନ ଜାଣିଲେ ।୧୭।

ସାଧୁଜନମାନେ ଅବିବେକ ନୁହ ନିଜ କର୍ମ ଅନୁସର ।

ତଦଗତ କରି ନାମ ଆଶ୍ରେ କଲେ ଦୁସ୍ତରୁ ହୋଇବ ପାର ।୧୮।

ହେଲା କର ନାହିଁ ଭେଳା ବୁଡିଯିବ ବେଳହୋଇଲାଣି ଆସି ।

ଅପରାଧ ଯେତେ ଖଣ୍ଡନ କରାଅ ନାମ ବ୍ରହ୍ମେ ନୁହ ଦୋଷୀ ।୧୯।

ଅସୁଖ ନ ପାଅ ମନେ କ୍ଷୋଭ ନୁହ ପିଣ୍ଡ ପରାଣକୁ ହିତ ।

ଭଣେ ଭୀମ ଭକ୍ତ ଊନବିଂଶ ଶତ ପଦେ ହେତୁ କରି ଚେତ ।୨୦।

## ଛୟାନବେ ବୋଲି

ଭୋ ଗୁରୁ ଶୂନ୍ୟ ପୁରୁଷ ଅଣାକାର ଏ ମୋର ବିନିତି ଘେନ ।

ସଦଗୁରୁ ମହାପ୍ରଭୁ ବୋଲି ଆଗେ କରୁ ମୁଁ ଅଛି ଜଣାଣ ।୧।

ଶିରେ କର ଯୋଡ଼ି ଗୁରୁ ପାଦେ ପଡ଼ି ଶୁଣ ଏ ମୋର ଗୁହାରୀ ।

କଥାଏ ମାଗୁଛି ସୁଦୟା ହୋଇବ ଅଲେଖ ଶୂନ୍ୟବେହାରୀ ।୨।

ବ୍ରହ୍ମସିଦ୍ଧି ଅଟ ଧର୍ମସିଦ୍ଧି ଅଟ ସତ୍ୟସିଦ୍ଧି ଅଛି ପୁରି ।

ଦୟାସିଦ୍ଧି ଅଟ କ୍ଷମାସିଦ୍ଧି ଅଟ ଶାନ୍ତିସିଦ୍ଧି ଆଦିକରି ।୩।

ବେଦସିଦ୍ଧି ଅଟ ଭେଦସିଦ୍ଧି ଅଟ ଜ୍ଞାନସିଦ୍ଧି ପରିପୂର୍ଣ୍ଣ ।

ମୋକ୍ଷସିଦ୍ଧି ନିଧି ଅଟ ମହାପ୍ରଭୁ ବହିଛ ଅଲେଖ ନାମ ।୪।

ଅନ୍ତର୍ଯାମୀସିଦ୍ଧି ବହିଅଛ ପ୍ରଭୁ ଜାଣିବାକୁ ସର୍ବ କଥା ।

ଛପନା କୋଟିର ହାନି ଲାଭ ଯେତେ ବୁଝିବାକୁ ସାମରଥା ।୫।

ତେଣୁକରି ସିନା ଗୁରୁ ଶ୍ରୀଛାମୁରେ ମାଗୁଣି ମୋହର ଏତେ ।

ଅଲେଖ ମହିମାସାଗର ଧର୍ମକୁ ଆଶ୍ରେ କରିଛନ୍ତି ଯେତେ ।୬।

କି ଅବା ସ୍ତିରୀ ସେ କି ଅବା ପୁରୁଷ କିଅବା ଜ୍ଞାନୀ ଅଜ୍ଞାନୀ ।

ସାର ଧର୍ମ ବୋଲି ପଶି ଯାଉଛନ୍ତି ନିଜ ଧର୍ମକୁ ନ ଜାଣି ।୭।

କିବା ବାଳ ବୃଦ୍ଧ କିବା ମୂର୍ଖପ୍ରାଣୀ କି ଅବା ପତିତ ଜୀବ ।

ଏ କଳିଯୁଗରୁ ତରିଯିବୁ ବୋଲି କରିଛନ୍ତି ଏହି ଭାବ ।୮।

ପାପ ନ ଜାଣନ୍ତି ପୁଣ୍ୟ ନ ଜାଣନ୍ତି ବେନିପକ୍ଷ ସମ ମତ ।

କଳିପୁରୁଷ ଅଚେତା କରିଅଛି ଏ କିସ ଜାଣନ୍ତି ସତ୍ୟ ।୯।

ଏହାଙ୍କର ପାଇଁ ଶ୍ରୀଗୁରୁ ଛାମୁରେ ମାଗୁ ମୁଁ ଅଛି ଏତିକି ।

କନ୍ଦର୍ପ ବାଧାରୁ ଉଦ୍ଧାର ହୁଅନ୍ତୁ ଏ ଧର୍ମେଛନ୍ତି ଯେତିକି ।୧୦।

ଧର୍ମ ଆଶ୍ରେ କଲେ ଯୁଗଳ ନ ଚଳେ କର୍ମଭ୍ରଷ୍ଟ ହେବ ବୋଲି ।

ସ୍ତିରୀ ପୁରୁଷଙ୍କୁ ଅନଙ୍ଗ ପୀଡୁଛି ନ ପାରୁଛନ୍ତି ସମ୍ଭାଳି ।୧୧।

ନିଷ୍କାମ ଧର୍ମରେ ସକାମ ପଶୁଛି ହୋଇଯାଉଛନ୍ତି ଦୋଷୀ ।

ଭବସା ଗରରୁ ଘୁଞ୍ଚୁ ଗୁରୁଘୁଞ୍ଚୁ ଫେରି ଯାଉଛନ୍ତି ଭାସି ।୧୨।

ସ୍ତିରୀ ପୁରୁଷଙ୍କ ପଞ୍ଚଭୂତ ମନ ଯେମନ୍ତେ ରହିବ ଥୟ ।

ଅନାଦିଗୁରୁ ଅନ୍ତର୍ଯାମୀ ପୁରୁଷ ସେହିରୂପେ ଦୟା ବହ ।୧୩।

ଆତ୍ମା ଭଗତିରେ ଆପଘଟଜୀବ ବଧୁଅଛନ୍ତି ସାକ୍ଷାତେ ।

ବାହ୍ୟ ଅନ୍ତରେ ପଶୁଜୀବକୁ ପାଳି ଜ୍ଞାନ କରିଛନ୍ତି ଚିତ୍ତେ ।୧୪।

ଏପରି ଜ୍ଞାନ ମୋ ମନକୁ ନଇଲା ଜଣାଉଅଛି ଛାମୁରେ ।

ଆପ ଘଟ ଜୀବ ମରି ଯାଉଛନ୍ତି ବାହ୍ୟ ଜୀବ କେ ପଚାରେ ।୧୫।

ଆପ ଘଟ ଜୀବ ରକ୍ଷାକରି ପାଳୁ ବାହ୍ୟେ କରୁ ଅନୁମାନ ।

ତେବେ ସିନା ତାର କର୍ମସିଦ୍ଧି ହେବ ଆତ୍ମା ଭକ୍ତି ନିରୂପଣ ।୧୬।

ସୁକ୍ଷ୍ମାନୁଭାବରେ ବିଷ୍ଣୁ ବଧିବାର ହେଉଅଛି ଆପହସ୍ତେ ।

ଆପଘଟଘରୁ ଜୀବ ବାହିଆଣି ହାଣି ଯାଉଛି ସାକ୍ଷାତେ ।୧୭।

ଯେଉଁରୂପେ ଗୁରୁ କନ୍ଦର୍ପ ବାଧାରୁ ସମ୍ଭାଳି ପାରିବେ ଦେହ ।

ସେପରି କରୁଣା ନେତ୍ରପଥେ ଚାହିଁ ହେ ଅନାଦି ବ୍ରହ୍ମମୟ ।୧୮।

ଯଥା ବିଧିମତେ ଏହାକୁ ଉଧର ଗୁରୁ ତ ସାକ୍ଷାତେ ଅଟ ।

କନ୍ଦର୍ପ ପୀଡାରେ ବୁଡି ଯାଉଛନ୍ତି ପଡ଼ି ଯାଉଅଛି ଘଟ ।୧୯।

ଗୁରୁ ଧର୍ମ ଉଠୁ କଳିଯୁଗ ତୁଟୁ ସତ୍ୟ ଧର୍ମ କର୍ମ ବଢୁ ।

କହେ ଭୀମ ଭୋଇ ଏତିକି ମାଗୁଛି କନ୍ଦର୍ପବାଣ ପୀଡୁ ।୨୦।

## ସତାନବେ ବୋଲି

ଆହୁରି କଥାଏ ବିନତି କରୁଛି ଶ୍ରୀଛାମୁରେ ଏତେବେଳେ ।

ଏ ଧର୍ମରେ ଆଉ ଅସତ୍ୟ ନ ପଶୁ ଶୁଦ୍ଧ ହୋନ୍ତୁ ନାମ ଜଳେ ।୧।

ଏଡ଼େ ବଡ ସତ୍ୟ ଧର୍ମ ନାମ ବ୍ରହ୍ମ ଭଜି ହେଉଛି ବିଅର୍ଥ ।

କ୍ଷୀରସିନ୍ଧୁବାସୀ ଦୀକ୍ଷା ଦେଉଁ ଦେଉଁ ପଶି ଯାଉଛି ଅସତ୍ୟ ।୨।

କ୍ଷୀରସିନ୍ଧୁବାସୀ ଗୁରୁରୂପ ହୋଇ ଦିଅନ୍ତେ ନ ରହୁ ଦୀକ୍ଷା ।

ସେ ପ୍ରଭୁଙ୍କ ବାକ୍ୟ ଉଠି ଯାଉଅଛି ଶୁଣି ହେଉଛି ତାଟକା ।୩।

ମନୁଷ୍ୟ ଗୁରୁରେ କି କାର୍ଯ୍ୟ ହୁଅନ୍ତା କି ରହନ୍ତା ଦୀକ୍ଷା ତାର ।

ବ୍ରହ୍ମକୁ ସେବୀ ସେ ଧର୍ମ ପ୍ରକାଶିଲେ କେହୁ ମାନନ୍ତା ସଂସାର ।୪।

କି ଅବା ସ୍ତିରୀ ସେ କି ଅବା ପୁରୁଷ ସମସ୍ତେ ଭାଷନ୍ତୁ ସତ୍ୟ ।

ଅନ୍ତର୍ଗତରୁ ସଂଶୟ ଛେଦ କରି ଧରନ୍ତୁ ନିଷ୍କାମ ମତ ।୫।

ଏଡ଼େ ବଡ ଧର୍ମେ ଅସତ୍ୟ ପଶୁଛି ଯାଉଛି ବିଅର୍ଥ ହୋଇ ।

ସମସ୍ତେ ମିଥ୍ୟାରେ ବୁଡି ଯାଉଛନ୍ତି ଦୟା କର ଶୂନ୍ୟଦେହୀ ।୬।

ତ୍ରିପୁର ଅସତ୍ୟ ହୋଇବାରୁ ପ୍ରଭୁ ପ୍ରକାଶିଲ ଗୁରୁଧର୍ମ ।

ଛଡାକ୍ଷର ମନ୍ତ୍ର ବ୍ରହ୍ମାଣ୍ଡକୁ ଦେଲ ଅଲେଖ ମହିମା ନାମ ।୭।

ନାମ ବୋଲି ସିନା ଜାଣୁଛନ୍ତି ସର୍ବେ ମନ୍ତ୍ର ବୋଲି ଜଣା ନାହିଁ ।

ଶୁଦ୍ର ଚାଣ୍ଡାଳ ସବୁକୁ ଯୋଗାଉଛି ମୁଖେ ଅଛ ଆଜ୍ଞା ଦେଇ ।୮।

ଯେହୁ ଇଚ୍ଛା ସେହୁ ଭଜାରୁ ଅଛନ୍ତି ତେବେ ସିନା ନାହିଁ ଦୋଷ ।

ଛଡାକ୍ଷର ମନ୍ତ୍ରର ବୀଜ ଗୋଟିକି କେ ପାଇବ ଅନ୍ତ ଲେଶ।୯।

ଏ କଳିଯୁଗରେ ନାମ ଆଶ୍ରେ କରି ଭଜ ଭଜ ସର୍ବଜନ ।

ନାମ ବୋଲି କରି ଭଜିବ ଯେମନ୍ତେ ଥୋକେ ରହିବ ବିହନ ।୧୦।

ଏମନ୍ତ ବିଚାରି ସେ ଶୂନ୍ୟ ପୁରୁଷ କରିଛନ୍ତି ପରକାଶ ।

କାହାରି ହୃଦରେ ଅସତ୍ୟ ନ ପଶୁ ଯେ ପ୍ରଭୁଙ୍କ ଦାସୀ ଦାସ ।୧୧।

ଅସତ୍ୟ ହୋଇଲେ ଅକାରଣ ହେଲା ଏଡ଼େ ଗୁରୁ ସେବା କରି ।

ତା ପରି ପାତକୀ ନାହିଁ ନା ତ୍ରିପୁରେ ଜୀବ ଥାଉଁ ଗଲା ମରି ।୧୨।

ଧର୍ମ ହିଁ ବିଅର୍ଥ କର୍ମ ହିଁ ବିଅର୍ଥ ସେବା ହିଁ ବିଅର୍ଥ ତାର ।

ଶତେ ଜନ୍ମ ତାର ହଦ ହୋଇଗଲା ନ ମିଳଇ ପ୍ରତିକାର ।୧୩।

ମିଥ୍ୟା ବଚନରୁ ପାତକ ସରକି ବଡ ହୋଇ ଦୋଷ ନାହିଁ ।

ଦେବ ମାନବରେ ଅଗାଡି ଅଟଇ ନ ଯୋଗାଏ ମୁଖ ଚାହିଁ ।୧୪।

ତେଣୁ କରି ମୁହିଁ ବିଚାର କରୁଛି କିପରି ତରିବେ ବୋଲି ।

ସଦଗୁରୁଙ୍କୁ ମୁଁ ଜଣାଣ କରୁଛି ରଖ ସତ୍ୟାଦିରେ ପାଳି ।୧୫।

ଉଦେ ଯେବେ କରିଅଛ ମୋକ୍ଷପଥ ନ କର ଏହାକୁ ହେଲା ।

କଳିଯୁଗେ ଲୋକ କିଛି ନ ଜାଣନ୍ତି ବିଳମ୍ବ ହୋଇଲେ ଗଲା ।୧୬।

ଅସତ୍ୟପଥରୁ ଉଧାରଣ କର ରହୁ ଶ୍ରୀଗୁରୁଙ୍କ ଯଶ ।

ଗୁରୁ ତ ସକଳ ଜାଣିବାର ଅଟ ଅଧିକ କହିବି କିସ ।୧୭।

ଜନ ପ୍ରାଣୀ ହୃଦେ ହେତୁ ଚେତା ବସୁ ସମ୍ଭାଳି ଧରାଅ ସତ୍ୟ ।

ଧର୍ମ ଉଦେ ହୋଇ ବୁଡିଯିବା ଯେବେ କାହାକୁ ହେବ ନିନ୍ଦିତ ।୧୮।

ସମ୍ଭାଳ ତୁମ୍ଭର ଜଗତ ଭଗତ ଏ ଧର୍ମରେ ଯେ ଅଛନ୍ତି ।

କାହାରି ମନେ ଛନ୍ଦ ମାୟା ନ ପଶୁ ନିର୍ମଳ କରାଅ ମତି ।୧୯।

ସାର ଧର୍ମ ବୋଲି ବଚନକୁ ପାଳି ଧରିଅଛନ୍ତି ଆଦ୍ୟେରୁ ।

ଗୁରୁପାଦ ଧାୟୀ ଭଣେ ଭୀମ ଭୋଇ ଅସତ୍ୟ ପଶି ନ ପାରୁ ।୨୦।

## ଅଠାନବେ ବୋଲି

ପରଦାରା କର୍ମ ନ କରନ୍ତୁ କେହି ଯେତେ ଏ ଧର୍ମେ ଆଶ୍ରିତ. ।

କରପତ୍ର ଯୋଡ଼ି ଛାମୁରେ ମାଗୁଛି ଦୟା ହେଉ ହେ ଅଚ୍ୟୁତ ।୧।

ନିଷ୍କାମ ଧର୍ମରେ ସକାମ ପଶିଲେ ଗୁରୁସେବା ଫଳ ଗଲା ।

ଜନ୍ମଯାକ ତାର ନିଗୃହ ହୋଇଲେ କେଉଁ ଗତିକି ଲଭିଲା ।୨।

ଚାରିଯୁଗେ ତାକୁ ପାପ ଘୋଟିଲାଣି ଜୀବନ୍ତେ ପଡ଼େ ନରକ ।

ସଂସାର ସାଗରେ ଯାହା ହେଉଛନ୍ତି ସେ ଗତି ଲାଭିଲା ଦେଖ ।୩।

ତେଣୁ କରି ଧର୍ମେ ପରର୍ଦାରା ନ ଚଳେ ବହୁତ ଅନ୍ୟାଏ କଥା ।

ଏ କଳିଯୁଗରେ ଯେମନ୍ତେ ତରିବେ କୃପା କର ହେ କରତା ।୪।

ଏ ଧର୍ମେ ପଶିଲେ ପରଦ୍ରବ୍ୟମାନ ଚୋରୀ କରିବା ନ ଚଳେ ।

ଅବଶ୍ୟ ତାହାକୁ ଧର୍ମ ଦୁଆରରେ ଦଣ୍ଡ ହୁଏ ତିନି କାଳେ ।୫।

ଚୋରି ପରଦାରା ଖଚ କଥା ଯେତେ ଏ ଧର୍ମରେ ସବୁ କାଟ ।

ଆପଣା ଚିତ୍ତେ ଜାଣି ବୁଡି ପଡ଼ିଲେ ହେଉଛି ଅନ୍ୟାଏ ବାଟ ।୬।

ଏତିକି ଦଣ୍ଡରୁ ଏ ଧର୍ମ ଲୋକଙ୍କୁ ତ୍ରାହି କର ଗୁରୁଦେବ ।

ଏ କଳିଯୁଗରେ କିଛି ନ ଜାଣନ୍ତି ଅଜ୍ଞାନ ପାମର ଜୀବ ।୭।

ବ୍ରହ୍ମଗୁରୁ ପାଦେ ସେବା ଖଟିଥାଇ ଅଜ୍ଞାନ ହେଲେଣି ସବୁ ।

ଯୁଗ ଶେଷ ଜାଣି ଉଦେ ହୋଇଅଛ ତ୍ରାହି କର ମହାପ୍ରଭୁ ।୮।

ଧର୍ମ କଥା ଶୁଣି ବିଭୋଳ ହେଲେଣି ଭ୍ରମି ଯାଉଛନ୍ତି ସର୍ବେ ।

ଯେତେ ପାପ କଲେ ଶ୍ରୀଗୁରୁ ଖଣ୍ଡିବେ ବୋଲି କହୁଛନ୍ତି ଗର୍ବେ ।୯।

କାହାରି ହୃଦରେ ତତ୍ତ୍ୱ ଜ୍ଞାନ ନାହିଁ ମୁଢ ଜ୍ଞାନ ସବୁ ସିନା ।

ପ୍ରାଣୀର ହୃଦୟ ପ୍ରକୃତି ବିଷୟ ଏବେ ପଡୁଅଛି ଜଣା ।୧୦।

ବେଳୁବେଳ ଧର୍ମ ଉଦେ ହୋନ୍ତା ସିନା ଯାଉଅଛି ଲୋପ ହୋଇ ।

ଏତେଦିନ ହୋଇଲାଣି ଏହୁ ଧର୍ମ ନ ପାରୁଛି ଥୟ ହୋଇ ।୧୧।

ବୁଦ୍ଧି ଆସୁଥିଲା ଛିଡି ପଡୁଅଛି ପାପଭାରା ସକାଶରୁ ।

ନିଜ କର୍ମେ ପଶି ଭଜ ହୋଇଥିଲେ ଛାଡି ଗଲେ ଏ ଧର୍ମରୁ ।୧୨।

ଛାଡିଗଲା ପ୍ରାଣୀ ପତିତରେ ଗଣି ନାହିଁ ନା ମୁକତି ବାଟ ।

ହେତୁ ଥାଉଁ ଥାଉଁ ସଂସାରସାଗରେ ବହିଛନ୍ତି ମୃତ୍ୟୁଘଟ ।୧୩।

ଜୀବର ଭିତରେ ଗଣନା ନୁହନ୍ତି ଅଟନ୍ତି ଅଗାଡି ତସ୍ତୁ ।

ମୋର ମନକୁ ଏମନ୍ତ ଯୋଗାଇଲା କାହାକୁ କେମନ୍ତ ଦିଶୁ ।୧୪।

ପାତକ ପୋଡିବ ବୋଲି ଏ ଧର୍ମରେ କରୁଛନ୍ତି ଗୁରୁ ସେବା ।

ସାତ୍ତ୍ୱକ୍ୟ କର୍ମରେ ଥିବ ଯେଉଁ ଜନ ନିଶ୍ଚେ ମୁକତି ଲଭିବା ।୧୫।

ବେଳୁବେଳ କାଳ ନିକଟ ହେଲାଣି ଘଟି ଆସିଲାଣି ଯୋଗ ।

ମହା ବ୍ରହ୍ମଦେହୀ ପ୍ରକାଶ ହୋଇବେ ସରିବ ପାତକ ଭୋଗ ।୧୬।

ଯେ ଯହିଁରେ ଅଛ ମହିମାକୁ ଡାକ ମନେ ନ କର ସଂଶଏ ।

ଧର୍ମେ ଆଶ୍ରେ କଲେ ଅବଶ୍ୟ ବର୍ତ୍ତିବି କାଳମୁଖରୁ ଥୋକାଏ ।୧୭।

ମହିମା ସାଗର ଧର୍ମ ଏ ସଂସାରେ ପୂର୍ବରୁ ହୋଇଛି ଶୁଣା ।

ବିପତ୍ତି ପଡ଼ିଲେ ଡାକିବ ସମସ୍ତେ ନ ହୋଇବ କେହି ବଣା ।୧୮।

ଏତେବେଳେ ସିନା କେହି ନ ଭଜୁଛ ପଶ୍ଚାନ୍ତେ ଭଜିବ ନିଶ୍ଚେ ।

ଧର୍ମ ଧର ବୋଲିବାରୁ ନ ବୁଝୁଛ ନିନ୍ଦା ନାହିଁ ଦେବ ପଛେ ।୧୯।

ବେଳହୁଁ ଏ ଧର୍ମ କରି ଯେବେ ଥିବ ଦଣ୍ଡି ନ ପାରିବ ଯମ ।

ଶ୍ରୀଗୁରୁଙ୍କୁ ଧାୟି ଭଣେ ଭୀମ ଭୋଇ ଅବଶ୍ୟ କରିବେ କ୍ଷମ । ୨୦।

### ଅନେସୋତ ବୋଲି

ଅଭୟ ପଞ୍ଜର ପଦ୍ମପାଦ ଭଜି ହୃଦେ କରୁଛନ୍ତି ଭୟ ।

ସଦଗୁରୁ ବୋଲି ଜାଣି ନ ପାରିଲେ ଖଣ୍ଡନ କର ସେ ଦ୍ରୋହ ।୧।

ନିରୋଗୀ ପୁରଷ ବୋଲି ଜଣାନାହିଁ ଅଙ୍ଗେ ପଶୁଅଛି ରୋଗ ।

ଅଗ୍ନି ଅଙ୍ଗୀକାର ଗୁରୁ ଅଟ ତୁମ୍ଭେ ନିବାର କଲୁଷ ଭବ ।୨।

ନିଷ୍ପାପୀ ପୁରୁଷ ବୋଲି ଜଣାନାହିଁ କରୁଅଛନ୍ତି ପାପମାନ ।

ଜ୍ଞାନ ଦୀପାବଳୀ ହୃଦରେ ଚେତାଇ ଆଗ୍ୟାରେ କର ଛେଦନ ।୩।

ଅଚିନ୍ତା ପୁରୁଷ ବୋଲି ଜଣା ନାହିଁ କରୁଛନ୍ତି ହୃଦେ ଚିନ୍ତା ।

ଅଜ୍ଞାନ ଜୀବ ଏ କିଛି ନ ଜାଣନ୍ତି ନିବାର ରାଗ ଅହନ୍ତା ।୪।

ଅରୂପ ପୁରୁଷ ବୋଲି ଜଣାନାହିଁ ସ୍ୱରୂପକୁ ଭଜୁଛନ୍ତି ।

ଅଚେତା ପ୍ରାଣୀ ଏ କେମନ୍ତେ ଜାଣିବେ ଫିଟାଅ ସଂଶୟ ଭୀତି ।୫।

ନିଷ୍କାମ ପୁରୁଷ ବୋଲି ଜଣା ନାହିଁ ସ୍ୱକାମରେ ହୋଇ ମତ୍ତା ।

ନିଷ୍କାମ ବ୍ରହ୍ମକୁ ଭଜିବା ଧର୍ମରେ ଥାଇ କି ଏମନ୍ତ କଥା ।୬।

ନିର୍ଗୁଣ ପୁରୁଷ ବୋଲି ଜଣା ନାହିଁ ଗୁଣରେ ମିଶାଉଛନ୍ତି ।

ସ୍ୱଭାବେ ମନୁଷ୍ୟ ନର ଜନ୍ମ ଏହି କାହୁଁ ଜାଣିବେ ସେ ରୀତି ।୭।

ନାମ ନାହିଁ ତାଙ୍କ ଅନାମିକା ବ୍ରହ୍ମ ମିଶାଉ ଅଛନ୍ତି ନାମ ।

ନାମ ଉଚ୍ଚାରିଲେ ଅକ୍ଷର ହୋଇଲା ଲାଗି ଗଲାଣି ସେ କାମ ।୮।

ନିଶବଦ ବ୍ରହ୍ମ ବୋଲି ଜଣାନାହିଁ ମିଶାଇଛନ୍ତି ଶବଦ ।

ଦୁଇଗୁଣ ମିଳି ନିର୍ମାଣ ହୋଇଛି ପ୍ରକାଶିଛି ଏକ ପାଦ ।୯।

ନିର୍ବେଦ ପୁରୁଷ ବୋଲି ଜଣାନାହିଁ ଲଗାଉ ଅଛନ୍ତି ବେଦ ।

ଅଣଅକ୍ଷରରୁ ଅଣାକ୍ଷର ନାମ କାହୁଁ ଜାଣିବେ ସେ ଭାବ ।୧୦।

କଳା ଗୋରା ବୋଲି ବାରି ବସୁଛନ୍ତି ମଧ୍ୟେ ରହିଲାଣି ବର୍ଣ୍ଣ ।

ମଧ୍ୟରୁ ରୂପ ଥୟ କରି ପାରିଲେ ସକଳ ଠାବରୁ ଭିନ୍ନ ।୧୧।

ଅନାଦି ବ୍ରହ୍ମ ସେ ନାଦ ବିନ୍ଦୁ ନାହିଁ ରଜବୀର୍ଯ୍ୟରୁ ବାହାର ।

ଜଳ ପବନରେ ନ ମିଶାଇ ତାକୁ ଏ ସୂତ୍ରରେ ଭକ୍ତି କର ।୧୨।

ନିର୍ମାୟା ବ୍ରହ୍ମ ସେ ମାୟା ନ ଲଗାଇ ମୋହର ମିଶାଉଅଛ ।

ମାୟାରୁ ଛାଡି ଛଡାଇ ଭକ୍ତି କର ମନରେ ନ ଧର ମିଛ ।୧୩।

ଅବ୍ୟକତ ବ୍ରହ୍ମ ବ୍ୟକତ ନୋହିସେ ମିଶାଉଅଛ ବଚନ ।

ଲଗାଇ ଅର୍ଥ ସମ୍ବାଦ କରୁଅଛ ସକଳ ଜନ ଅଜ୍ଞାନ ।୧୪।

ଧର୍ମାଧି ପୁରୁଷ ଭଗତି ଭିତରେ ଅଧର୍ମ ମିଶାଉଅଛ ।

ଅଧର୍ମ ହେଲେ ବିପତ୍ତିମାନ ଘଟେ ଆତ୍ମାକୁ ପୀଡ଼େ କେଲଶ ।୧୫।

ଅକର୍ମୀଦାୟକ ପୁରୁଷ ସେ ପ୍ରଭୁ କର୍ମରେ ଲଗାଉଅଛ ।

ଅକର୍ମ ଜନ କର୍ମ ନିନ୍ଦା କରନ୍ତି ସତ୍ୟ ବାକ୍ୟ ନୁହେ ମିଛ ।୧୬।

ସେ ବ୍ରହ୍ମମହିମା କେହି ନ ଜାଣନ୍ତି ସମୁଦ୍ରରୁ ଅଟେ ଗୁରୁ ।

ତାହାର ନିଦ ନାମ ଲୋଡି ବୁଝିଲେ ସରିସମ ନୁହେ ମେରୁ ।୧୭।

ଯେଉଁ ଦିନୁ ମାଟି ହୋଇଲାଣି ମନୁଷ୍ୟ ଜନମ ଲଭି ।

ମହିମା ସମ୍ପୁର୍ଣ୍ଣ ଲେଖି ନ ପାରିଲେ ବହିଗଲେ ଭାବି ଭାବି ।୧୮।

କେତେ କେତେ କବି କେତେ କେତେ ଯୋଗୀ କେତେ କେତେ ଅନୁଭବୀ ।

ସମସ୍ତେ ରବିତଳରେ ବହିଗଲେ କେହି ନ ପାରିଲେ ଜାଗି ।୧୯।

ସେ ମହାବ୍ରହ୍ମର ଅଶେଷ ମହିମା ଶେଷ କରି ନୁହେ କହି ।

ଭଣେ ଭୀମ କନ୍ଧ ଭକ୍ତିଭେଦବନ୍ଧ ଅନୁସରି ଅଛି ଧାୟି ।୨୦।

**ଶହେ ବୋଲି**

ଡାକି କି ହୁଅଛି ତିନିପୁର ମଧ୍ୟେ ଅଲେଖ ମହିମା ଭଜ ।

ଦେଖ କଳିଯୁଗ ଘୋଟିଆସୁଅଛି ବେନି କର୍ଣ୍ଣେ ଶୁଣି ବୁଝ ।୧।

ଆହେ ନରଲୋକ ଯେ ଅଛ ସଂସାରେ ଦେହଧାରୀ ହୋଇ ମର୍ତ୍ତେ ।

ଅଲେଖ ମହିମା ସାଗର ନାମକୁ ଭଜନ କର ସମସ୍ତେ ।୨।

ଯେ ଅଛ ରାମସଗଣ ଆଦି କରି ଦେତ୍ୟ ଦାନବ ସହିତେ ।

କଳିକାଳ ଆସି ଶେଷ ହୋଇଲାଣି ମହିମା ଡାକ ସମସ୍ତେ ।୩।

ଋଷି ମୁନି ଯୋଗୀ ବୈରାଗୀ ଆଦି ନାଗାନ୍ତି ଯୋଗାନ୍ତି ଯାଏ ।

ବେଦାନ୍ତି ସିଦ୍ଧାନ୍ତି ଯେ ଅଛ ସଂସାରେ ମହିମାକୁ କର ଲଏ ।୪।

କବିତ୍ୟ ପଣ୍ଡିତ ସୁଜ୍ଞ ସାଧୁସନ୍ଥ ମହିମାକୁ ସର୍ବେ ଡାକ ।

ଯୁଗ ଶେଷ ହେଲା ଦୋଷ ନ ଧରିବ ଉଚ୍ଚେ ଦେଉଅଛି ହାଁକ ।୫।

ଜପୀତପୀ ତୀର୍ଥ ବ୍ରତୀ ଯେତେ ତୁମ୍ଭେ ଏ ମୋର ବଚନ ମାନ ।

ଶତେ ବାର ଆମ୍ଭେ ବୁଝାଇ କହୁଛୁ ମହିମା ନାମକୁ ଘେନ ।୬।

ଆହେ ନାଗଗଣ ପାତାଳ ଭୁବନେ ଅଛ ପରା ତୁମ୍ଭେ ରହି ।

ସମସ୍ତେ ତୁମ୍ଭେ ମହିମା ନାମ ଭଜ ଧରିଅଛ ଯେତେ ଦେହୀ ।୭।

ସୁରଗଣମାନେ ମହିମାକୁ ଡାକ ନ କର ବିଳମ୍ବ ମଠ ।

କଳିକାଳ ଭୋଗ ସରି ଆସିଲାଣି ଯୁଗ ହେଲାଣି ନିକଟ ।୮।

ଦେବଗଣମାନେ ମହିମା ନାମକୁ ଏତେବେଳେ ଆଶ୍ରା କର ।

କଳିଯୁଗ ଆସି ବାକି ରହିଲାଣି ସରିଯିବ ଏ ସଂସାର ।୯।

ରୁଦ୍ରଗଣ ତୁମ୍ଭେ ମହିମାକୁ ଭଜ ମନରେ ନ କର ହେଳ ।

ଏ ଯୁଗ ଏ ନାମ ନ ଭଜିବ ବିଅର୍ଥେ ତା ଜନ୍ମ ଗଲା ।୧୦।

ବ୍ରହ୍ମାଲୋକମାନେ ଯେହୁ ଅଛ ତୁମ୍ଭେ ମହିମାକୁ ଭଜ ଚିତ୍ତେ ।

ମହାଶୂନ୍ୟବାସୀ ଦେହଧାରୀ ହୋଇ ଉଦିଅଛନ୍ତି ସାକ୍ଷାତେ ।୧୧।

ଆହେ ଚନ୍ଦ୍ର ସୂର୍ଯ୍ୟ ଆକାଶରେ ଅଛ ଭଜ ମହିମା ନାମକୁ ।

ତୁମ୍ଭେମାନେ କେହି ଜାଣି ନ ପାରୁଛ ଘୋଟିଲାଣି ଦେଖୁ ଦେଖୁ ।୧୨।

ଆହେ ନବଲକ୍ଷ ତାରାଗଣ ତୁମ୍ଭେ ମହିମା ନାମକୁ ଧର ।

ଏ କାଳ ଦୁସ୍ତରୁ ଯୁଗ ଶେଷେ ତୁମ୍ଭେ ହୋଇବ ଯେମନ୍ତେ ପାର ।୧୩।

ଅଲେଖ ପ୍ରଭୁଙ୍କ ସେବାକାରୀ ଆମ୍ଭେ ଆଜ୍ଞାରେ ଦେଉଛ ଡାକ ।

ଜଗତ ସଂସାର ବିକୃତ ହେଲାଣି କର୍ଣ୍ଣେ ଶୁଣି ନେତ୍ରେ ଦେଖ ।୧୪।

ଅଲେଖ ମହିମା ନାମ ଆଶ୍ରେ କଲେ ନ ଛୁଇଁବ କାଳଦଣ୍ଡ ।

ଏ କଳିଯୁଗରୁ ନିଶ୍ଚେ ପାର ହେବ ବଞ୍ଚିବ ପରାଣ ପିଣ୍ଡ ।୧୫।

ଆମ୍ଭର କିଛି ଦୋଷ ନାହିଁ ଏଥିରେ ଡାକି ଡାକି କହୁଅଛି ।

ଏ କଳିଯୁଗରେ ଏହି ଏକା ନାମ ମହିମା ଭଜ ବୋଲୁଛି ।୧୬।

ମାୟାରେ ନ ପଡ଼ ବେଦରେ ନ ବୁଡ଼ ବୁଝ ବୁଝ ଭଲ କରି ।

ଆପଣା ହେତୁରେ ଚେତାଇ ପାରିଲେ କଳିରୁ ଯିବ ଉବୁରି ।୧୭।

ଯେହୁ ଯହିଁ ଅଛ ଭଜିବ ଯେମନ୍ତେ ନ ଜାଣିବେ କି ଶ୍ରୀଗୁରୁ ।

ଆତଙ୍ଗ ମନରେ ଡାକି ଯେବେ ପାର ଘିଞ୍ଚିବେ କାଳମୁଖରୁ ।୧୮।

ଭଜ ଭଜ ସର୍ବେ କହୁଅଛୁ ଏବେ ଧର୍ମରେ ଆଶ୍ରିତ ହୁଅ ।

ଅଶେଷ ବ୍ରହ୍ମାଣ୍ଡେ ଜୀବ ହୋଇଯେତେ ଯେହୁ ବହିଅଛ ଦେହ ।୧୯।

ସ୍ତୁତିଚିନ୍ତାମଣି ସଂପୂର୍ଣ୍ଣ ହୋଇଲା ବେନି ସହସ୍ର ପଦରେ ।

ଭଣେ ଭୀମ କନ୍ଧ କବିକୁଳଚାନ୍ଦ ଶରଣ ଗୁରୁ ପୟରେ ।୨୦।

------ସମାପ୍ତ------